# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୬/୨୦୧୮ (୧୬ ପୃଷ୍ଠା+ ମନ ମିଜାଜ) | Bhubaneswar, Thursday, September 6 / 2018 | ★★★★

୪୪ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ନାଡାଲ ସେମିରେ

ଡିଫେଣ୍ଡିଂ ଚାମ୍ପିୟନ ରାଫେଲ ନାଡାଲ ଅଷ୍ଟ୍ରେଲିଆର ଡୋମିନିକ୍ ଥିଏମଙ୍କୁ ପରାସ୍ତ କରି ୭ମଥର ପାଇଁ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୨

## ଦିଲୀପ କୁମାର ଅସୁସ୍ଥ

ଛାତିରେ ସଂକ୍ରମଣ ସମସ୍ୟା ଦେଖାଯିବା ପରେ ବିଶିଷ୍ଟ ଫିଲ୍ମ ଅଭିନେତା ଦିଲୀପ କୁମାରଙ୍କୁ ବୁଧବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।







DADLS-93

## ଓଡ଼ିଶା

### କୃଷକଙ୍କ ଆୟ ବୃଦ୍ଧିରେ ଦେଶର ଦ୍ରୁତତମ ରାଜ୍ୟ

୨୦୦୨-୦୩ ରୁ ୨୦୧୫-୧୬ ମଧ୍ୟରେ ଆମ ରାଜ୍ୟର କୃଷକଙ୍କ ଆୟରେ ୮.୪ ପ୍ରତିଶତ ହାରରେ ପ୍ରକୃତ ଅଭିବୃଦ୍ଧି ଘଟିଛି । ମଧ୍ୟପ୍ରଦେଶ ଏବଂ ହରିୟାଣା ଭଳି ରାଜ୍ୟର ଅଭିବୃଦ୍ଧି ସେହି ସମୟରେ ୬.୫ ପ୍ରତିଶତ ମଧ୍ୟରେ ସୀମିତ ରହିଥିବା ବେଳେ ଅନ୍ୟ କୌଣସି ରାଜ୍ୟ ଓଡ଼ିଶାର କୃଷକଙ୍କ ଆୟ ଅଭିବୃଦ୍ଧି ହାରର ନିକଟତର ହୋଇପାରି ନାହାନ୍ତି ।

(Source: •59th NSS •70th NSS •NAFIS 2015 - 16)

କୃଷି ଓ କୃଷକଙ୍କ ସଶକ୍ତିକରଣରେ ଆଗୁଆ



ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର

15001/13/0196/1819


# ବ୍ରହ୍ମପୁତ୍ରରେ ଡଙ୍ଗାବୁଡ଼ି

## ୩ ମୃତଦେହ ଉଦ୍ଧାର, ୧୧ ନିଖୋଜ

ଗୁଆହାଟୀ,୫।୯(ପି.ଟି.)

ଆସାମରେ ବୁଧବାର ବ୍ରହ୍ମପୁତ୍ର ନଦୀରେ ଏକ ଡଙ୍ଗାବୁଡ଼ି ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିବାବେଳେ ୧୧ ଜଣ ନିଖୋଜ ହୋଇଛନ୍ତି। ସେମାନେ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ୧୨ ଜଣ ପହଁରି କୂଳରେ ଲାଗିଛନ୍ତି ଏବଂ ୧୦ଜଣଙ୍କୁ ଉଦ୍ଧାର କରାଯାଇଛି। କାମରୂପ ଡିସିପି କମଲ କୁମାର ବୈଶ୍ୟଙ୍କ ସୂଚନା ମୁତାବକ ଅନ୍ୟୂନ ୩୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଦେଶୀ ଡଙ୍ଗା ଅପରାହ୍ଣ ୨ଟା ବେଳେ ଗୁଆହାଟୀସ୍ଥିତ ଅଶ୍ୱକଲନ୍ତା ମନ୍ଦିର ଘାଟ ନିକଟରେ ବ୍ରହ୍ମପୁତ୍ର ନଦୀରେ ବୁଡ଼ିଯାଇଥିଲା। ଡଙ୍ଗାଟି ଏକ ପଥର ସହ ବାଡ଼େଇ ହେବା ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା କ୍ଷମତାଠାରୁ ଅଧିକ ଓଜନ ନେଇ ଯାତ୍ରା କରୁଥିଲା। ମାତ୍ର ୨୨ ଜଣ ଯାତ୍ରୀ ବିଧିବଦ୍ଧ ଟିକେଟ୍ ନେଇ ଯାତ୍ରା କରୁଥିବାବେଳେ ତା'ଠାରୁ ଅଧିକ ଲୋକ ଏବଂ ସେମାନଙ୍କ ସାମଗ୍ରୀ, ୧୮ଟି ମୋଟର ସାଇକେଲ୍ ମଧ୍ୟ ଡଙ୍ଗାରେ ଥିଲା ବୋଲି ଡିସିପି କହିଛନ୍ତି। ☞ପୃଷ୍ଠା-୧୧

# ମୋମୋ ନେଲା ଆଉ ଏକ ଜୀବନ

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

■ ମୋବାଇଲରୁ ମିଳିଲା ପ୍ରମାଣ

ମାହାଙ୍ଗା,୫।୯(ସ୍ୱ.ପ୍ର)

ବ୍ଲୁ ହ୍ୱେଲ ପରେ ଏବେ ମୋମୋ ଚ୍ୟାଲେଞ୍ଜ ଗେମ୍ ମୋବାଇଲ୍‌ରେ ଆତଙ୍କ ଖେଳାଇଛି। ମୋବାଇଲ୍‌ରେ ଏହି ଗେମ୍ ଖେଳି କଟକ ଜିଲା ମାହାଙ୍ଗା ବ୍ଲକର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ଉମର ଗ୍ରାମର ଅଲେଖ ବେହେରାଙ୍କ ବଡ ପୁଅ ଉମାକାନ୍ତ ବେହେରା(୨୪)। ଏନେଇ ପରିବାର ଲୋକେ ବୁଧବାର ମାହାଙ୍ଗା ଥାନା ଅଧୀନ ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା (ନଂ ୧୩/୧୮) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଉମାକାନ୍ତ ଯୁକ୍ତ ୩ ପାସ କଲାପରେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଗତ କିଛି ମାସ ତଳେ ସେ ଗାଁକୁ ଆସିଥିଲେ। ଘରକୁ ଫେରିବା ପରେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖାଦେଇଥିଲା। ସେ ଦୀର୍ଘ ସମୟ ଧରି ନିଜ ମୋବାଇଲରେ ବ୍ୟସ୍ତ ରହିବା ସହ ଅନ୍ୟମନସ୍କ ଓ ନୀରବ ରହୁଥିଲେ। ବିଳମ୍ବିତ ରାତିରେ ଘରୁ ଏକ ଦଉଡି ନେଇ ନିକଟରେ ଥିବା ନିର୍ମାଣାଧୀନ କ୍ଲବ ଘରକୁ ଯାଇ ଆତ୍ମହତ୍ୟା କରିଛନ୍ତି । ଖବରପାଇ ପରିବାର ଲୋକେ ଉକ୍ତ କ୍ଲବ ଘରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୋବାଇଲ ଯାଞ୍ଚ କରିବା ପରେ ସେଥିରେ ମୋମୋ ଚ୍ୟାଲେଞ୍ଜ ଗେମ୍‌ର ଲିଙ୍କ ଥିବା ଜଣାପଡିଥିଲା। ଏନେଇ ତାଙ୍କ ବାପା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି, ☞ପୃଷ୍ଠା-୧୧



ମୋବାଇଲରେ ମୋମୋ ଗେମ୍ (ବୃତ୍ତ ଚିହ୍ନିତ)।


## ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ବିପଦରେ ସିନ୍ଧୁଘୋଟକ ବଂଶ

### ଆଜିର ମନ୍ତବ୍ୟ

"ଟେକ୍ନୋଲୋଜି ଜ୍ଞାନ ବଢ଼ାଏ, କିନ୍ତୁ ଗୁରୁ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ିତୋଳନ୍ତି ।
-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ଶିକ୍ଷକ, ଅଧ୍ୟାପକ ପାଳିଲେ କଳା ଦିବସ



ବୁଧବାର ବର୍ଷା ସତ୍ତ୍ୱେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି ଶିକ୍ଷକମାନେ । (ରିପୋର୍ଟ: ପୃଷ୍ଠା-୩)

# ୧୨,୭୯୦ କୋଟିର ଅତିରିକ୍ତ ବଜେଟ



■ ସାମାଜିକ, ଭିତ୍ତିଭୂମି କ୍ଷେତ୍ରକୁ ଗୁରୁତ୍ୱ, ଅଭିବୃଦ୍ଧି ଲକ୍ଷ୍ୟ ୭%
■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ବ୍ୟୟବରାଦ
■ ରାଜସ୍ୱ ୩୩% ବଢ଼ିଛି
■ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୯୬୧୧ କୋଟି
■ ପ୍ରଶାସନିକ ଖର୍ଚ୍ଚ ୧୮୦୦ କୋଟି
■ ଋଣ ଭାର ୭୬ ହଜାର କୋଟି

ଭୁବନେଶ୍ୱର,୫।୯(ବ୍ୟୁରୋ)

ବୁଧବାର ବିଧାନସଭାରେ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୧୨,୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ଏଥିସହିତ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ନୂତନ ଯୋଜନା ପାଇଁ ମଧ୍ୟ ଅତିରିକ୍ତ ବଜେଟରେ ବ୍ୟୟବରାଦ କରାଯାଇଛି । ଏଥିରେ ସାମାଜିକ ଓ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଏହି ବଜେଟରେ ପ୍ରଶାସନିକ ବ୍ୟୟ ପାଇଁ ୧,୮୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୯,୬୧୧ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୩୬୪ କୋଟି ବ୍ୟୟବରାଦ କରାଯାଇଛି। ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅଛି। ରାଜସ୍ୱ ଆଦାୟ ସନ୍ତୋଷଜନକ ରହିଛି। ଟିକସ ଓ ଅଣଟିକସ ଆଦାୟ ୩୩ ପ୍ରତିଶତ ବୃଦ୍ଧି ଘଟିଛି। କୋଇଲା କ୍ଷେତ୍ରରୁ ଟିକସ ଓ ଅଣଟିକସ ବାବଦରେ ୧୩୪୮ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) ବାବଦରେ ରାଜ୍ୟ ସରକାର ୨୦୧୭-୧୮ରେ ୨୨୬୪ କୋଟି ଟଙ୍କା ପାଇଛନ୍ତି। ଘରୋଇ ଉତ୍ପାଦ କ୍ଷେତ୍ରରେ ୩.୫ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଏହା ୭ ପ୍ରତିଶତ ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୭୬,୪୨୮ କୋଟି ଟଙ୍କା ବିଭିନ୍ନ କ୍ଷେତ୍ରରୁ ଋଣ କରିଥିବା ବେଳେ ଖୋଲା ବଜାରରୁ ୪୫୦୦ କୋଟି ଟଙ୍କା ଉଠାଇଛନ୍ତି। ☞ପୃଷ୍ଠା-୧୧


## BISHANDAYAL JEWELLERS

BIS: 916
Sriya Square, Bhubaneswar
Deals in : Gold, Diamond & Silver

| | | |
|---|---|---|
| Gold 24 CT - ₹ | 31,200/- | 10gm. |
| Gold 22 CT - ₹ | 30,200/- | 10gm. |
| Silver Rate - ₹ | 370/- | /10gm. |
| Making Charge - ₹ | 100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE | 05.09.2018 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 59 | 105 | 115 |
| DKL | 61 | 107 | 117 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 61 | 107 | 117 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ବିଧାନସଭା ହୁଲ୍‌ସ୍ଥୁଲ, ଗୃହ ମୁଲତବୀ



■ ତେଲରେ ଲାଗିଲା ନିଆଁ
■ ଶିକ୍ଷକ ଆନ୍ଦୋଳନ କଲା କିଲିବିଲି
■ ବିଜେଡି ଇସ୍ୟୁକୁ ହାଇଜାକ୍ କଲା କଂଗ୍ରେସ

ଭୁବନେଶ୍ୱର, ୫।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ତାତି ସାଙ୍ଗକୁ ଶିକ୍ଷକ ଆନ୍ଦୋଳନକୁ ନେଇ ବିରୋଧୀ ଦଳ ବିଧାନସଭାକୁ ହୁଲ୍‌ସ୍ଥୁଲ କରିଛନ୍ତି। ବିରୋଧୀଙ୍କ ସଣ୍ଡୁଆଶି ଆକ୍ରମଣରେ ବରବାଦ ହୋଇଗଲା ବୁଧବାର ଦିନତମାମ ଗୃହ କାର୍ଯ୍ୟ। ୩ ପର୍ଯ୍ୟାୟରେ ମାତ୍ର ୧୪ ମିନିଟ ଗୃହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ହଟ୍ଟଗୋଳ ଓ ହୋହଲ୍ଲା ମଧ୍ୟରେ ୪ଟି ବିଲ୍ ଓ ୨୦୧୮-୧୯ ଆର୍ଥିକବର୍ଷର ଅତିରିକ୍ତ ବଜେଟ ଉପସ୍ଥାପନ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ଗୁରୁବାର ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

ତୈଳ ଦର ବୃଦ୍ଧିକୁ ନେଇ ବିଜେଡି କରିଥିବା ରଣନୀତିକୁ କଂଗ୍ରେସ ହାଇଜାକ କରି ନେଇଛି। ଏହି ପ୍ରସଙ୍ଗକୁ ଆଳ କରି କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। କଂଗ୍ରେସର ଏଭଳି ହଠାତ୍ ପରିବର୍ତ୍ତିତ ରଣନୀତି ଉଭୟ ଭାଜପା ଓ ବିଜେଡିକୁ ଚକିତ କରି ଦେଇଥିଲା। ☞ପୃଷ୍ଠା-୧୧

■ ପଥୁରିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ବାପ, ପୁଅ, ପୁତୁରାଙ୍କ ମୃତ୍ୟୁ

■ ବଡ଼ପାଳ, ପଥୁରିଆ ଛକରେ ରାସ୍ତା ଅବରୋଧ
■ ଅଞ୍ଚଳରେ ଶୋକାକୁଳ ପରିବେଶ
■ ପୁଅ ଅଭିଷେକଙ୍କ ଥିଲା ଜନ୍ମଦିନ

କୁଜଙ୍ଗ,୫।୯(ସ୍ୱ.ପ୍ର.)

କଟକ-ପାରାଦୀପ ରାସ୍ତାର କୁଜଙ୍ଗ ନିକଟ ପଥୁରିଆ ଛକଠାରେ ବୁଧବାର ଅପରାହ୍ଣ ୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୁଜଙ୍ଗ ବଡ଼ପାଳ ଗ୍ରାମର ସଂସ୍କୃତ ଶିକ୍ଷକ ପରୀକ୍ଷିତ ଶତପଥୀ(୫୨), ତାଙ୍କ ପୁଅ ଅଭିଷେକ ଶତପଥୀ (୧୧) ଓ ପୁତୁରା ବୈଦ୍ୟନାଥ ଶତପଥୀ(୨୬)। ଏହି ୩ଜଣ ଏକ ସ୍କୁଟିରେ କୁଜଙ୍ଗରୁ ଘରକୁ ଫେରୁଥିଲେ। ଏହି ସମୟରେ କଟକ ପଟରୁ ଆସୁଥିବା ଏକ କାର (କେଏ-୦୩-ଏଇ-୯୭୮୯)ସହ ତାଙ୍କ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ☞ପୃଷ୍ଠା-୧୧





ଏହି ବିଜ୍ଞାପନରେ ଦିଆଯାଇଥିବା ମଡେଲ, ସ୍କିମ୍, ମୂଲ୍ୟ, ରଙ୍ଗ ଏବଂ ବୈଶିଷ୍ଟ୍ୟ ବିନା କୌଣସି ପ୍ରାକ୍ ନୋଟିସ୍ ଦ୍ୱାରା ପରିବର୍ତ୍ତନ କରାଯାଇପାରେ। *ସର୍ତ୍ତ ଓ ବ୍ୟବସ୍ଥାବଳୀ ଲାଗୁ। *ଅନ୍-ରୋଡ ଫାଇନାନ୍ସ ସୁବିଧା ଉପଲବ୍ଧ। *ଅନ୍-ରୋଡ ଡାଉନ ପେମେଣ୍ଟ ଉପଲବ୍ଧ

TATA MOTORS - 7894470055, 9748164499

Authorised Dealer

| Consortium Automobiles | Trupti Automotives | Jalan Automobiles | Pal Movers | Laxmi Sales & Service | Kalinga Auto Syndicate |
|---|---|---|---|---|---|
| Khurda, Puri, Nayagarh, Kandhmal, Ganjam, Gajapati 7682857828 | Cuttack, Jagatsinghpur, Kendrapada 9583040249 Angul, Jajpur, Dhenkanal 9583040257 | Sambalpur, Deogarh, Jharsuguda - 9437057805 Sundergarh, Rourkela - 7381062295 | Balasore, Bhadrak, Jaleswar, Baripada 9437960713 Keonjhar, Rairangpur, Badbil, Anandpur 9437214592 | Bargarh, Balangir, Sonepur, Boudh, Nuapada 8018060190 | Koraput, Nabarangpur, Malkangiri, Kalahandi 9937167720 Rayagada 9437009992 |

ଧରିତ୍ରୀ
DHARITRI
ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



“ଛାତ୍ରୀଛାତ୍ରଙ୍କର ମାତୃଭୂମି ପ୍ରତି ଗଭୀର ପ୍ରେମ ରହିବା ଉଚିତ। ପାଶ୍ଚାତ୍ୟ ସଭ୍ୟତାକୁ ହନୁକରଣ କରିବା ପରିବର୍ତ୍ତେ ପିଲାମାନେ ନିଜକୁ ଭାରତୀୟ ବୋଲି ଗର୍ବ ଅନୁଭବ କରନ୍ତୁ।

- ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଦଫା ୩୭୭
### ଆଜି ଆସିପାରେ ରାୟ



**ନୂଆଦିଲ୍ଲୀ, ୫।୯(ପି.ଟି.):** ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଅନ୍ତର୍ଭୁକ୍ତ କରୁଥିବା ଦଫା ୩୭୭ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ଦାଏର ହୋଇଛି। ଏହି ମାମଲାରେ ଗୁରୁବାର ସର୍ବୋଚ୍ଚ ଅଦାଲତ ରାୟ ପ୍ରକାଶ କରିପାରନ୍ତି। ଏନେଇ ବୁଧବାର ସୂଚନା ମିଳିଛି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବେ। ଏହା ପୂର୍ବରୁ ସେ ଅଧକ୍ଷତା କରୁଥିବା ଖଣ୍ଡପୀଠ ୧୦ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି। ତନ୍ମଧ୍ୟରେ ରହିଛି ଆଇପିସିର ଦଫା ୩୭୭। ସମଲିଙ୍ଗୀଙ୍କ ସମ୍ପର୍କ ଅପରାଧ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଜଷ୍ଟିସ୍ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଜୁଲାଇ ୧୭ରେ ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।

### ଜାପାନରେ 'ଜେବୀ' ତାଣ୍ଡବ

**ଟୋକିଓ, ୫।୯(ପି.ଟି.):** ଜାପାନରେ ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ 'ଜେବୀ'। ଏହାଯୋଗୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଘଣ୍ଟାପ୍ରତି ୨୧୬ କିଲୋମିଟର ବେଗରେ ପବନ ବହିବା ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୀର୍ଘ ୨୫ ବର୍ଷ ଜାପାନରେ ଏଭଳି ଝଡ଼ତାଣ୍ଡବ ଦେଖିବାକୁ ମିଳିଛି। ଦେଶର ପଶ୍ଚିମ ପ୍ରାନ୍ତରେ ସର୍ବାଧିକ କ୍ଷୟକ୍ଷତି ଘଟିଛି। ପଶ୍ଚିମ ପ୍ରାନ୍ତରେ ଥିବା କୃତ୍ରିମ ଦ୍ୱୀପକୁ ସଂଯୋଗ କରୁଥିବା ପୋଲ ଧସି ଯାଇଛି। ଫଳରେ ଦ୍ୱୀପରେ ଅବସ୍ଥିତ କାନ୍ସାଇ ବିମାନବନ୍ଦରରେ ଫସି ରହିଥିବା ୩୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ରନ୍‌ୱେକୁ ମଧ ଉଚ୍ଚ ଜୁଆର ମାଡ଼ି ଆସିଥିଲା। ମଙ୍ଗଳବାର ମଧାହ୍ନରେ 'ଜେବୀ' ଜାପାନର ଓସାକା ସହରରେ ଭୂଖଣ୍ଡ ଛୁଇଁଥିଲା।

### ଶିମ୍‌ଲା ହତ୍ୟା ମାମଲା ୩ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଶିମ୍‌ଲା, ୫।୯(ପି.ଟି.):** ହିମାଚଳପ୍ରଦେଶ ରାଜଧାନୀ ଶିମ୍‌ଲାରେ ଜଣେ ଚାରିବର୍ଷ ବାଳକଙ୍କ ହତ୍ୟା ମାମଲାରେ ବୁଧବାର ତିନି ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ୨୦୧୪ରେ ଏମାନେ ଯୁଗ ନାମକ ଉକ୍ତ ନାବାଳକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ମୃତ୍ୟୁର ଦୁଇବର୍ଷ ପରେ ଏକ ପାଣିଟାଙ୍କିରୁ ତାଙ୍କ କଙ୍କାଳ ମିଳିଥିଲା। ଏହି ଜଘନ୍ୟ କାଣ୍ଡ ଭିଆଇଥିବା ଦୋଷୀଙ୍କୁ ଚରମ ଶାସ୍ତି ଦିଆଯିବ ବୋଲି ଶିମ୍‌ଲା ଦୌରା ଜଜ୍ ବିରେନ୍ଦର ସିଂ ରାୟ ପ୍ରକାଶ କରିଛନ୍ତି।

# ପୋଲିସ ଡିଜିଙ୍କ ଘରେ ସିବିଆଇ

**ନୂଆଦିଲ୍ଲୀ, ୫।୯(ପି.ଟି.)**



ଟି.କେ. ରାଜେନ୍ଦ୍ରନ୍



ତାମିଲନାଡୁରେ ବହୁଚର୍ଚ୍ଚିତ ଗୁଟ୍‌ଖା ଦୁର୍ନୀତି ମାମଲାର ତଦନ୍ତ ଜୋର୍‌ଦାର ଚାଲିଛି। ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୪୦ ସ୍ଥାନରେ ଚଢ଼ାଉ କରିଛି। ପ୍ରଥମ କରି ଏକ ଦୁର୍ନୀତି ମାମଲାରେ ରାଜ୍ୟର ଜଣେ ପୋଲିସ ମୁଖ୍ୟଙ୍କ ଘରେ ସିବିଆଇ ପହଞ୍ଚିଛି। ଜଣେ ମନ୍ତ୍ରୀଙ୍କ ସମେତ ଅନେକ ସରକାରୀ ଅଫିସରଙ୍କ ବାସଭବନରେ ତଲାସି କରିଛନ୍ତି ତଦନ୍ତ ଅଧିକାରୀ। ବହୁକୋଟି ଟଙ୍କାର ଗୁଟ୍‌ଖା ଦୁର୍ନୀତି ସାମ୍ନାକୁ ଆସିବା ପରେ ଗତ ମେ'ରେ ସିବିଆଇ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁର୍ନୀତିରେ ଅନେକ ହାଇପ୍ରୋଫାଇଲ୍ ଲୋକଙ୍କ ହାତ ଥିବା ତଦନ୍ତ ସଂସ୍ଥା ଜାଣିବାକୁ ପାଇଥିଲା। ବୁଧବାର ତାମିଲନାଡୁର ୩୫ ସ୍ଥାନ ଏବଂ କର୍ନାଟକ, ମୁମ୍ବାଇ, ପଣ୍ଡିଚେରିର ୫ ସ୍ଥାନରେ ସିବିଆଇ ଚଢ଼ାଉ କରିଛି। ତାମିଲନାଡୁର ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟବାସ୍କର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଟି.କେ. ରାଜେନ୍ଦ୍ରନ୍ ଏବଂ ଚେନ୍ନାଇର ପୂର୍ବତନ ପୋଲିସ କମିଶନର ଏସ୍. ଜର୍ଜଙ୍କ ବାସଭବନରେ ମଧ ଚଢ଼ାଉ ହୋଇଛି। ୨୦୧୬ରେ ଅଶୋକ କୁମାର ସ୍ୱେଚ୍ଛାକୃତ ଅବସର ନେବା ପରେ ରାଜେନ୍ଦ୍ରନ୍ ତାମିଲନାଡୁର ପୋଲିସ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ହେଉଛନ୍ତି ୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର। ଆଇନର ରକ୍ଷକ ହୋଇ ସୁଦ୍ଧା ଦୁର୍ନୀତିରେ ସମ୍ପୃକ୍ତି ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ପୋଲିସ ବିଭାଗକୁ ଲଜ୍ଜିତ ହେବାକୁ ପଡ଼ିଛି। ଅଭିଯୋଗ ଅନୁଯାୟୀ, ଗୁଟ୍‌ଖା ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବାରୁ ଅଶୋକ କୁମାରଙ୍କୁ ସ୍ୱେଚ୍ଛାକୃତ ଅବସର ନେବା ଲାଗି ବାଧ କରାଯାଇଥିଲା। ପ୍ରକାଶ ଯେ, ୨୦୧୩ରେ ତାମିଲନାଡୁ ସରକାର ଗୁଟ୍‌ଖା ଓ ପାନ ମସଲା ସମେତ ଅନ୍ୟ ତମାଖୁ ଉତ୍ପାଦ, ମହଜୁଦ ରଖିବା ଏବଂ ବିକ୍ରି ନିଷେଧ କରିଥିଲେ। କିନ୍ତୁ ବେଆଇନ ଭାବେ ଏସବୁର ଭିତିରି କାରବାର ହେଉଥିଲା। ଅନେକ ମାମଲା ଚପାଇଦିଆଯାଉଥିଲା। ଜଣେ ପାନ ମସଲା ଓ ଗୁଟ୍‌ଖା ଉତ୍ପାଦନକାରୀ ୨୫୦ କୋଟି ଟଙ୍କାର ଆୟକର ଫାଙ୍କିବାକୁ ଉଦ୍ୟମ କରୁଥିଲେ। ୨୦୧୭ ଜୁଲାଇ ୮ରେ ତାଙ୍କ ଗୋଡାଉନ, କାର୍ଯ୍ୟାଳୟ ଓ ବାସଭବନରେ ଆୟକର ବିଭାଗ ଅଧିକାରୀମାନେ ଚଢ଼ାଉ କରିବା ପରେ ଏହି ମହାଦୁର୍ନୀତି ପ୍ରଘଟ ହୋଇଥିଲା। ଡିଏମ୍‌କେ ନେତାଙ୍କ ଆବେଦନକ୍ରମେ ଚଳିତବର୍ଷ ଏପ୍ରିଲରେ ମାଡ୍ରାସ୍ ହାଇକୋର୍ଟ ମାମଲାର ତଦନ୍ତ ଲାଗି ସିବିଆଇକୁ ଦାୟିତ୍ୱ ଦେଇଥିଲେ। ତାମିଲନାଡୁ ସରକାର, କେନ୍ଦ୍ରୀୟ ଅବକାରୀ ବିଭାଗ ଏବଂ ଖାଦ୍ୟ ନିରାପତ୍ତା ବିଭାଗର ଅନେକ ଅଜଣା ଅଧିକାରୀଙ୍କ ନାଁରେ ଗତ ମେ'ରେ ଏତଲା ରୁଜୁ ହୋଇଥିଲା। ପୋଲିସ ଡିଜି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ସିବିଆଇ ଚଢ଼ାଉ ପରେ ତାମିଲନାଡୁରେ ରାଜନୀତି ଜୋର୍ ଧରିଛି। ରାଜେନ୍ଦ୍ରନ୍ ଓ ବିଜୟବାସ୍କର ନିଜଆଡୁ ଇସ୍ତଫା ଦିଅନ୍ତୁ ନଚେତ୍ ରାଜ୍ୟପାଳ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ଡିଏମ୍‌କେ, ପିଏମ୍‌କେ ଏବଂ ସିପିଏମ୍ ନେତାମାନେ ଦାବି କରିଛନ୍ତି। ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ କହିଛନ୍ତି ଯେ, କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପକ୍ଷରୁ ଏହି ଚଢ଼ାଉ ହେବା ପରେ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଛି। ଏତେବଡ଼ ଦୁର୍ନୀତିରେ ସମ୍ପୃକ୍ତ ବିଜୟବାସ୍କର ଏବଂ ରାଜେନ୍ଦ୍ରନ୍ ନିଜ ନିଜ ପଦବୀରେ ରହି କାର୍ଯ୍ୟ କଲେ ଲୋକମାନଙ୍କର ଶାସନ ବ୍ୟବସ୍ଥା ଏବଂ ପୋଲିସ ବିଭାଗ ପ୍ରତି ଭରସା ରହିବ ନାହିଁ। ଉଭୟଙ୍କୁ ବହିଷ୍କାର କରାଯାଉ ବୋଲି ସିପିଏମ୍ ସାଧାରଣ ସମ୍ପାଦକ କେ. ବାଲକ୍ରିଷ୍ଣନ୍ କହିଛନ୍ତି। ସେହିପରି ପିଏମ୍‌କେ ପ୍ରତିଷ୍ଠାତା ଏସ୍. ରାମାଦୋସ୍ ମଧ ସିବିଆଇର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି।

**ତାମିଲନାଡୁ ଗୁଟ୍‌ଖା ଦୁର୍ନୀତି**
- ୪୦ ସ୍ଥାନରେ ଚଢ଼ାଉ କଲେ ତଦନ୍ତ ଅଧିକାରୀ
- ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ବି ବାଦ୍ ପଡ଼ିଲେ ନାହିଁ
- ଅନେକ ସରକାରୀ ଅଫିସର ଦୁର୍ନୀତିରେ ସମ୍ପୃକ୍ତ
- ସରକାରଙ୍କୁ ଘେରିଲେ ଡିଏମ୍‌କେ, ପିଏମ୍‌କେ

### ■ କଶ୍ମୀରରେ ଆଉ ଏକ ବର୍ବରତା
# ୯ ବର୍ଷୀୟାଙ୍କୁ ଗଣବଳାତ୍କାର, ହତ୍ୟା କରାଇଲେ ସାବତମା'

**ନୂଆଦିଲ୍ଲୀ, ୫।୯(ଆଇଏଏନ୍‌ଏସ୍)**

- ନାବାଳିକାଙ୍କ ଆଖି ତାଡ଼ିନେଲେ
- ଦେହରେ ଏସିଡ୍ ପକାଇଲେ
- ସାବତ ମା', ସାବତ ଭାଇଙ୍କ ସମେତ ୫ ଗିରଫ



ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ମାନିବକତାକୁ ଲଜ୍ଜିତ କରିଦେବା ଭଳି ଏକ ବର୍ବରକାଣ୍ଡ ଘଟିଛି। ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଏହି କାଣ୍ଡ ପଛରେ ଅନ୍ୟ କାହାର ନୁହେଁ, ବରଂ ଝିଅଙ୍କ ସାବତ ମା'ଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତନାଘନା ପରେ ପୋଲିସ ପୀଡ଼ିତାଙ୍କ ମୃତଦେହ ଜବତ କରିବା ସହ ସାବତ ମା', ସାବତ ଭାଇ ଓ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁଯାୟୀ, ନାବାଳିକା ଜଣକ ବାରମୁଲ୍ଲାର ଉରି ଅଞ୍ଚଳରୁ ରବିବାର ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ଘରଠାରୁ ୧ କି.ମି. ଦୂରରେ ଥିବା ଏକ ଜଙ୍ଗଲରେ ବୁଧବାର ତାଙ୍କର ମୃତଦେହ ଠାବ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ପୂର୍ବରୁ ଅତି ନିର୍ମମ ଭାବେ ତାଙ୍କର ଦୁଇଆଖି ତାଡ଼ି ନିଆଯାଇଥିଲା। ଏପରି କି ତାଙ୍କର ସମ୍ବେଦନଶୀଳ ଅଙ୍ଗଗୁଡ଼ିକୁ ଏସିଡ୍ ଫିଙ୍ଗାଯାଇଥିଲା। ଏହି ବିରଳ କାଣ୍ଡ ପଛର କାରଣ ଖୋଜିବାକୁ ଯାଇ ପୋଲିସ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛି। ମୁଖ୍ୟ ଅଭିଯୁକ୍ତ ମହିଳାଙ୍କ ଜଣେ ସଉତୁଣୀ ଅଛନ୍ତି। ସ୍ୱାମୀ ଦ୍ୱିତୀୟ ସ୍ତ୍ରୀଙ୍କୁ ଅଧିକ ସମୟ ଦେଉଥିଲେ। ୯ ବର୍ଷୀୟା ଝିଅଙ୍କୁ ସେ ବହୁତ ସ୍ନେହ କରୁଥିଲେ। ହେଲେ ସମ୍ପୃକ୍ତା ମହିଳା ଓ ତାଙ୍କ ୧୪ ବର୍ଷୀୟ ପୁଅଙ୍କୁ ସେ ଅଣଦେଖା କରୁଥିଲେ। ମହିଳା ଜଣକ ଏହାକୁ ନେଇ ପ୍ରତିଶୋଧପରାୟଣ ହୋଇ ରଚିଥିଲେ ସାଂଘାତିକ ଷଡ଼ଯନ୍ତ୍ର। ସେ ନିଜ ପୁଅଙ୍କୁ ପ୍ରବର୍ତ୍ତାଇ ଏହି ଜଘନ୍ୟ କାଣ୍ଡ ଘଟାଇଛନ୍ତି। ଘଟଣା ଦିନ ମହିଳା ସାବତ ଝିଅଙ୍କୁ ନେଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଯୋଜନା ମୁତାବକ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୁଅ ଓ ତାଙ୍କର କେତେଜଣ ସାଙ୍ଗ ଅନ୍ୟ ବାଟ ଦେଇ ସେଠାକୁ ଯାଇଥିଲେ। ସେଠାରେ ମହିଳାଙ୍କ ଉପସ୍ଥିତିରେ ତଥା ନିର୍ଦ୍ଦେଶକ୍ରମେ ପୁଅ ଓ ସାଙ୍ଗମାନେ ଝିଅଙ୍କୁ ଗଣବଳାତ୍କାର କରିଥିଲେ। ବଳାତ୍କାର ପରେ ମହିଳା ଜଣକ ଝିଅଙ୍କ ତଣ୍ଟିଚିପି ଦେଇଥିଲେ। ପୁଅ ଏକ ଧାରୁଆ ଅସ୍ତ୍ରରେ ଝିଅଙ୍କ ଆଖି ତାଡ଼ିଦେବା ପରେ ହତ୍ୟା କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଏସିଡ୍ ପକାଇ ମୃତଦେହକୁ ବୁଦା ଭିତରେ ଫିଙ୍ଗି ଦେଇଥିଲେ। କେହି ଜାଣି ପାରିବେ ନାହିଁ ବୋଲି ମୃତଦେହ ଉପରେ କେତୋଟି ଗଛର ଡାଳ ପକାଇଦେଇଥିଲେ। ଏଥିରେ ନାବାଳିକାଙ୍କ ପରିବାରର କେହି ସମ୍ପୃକ୍ତ ଥିବା ତଦନ୍ତରେ ଜଣାପଡ଼ିବା ପରେ କେତେଜଣଙ୍କୁ ଜେରା କରାଯାଇଥିଲା। ସାବତ ମା' ଓ ସାବତ ଭାଇଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ହତ୍ୟା ପାଇଁ ବ୍ୟବହୃତ ଅସ୍ତ୍ର ଓ ଏସିଡ୍ ରଖାଯାଇଥିବା ପ୍ଲାଷ୍ଟିକ୍ ଘଟଣାସ୍ଥଳରୁ ଜବତ ହୋଇଥିବା ବାରମୁଲ୍ଲା ଏସ୍‌ପି ଇମ୍‌ତିଆଜ୍ ହୁସେନ କହିଛନ୍ତି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍‌ଶୀଘ୍ର ମାମଲାର ଚାର୍ଜଶିଟ୍ ଦାଏର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ■ ତେଲେଙ୍ଗାନା କ୍ୟାବିନେଟ ବୈଠକ ଆଜି
# ବିଧାନସଭା ଭଙ୍ଗ ନେଇ ହୋଇପାରେ ନିଷ୍ପତ୍ତି

**ହାଇଦ୍ରାବାଦ,୫।୯(ପି.ଟି.)**

ତେଲେଙ୍ଗାନା କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରାଜ୍ୟ ବିଧାନସଭାକୁ ଭଙ୍ଗକରି ଆଗୁଆ ନିର୍ବାଚନ କରାଇବା ଲାଗି ପଥ ଉନ୍ମୁକ୍ତ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିବାବେଳେ ଉକ୍ତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ୨୦୧୯ ମେ'ରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ଭୋଟ କରାଯିବା କଥା। କିନ୍ତୁ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ବିଧାନସଭା ନିର୍ବାଚନ ନ କରାଇଲେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଲାଭବାନ ହେବ ବୋଲି କେସିଆର୍ ଚିନ୍ତା କରୁଛନ୍ତି। ଏଥିଯୋଗୁ ଟିଆର୍‌ଏସ୍ ସରକାର ଉଣାଅଧିକେ ବିଧାନସଭା ଭଙ୍ଗ କରି ଆଗୁଆ ନିର୍ବାଚନ କରାଇବା ପାଇଁ ମନସ୍ଥ କରିଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କେସିଆର୍ ରବିବାର ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଟିଆର୍‌ଏସ୍‌ର ମନ୍ତ୍ରୀ ଓ ନେତାମାନେ ରାଜ୍ୟବାସୀ ଏବଂ ଦଳର ସ୍ୱାର୍ଥ ପାଇଁ ଆଗୁଆ ନିର୍ବାଚନ ସଂକ୍ରାନ୍ତ ନିଷ୍ପତ୍ତି ତାଙ୍କ ହାତରେ ଛାଡ଼ିଦେଇଥିବା କେସିଆର୍ ଉକ୍ତ ସଭାରେ କହିଥିଲେ।

**ଫୁର୍‌ସତ**

# ଶିକ୍ଷାବୃତ୍ତି ପ୍ରତି ଭାରତୀୟଙ୍କ ଆଦର



**ନୂଆଦିଲ୍ଲୀ:** ପ୍ରଶାସନିକ ଅବହେଳା ଅଭିଯୋଗରେ ବିଭିନ୍ନ ସମୟରେ ଶିକ୍ଷକ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥାଏ। ଏବେ ବି ନିଜର ଦାବି ପୂରଣ କରିବାକୁ ଯାଇ କେତେକ ରାଜ୍ୟରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଗୁରୁକୁଳ। ସ୍ଥିତ ଯାହା ହେଉ ନା କାହିଁକି ଶିକ୍ଷକ ବୃତ୍ତି ଏବେ ବି ଅନେକଙ୍କ ପାଇଁ ଆଦର୍ଶ ପାଲଟିଛି। କାରଣ ଭାରତରେ ଗୁରୁଶିଷ୍ୟ ପରମ୍ପରାର ଏକ ଭିନ୍ନ ନିଦର୍ଶନ ରହିଛି। ବୋଧହୁଏ ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଦରମା ବିଶିଷ୍ଟ କର୍ପୋରେଟ୍ ଚାକିରି ଛାଡ଼ି ଏବେ ଶିକ୍ଷକ ବୃତ୍ତି ପ୍ରତି ଭାରତୀୟଙ୍କ ମନ ବଳୁଛି ବୋଲି ସଦ୍ୟ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଶିକ୍ଷାବୃତ୍ତି ବିଷୟରେ ଜାଣିବା ଲାଗି ବାଙ୍ଗାଲୋରର ଟେକ୍ନୋଲୋଜି ଷ୍ଟାର୍ଟ ଅପ୍ 'କ୍ୟୁମ୍ୟାଥ୍' ପକ୍ଷରୁ ୩୦୦୦ ଶିକ୍ଷକଙ୍କୁ ନେଇ ଗବେଷଣା କରାଯାଇଥିଲା। ଅଧ୍ୟୟନ ପରେ 'କ୍ୟୁମ୍ୟାଥ୍' ନିଜ ରିପୋର୍ଟରେ କହିଛି ଯେ, ଯୁବ ଛାତ୍ରୀଛାତ୍ରଙ୍କୁ ଜ୍ଞାନ ବଣ୍ଟନ କରିବା ଲାଗି ଭାରତୀୟମାନେ ଲକ୍ଷ ଲକ୍ଷ ଟଙ୍କାର ଦରମାକୁ ଅଣଦେଖା କରିବାକୁ ମଧ ପଛାଉ ନାହାନ୍ତି। ହାଇ ପ୍ରୋଫାଇଲ କର୍ପୋରେଟ୍ ଚାକିରି ଛାଡ଼ି ଶିକ୍ଷକ ପାଲଟୁଛନ୍ତି। ୩୦୦୦ ଶିକ୍ଷକଙ୍କ ମଧ୍ୟରୁ ୫୦% ଅତୀତରେ କର୍ପୋରେଟ୍ ଚାକିରି କରିଛନ୍ତି। ଅଧିକାଂଶ ଶିକ୍ଷକ ଉଚ୍ଚ ଶିକ୍ଷିତ। ୫୩% ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍‌ଇ, ଏମ୍‌ଟେକ୍, ଏମ୍‌କମ୍, ଏମ୍‌ବିଏ, ପିଏଚ୍‌ଡି ରହିଥିବାବେଳେ ବିଇ, ବିଟେକ୍ ଏବଂ ବିଏସ୍‌ଇ ଡିଗ୍ରୀଧାରୀ ହେଉଛନ୍ତି ୪୪%। ଶିକ୍ଷକ ଚାକିରି ପାଇଁ ଅଫର୍ ମିଳିବା ପରେ ଅଧିକାଂଶ ହାଇ ପ୍ରୋଫାଇଲ ଚାକିରିଆ ତୁରନ୍ତ ରାଜି ହୋଇଯାଇ ଥାଆନ୍ତି। କାରଣ ସେମାନେ ଶିକ୍ଷା ଦେବାରେ ଅଧିକ ସନ୍ତୁଷ୍ଟ ବୋଲି ପ୍ରକାଶ କରୁଥିବା 'କ୍ୟୁମ୍ୟାଥ୍'ର ପ୍ରତିଷ୍ଠାତା ତଥା ସିଇଓ ମନନ୍ କୁମାର ପ୍ରକାଶ କରିଛନ୍ତି।

# ହସ୍ପିଟାଲରେ ଦିଲୀପ କୁମାର

**ମୁମ୍ବାଇ**



ବିଶିଷ୍ଟ ଫିଲ୍ମ ଅଭିନେତା ଦିଲୀପ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇଛି। ଛାତିରେ ସଂକ୍ରମଣ ହେବା ଫଳରେ ବୁଧବାର ସେ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଲୀଲାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସପ୍ତାହେ ପର୍ଯ୍ୟନ୍ତ ହସ୍ପିଟାଲରେ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କୁ ରଖାଯିବ ବୋଲି ଅଭିନେତାଙ୍କ ଟୁଇଟର ହ୍ୟାଣ୍ଡେଲର୍ ଫୈଜଲ ଫାରୁକୀ ଟୁଇଟ୍‌କରି ସୂଚନା ଦେଇଛନ୍ତି। ତେବେ ଡାକ୍ତରୀ ଚିକିତ୍ସା ପରେ ଦିଲୀପଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଲକ୍ଷ୍ୟ କରାଯାଇଥିବା ଫୈଜଲ କହିଛନ୍ତି। ଦିଲୀପଙ୍କ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିବା ଲାଗି ସେ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି।

### [ଇତିହାସର ଆଇନାରେ]
### ସେପ୍ଟେମ୍ବର ୬ର ପ୍ରମୁଖ ଘଟଣା

୧୯୬୮ ସେପ୍ଟେମ୍ବର ୬ରେ ଆଫ୍ରିକୀୟ ରାଷ୍ଟ୍ର ସ୍ୱାଜିଲାଣ୍ଡ ସ୍ୱାଧୀନତା ହାସଲ କରିଥିଲା। ୧୯୦୨ରେ ଦ୍ୱିତୀୟ ବୋର୍ ଯୁଦ୍ଧ ପରଠାରୁ ଇଂରେଜ ନୋ ସ୍ୱାଜିଲାଣ୍ଡକୁ କବ୍‌ଜା କରି ସେଠାରେ ଶାସନ ଆରମ୍ଭ କରିଥିଲେ। ସେଠାରେ ବ୍ରିଟିଶ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ପାଇଁ ଟ୍ରାନ୍ସଭାଲ୍ କଲୋନୀ ଗଠନ କରିଥିଲେ। ୧୯୪୪ରେ ଇଂରେଜମାନେ ସେଠାରେ ରାଜତନ୍ତ୍ର ପ୍ରତିଷ୍ଠା କରିଥିଲେ।

୧୯୭୨ ସେପ୍ଟେମ୍ବର ୬ରେ ପଶ୍ଚିମ ଜର୍ମାନୀର ମ୍ୟୁନିକ୍ ସହରରେ ଗ୍ରୀଷ୍ମ ଅଲିମ୍ପିକ୍ସ କ୍ରୀଡ଼ା ଚାଲିଥିବାବେଳେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟିଥିଲା। ପାଲେଷ୍ଟାଇନ୍ ଆତଙ୍କବାଦୀ ଗୋଷ୍ଠୀ 'ବ୍ଲାକ୍ ସେପ୍ଟେମ୍ବର'ର ୧୧ ଜଣ ଇସ୍ରାଏଲୀ କ୍ରୀଡ଼ାବିତ୍‌ଙ୍କୁ ବନ୍ଧକ କରି ରଖିଥିଲେ। ଏହାପରେ ସମସ୍ତଙ୍କୁ ହତ୍ୟା କରିଥିଲେ। ଏଥିରେ ଜର୍ମାନୀର ଜଣେ ପୋଲିସ ଅଧିକାରୀ ପ୍ରାଣ ହରାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୭ | ୨୩.୪ |
| ଚାନ୍ଦବାଲି | ୨୬.୯ | ୨୫.୧ |
| କଟକ | ୨୬.୨ | ୨୩.୨ |
| ପାରାଦ୍ୱୀପ | ୨୬.୭ | ୨୬.୨ |
| ଭୁବନେଶ୍ୱର | ୨୬.୩ | ୨୫.୦ |
| ଗୋପାଳପୁର | ୩୧.୮ | ୨୬.୮ |
| ପୁରୀ | ୨୮.୦ | ୨୬.୨ |
| ଅନୁଗୋଳ | ୨୭.୧ | ୨୩.୦ |
| ବାରିପଦା | ୨୮.୪ | ୨୪.୬ |
| ଝାରସୁଗୁଡ଼ା | ୨୮.୮ | ୨୪.୦ |
| କେନ୍ଦୁଝର | ୨୫.୧ | ୨୩.୮ |
| ସମ୍ବଲପୁର | ୨୯.୨ | ୨୩.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୮.୨ | ୨୧.୪ |
| ତାଳଚେର | ୩୦.୦ | ୨୪.୮ |
| ଭବାନୀପାଟଣା | ୨୯.୦ | ୨୫.୫ |
| ବଲାଙ୍ଗୀର | ୨୯.୬ | ୨୪.୫ |
| କୋରାପୁଟ | ୨୪.୬ | ୨୦.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୨୯.୦ | ୨୨.୫ |
| ମାଲକାନଗିରି | ୨୮.୦ | ୨୬.୦ |
| ସୋନପୁର | ୩୦.୨ | ୨୩.୮ |
| ଦାରିଙ୍ଗିବାଡ଼ି | ୨୩.୫ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଆଉ ଜଣେ ନବାଗତା



ତ୍ରିପ୍ତି ଡିମ୍ରୀ

**ମୁମ୍ବାଇ:** ଏକ ବିଗ୍ ବଜେଟ୍ ଫିଲ୍ମ ଜରିଆରେ ବଲିଉଡ୍‌ରେ ପାଦ ଥାପିବାକୁ ଯାଉଛନ୍ତି ଆଉ ଜଣେ ନବାଗତା ତ୍ରିପ୍ତି ଡିମ୍ରୀ। ପ୍ରଯୋଜିକା ଏକ୍ତା କପୁର ଏବଂ ନିର୍ଦ୍ଦେଶକ ଇମ୍‌ତିଆଜ୍ ଅଲିଙ୍କ ମିଳିତ ପ୍ରୋଜେକ୍ଟ 'ଲୈଲା ମଜ୍‌ନୁ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ତ୍ରିପ୍ତି। ନୂଆକରି ପାଦ ଥାପିବାକୁ ଯାଉଥିବା ହିନ୍ଦୀ ଫିଲ୍ମ ଜଗତ ବିଷୟରେ ଦିଲ୍ଲୀ ତରୁଣୀଙ୍କ କିଛି ସ୍ୱତନ୍ତ୍ର ରାୟ ରହିଛି। ଏକ ସାକ୍ଷାତ୍‌କାରରେ ତ୍ରିପ୍ତି କହିଛନ୍ତି, ଜଣେ ବାହାର ଲୋକଙ୍କ ପାଇଁ ବଲିଉଡ୍‌ରେ ପ୍ରବେଶ କରିବା ସେତେଟା ସହଜ ନୁହେଁ। ଏକ୍ତା ଏବଂ ଇମ୍‌ତିଆଜଙ୍କ 'ଲୈଲା ମଜ୍‌ନୁ' ପାଇଁ ତାଙ୍କୁ ଚୟନ କରାଯିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବାହାର ଲୋକଙ୍କୁ ବଡ଼ ବଜେଟ୍‌ର ଫିଲ୍ମରେ କାମ କରିବାକୁ ଯଦି ବି ଚୟନ କରାଯାଏ, ପରବର୍ତ୍ତୀ ସମୟରେ ଜଣେ ଆଗଧାଡ଼ିର କଳାକାରଙ୍କୁ ସେହି ସ୍ଥାନରେ ରିପ୍ଲେସ୍ କରାଯାଇଥାଏ। ସେ ଅନେକ ଫିଲ୍ମ ପାଇଁ ଅଡିଶନ୍ ଦେଇଥିଲେ। ସବୁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ଥାଏ। କିନ୍ତୁ ଶେଷରେ ତାଙ୍କ ସ୍ଥାନରେ ଜଣେ ପ୍ରତିଷ୍ଠିତ କଳାକାରଙ୍କୁ ଚୟନ କରାଯାଇଥାଏ। ଏଣୁ 'ଲୈଲା ମଜ୍‌ନୁ'ରେ କାମ ମିଳିବା ପରେ ତାଙ୍କର ବିଶ୍ୱାସ ହୋଇ ନ ଥିଲା ବୋଲି ତ୍ରିପ୍ତି କହିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଛାଡ଼ପତ୍ର ପରେ ୧୬୦ ଜଣ ସ୍ୱାମୀ ମିଳିତ ଭାବେ ବାରାଣସୀର ମଣିକର୍ଣ୍ଣିକା ଘାଟରେ ସେମାନଙ୍କ ଜୀବିତ ସ୍ତ୍ରୀମାନଙ୍କର କରିଛନ୍ତି ପିଣ୍ଡଦାନ। ଜୀବନର ଖରାପ ସ୍ମୃତିକୁ ହଟାଇଦେବା ଆବଶ୍ୟକ ବୋଲି ସ୍ୱାମୀମାନେ କହିଛନ୍ତି। ସମ୍ପ୍ରତି ଏହି ପିଣ୍ଡଦାନ କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସେଭ୍ ଇଣ୍ଡିଆ ଫ୍ୟାମିଲି ଫାଉଣ୍ଡେଶନ୍‌ର ଏହି ସଦସ୍ୟମାନେ ଏପରି କରିଛନ୍ତି।






## ସଂକ୍ଷେପରେ

ପୋଲିସ-ଆଇନଜୀବୀ ବିବାଦ

### ସୋମବାର ପର୍ଯ୍ୟନ୍ତ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**କଟକ ଅଫିସ, ୫।୯:** ମାଡ଼ ଘଟଣାକୁ ନେଇ କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ଉଭୟପକ୍ଷ ନିଜ ଜିଦ୍‌ରେ ଅଟଳ ଥିବାବେଳେ ସରକାର ମଧ୍ୟ ଏଭଳି ସମ୍ବେଦନଶୀଳ ଘଟଣାରେ ନିରବ ରହିଛନ୍ତି। ଫଳରେ ୮ ଦିନ ହେବ କଟକର ସମସ୍ତ ଅଦାଲତ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଏଭଳି ସ୍ଥିତିରେ ଅଗଷ୍ଟ ୨୯ ବୁଧବାରଠାରୁ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ସୋମବାର ପର୍ଯ୍ୟନ୍ତ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଶନିବାର ରାଜ୍ୟର ୧୬୭ଟି ବାର୍‌ର ପ୍ରତିନିଧିମାନେ ହାଇକୋର୍ଟ ବାର୍ ପରିସରରେ ଏକାଠି ହେବେ ବୋଲି ବୁଧବାର ହାଇକୋର୍ଟ ବାର୍ ପକ୍ଷରୁ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି। ହାଇକୋର୍ଟ ବାର୍ ସଭାପତି ଆଡ୍‌ଭୋକେଟ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ବୁଧବାର ଅପରାହ୍ନରେ ବସିଥିବା ବୈଠକରେ ଆଇନଜୀବୀଙ୍କୁ ମାଡ଼ ଘଟଣାକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବିଶେଷକରି ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ପରିଚାଳନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ଆନ୍ଦୋଳନକୁ ଅଧିକ ଜୋର୍‌ଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଅକ୍ଷୟ ପତି, କଟକ ବାର୍ ଆସୋସିଏଶନ ସଭାପତି ଉମାକାନ୍ତ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ମତ ରଖିଥିଲେ।

### ସାମାନ୍ୟ ବଚସାରୁ ଛୁରି ଭୁସି ହତ୍ୟା

**ଝାରସୁଗୁଡ଼ା ଅଫିସ,୫।୯:** ଝାରସୁଗୁଡ଼ା ସହରାଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ଏକ ମେସ୍‌ରେ ରହୁଥିବା ମିଥୁନ ସାଇନି(୨୨) ନାମକ ଯୁବକଙ୍କୁ ସେହି ମେସର ଅନ୍ୟ ଜଣେ ଛୁରି ଭୁସି ହତ୍ୟା କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଧନଞ୍ଜୟ ତିୱାରୀ(୨୭)। ଉଭୟ ଉତ୍ତରପ୍ରଦେଶର ବାସିନ୍ଦା ହୋଇଥିବାବେଳେ ଏଠାରେ ରହି କାମ କରୁଥିଲେ। ଝାରସୁଗୁଡା ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି। ହତ୍ୟା ମାମଲା ରୁଜୁ କରାଯାଇ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ପୋଲିସ କହିଛି।




# ୧୭ ନୁହେଁ, ୧୦୦ କୋଟିର ଚାରା ଦୁର୍ନୀତି: ଦାମ

ଭୁବନେଶ୍ୱର,୫।୯(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ମନ୍ତ୍ରୀ ପଦରେ ଥିବା ସମୟରେ ହୋଇଥିବା କେତେକ ଦୁର୍ନୀତି ସମ୍ପର୍କରେ ବୁଧବାର ମୁହଁ ଖୋଲିଛନ୍ତି। ତାଙ୍କ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନର ଉତ୍ତର କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମଙ୍ଗଳବାର ବିଧାନସଭାରେ ଲିଖିତ ଭାବେ ଦେଇଥିଲେ। ଏନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦାମ କହିଛନ୍ତି ଯେ, ଚାରା କ୍ରୟରେ ୧୭ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ହେଲେ ଏହି ଦୁର୍ନୀତି ବାସ୍ତବରେ ୧୭ କୋଟି ନୁହେଁ, ପ୍ରାୟ ୧୦୦ କୋଟିର। ସେହିପରି ମୟୂରଭଞ୍ଜ ଜିଲା ପାଇଁ ୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିବା କଥା ମିଛ। ଅର୍ଥ ସିଧା ଅଧିକାରୀଙ୍କ ପକେଟ୍‌କୁ ଯାଇଛି। ରାୟଗଡା, ନବରଙ୍ଗପୁର ଓ କୋରାପୁଟରେ ୨୪ କୋଟିର ଦୁର୍ନୀତି ହୋଇଛି। ଗଛ ମୂଳରେ ସାର ଦିଆଯାଇଛି ବୋଲି ଟଙ୍କା ଯାଇଛି, ହେଲେ ଗଛ ଲାଗିନି ବୋଲି ଦାମୋଦର ଉଲ୍ଲେଖ କରିଛନ୍ତି। ସେ ସମୟରେ ମନ୍ତ୍ରୀ ପଦରେ ଥିବାରୁ ସେ କି ପଦକ୍ଷେପ ନେଇଥିଲେ ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଉତ୍ତରରେ ଦାମ କହିଛନ୍ତି ଯେ, ଚାରା କ୍ରୟରେ ଅନିୟମିତତା ଅନୁଭବ କରି ୪ ଜଣିଆ କମିଟି ଗଠନ କରାଯାଇଥିଲା। ଏମିତି କି ଦୁର୍ନୀତି କରିଥିବା ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ଉକ୍ତ ଭଦ୍ରଲୋକ ତାଙ୍କୁ ଲାଞ୍ଚ ଦେଇ ଖସିବାକୁ ଉଦ୍ୟମ କରୁଥିଲେ, ହେଲେ ଉକ୍ତ ଅଧିକାରୀ ଜେଲ୍ ଯାଆନ୍ତୁ ବୋଲି ସେ ଚାହିଁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେହି ଅଧିକାରୀ ଜଣକ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିବା ଦାମ କହିଛନ୍ତି।

**ମୋ ସମୟରେ ଦୁର୍ନୀତି ହୋଇନି: ମହାରଥୀ**

ଦାମୋଦରଙ୍କ ଏପରି ଅଭିଯୋଗ ଉପରେ କୃଷିମନ୍ତ୍ରୀ ମହାରଥୀ କହିଛନ୍ତି ଯେ, ୧୭ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ହିସାବ ବାହାରିଛି। ଏହା ଜାଣିବା ପରେ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ମୋ ସମୟରେ ଏହି ଦୁର୍ନୀତି ହୋଇନାହିଁ। ଦାମବାବୁ ରାଗ, ଅଭିମାନ କି କ'ଣ ପାଇଁ କହୁଛନ୍ତି, ସେ କଥା ତାଙ୍କୁ ଜଣା।

## ■ କଳାଦିବସ ପାଳିଲେ ଶିକ୍ଷକ, ଅଧ୍ୟାପକ

# ଆଜିଠୁ ସ୍କୁଲ, କଲେଜ ବନ୍ଦ

ଭୁବନେଶ୍ୱର, ୫।୯(ବ୍ୟୁରୋ)

- ■ ବର୍ଷାରେ ଛତା ଧରି ଏକାଠି ହେଲେ ହଜାର ହଜାର ଶିକ୍ଷକ
- ■ ଆନ୍ଦୋଳନକୁ ସମର୍ଥନ ଜଣାଇଲେ ଭାଜପା, କଂଗ୍ରେସ

ପୂର୍ବ ନିଷ୍ପତ୍ତି ଅନୁଯାୟୀ ବୁଧବାର ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରିଛି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚ। ସକାଳୁ ପ୍ରବଳ ବର୍ଷା ସତ୍ତ୍ୱେ ମିଳିତ ମଞ୍ଚର ହଜାର ହଜାର ଶିକ୍ଷକ ଛତା ଧରି ଲୋୟର ପିଏମ୍‌ଜିରେ ଏକାଠି ହୋଇଥିଲେ। ବର୍ଷାକୁ ଖାତିର ନ କରି ଦିନତମାମ୍ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଏକ ଚେୟାରରେ ଡ. ସର୍ବପଲ୍ଲୀ ରାଧାକିଷ୍ଣନଙ୍କ ଫଟୋଚିତ୍ରକୁ ରଖି ଗୁରୁପୂଜନ କରିଥିଲେ। ଦାବି ପୂରଣ ନ ହେବା ଯାଏ ସରକାରଙ୍କୁ ଛାଡ଼ିବେ ନାହିଁ ବୋଲି ଏହି ଅବସରରେ ଆୟୋଜିତ ଏକ ସଭାରେ ଶିକ୍ଷକମାନେ ନିଷ୍ପତ୍ତି ନେଇଥିଲେ। ଏଥିସହ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇ ନ ଥିବାରୁ ପୂର୍ବ ଘୋଷଣା ଅନୁସାରେ ଗୁରୁବାରଠାରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯିବ ବୋଲି ମିଳିତ ମଞ୍ଚର ଆବାହକ ଗୋଲକ ନାୟକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ ଦାବିରେ ମିଳିତ ମଞ୍ଚ ପକ୍ଷରୁ ଗତ ୧୬ ତାରିଖରୁ ଆନ୍ଦୋଳନ କରାଯାଉଛି। କିନ୍ତୁ ଏଯାଏ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନ ନେବା ସହିତ ଆଲୋଚନା ପାଇଁ ଡାକି ନ ଥିବାରୁ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀମାନେ ଭୁବନେଶ୍ୱରରେ ରହିବେ। ୬ତାରିଖ ପୂର୍ବାହ୍ନରେ ୧୪୭ ବିଧାୟକଙ୍କ ବାସଭବନ ଘେରାଉ କରାଯିବ। ୧୭ ତାରିଖରୁ ବ୍ଲକର ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପ୍ରତିଦିନ ଗୋଟିଏ ପଞ୍ଚାୟତରେ ଶୋଭାଯାତ୍ରା କରି ଘରେ ଘରେ ଲିଫ୍‌ଲେଟ୍ ବାଣ୍ଟିବେ। ଆନ୍ଦୋଳନ ସମୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିବା ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ସେପଟେ ମିଳିତ ମଞ୍ଚର ଏହି ଆନ୍ଦୋଳନକୁ ଛାତ୍ର ସଂଗଠନ ଏବିଭିପି ଏବଂ ବହୁ ଶିକ୍ଷକ ସଂଗଠନ ସମେତ ସମର୍ଥନ ଜଣାଇଛନ୍ତି। ଗୁରୁଦିବସ ଥିବାରୁ ଏବିଭିପି ପକ୍ଷରୁ ଧାରଣାସ୍ଥଳରେ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରାଯାଇଛି।

ଅନ୍ୟପଟେ ବିଭିନ୍ନ ଦଳର ନେତା ଆନ୍ଦୋଳନ ସ୍ଥଳରେ ଶିକ୍ଷକଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଧାରଣାସ୍ଥଳରେ ପହଞ୍ଚି କହିଛନ୍ତି ଯେ, ରାଜ୍ୟର ଶିକ୍ଷକମାନେ ରାସ୍ତାରେ ପଡ଼ିରହି ନିଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରିବା ଲଜ୍ଜାର ବିଷୟ। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ଭାଜପା ଶିକ୍ଷକମାନଙ୍କ ଦାବିକୁ ସମର୍ଥନ କରୁଛି ବୋଲି ସେ କହିଥିଲେ। ଶିକ୍ଷକଙ୍କ କଳା ଦିବସ ପାଳନ ଏବଂ ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର ସମାଧାନର ପନ୍ଥା ବାହାର ନ କରିବାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଶିକ୍ଷକମାନଙ୍କ ସହ ଆଲୋଚନା କରି ସେମାନଙ୍କ ବିଶ୍ୱାସ ଜିତି ସମାଧାନର ରାସ୍ତା କାଢିବି। ଶିକ୍ଷକଙ୍କୁ ସମ୍ମାନ ଓ ମର୍ଯ୍ୟାଦା ଦେଇ ଶ୍ରେଣୀଗୃହକୁ ଫେରାଇ ଆଣିଲେ ଓଡିଶାର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁରକ୍ଷିତ ହୋଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକ ସମାଜର ଦାବିକୁ ସହୃଦୟତାର ସହ ବିଚାର କରି ସେମାନଙ୍କ ଅଭାବନୀୟ ପରିସ୍ଥିତିକୁ ଏଡାଇବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶିକ୍ଷକମାନଙ୍କୁ ଭେଟିବା ଅବସରରେ କହିଛନ୍ତି, ଯେତେବେଳେ ଶିକ୍ଷକଙ୍କ ପେଟ ଜଳିଯାଉଥିବ ସେତେବେଳେ ସେମାନେ ପାଠ କ'ଣ ପଢାଇବେ। ସରକାରୀ ଶିକ୍ଷକଙ୍କୁ ଯେଉଁ ସୁବିଧା ମିଳୁଛି ସେମାନଙ୍କୁ ମଧ୍ୟ ସେହି ସୁବିଧା ମିଳିବା ଆବଶ୍ୟକ। ସରକାର ସେମାନଙ୍କ ଦାବି ମାନିଯିବା ଦରକାର ବୋଲି ସେ କହିଛନ୍ତି।



ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କଳାଦିବସ ପାଳୁଛନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ।

# କୂଅରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ନବରଙ୍ଗପୁର/ପାପଡାହାଣ୍ଡି,୫।୯,(ବି.ପ୍ର./ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ବଡକୁମୁଲି ପଞ୍ଚାୟତ ସଦର ମହକୁମାରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। କୂଅରେ ବୁଡି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରଭାତ ହରିଜନ(୯) ଓ ଜୟନ୍ତ ହରିଜନ (୧୧)। ଆଗକୁ ଗଣେଶ ପୂଜା ଥିବାରୁ ମୂର୍ତ୍ତି ତିଆରି ପାଇଁ ସାଙ୍ଗମାନଙ୍କ ସହ ପ୍ରଭାତ ଓ ଜୟନ୍ତ ଗାଁ ଜମିକୁ ଚିକିଟା ମାଟି ସଂଗ୍ରହ ପାଇଁ ଯାଇଥିଲେ। ଫେରିବା ବେଳେ କୂଅରେ ଗାଧୋଇବାକୁ ମନ କରିଥିଲେ। କୂଅଟି ୪୦ ଫୁଟ ଗଭୀର ଥିବାରୁ ସେମାନେ ତାହା ଭିତରୁ ବାହାରି ପାରି ନ ଥିଲେ। ଖବର ପାଇ ସରପଞ୍ଚ ମଧୁ ଭତ୍ରା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଜୟନ୍ତ ଓ ପ୍ରଭାତଙ୍କୁ କୂଅ ଭିତରୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ଦୁଇ ନାବାଳକଙ୍କୁ ମୃତ ଘୋଷଣା କରିଥିଲେ।


**ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ମଣ୍ଡଳ କାର୍ଯ୍ୟାଳୟ : ଭୁବନେଶ୍ୱର

**ଗୃହ ଆବଶ୍ୟକ**

ବ୍ୟାଙ୍କ ଏହାର ଶାଖା ପାଇଁ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ କରୁଅଛି:

| କ୍ର.ନଂ. | କେନ୍ଦ୍ରର ନାମ | ତଳମହଲାରେ ଆବଶ୍ୟକ ହେଉଥିବା କାର୍ପେଟ ଏରିଆ |
|---|---|---|
| ୧. | ଗ୍ରାମ: ଧଉଳି (ଜିଲ୍ଲା: ଖୋର୍ଦ୍ଧା) | ୯୦୦ ବର୍ଗଫୁଟ |
| ୨. | ପୁରୀ, (ଜିଲ୍ଲା: ପୁରୀ) | ୧୨୦୦ ବର୍ଗଫୁଟ |

ସମ୍ପତ୍ତିର ସଠିକ୍ ମାଲିକାନା ଥିବା ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ ୨ଗୋଟି ପୃଥକ ଲଫାପାରେ ଯଥା: (କ) 'ବୈଷୟିକ ବିଡ୍'ରେ ଅନୁମୋଦିତ ପ୍ଲାନ୍ ସହ ସ୍ଥାନ, ସ୍ଥାନର ଆକାର / କାର୍ପେଟ ଏରିଆ, ନିର୍ମାଣ ବର୍ଷ ଏବଂ ଅନ୍ୟାନ୍ୟ ବିବରଣୀ ଇତ୍ୟାଦି ଏବଂ (ଖ) 'ଆର୍ଥିକ ବିଡ୍'ରେ ଆଶା କରୁଥିବା ମାସିକ ଲିଜ୍ ଭଡ଼ା, ଟିକସ୍ ବାବଦକୁ ଦେୟ, ରକ୍ଷଣାବେକ୍ଷଣ ଦେୟ ଇତ୍ୟାଦି ଦର୍ଶାଇ ବ୍ୟାଙ୍କର ୱେବସାଇଟ୍: **www.obcindia.co.in** ରେ ଉପଲବ୍ଧ ଥିବା ନିର୍ଦ୍ଧାରିତ ଫର୍ମାଟ୍‌ରେ ସେମାନଙ୍କର ପ୍ରସ୍ତାବ ଦାଖଲ କରିପାରିବେ। ଉଭୟ ଲଫାପା (କ) ଏବଂ (ଖ) ଉପରେ ଯଥାକ୍ରମେ **'ବୈଷୟିକ ବିଡ୍' ଏବଂ 'ଆର୍ଥିକ ବିଡ୍'** ଦର୍ଶାଯିବା ଉଚିତ୍। ପ୍ରତ୍ୟେକ ଲଫାପା ଉପରେ ................ଶାଖା ପାଇଁ ଗୃହ ଆବଶ୍ୟକ ଦର୍ଶାଯାଇ **ତା.୨୬.୦୯.୨୦୧୮ରିଖ** ସୁଦ୍ଧା ନିମ୍ନ ଠିକଣାରେ ଦାଖଲ ହେବା ଆବଶ୍ୟକ।

ଉପ ମହାପ୍ରବନ୍ଧକ
ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ
ମଣ୍ଡଳ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ଜେ/୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୬୧(ଅଂଶ)
ସା: ଜାଗମରା, ପୋ.: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ (ଓଡ଼ିଶା)





## ■ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୯(ବ୍ୟୁରୋ)



ନବୀନ ପଟ୍ଟନାୟକ

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଆଉ ଏକ ଚିଠି ଲେଖିଛନ୍ତି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଲୋକଙ୍କ ଦାବି ପ୍ରତି ତୁରନ୍ତ ବିଚାର କରି ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ଏପରି କି ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ୨୮ ସେପ୍ଟେମ୍ବର, ୨୦୧୩ ଏବଂ ୧୩ ଫେବୃୟାରୀ, ୨୦୧୪ରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ଚିଠି ଲେଖାଯାଇଥିଲା। ପୂର୍ବରୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସୁପାରିସକୁ ଓଡ଼ିଶା ହାଇକୋର୍ଟ ବିଚାର କରିନାହାନ୍ତି। ଅପରପକ୍ଷରେ ଓଡ଼ିଶାର କେଉଁ ଅଞ୍ଚଳରୁ କେତେ ମାମଲା ସୃଷ୍ଟି ହୋଇଛି ତା'ର ପରିସଂଖ୍ୟାନ ଓଡ଼ିଶା ହାଇକୋର୍ଟ କରି ନ ଥିବା ଆଇନ ମନ୍ତ୍ରଣାଳୟ ଚିଠା ନଂ ୧୧୦୧୮/୭।୮।୨୦୧୫ରେ ଉଲ୍ଲେଖ କରିଥିବା ଜଣାପଡିଛି। ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ହାଇକୋର୍ଟଙ୍କ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ବିଭିନ୍ନ ରାୟକୁ ତର୍ଜମା କରିଛନ୍ତି। ଏପରି କି କର୍ନାଟକ ବାର୍ ଆସୋସିଏଶନ ଏବଂ କେନ୍ଦ୍ର ସରକାରଙ୍କ ମାମଲାରେ ଜଷ୍ଟିସ୍ ଯଶୱନ୍ତ ସିଂଙ୍କ ସୁପାରିସକୁ ମଧ୍ୟ ଅନୁଧ୍ୟାନ କରାଯାଇଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିର ଯଥାର୍ଥତା ରହିଥିବା ରାଜ୍ୟ ସରକାର ଅନୁଭବ କରୁଛନ୍ତି। ତେଣୁ ସମସ୍ତ ବିଷୟକୁ ଅନୁଧ୍ୟାନ କରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଲୋକଙ୍କ ଦାବିକୁ ଗ୍ରହଣ କରି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଦିଗରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

# ଏକକାଳୀନ ନିର୍ବାଚନ ସପକ୍ଷରେ ବିଜେଡି

## ■ ଇସିଆଇଙ୍କୁ ଭେଟିଲେ ପିନାକୀ

ନୂଆଦିଲ୍ଲୀ,୫।୯(ସ୍ୱ.ପ୍ର.)

ରାଜକୋଷ ଉପରେ ପଡୁଥିବା ଅତିରିକ୍ତ ବୋଝକୁ ହ୍ରାସ କରିବା ପାଇଁ ଲୋକ ସଭା ନିର୍ବାଚନ ସହ ବିଧାନସଭାଗୁଡ଼ିକର ଭୋଟ କରାଇବାକୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ବୁଧବାର ବିଜୁ ଜନତା ଦଳ (ବିଜେଡି) ଅନୁରୋଧ କରିଛି।

ପୁରୀ ଏମ୍‌ପି ପିନାକୀ ମିଶ୍ର ବିଜେଡି ପକ୍ଷରୁ ବୁଧବାର ଇସିଆଇଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଆଗୁଆ ସାଧାରଣ ନିର୍ବାଚନ କରାଇଲେ ବି ଲୋକ ସଭା ଓ ବିଧାନସଭାଗୁଡ଼ିକର ଭୋଟ ଏକସଙ୍ଗେ କରାଇବାକୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଏଥିରେ ସେ ଅନୁରୋଧ କରିଛନ୍ତି। ଏନେଇ ଖବରଦାତାମାନଙ୍କୁ ପିନାକୀ କହିଛନ୍ତି, କେନ୍ଦ୍ର ଲୋକ ସଭା ସହ ୧୧ ରାଜ୍ୟ ବିଧାନସଭାର ନିର୍ବାଚନ କରାଇବାକୁ ଯୋଜନା କରୁଛି। ଏଭଳି ସମୟରେ ଓଡ଼ିଶା 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବରେ ନିଶ୍ଚିତ ଭାବେ ସାମିଲ ହେବା ଉଚିତ। ଅଲଗା ନିର୍ବାଚନ କରାଗଲେ ରାଜ୍ୟ ରାଜକୋଷ ଉପରେ ପ୍ରାୟ ୧୦୦୦ କୋଟି ଟଙ୍କାର ବୋଝ ପଡ଼ିବ। କିନ୍ତୁ ଏକକାଳୀନ ନିର୍ବାଚନ କରାଗଲେ କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକ ନିର୍ବାଚନୀ ଖର୍ଚ୍ଚ ବହନ କରିବେ। ଏଥିସହ ଦୀର୍ଘ ସମୟ ଧରି ନିର୍ବାଚନ ଆଚରଣ ବିଧି ଲାଗୁ ହେଉଥିବାରୁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ଏକସଙ୍ଗେ ନିର୍ବାଚନ ହେଲେ ଏହାକୁ ଏଡାଯାଇପାରିବ ବୋଲି ପିନାକୀ ପ୍ରସ୍ତାବ ଦେଇଛନ୍ତି। ପିନାକୀ ଆହୁରି କହିଛନ୍ତି ଯେ, ଲୋକ ସଭା ହେଉ କି ବିଧାନସଭା ନିର୍ବାଚନ ଏହାର ପରିଚାଳନା, ପ୍ରସ୍ତୁତି ଓ ଇଲେକ୍ଟୋରାଲ୍ ରୋଲ୍‌ର ସମୀକ୍ଷା ଆଦି ବାବଦ ଖର୍ଚ୍ଚ ୫୦:୫୦ ଅନୁପାତରେ ରାଜ୍ୟ ଓ କେନ୍ଦ୍ର ସରକାର ବହନ କରନ୍ତି। ତେବେ ଲୋକ ସଭା ନିର୍ବାଚନ ବେଳେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ହେଉଥିବା ଖର୍ଚ୍ଚ ସମ୍ପୃକ୍ତ ରାଜ୍ୟ ସରକାର ବହନ କରିଥାନ୍ତି। ଏକାଠି ନିର୍ବାଚନ ହେଲେ ଏସବୁ ଖର୍ଚ୍ଚ ଭାର ହ୍ରାସ ପାଇବ ବୋଲି ସେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଜେଡିର ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ ବିଚାର କରାଯିବ ବୋଲି ଇସିଆଇ କହିଥିବା ପିନାକୀ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦାଏର ପିଟିଶନ ନେଇ ପିନାକୀ ନିଜ ମତ ରଖିଛନ୍ତି। ଉକ୍ତ ଗାମ୍ଭୀର୍ଯ୍ୟହୀନ ପିଟିଶନରେ କିଛି ନାହିଁ। ଏହାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି। ମାସକ ମଧ୍ୟରେ ଏହାର ବିଚାର ଶେଷ କରାଯିବ ବୋଲି କମିଶନ ପ୍ରତିଶ୍ରୁତି ଦେଇଥିବା ପିନାକୀ କହିଛନ୍ତି।






ଭାରତର ବିଭିନ୍ନ ଅଞ୍ଚଳରେ ରହିଛି ଭିନ୍ନଭିନ୍ନ ପରମ୍ପରା। ରାଜସ୍ଥାନ ଝୁଝୁ ଜିଲା ସାବୁଲପୁରସ୍ଥିତ ଦଦରେଓ୍ୱା ଧାମରେ ଠାକୁରଙ୍କ ପାଖରେ ଭୋଗ ଭାବେ ପିଆଜ ଲାଗି ହୋଇଥାଏ। ମନ୍ଦିରରେ ଏହି ପରମ୍ପରା ଅତି ପ୍ରାଚୀନ କାଳରୁ ଚଳି ଆସିଛି। ପ୍ରତିଦିନ ଏଠାରେ ପ୍ରାୟ ୧୦ କ୍ୱିଣ୍ଟାଲରୁ ଅଧିକ ପିଆଜ ଜମା ହୋଇଥାଏ। ମାନସିକ ପୂରଣ ହେଲେ ଏଠାରେ ପୂଜା ପାଉଥିବା ଗୋଗାଜୀ ଏବଂ ଗୋରେଖନାଥଙ୍କ ପାଖରେ ଶ୍ରଦ୍ଧାଳୁ ପିଆଜ ଭୋଗ ଲାଗି କରନ୍ତି।



## ସଂକ୍ଷେପରେ

### ଅନୁଦାନପ୍ରାପ୍ତ ସ୍କୁଲ, କଲେଜକୁ ମିଳିବ ସରକାରୀ ଜମି

**ଭୁବନେଶ୍ୱର, ୫।୯(ବ୍ୟୁରୋ):** ରାଜ୍ୟର ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜଗୁଡିକୁ ସରକାରୀ ଜମି ପ୍ରଦାନ କରିବା ପାଇଁ ଏକ ନୀତି ପ୍ରଣୟନ କରିବାକୁ ଯୋଜନା ହୋଇଛି। ଏଥିପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକର ତାଲିକା ଏବଂ ସେମାନଙ୍କ ଦଖଲରେ ଥିବା ଜମିର ପରିମାଣ, ଛାତ୍ରୀଛାତ୍ରଙ୍କ ସଂଖ୍ୟା ଏବଂ ବକେୟା ସରକାରୀ ଦେୟର ତଥ୍ୟ ରାଜସ୍ୱ ପରିଚାଳନା ବିଭାଗକୁ ତୁରନ୍ତ ଜଣାଇବାକୁ ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ କୁହାଯାଇଛି। ଏହାସହ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହାୟତାରେ ଜିଲାପାଳମାନେ ଆବଶ୍ୟକ ତଥ୍ୟ ସଂଗ୍ରହ କରି ଦେବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡିକରୁ ସଂଗୃହୀତ ତଥ୍ୟ ଆଧାରରେ ଖୁବ୍‌ଶୀଘ୍ର ନୀତି ପ୍ରଣୟନ କରିବାକୁ ଏକ ଦାବିପତ୍ର ପ୍ରସ୍ତୁତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକର ପ୍ରସ୍ତାବ ଅନୁଯାୟୀ ଜମିଗୁଡିକ ଶିକ୍ଷାନୁଷ୍ଠାନକୁ ସିଧାସଳଖ ଦିଆ ନ ଯାଇ ସମ୍ପୃକ୍ତ ବିଭାଗକୁ ଦିଆଯିବ। ଗ୍ରାଣ୍ଟ-ଇନ୍-ଏଡ୍/ବ୍ଲକ ଗ୍ରାଣ୍ଟ ପାଉଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ଦ୍ୱାରା ବେଆଇନ ଦଖଲରେ ଥିବା ସରକାରୀ ଜମିର ପରିମାଣ ଓ ଏହାର ମୂଲ୍ୟ ଏବଂ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଜରିମାନା ଆଦିର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ରାଜସ୍ୱ ବିଭାଗକୁ ତୁରନ୍ତ ପଠାଇବା ପାଇଁ ଜିଲାପାଳମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

### କୃଷକଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର, ୫।୯(ବ୍ୟୁରୋ):** କୃଷିଋଣ ଛାଡ, ଫସଲବୀମା କ୍ଷତିପୂରଣ, ଭାଗଚାଷୀଙ୍କ ସୁରକ୍ଷା ଓ ଚାଷୀଙ୍କୁ ପେନ୍‌ସନ୍ ଦାବିରେ ବୁଧବାର ପ୍ରଦେଶ କଂଗ୍ରେସ କୃଷକ ସେଲ୍‌ର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପିସିସି କୃଷକ ସେଲ୍ ଅଧକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ମୋଟ ଜନସଂଖ୍ୟାର ୭୦ପ୍ରତିଶତ ଚାଷୀ। ଏମାନେ ଆମର ଅନ୍ନଦାତା। ଯେଉଁମାନଙ୍କ ବହୁ ମୂଲ୍ୟ ପରିଶ୍ରମରେ ସରକାର କୃଷି ଉତ୍ପାଦନ ହାର ବୃଦ୍ଧି ନେଇ ଗର୍ବିତ। ମାତ୍ର ଦୁର୍ଭାଗ୍ୟର ବିଷୟ ଦୀର୍ଘଦିନ ହେଲା ସରକାରଙ୍କ ନିକଟରେ ଚାଷୀ ସେମାନଙ୍କ ହକ୍ ପାଇଁ ବାରମ୍ବାର ଦାବି କରୁଥିଲେ ମଧ ସରକାର ତାକୁ ଅଣଦେଖା କରୁଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧକରି ପିସିସି କୃଷକ ସେଲ୍‌ର ପ୍ରତିନିଧି ଦଳ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ୮ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି । ସମସ୍ତ କୃଷକଙ୍କ ଋଣ ଛାଡ କରାଯାଉ, ଗତବର୍ଷର ବକେୟା ୫ଶହ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଫସଲବୀମା କ୍ଷତିପୂରଣ ଅର୍ଥ ତୁରନ୍ତ ପ୍ରଦାନ କରାଯାଉ, ସାର କଳାବଜାର ରୋକିବା ସହ ଆବଶ୍ୟକ ପରିମାଣର ୟୁରିଆ ଦିଆଯାଉ, ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା ଓ ସମସ୍ୟା ସୁବିଧା ସୁଯୋଗ ମିଳୁ, ଧାନ କୁଇଣ୍ଟାଲ ପିଛା ରାଜ୍ୟ ପାଣ୍ଠିରୁ ୩ଶହ ଟଙ୍କା ବୋନସ୍ ଦେବାକୁ ଏହି ଦାବିପତ୍ରରେ ଜୋର ଦିଆଯାଇଛି।

■ ଆରମ୍ଭ ହେଲା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮

# ବିଶ୍ୱ କହୁଛି ଓଡ଼ିଶା ନମ୍ର, ସୁନ୍ଦର: ରାଜ୍ୟପାଳ

ଭୁବନେଶ୍ୱର,୫।୯(ବ୍ୟୁରୋ)

ପୃଥିବୀ ଏବଂ ଆକାଶ ମଧ୍ୟରେ ରାସ ରହିଥାଏ। ହେଲେ ପୃଥିବୀର ତଳେ ଓ ଆକାଶରୁ ଉର୍ଦ୍ଧ୍ୱରେ ଯାହା ଥାଏ, ତାହାକୁ ମହାରାସ କୁହାଯାଏ। କିମ୍ବଦନ୍ତୀ ପୁରୁଷ ଗୁରୁ କେଳୁଚରଣ ମହାପାତ୍ର ସେଭଳି ଜଣେ ମହାରାସ ଥିଲେ। ତାଙ୍କ ନିକଟରେ ବିଶ୍ୱର ସବୁ ଉତ୍କୃଷ୍ଟତା ସମାପ୍ତ ହୋଇଥିଲା। ଗୁରୁ କେଳୁଚରଣ ଭାରତୀୟ ସଂସ୍କୃତି ଜଗତର ଅମୂଲ୍ୟ ମଉଡ଼ମଣି ଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ କହିଛନ୍ତି। ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮'କୁ ଉଦ୍‌ଘାଟନ କରି ରାଜ୍ୟପାଳ ଗୁରୁ କେଳୁଚରଣଙ୍କ ପ୍ରତି ଗଭୀର ସମ୍ମାନ ଜଣାଇଥିଲେ। ସେ କହିଥିଲେ, ଗୁରୁଦିବସ ଅବସରରେ ଏହି ଉତ୍ସବ ସ୍ୱର୍ଗତ ଗୁରୁଙ୍କ ଅବଦାନକୁ ମନେପକାଇ ପୁଣିଥରେ ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରିଛି। ଗୁରୁ ଏମିତି ଜଣେ ମଣିଷ, ଯିଏକି ବାସ୍ତବ ଦୁନିଆ ସହ ପରିଚିତ କରାନ୍ତି। ତୁମ ଭିତରେ ଥିବା ସମସ୍ତ ପ୍ରତିଭାକୁ ବାହାରକୁ ଆଣନ୍ତି। ସେଥିପାଇଁ ତାଙ୍କୁ ଅଚିନ୍ତ୍ୟ ବୋଲି କୁହାଯାଏ। ଗୁରୁ କେଳୁଚରଣ ସେଭଳି ଜଣେ ମହାନ୍ ଗୁରୁ ଥିଲେ।




ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ଉଦ୍‌ବୋଧନ ଦେଉଛନ୍ତି।



ବିଦ୍ୱାନ ଆର୍. କୁମାରେଶ ଭାଓଲିନ୍ ଓ ଡ. ଜୟନ୍ତୀ କୁମାରେଶ ବୀଣା ବାଦନ କରୁଛନ୍ତି।

ରାଜ୍ୟପାଳ ଆହୁରି କହିଥିଲେ, ନୃତ୍ୟ ଓ ସଙ୍ଗୀତ ଯେତେବେଳେ ପୃଥିବୀପୃଷ୍ଠକୁ ଆସିବାକୁ ସ୍ଥିର କରିଛନ୍ତି, ପ୍ରଥମେ ସେମାନେ ଓଡ଼ିଶାରେ ପାଦ ଦେଇଛନ୍ତି। ସେଥିପାଇଁ ଏହି ରାଜ୍ୟର ପ୍ରତି କାନ୍ଥରେ ସଙ୍ଗୀତ ଓ ପ୍ରତି ଫାଟକରେ ନୃତ୍ୟର ମାଦକତା ଭରି ରହିଛି। ଏଠାକାର ପ୍ରତି ନାଗରିକର ଶବ୍ଦ ହେଉଛି ସଙ୍ଗୀତ ଓ ଚାଲି ହେଉଛି ନୃତ୍ୟ। ଏଥିପାଇଁ ଓଡ଼ିଶା ନମ୍ର ଓ ସୁନ୍ଦର। ଏହା ମୁଁ କହୁନି, ସମଗ୍ର ବିଶ୍ୱ କହୁଛି। ଗତ ଦୁଇହଜାର ବର୍ଷ ଧରି ଏହି ମାଟି ସମସ୍ତ ଉତ୍କୃଷ୍ଟ କଳା, ସଂସ୍କୃତି ଓ ଐତିହ୍ୟକୁ ଜାବୁଡ଼ି ଧରିଛି। ଆଧୁନିକ ଯୁଗରେ ନୃତ୍ୟ ଏଭଳି ଏକ ମହୌଷଧି, ଯାହା ମୋହ, ମାୟାରୁ ମଣିଷକୁ ମୁକ୍ତ କରେ। ନିଜକୁ ଆବିଷ୍କାର କରିବାର ଅବସର ଦିଏ ଓ ସମସ୍ତଙ୍କୁ ଏକାକାର କରାଏ। ନୃତ୍ୟରେ ସାଧନା ଓ ତପସ୍ୟା ଥିଲେ, ତାହା ସାନ୍ନିଧ ପ୍ରାପ୍ତି କରାଏ ବୋଲି ରାଜ୍ୟପାଳ କହିଥିଲେ। ୫ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ ଏବଂ ସୃଜନର ନିର୍ଦ୍ଦେଶକ ତଥା ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ଓଡ଼ିଶୀ ନୃତ୍ୟ ସହ ବିଦ୍ୱାନ ଆର୍. କୁମାରେଶଙ୍କ ଭାଓଲିନ୍ ଓ ଡ. ଜୟନ୍ତୀ କୁମାରେଶଙ୍କ ବୀଣା ପ୍ରମୁଖ ଆକର୍ଷଣ ରହିଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ଏହି ଉତ୍ସବର ମିଡିଆ ପାର୍ଟନର ରହିଛନ୍ତି।

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ଏବର୍ଷ ଖର୍ଚ୍ଚ ହେବ ୧୦୦୩ କୋଟି

ଭୁବନେଶ୍ୱର, ୫।୯(ବ୍ୟୁରୋ)

ବିଜୁସ୍ୱାସ୍ଥ୍ୟକଲ୍ୟାଣଯୋଜନା(ବିଏସ୍‌କେଓ୍ୱାଇ) ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଏଥିପାଇଁ କେନ୍ଦ୍ର ସରକାର କୌଣସି ଆର୍ଥିକ ସହାୟତା ଦେଇନାହାନ୍ତି। ଏହି ଯୋଜନା ଲାଗି ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ। ୨୦୧୮-୧୯ରେ ମୋଟ ୧୦୦୩.୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆର୍ଥିକ ଅନଗ୍ରସର ଲୋକଙ୍କ ଲାଗି ଏହି ଯୋଜନା କରିଛନ୍ତି। ଗତ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଦୁଇଟି ପ୍ରମୁଖ ଉପାଦାନ ରହିଛି। ପ୍ରଥମଟି ହେଲା, ରାଜ୍ୟରେ ଥିବା ୭୦ ଲକ୍ଷ ଆର୍ଥିକ ଅନଗ୍ରସର ପରିବାରକୁ ସାମିଲ କରାଯାଇଛି। ପରିବାରର ମହିଳାଙ୍କ ପାଇଁ ବାର୍ଷିକ ୭ ଲକ୍ଷ ଏବଂ ପୁରୁଷଙ୍କ ନିମନ୍ତେ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ଯୋଗାଇ ଦିଆଯିବ। ଏ ବାବଦରେ ୨୯୦ କୋଟି ଟଙ୍କା ବ୍ୟୟ କରାଯିବ। ଦ୍ୱିତୀୟତଃ ଉପକେନ୍ଦ୍ରଠାରୁ ଆରମ୍ଭ କରି ଜିଲାମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଏବଂ ରାଜ୍ୟରେ ରହିଥିବା ସବୁ ସ୍ୱାସ୍ଥ୍ୟାନୁଷ୍ଠାନଗୁଡିକରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ହେବ। ଏଥିରେ କୌଣସି ବ୍ୟକ୍ତିଙ୍କ ଆୟ, ସ୍ଥିତି ଏବଂ ବାସସ୍ଥାନ ବାଧକ ହେବନାହିଁ। ରାଜ୍ୟ ସରକାର ଏ ବାବଦରେ ୭୧୩.୫୨ କୋଟି ଟଙ୍କା ବ୍ୟୟ କରିବେ।

ଯୋଜନା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାବେଳେ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ବାବଦରେ ଉଲ୍ଲେଖ କରିଥିଲେ। ଦେଶରେ ବିଭିନ୍ନ ଜନସ୍ୱାସ୍ଥ୍ୟ ଯୋଜନାର ରୂପାୟନ ନିମନ୍ତେ ଏନ୍‌ଏଚ୍‌ଏମ୍ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି। ଏହା ଆରମ୍ଭ ହେବାଠାରୁ ଦେଶର ବିଭିନ୍ନ ରାଜ୍ୟକୁ ମିଶନ ଅଧୀନ ଯୋଜନାଗୁଡିକୁ ସହାୟତା ଦିଆଯାଉଥିବା ବେଳେ ସେ ବାବଦରେ ଓଡ଼ିଶାକୁ ପ୍ରାୟ ୭୮୫ କୋଟି ଟଙ୍କା ମିଳିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେନ୍ଦ୍ର ସରକାରଙ୍କ ବିନା ସହାୟତାରେ ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରେ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଆଧାର ନ ଥିଲେ ନାମଲେଖା ଲାଗି ଅଗ୍ରାହ୍ୟ କରିପାରିବେନି ସ୍କୁଲ

ନୂଆଦିଲ୍ଲୀ,୫।୯(ପି.ଟି)

ଛାତ୍ରୀଛାତ୍ରଙ୍କର ଯଦି ଆଧାର ନ ଥାଏ ତେବେ ଉକ୍ତ କ୍ଷେତ୍ରରେ କୌଣସି ସ୍କୁଲ ନାମ ଲେଖା ଲାଗି ସେମାନଙ୍କୁ ଅଗ୍ରାହ୍ୟ କରି ପାରିବେ ନାହିଁ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏ ପ୍ରସଙ୍ଗ ନେଇ ସ୍ପଷ୍ଟ କରିଛି। ଯଦି କୌଣସି ସ୍କୁଲ ଏପରି କରୁଥାନ୍ତି ତେବେ ଏହା ଅବୈଧ ବୋଲି ୟୁଆଇଡିଏଆଇ ପ୍ରକାଶ କରିଛି। ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ତଥା ନବୀକରଣ ଲାଗି ସ୍କୁଲରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରିବା ନେଇ ଏହା ଗୁରୁତ୍ୱାରୋପ କରିଛି। ଏଥି ଲାଗି ସ୍କୁଲଗୁଡିକ ସ୍ଥାନୀୟ ବ୍ୟାଙ୍କ, ଡାକଘର, ରାଜ୍ୟ ଶିକ୍ଷା ବିଭାଗ ଏବଂ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ଉପରେ ଏହା ଜୋର ଦେଇଛି। ଆଧାର ନ ଥିବା ଯୋଗୁ କେତେକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନାମଲେଖାରୁ ବଞ୍ଚିତ କରିଥିବା ଭଳି ଘଟଣା ୟୁଆଇଡିଏଆଇ ନଜରକୁ ଆସିଛି। ଏହାକୁ ଧ୍ୟାନରେ ରଖି ୟୁଆଇଡିଏଆଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ସର୍କୁଲାର ଜାରି କରିଛି। ଆଧାର ଲାଗି ଯେଭଳି ଭାବେ କୌଣସି ଛାତ୍ରୀଛାତ୍ର ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେ ଉପର ନଜର ରଖିବାକୁ ସର୍କୁଲାରରେ କୁହାଯାଇଛି। କୌଣସି ସ୍କୁଲ ଯଦି ଏପରି କାର୍ଯ୍ୟରେ ଲିପ୍ତ ଥାନ୍ତି ତେବେ ଏହା ବେଆଇନ୍ ବୋଲି ୟୁଆଇଡିଏଆଇ କହିଛି। ୟୁଆଇଡିଏଆଇର ଏଭଳି ନିଷ୍ପତ୍ତି ଯୋଗୁ ଅଭିଭାବକ ତଥା ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଛାତ୍ରୀଛାତ୍ରଙ୍କୁ ଆଧାର ନମ୍ବର ମିଳି ନ ଥିଲେ କିମ୍ବା ବାୟୋମେଟ୍ରିକ ଅପଡେଟ୍ ହୋଇ ନ ଥିଲେ ଏ କ୍ଷେତ୍ରରେ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରିବାକୁ ୟୁଆଇଡିଏଆଇ ଗୁରୁତ୍ୱାରୋପ କରିଛି।

# ଭଦ୍ରକ ଜେଲରଙ୍କ ନାଁରେ ବଳାତ୍କାର ଅଭିଯୋଗ

■ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

■ ପୂର୍ବରୁ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଥିଲା

ଭଦ୍ରକ ଅଫିସ/ଭୁବନେଶ୍ୱର(ବ୍ୟୁରୋ),୫।୯

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ବିବାହ କରି ପ୍ରତାରଣା କରିବା ଅଭିଯୋଗର ୩ଦିନ ନ ବିତୁଣୁ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି ଭଦ୍ରକ ଜେଲର ଚିନ୍ମୟ ପାତ୍ର। ଏଥର ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ବରଗଡ଼ ଜିଲାର ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ବୁଧବାର ମହିଳା କମିଶନରେ ଅଭିଯୋଗ କରିଛନ୍ତି। ରଙ୍ଗ୍ ନମ୍ବରରୁ କଲ୍ ଜରିଆରେ ଜେଲର ଚିନ୍ମୟଙ୍କ ସହିତ ଉକ୍ତ ମହିଳାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। କିନ୍ତୁ ଚିନ୍ମୟ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ମହିଳା ଜଣକ ବାରମ୍ବାର ବାରଣ କରିବା ସତ୍ତ୍ୱେ ଚିନ୍ମୟ ତାଙ୍କୁ ବଳାତ୍କାର କରିଥିଲେ। ଚିନ୍ମୟ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରି ପ୍ରତାରଣା କରିଥିବା ନେଇ ଗଣମାଧ୍ୟମରୁ ଜାଣିବା ପରେ ତାଙ୍କ ବିରୋଧରେ ଅଭିଯୋଗ କରିବାକୁ ସାହସ ହୋଇଥିଲା ବୋଲି ମହିଳା ଜଣକ କହିଛନ୍ତି। ଅଭିଯୁକ୍ତ ଜେଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପୀଡ଼ିତା ମହିଳା କମିଶନଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ଜେଲର ଚିନ୍ମୟଙ୍କ ବିରୋଧରେ କେନ୍ଦ୍ରାପଡାର ଜଣେ ଯୁବତୀ ଭଦ୍ରକ ଟାଉନ ଥାନାରେ ପ୍ରତାରଣା ଅଭିଯୋଗ କରିଥିଲେ। ସେ ବାଲେଶ୍ୱରରେ ଇଞ୍ଜିନିୟରିଂ ପଢୁଥିବାବେଳେ ତାଙ୍କୁ ଫେସବୁକ୍‌ରେ ଚିନ୍ମୟ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଉଭୟଙ୍କ ମଧ୍ୟରେ ପରିଚୟ ହେବା ପରେ ଚିନ୍ମୟ ତାଙ୍କୁ ମୟୂରଭଞ୍ଜର ଖିଚିଂ ମନ୍ଦିରରେ ୨୦୧୭ରେ ବିବାହ କରିଥିଲେ। ପ୍ରାୟ ୨ ମାସ ଧରି ସେ ଚିନ୍ମୟଙ୍କ ସହିତ ଜେଲ୍ କ୍ୱାର୍ଟର୍ସରେ ରହିଥିଲେ। ମାତ୍ର ଚିନ୍ମୟ ପୂର୍ବରୁ ବିବାହିତ ଥିବା ସେ ଏହି ସମୟରେ ଜାଣିବାକୁ ପାଇଥିଲେ। ଏହା ପରେ ସେ ତାଙ୍କଠାରୁ ଦୂରେଇଯିବାକୁ ଉଦ୍ୟମ କରିଥିଲେ। ଫଳରେ ଚିନ୍ମୟ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବ୍ଲାକମେଲ କରୁଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ଭଦ୍ରକ ଟାଉନ ଥାନାରେ ଏକ ମାମଲା(୨୨୫/୧୮) ରୁଜୁ ହୋଇଛି। ଏ ସମ୍ପର୍କରେ ଜେଲ ଏଡିଜି ବିନୟାନନ୍ଦ ଝା କହିଛନ୍ତି, ଇଞ୍ଜିନିୟରିଂ ଛାତ୍ରୀଙ୍କୁ ନିର୍ଯାତନା ଦେବା ଘଟଣାର ତଦନ୍ତ ସରିଛି। ବର୍ତ୍ତମାନ ତାଙ୍କୁ କଳାହାଣ୍ଡି ଜିଲା ଏମ୍ ରାମପୁର ସବ୍ ଜେଲକୁ ବଦଳି କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୁଣି ବିଶ୍ୱ ରେକର୍ଡ ପାଇଁ ପ୍ରୟାସ

**ଜିନେସ, ଦିନେଶ ରେକର୍ଡ ଭାଙ୍ଗିଲେ ମନୋଜ**

ବ୍ରହ୍ମପୁର ଅଫିସ,୫।୯

ଗଞ୍ଜାମ ଜିଲା ପୋଲସରା ବ୍ଲକ ଭାବରଡା ଗ୍ରାମର ମନୋଜ ମହାରଣା(୨୪) । ପାଟିରେ ଷ୍ଟ୍ର ପୁରାଇ, ଜଳନ୍ତା କ୍ୟାଣ୍ଡଲକୁ ଧରି ରଖିବା ଭଳି କୌଶଳ ପ୍ରଦର୍ଶନ କରି ବିଶ୍ୱ ରେକର୍ଡଧାରୀଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି । ପୂର୍ବରୁ ୨୧ ଜଳନ୍ତା କ୍ୟାଣ୍ଡଲକୁ ପାଟିରେ ପୁରାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ମନୋଜ ପାଟିରେ ୪୫୯ ଷ୍ଟ୍ର ପୁରାଇ ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡରେ ସ୍ଥାନ ପାଇ ସାରିଛନ୍ତି। ଏବେ ପୁଣି ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ ପାଇଁ ତିନୋଟି କୌଶଳ ପ୍ରଦର୍ଶନ କରିଛନ୍ତି । ଅନନ୍ତନଗର ୬ଷ୍ଠ ଲାଇନ୍‌ରେ ବୁଧବାର ମନୋଜ ନିଜ କୌଶଳ ପ୍ରଦର୍ଶନ କରିଥିଲେ। ସେ ପାଟିରେ ୫୩୩ ଷ୍ଟ୍ରକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ନିଜର ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ଏଥିସହ ପାଟିରେ ୪୯୬ ଷ୍ଟ୍ର ରଖି ରେକର୍ଡ ସୃଷ୍ଟି କରିଥିବା ମୁମ୍ବାଇର ଜିନେସ ରିସିଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ସେହିପରି ପାଟିରେ ୪୦ ଜଳନ୍ତା କ୍ୟାଣ୍ଡେଲକୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ମୁମ୍ବାଇର ଦିନେଶ ଶିବନାଥ ଉପାଧ୍ୟାୟଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହା ସହ ଏକ ମିନିଟ ମଧ୍ୟରେ ଟୁଥ ଷ୍ଟିକକୁ ପାଟିରେ ୩୬୦ ଡ୍ରିଗ୍ରୀରେ ୪୨ ଥର ଘୁରାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ତିନୋଟି କଳା ପ୍ରଦର୍ଶନକୁ ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡକୁ ପଠାଇବା ସହ ତିନୋଟିରେ ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡ ପାଇବା ନେଇ ମନୋଜ ସୂଚନା ଦେଇଛନ୍ତି। ଏହି କଳାପ୍ରଦର୍ଶନ ବେଳେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସହ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀ, ବିଡିଏ ସଚିବ ସମ୍ବିତ କୁମାର ରାଉତ, ବାଣିଜ୍ୟକର ବିଭାଗ ସହକାରୀ କମିଶନର ବିଭୁଦତ୍ତ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।




ମନୋଜ ପାଟିରେ ଜଳନ୍ତା କ୍ୟାଣ୍ଡେଲ ରଖିଛନ୍ତି।

ଓଡ଼ିଶା ମୁଖ୍ୟ ବିଭାଗୀୟ କର୍ମଚାରୀଙ୍କ ଆନ୍ଦୋଳନ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୯(ବ୍ୟୁରୋ)

ଓଡିଶା ମୁଖ୍ୟ ବିଭାଗୀୟ ଦପ୍ତରର ସେକ୍ସନ ଅଫିସର୍ ଆସୋସିଏଶନ ଏବଂ ମିନିଷ୍ଟ୍ରିଆଲ ଅଫିସର୍ସ ଆସୋସିଏଶନର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ସେ ବୁଧବାର ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ଉପରୋକ୍ତ ଆସୋସିଏଶନଦ୍ୱୟର ସମସ୍ୟାକୁ ଗୁରୁତର ସହ ଗ୍ରହଣ କରନ୍ତୁ। ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମାଧାନର ରାସ୍ତା କାଢନ୍ତୁ। ଆନ୍ଦୋଳନରତ ଏହି ସରକାରୀ କର୍ମଚାରୀମାନଙ୍କ ପାଇଁ ନୂଆ କ୍ୟାଡର ପୁନର୍ଗଠନ ଦାବିକୁ ମୁଖ୍ୟମନ୍ତ୍ରୀ ୨୦୧୮ ଏପ୍ରିଲ ୧୬ରେ ଅନୁମୋଦନ କରିଛନ୍ତି। ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗ ପ୍ରଶାସନିକସ୍ତରରେ କାର୍ଯ୍ୟକାରୀ କରାଯାଉ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମ୍ମତି ସତ୍ତ୍ୱେ ଜୁନିୟର ଆସିଷ୍ଟାଣ୍ଟ, ସେକ୍ସନ ଅଫିସର୍, ଏଷ୍ଟାବ୍ଲିଶମେଣ୍ଟ ଅଫିସର୍ ଓ ସିନିୟର ଏଷ୍ଟାବ୍ଲିଶମେଣ୍ଟ ଅଫିସର୍ ଭାବେ ମୁଖ୍ୟ ବିଭାଗୀୟ ଦପ୍ତରରେ କାମ କରୁଛନ୍ତି। ଏହି କର୍ମଚାରୀମାନେ ସେମାନଙ୍କ ପଦବୀଗୁଡିକୁ ପୁନର୍ଗଠିତ କରି ଆସିଷ୍ଟାଣ୍ଟ ଆଡମିନଷ୍ଟ୍ରେଟିଭ ଅଫିସର୍ସ, ଜଏଣ୍ଟ ଆଡମିନଷ୍ଟ୍ରେଟିଭ ଅଫିସର୍ସ, ସିନିୟର ଆଡମିନଷ୍ଟ୍ରେଟିଭ ଅଫିସର୍ସ, ଚିଫ୍ ଆଡମିନଷ୍ଟ୍ରେଟିଭ ଅଫିସର୍ସ-୨ ଏବଂ ଚିଫ୍ ଆଡମିନଷ୍ଟ୍ରେଟିଭ ଅଫିସର୍ସ-୧ କରିବାକୁ ଦାବି କରିଛନ୍ତି।

■ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

# ଚଳିତମାସ ଶେଷସୁଦ୍ଧା ୭୦ ପ୍ରତିଶତ ଘରେ ପାଇଖାନା

■ ଦେବଗଡ଼,ଝାରସୁଗୁଡ଼ା ଓଡିଏଫ୍ ଘୋଷିତ

■ ବାଲେଶ୍ୱର, ସମ୍ବଲପୁର, କନ୍ଧମାଳ, ସୁବର୍ଣ୍ଣପୁରକୁ ମିଳିବ ସେହି ମାନ୍ୟତା

ଭୁବନେଶ୍ୱର,୫।୯(ବ୍ୟୁରୋ)

ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ୭୦ ପ୍ରତିଶତ ଘରେ ପାଇଖାନା କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ପାଳନ କରାଯିବ। ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପରିମଳ ସହ ଜଡିତ ସମସ୍ତ ବିଭାଗୀୟ ସଚିବ ଏବଂ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସଚିବାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅନୁଯାୟୀ, ନୂତନ ଭାବେ ଆରମ୍ଭ କରାଯାଇଥିବା 'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା'ରେ ବ୍ଲକ ଏବଂ ପଞ୍ଚାୟତସ୍ତରରେ ମାଇକ୍ରୋ ଭାବେ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯିବ। ପାଇଖାନା ନିର୍ମାଣ ସହ ପରିମଳ ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଅର୍ଦ୍ଧ ନିର୍ମିତ ଏବଂ ଅଚଳ ହୋଇ ପଡିଥିବା ପାଇଖାନାର ପୁନଃନିର୍ମାଣ ପାଇଁ ଲୋକମାନଙ୍କୁ ସଚେତନତା କରାଯିବ। ତେବେ ଏଥିପାଇଁ ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ମିଳିବ କି ନାହିଁ ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଉକ୍ତ ବୈଠକରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଦେବଗଡ଼ ଓ ଝାରସୁଗୁଡ଼ା ବାହ୍ୟ ମଳମୂତ୍ର ତ୍ୟାଗ ଅଞ୍ଚଳ(ଓଡିଏଫ୍) ଘୋଷିତ ହୋଇସାରିଛି। ଆଗାମୀ ଦିନରେ ବାଲେଶ୍ୱର, ସମ୍ବଲପୁର, କନ୍ଧମାଳ ଏବଂ ସୁବର୍ଣ୍ଣପୁର ଓଡିଏଫ୍ ଘୋଷିତ ହେବାକୁ ଯାଉଛି। ବାଲେଶ୍ୱରରେ ଧାର୍ଯ୍ୟ ଲକ୍ଷ୍ୟର ୯୯ ପ୍ରତିଶତ, ସମ୍ବଲପୁର ଏବଂ କନ୍ଧମାଳରେ ୮୯ ପ୍ରତିଶତ ଓ ସୁବର୍ଣ୍ଣପୁରରେ ୮୭ ପ୍ରତିଶତ ପୂରଣ ହୋଇଛି। ଏକ୍ଷେତ୍ରରେ କଳାହାଣ୍ଡି ଜିଲା ୩୬ ପ୍ରତିଶତ ଅଗ୍ରଗତି କରି ପଛରେ ରହିଛି। ଆଜି ପର୍ଯ୍ୟନ୍ତ ଉକ୍ତ ଯୋଜନାରେ ୬୧ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ୬,୮୦,୦୦୦ ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି।



> ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। –ଶ୍ରୀମା



# ବିପଦରେ ସିନ୍ଧୁଘୋଟକ ବଂଶ



ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ମୁଁ ଯେତେବେଳେ ପିଲା ଥିଲି, ସେତେବେଳେ ଭାରତରେ ବହୁତ କମିକ୍ (ହାସ୍ୟରସାତ୍ମକ) ବହି ପଢ଼ିବାକୁ ମିଳୁଥିଲା। ଏହାର ମଝି ଦୁଇପୃଷ୍ଠା ଏବଂ ପଛ ପୃଷ୍ଠାରେ ଆମେରିକାରେ ବିକ୍ରି ହେଉଥିବା ଜିନିଷ ଯଥା ପାର୍ଟି ଟ୍ରିକ୍ସ, ହାଲୋଓ୍ୱିନ୍ କଷ୍ଟ୍ୟୁମ୍ସ ପ୍ରଭୃତିର ବିଜ୍ଞାପନ ରହୁଥିଲା। ଆକ୍ୱାରିୟମ୍ ପାଇଁ ସିହର୍ସ (ସିନ୍ଧୁଘୋଟକ– ସାମୁଦ୍ରିକ ମାଛ ବିଶେଷ)ର ବିଜ୍ଞାପନ ପାଇଁ ସବୁଠାରୁ ଅଧିକ ସ୍ଥାନ ଦିଆଯାଉଥିଲା। ଏକ ଡଲାର ଦେଲେ ୬ଟା ସିନ୍ଧୁଘୋଟକ ମିଳୁଥିଲା। ଏହି ବିଜ୍ଞାପନ ଯୋଗୁ କୋଟି କୋଟି ସିନ୍ଧୁଘୋଟକ ମାଛ ସେମାନଙ୍କ ଜୀବନ ହରାଇଲେ। ଶେଷକୁ ମଣିଷ ବୁଝିଲା ଯେ ଆକ୍ୱାରିୟମ୍ ଭିତରେ ଏମାନେ ବଞ୍ଚିବା ସମ୍ଭବ ନୁହେଁ।

ସେବେଠାରୁ ସମୁଦ୍ରରୁ ନାନା ଭାବରେ ସିନ୍ଧୁଘୋଟକମାନଙ୍କୁ ଧରାଯାଉଛି ଓ ମରାଯାଉଛି, ଯଦିଚ ଏମାନଙ୍କର ସମସ୍ତ ୪୦ଟି ଯାକ ପ୍ରଜାତି ଏବେ ଅତିଶୟ ବିପନ୍ନ ଓ ବିଲୁପ୍ତିର ଦ୍ୱାରଦେଶରେ। ଭାରତରେ ୫ଟି ପ୍ରଜାତିର ସିନ୍ଧୁଘୋଟକ ଦେଖାଯାନ୍ତି– ସ୍ୱାଇନି, ଗ୍ରେଟ୍, ୟେଲୋ, ହେଜ୍‌ହଗ୍ ଏବଂ ଥ୍ରିସ୍ପଟ୍ ସିହର୍ସ। ବ୍ରିଟେନ୍‌ରେ ଦୁଇଟି ଅଛନ୍ତି କିନ୍ତୁ ସେମାନଙ୍କୁ ଗତ ଦୁଇବର୍ଷ ହେଲା ଦେଖିବାକୁ ମିଳିନାହିଁ। ହୁଏତ ସେମାନେ ଲୋପ ପାଇଯାଇ ଥାଇପାରନ୍ତି।

ଏହି ସିନ୍ଧୁଘୋଟକମାନଙ୍କର ବାସ୍ତବରେ ସ୍ୱତନ୍ତ୍ର ଯାଦୁ କଳାଭଳି ଗୁଣ ରହିଛି। ଏମାନେ ହେଉଛନ୍ତି ସାମୁଦ୍ରିକ ମାଛ, ଯାହାଙ୍କ ମୁଣ୍ଡଟା ଛୋଟ ଘୋଡ଼ାର ମୁଣ୍ଡ ପରି ଦେଖିବାକୁ। ଏମାନଙ୍କ ଆକାର ଅଧଇଞ୍ଚରୁ ଆରମ୍ଭ କରି ୧୪ ଇଞ୍ଚ ଭିତରେ। ଏମାନେ ମୁଖ୍ୟତଃ ଗ୍ରୀଷ୍ମମଣ୍ଡଳୀୟ ତଥା ନାତିଶୀତୋଷ୍ଣ ଅଞ୍ଚଳର ସମୁଦ୍ର ଉପକୂଳବର୍ତ୍ତୀ ଜଳରେ ପ୍ରବାଳପ୍ରାଚୀରରେ, ହେନ୍ତାଳବନରେ ବା ସାମୁଦ୍ରିକ ଘାସଶଯ୍ୟାରେ ବାସ କରନ୍ତି। ଏମାନଙ୍କର ବହିଃକଙ୍କାଳ ଥାଏ, ଯାହା ଅନ୍ୟ ମାଛଙ୍କଠାରେ ଦେଖିବାକୁ ମିଳେନା। କିନ୍ତୁ ଏମାନଙ୍କର କାତି ନ ଥାଏ। ସିନ୍ଧୁଘୋଟକଙ୍କର ମଧ୍ୟ ଏକ ବେକ ଓ ତଳମୁହାଁ ଥୋମଣି ଥାଏ। ଏମାନେ ଗାଲିସି ସାହାଯ୍ୟରେ ଶ୍ୱାସକ୍ରିୟା କରନ୍ତି ଏବଂ ତାଙ୍କର ସ୍ୱିମ୍ ବ୍ଲାଡର ଅଛି। ସେମାନଙ୍କର ସାପ ଭଳିଆ ଲମ୍ବା ଲାଞ୍ଜ ଅଛି। ଏହା ସେମାନଙ୍କୁ ସାମୁଦ୍ରିକ ଘାସ ବା ପ୍ରବାଳକୁ ଜାବୁଡ଼ି ଧରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ସାମୁଦ୍ରିକ ସ୍ରୋତ ସେମାନଙ୍କୁ ଭସାଇ ନେଇପାରେନା। ଏମାନେ ଅଗଭୀର ଦଳୁଆ ଅଞ୍ଚଳରେ ବାସ କରନ୍ତି। ଶୀତଦିନେ ପାଣିର ବେଶି ଗଭୀରକୁ ଏମାନେ ଚାଲିଯାନ୍ତି।

ସିନ୍ଧୁଘୋଟକମାନେ ଭଲ ପହଁରିପାରନ୍ତି ନାହିଁ। ପିଠିରେ ଥିବା ଛୋଟ ଡେଣା ସାହାଯ୍ୟରେ ସେମାନେ ପହଁରନ୍ତି। ଏହି ଡେଣା ସେମାନଙ୍କ ପିଠିରେ ମୁଣ୍ଡ ପଛପଟକୁ ଥାଏ। ନିକଟରେ ଥିବା ଗଛର ରଙ୍ଗ ଅନୁସାରେ ସେମାନେ ରଙ୍ଗ ବଦଳାଇ ଶିକାରୀମାନଙ୍କଠାରୁ ବଞ୍ଚନ୍ତି ଏବଂ ସେମାନେ ଖୁବ୍ ଶୀଘ୍ର ରଙ୍ଗ ବଦଳାଇପାରନ୍ତି। ଚିଙ୍ଗୁଡ଼ି ପରି କ୍ଷୁଦ୍ର ସନ୍ଧିପଦ ହେଉଛନ୍ତି ସେମାନଙ୍କ ଖାଦ୍ୟ। ସେମାନଙ୍କର ଦାନ୍ତ ନାହିଁ କି ପାକସ୍ଥଳି ନାହିଁ। ତେଣୁ ଖାଦ୍ୟ ସେମାନଙ୍କ ପାକଯନ୍ତ୍ରରେ ପଶି ଶୀଘ୍ର ବାହାରିଯାଏ, ଯେଉଁଥିପାଇଁ ବଞ୍ଚିରହିବା ଲାଗି ସେମାନଙ୍କୁ ଅହରହ ଖାଇବାକୁ ପଡ଼ିଥାଏ। ସେମାନେ ଦିନକୁ ୩୦୦୦ ବା ତଦୂର୍ଦ୍ଧ୍ୱ ଲୁଣିଜଳ ଚିଙ୍ଗୁଡ଼ି ଖାଇଥାନ୍ତି। ସେମାନଙ୍କ ଆଖି ଦୁଇଟା ସ୍ୱତନ୍ତ୍ର। ଦୁଇଟା ଆଖି ସ୍ୱାଧୀନ ଭାବେ କାମ କରନ୍ତି। ଅର୍ଥାତ୍ ସେମାନେ ଗୋଟିଏ ଆଖିରେ ଆଗକୁ ଦେଖିଲେ ଆଉ ଗୋଟାଏ ଆଖିରେ ପଛକୁ ଦେଖିପାରନ୍ତି। ଏଣୁ ଶିକାର କରିବାକୁ ଏବଂ ଶିକାରୀଙ୍କଠାରୁ ଖସିବାକୁ ସୁବିଧା ହୁଏ।

ସିନ୍ଧୁଘୋଟକମାନେ ଜୀବନ ସାରା ଗୋଟିଏ ଜୀବନସାଥୀ ସହ ଏକାଠି ରହନ୍ତି। ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ପରସ୍ପରକୁ ଦେଖା କରନ୍ତି। ଯେତେବେଳେ ସେମାନେ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି, ସେତେବେଳେ ନିଜର ରଙ୍ଗ ବଦଳାନ୍ତି। ଅଣ୍ଡିରାଟି ମାଈର ଚାରିପଟେ ବେଢ଼େଇ ହୋଇଯାଏ। ତା'ପରେ ମାଈଟି ତା' ଜାଗାକୁ ଚାଲିଯାଏ। ଅଣ୍ଡିରା ସିନ୍ଧୁଘୋଟକ ହିଁ ଗର୍ଭଧାରଣ କରେ। ମାଈଟି ତା'ର ଡିମ୍ବକୁ ଅଣ୍ଡିରାକୁ ଦେଇଦିଏ। ଅଣ୍ଡିରା ତାହାକୁ ନିଜର ଥଳି ଭିତରେ ନିଷିକ୍ତ କରେ। ଡିମ୍ବ ସଂଖ୍ୟା ଛୋଟ ପ୍ରାଣୀ କ୍ଷେତ୍ରରେ ୫୦ରୁ ୧୫୦ ଏବଂ ବଡ଼ ପ୍ରଜାତି କ୍ଷେତ୍ରରେ ୧୫୦୦ ପର୍ଯ୍ୟନ୍ତ ହୋଇଥାଏ। ୧୪ରୁ ୨୮ ଦିନ ଭିତରେ ଥଳି ଭିତରେ ଛୁଆ ଜନ୍ମ ହୁଅନ୍ତି। ଡିମ୍ବରୁ ଛୁଆ ଜନ୍ମ କରିବା ଏକ ଲମ୍ବା ପ୍ରକ୍ରିୟା ଯେଉଁଥିପାଇଁ ୧୨ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗେ। ଛୁଆ ସିନ୍ଧୁଘୋଟକମାନେ ଜନ୍ମ ପରେ ପରେ ନିଜେ ନିଜର ଦାୟିତ୍ୱ ନିଅନ୍ତି। ସେମାନେ ଶାବକ ଥଳିରୁ ୪୫ ଦିନରେ ବାହାରନ୍ତି। ସେମାନେ ଲାଞ୍ଜ ସାହାଯ୍ୟରେ ପରସ୍ପର ସହ ଲଗାଲଗି ହୋଇ ଛୋଟ ଛୋଟ ଦଳରେ ଭାସନ୍ତି। ଜନ୍ମ ହେବା ପରେ ପରେ ସେମାନଙ୍କୁ ଖାଦ୍ୟ ଦରକାର, ପୁଣି ଶିକାରୀଙ୍କଠାରୁ ବର୍ତ୍ତିବା ବି ଦରକାର। ପ୍ରଥମ ଦୁଇରୁ ତିନି ସପ୍ତାହ ସେମାନେ ସମୁଦ୍ରର ପ୍ଲାଙ୍କଟନ ସ୍ତର ଉପରେ ଭାସନ୍ତି। ଶିକାରୀ ପ୍ରାଣୀଙ୍କ ପ୍ରାଦୁର୍ଭାବ ଯୋଗୁ ହଜାରକେ ମାତ୍ର ଗୋଟାଏ ବା ତା'ଠାରୁ କମ୍ ବଞ୍ଚିରହି ବଡ଼ ହୋଇପାରନ୍ତି।

ଆପଣ କେବେ ସିନ୍ଧୁଘୋଟକ ଦେଖିଛନ୍ତି କି? ଦେଖି ନ ଥିବେ। ଆଉ ୨୦ ବର୍ଷ ଭିତରେ ସେମାନେ ସମ୍ପୂର୍ଣ୍ଣ ଲୋପ ପାଇଯିବାର ସମ୍ଭାବନା ରହିଛି। ୮ଟି ପ୍ରଜାତି ଅତିମାତ୍ରାରେ ସଙ୍କଟାପନ୍ନ। ଦକ୍ଷିଣ ଆଫ୍ରିକାର କେପ୍ ସିହର୍ସ ଜଳପ୍ରଦୂଷଣ ଯୋଗୁ ଆଉ ଦୁଇବର୍ଷ ଭିତରେ ଲୋପ ପାଇଯିବେ। ଭାରତର ହେଜ୍‌ହଗ୍ ଓ ଫ୍ଲାଟ୍‌ଫେସ୍‌ଡ ସିହର୍ସ ଆଉ ପାଞ୍ଚବର୍ଷ ଭିତରେ ଲୋପ ପାଇଯାଇପାରନ୍ତି। ଉପକୂଳ ଉନ୍ନୟନ, ସାମୁଦ୍ରିକ ପ୍ରଦୂଷଣ, ପ୍ରବାଳପ୍ରାଚୀର ଧ୍ୱଂସ ଏବଂ ଉପକୂଳ ଅଞ୍ଚଳରେ ଜଙ୍ଗଲ ଧ୍ୱଂସ ଯୋଗୁ ସେମାନଙ୍କ ପରିସ୍ଥାନର ଅବନତି ଓ ଧ୍ୱଂସ ଘଟିଚାଲିଛି। ଜଙ୍ଗଲ ଧ୍ୱଂସ ଯୋଗୁ ପଟୁମାଟି ବୋହିଯାଇ ସମୁଦ୍ରରେ ମିଶୁଛି। ତାହା ସାମୁଦ୍ରିକ ଘାସଶଯ୍ୟାକୁ ଅଣନିଃଶ୍ୱାସୀ କରିବା ସହ ପ୍ରବାଳପ୍ରାଚୀରକୁ ନଷ୍ଟ କରୁଛି। ଏସବୁ ଛଡ଼ା ସିନ୍ଧୁଘୋଟକ ବଂଶ ଧ୍ୱଂସ ପାଇବାର ଏକ ପ୍ରମୁଖ କାରଣ ହେଉଛି ବାଣିଜ୍ୟିକ କାରଣ। ନିରର୍ଥକ ଦେଶୀ ଔଷଧ ନାଁରେ ଚାଇନା ବର୍ଷକୁ ୧୫୦ ନିୟୁତ ସିନ୍ଧୁଘୋଟକଙ୍କୁ ମାରୁଛି। ବୋଟକ୍ସର ବିକଳ୍ପ ଭାବେ ଚୀନୀ ମହିଳା ମୁହଁରେ ଯେଉଁ କୋଲାଜେନ ଲଗାନ୍ତି, ତାହା ସିନ୍ଧୁଘୋଟକଙ୍କଠାରୁ ତିଆରି ହୁଏ।

କ୍ୟୁରିଓ ଟ୍ରେଡ୍ (ଉଦ୍ଭଟ ବେପାର) ପାଇଁ ପ୍ରାୟ ୧୦ ନିୟୁତ ସିନ୍ଧୁଘୋଟକଙ୍କୁ ସମୁଦ୍ରରୁ ମରାଯାଉଛି। ଶାମୁକା ଓ ତାରାମାଛ ସହ ସେମାନଙ୍କୁ ଖରାରେ ଶୁଖାଇ ମାରି ସ୍ମାରକୀ ଜିନିଷ ଓ ଗହଣା ଭାବେ ବିକ୍ରି କରାଯାଉଛି। ଶୁଖିଲା ସିନ୍ଧୁଘୋଟକଙ୍କୁ କିଲୋ ପିଛା ୬୦୦ରୁ ୩୦୦୦ ଡଲାରରେ ବିକ୍ରି କରାଯାଏ। ବ୍ରିଟେନରେ ସିନ୍ଧୁଘୋଟକଙ୍କୁ ଧରିବା କି ମାରିବା ବେଆଇନ ହୋଇଥିବାରୁ ଏମାନଙ୍କୁ ବାହାରୁ ବିଶେଷତଃ ପୂର୍ବ ଏସିଆରୁ ଆମଦାନି କରାଯାଉଛି। ଆକ୍ୱାରିୟମ୍ ବ୍ୟବସାୟ ପାଇଁ ବର୍ଷକୁ ପ୍ରାୟ ୧୦ ନିୟୁତ ସିନ୍ଧୁଘୋଟକ ଧରାଯାଉଛି। କିନ୍ତୁ କୌଣସି ଆକ୍ୱାରିୟମ୍‌ରେ ଏମାନେ ଦୁଇ ସପ୍ତାହରୁ ଅଧିକ ବଞ୍ଚନ୍ତି ନାହିଁ। ମହାରାଷ୍ଟ୍ରରେ ଲାଇସେନ୍ସ ନ ଥିବା ଆକ୍ୱାରିୟମ୍ ଦୋକାନରେ ଏମାନଙ୍କୁ ଖୋଲାଖୋଲି ବିକ୍ରି କରାଯାଉଛି।

ସିନ୍ଧୁଘୋଟକମାନଙ୍କ ବଂଶ ଲୋପ ପାଇବାର ଆଉ ଏକ ବଡ଼ କାରଣ ହେଉଛି ମାଛଧରା ଟ୍ରଲର। ଫ୍ଲୋରିଡ଼ା, ମେକ୍ସିକୋ, କେନ୍ଦ୍ରୀୟ ଆମେରିକା ଓ ଦକ୍ଷିଣ ଆମେରିକାରେ ଚିଙ୍ଗୁଡ଼ି ଧରା ଟ୍ରଲରରେ ଚିଙ୍ଗୁଡ଼ି ସହ ସିନ୍ଧୁଘୋଟକମାନେ ଧରାପଡ଼ିଥାନ୍ତି। ଭାରତରେ କେବଳ ତାମିଲନାଡୁରେ ପ୍ରତିଦିନ ଅସଂଖ୍ୟ ସିନ୍ଧୁଘୋଟକଙ୍କୁ ମରାଯାଉଛି। ମତ୍ସ୍ୟଜୀବୀମାନେ ମାଛ ସହ ସିନ୍ଧୁଘୋଟକଙ୍କୁ ଧରନ୍ତି। ମାଛମାନଙ୍କୁ ସେମାନେ ମାଛବେପାରୀଙ୍କୁ ବିକ୍ରି କଲାବେଳେ ମରିଯାଇଥିବା ସିନ୍ଧୁଘୋଟକଙ୍କୁ କୁକୁଡ଼ା ଓ ମାଛଙ୍କ ଖାଦ୍ୟ ଭାବରେ କୁକୁଡ଼ା ଫାର୍ମ ଓ ଆକ୍ୱାରିୟମ୍ ଶିଳ୍ପକୁ ନାମକୁ ମାତ୍ର ମୂଲ୍ୟରେ ବିକ୍ରି କରନ୍ତି। ଟ୍ରଲରରେ ଏମାନେ କ'ଣ ଧରନ୍ତି, ତା'ର ରେକର୍ଡ ବା ଜ୍ଞାନ ରାଜ୍ୟ ମତ୍ସ୍ୟ ବିଭାଗ ପାଖରେ ନାହିଁ। ଭାରତରୁ ମଧ୍ୟ ସିନ୍ଧୁଘୋଟକଙ୍କ ବେଆଇନ ଚାଲାଣ କରାଯାଉଛି, ଯାହା ପ୍ରୋଜେକ୍ଟ ସିହର୍ସ ପକ୍ଷରୁ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ବର୍ଷକୁ ଭାରତରୁ ପ୍ରାୟ ୪ ନିୟୁତ ସିନ୍ଧୁଘୋଟକଙ୍କୁ ଚାଲାଣ କରାଯାଉଛି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁସାରେ ବେଆଇନ। ସିନ୍ଧୁଘୋଟକ ପ୍ରକୃତିର ଏକ ଅଦ୍ଭୁତ ଜୀବ। ଆମେ ସମସ୍ତେ ଏମାନଙ୍କ ବଂଶରକ୍ଷା ପାଇଁ ଯତ୍ନଶୀଳ ହେବା ଆବଶ୍ୟକ।

Email: gandhim@nic.in

## ଏଇ ଭାରତରେ

ଦେବଦେବୀଙ୍କୁ ଖୁସି କରିବା ଲାଗି ସେମାନଙ୍କ ମନପସନ୍ଦର ଫୁଲଫଳାଦି ଅର୍ପଣ କରିଥାନ୍ତି ଭାରତୀୟ ଭକ୍ତ। ଦେଶବ୍ୟାପୀ ମନ୍ଦିରଗୁଡ଼ିକରେ ପ୍ରତିଦିନ ବିପୁଳ ମାତ୍ରାରେ ଫୁଲ, ଫଳ, ପତ୍ର ଆଦି ସାମଗ୍ରୀ ସହ ପୂଜାର୍ଚ୍ଚନା କରାଯାଏ। ପରଦିନ ସକାଳୁ କୁଢ଼କୁଢ଼ ଆବର୍ଜନା ମନ୍ଦିରରୁ ବାହାରିଥାଏ। ତେବେ ଏହି ଜୈବ ଆବର୍ଜନାର ଶେଷ ପରିଣତି କ'ଣ ହୁଏ, ତାହା ଜାଣିବା ଲାଗି ଉତ୍ସୁକ ହୋଇପଡ଼ିଥିଲେ ଗୁଜରାଟର ଦୁଇ ଛାତ୍ର। ସେମାନଙ୍କ ଉତ୍ସୁକତା ଆଜି ଏକ ନୂଆ ଉଦ୍ଭାବନକୁ ଜନ୍ମ ଦେଇଛି। ମନ୍ଦିରରୁ ନିର୍ଗତ ଜୈବ ଆବର୍ଜନାର ସୁବିନିଯୋଗ କରିବା ଲାଗି ଏକ ମେଶିନ ତିଆରି କରିଛନ୍ତି ଗୁଜରାଟର ଦୁଇ ଇଞ୍ଜିନିୟରିଂ ଛାତ୍ର। ଅହମଦାବାଦର ଓକ୍ ଇଞ୍ଜିନିୟରିଂ କଲେଜର ଦୁଇ ଛାତ୍ର ୟଶ୍ ଭଟ୍ଟ ଏବଂ ଅର୍ଜୁନ ଠକ୍କର ଏଭଳି ଏକ ମେଶିନ ନିର୍ମାଣ କରିଛନ୍ତି ଯାହା ମନ୍ଦିରରୁ ବାହାରୁଥିବା ଆବର୍ଜନାକୁ ଜୈବ ଖତରେ ପରିଣତ କରିଥାଏ। ଏଥିଲାଗି ସେମାନେ ଅହମଦାବାଦ ନଗର ନିଗମ ସହ ହାତ ମିଶାଇଛନ୍ତି। ପ୍ରତିଦିନ ସହରର ମନ୍ଦିରଗୁଡ଼ିକରୁ ୩୦୦ କିଲୋ ଓଜନର ଅଳିଆ ବାହାରିଥାଏ। ନଗର ନିଗମ ଦ୍ୱାରା ସଂଗୃହୀତ ସେହି ଅଳିଆକୁ ୟଶ୍ ଏବଂ ଅର୍ଜୁନ ନିଜ ଉଦ୍ଭାବିତ ମେଶିନ ଜରିଆରେ ୧୦୦ କିଲୋ ଜୈବ ଖତ ପ୍ରସ୍ତୁତ କରିଥାନ୍ତି। ଏହି ସାରକୁ ସେମାନେ କିଲୋ ପିଛା ୬୦ଟଙ୍କାରେ ବିକ୍ରି କରିଥାନ୍ତି। ଜିଟିୟୁ ଇନୋଭେଶନ କାଉନ୍‌ସିଲ ପକ୍ଷରୁ ମେଶିନ ପାଇଁ ତାଙ୍କୁ ୯୫ ହଜାର ଟଙ୍କା ଅନୁଦାନ ମିଳିଥିଲା। ଏହାପରେ ଉଭୟେ କାମରେ ଲାଗି ପଡ଼ିଥିଲେ। ପାଠପଢ଼ା କେବଳ ସ୍କୁଲ–କଲେଜରେ ସୀମିତ ନ ରହି ସମାଜ କଲ୍ୟାଣ ଦିଗରେ ଉପଯୋଗୀ ହେବା ଉଚିତ। ଏହି କଥନକୁ ଆଜି ସତ୍ୟ ପ୍ରମାଣିତ କରିଛନ୍ତି ୟଶ୍ ଏବଂ ଅର୍ଜୁନ।

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
ଦେଖରେ ଦେଖ କଜଳ ଘନ,
କ୍ଲାନ୍ତ କବି ନୟନେ ହସି
ନିରାଶେ ପଥେ ରହିଛି ବସି।
(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 1 | 9 | | 2 | | D | | | | | | | |
| | | D | B | | | 6 | | | A | | 0 | 2 | | |
| | C | | | | | | | 5 | 1 | | | 0 | D | 9 |
| | | 6 | D | | | 7 | | C | | | | | | |
| | 7 | B | | 5 | | | | 4 | | | 9 | | | |
| | | 4 | | | | 9 | 8 | | 2 | | | | | |
| 6 | 0 | | 4 | | 7 | | | | | | B | | 2 | 8 |
| E | | | | | D | | | | | C | | | 9 | |
| 7 | 5 | | | 0 | | 4 | B | E | 9 | | | 3 | | |
| | | 8 | | | B | | | | | A | 7 | E | | C |
| A | | E | | | | | 5 | | | 1 | | | | D |
| C | 9 | | | 1 | 8 | D | | | 3 | | 4 | | | |
| 1 | | | | | | | | 6 | | 0 | | 8 | E | |
| | 8 | 7 | | | | | | 3 | | 6 | | A | 1 | |
| | | 3 | | D | | | E | | | | | 6 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 0 | C | E | 6 | 1 | 3 | 4 | 2 | 5 | A | 7 | D | 8 |
| D | 6 | 3 | 9 | 1 | 2 | 8 | 0 | C | 7 | 4 | E | B | A | 5 |
| A | 4 | E | 7 | 5 | 8 | 6 | 9 | D | 3 | B | 1 | 2 | 0 | C |
| 7 | 2 | 1 | A | 0 | D | B | E | 5 | 8 | 9 | C | 3 | 4 | 6 |
| 5 | C | 8 | B | 3 | 4 | 7 | 2 | A | 6 | 0 | D | E | 1 | 9 |
| 6 | 1 | D | 3 | A | 0 | E | B | 9 | C | 7 | 2 | 5 | 8 | 4 |
| 0 | 9 | C | D | B | E | 4 | 8 | 6 | 1 | 3 | 5 | A | 2 | 7 |
| E | 8 | B | 2 | 4 | 7 | 5 | C | 3 | 9 | A | 0 | 1 | 6 | D |
| 4 | 5 | A | 8 | 6 | 9 | 2 | 7 | 1 | D | E | B | 0 | C | 3 |
| 2 | 3 | 7 | 1 | C | 5 | D | A | 0 | 4 | 6 | 8 | 9 | E | B |
| 3 | A | 4 | E | 9 | 1 | 0 | D | 7 | B | C | 6 | 8 | 5 | 2 |
| C | D | 2 | 6 | 8 | A | 9 | 5 | B | 0 | 1 | 7 | 4 | 3 | E |
| 8 | 7 | 5 | 4 | 2 | B | C | 1 | E | A | D | 3 | 6 | 9 | 0 |
| B | 0 | 6 | 5 | D | 3 | A | 4 | 8 | E | 2 | 9 | C | 7 | 1 |
| 1 | E | 9 | 0 | 7 | C | 3 | 6 | 2 | 5 | 8 | 4 | D | B | A |

ଗତକାଲିର ଉତ୍ତର

# ସହରୀ ଡ୍ରେନେଜ୍ : ଭଗବାନ ଭରସା



**ଡ. ସୁବାସ ଚନ୍ଦ୍ର ପାତ୍ର**

ପ୍ରଖ୍ୟାତ କଥାଶିଳ୍ପୀ ଆର୍.କେ. ନାରାୟଣ ତାଙ୍କର ଏକ ନିବନ୍ଧରେ ପୌରପାଳିକା ଓ ସଫେଇ ପ୍ରସଙ୍ଗ ଲେଖିଥିଲେ ହାସ୍ୟରସାତ୍ମକ ଢଙ୍ଗରେ। ସେ ଲେଖିଥିଲେ ତାଙ୍କ କଳ୍ପିତ ସହର ମାଲଗୁଡ଼ିରେ ଲୋକେ ପୌରପାଳିକାର ଅସ୍ତିତ୍ୱ ଅନୁଭବ କରନ୍ତି ନାହିଁ, ଯେହେତୁ ତାହା ପ୍ରକୃତି ଉପରେ ନ୍ୟସ୍ତ। ଜୋର ବତାସରେ ଶୁଖିଲା ପତ୍ର, ଟୁକୁରା କାଗଜ ଉଡ଼ିଯାଉଥିବା ବେଳେ, ଜୋର ବର୍ଷାରେ ନାଳନର୍ଦ୍ଦମା ସଫା ହୋଇଯାଏ, ତେଣୁ ସହରବାସୀ ଏହି ଦୁଇ ପ୍ରାକୃତିକ ଶକ୍ତିକୁ ଅପେକ୍ଷା କରିଥାନ୍ତି କାରଣ ଯାହା ବି ପ୍ରକୃତି କରେ ବେଶ୍ ଦକ୍ଷତାର ସହ କରେ ଲୋକଙ୍କୁ ସୁହାଇଲା ଭଳି।

ଏବେ ପରିସ୍ଥିତି ଅଲଗା। ଓଡ଼ିଶାର ସହରରେ ରହୁଥିବା ଲୋକଙ୍କ ଏ ଦୁଇଶକ୍ତିକୁ ଭାରି ଡର। ଜୋର ପବନ ହେଲେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବ, ରାସ୍ତା ଅବରୋଧ ହେବ, ବିଜୁଳି ଚାଲିଯିବ। ଆଉ ବର୍ଷା ହେଲେ ତ କଥା ସରିଲା। ସହରରେ ନଦୀମାନଙ୍କର ଅଭ୍ୟୁଦୟ ଘଟିବ, ସେଥିରେ ବନ୍ୟା ଆସିବ, କାର୍ ଆଉ ସାନପିଲା ଭାସିଯିବେ। ତେଣୁ ଓଡ଼ିଶାବାସୀ ଚାହାନ୍ତି ପବନ ହେଉ ବା ନ ହେଉ, ଜୋର ବର୍ଷା ନ ହେଉ। ତେବେ ବର୍ଷା ଭଳି ଏକ ସୁନ୍ଦର, ଉପଯୋଗୀ ପ୍ରାକୃତିକ କ୍ରିୟା ଯାହାକୁ ନେଇ କେତେ କବିତା, ଗୀତ, କେତେ କାହାଣୀ, ତାକୁ ଖଳନାୟକ କଲା କିଏ?

ସହରଗୁଡ଼ିକର ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଟିକେ ଆଖି ପକାଯାଉ। ଓଡ଼ିଶାର ଛୋଟବଡ଼ ସହରରେ ନିର୍ମିତ ହେଉଥିବା ନାଳଗୁଡ଼ିକର ନିର୍ମାଣ ଦେଖିଲେ କେବଳ ଭଗବାନ ଭରସା ବୋଲି ଭାବିବାକୁ ମଣିଷ ବାଧ୍ୟ ହୁଏ। ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ବିଭାଗ ଏ କାମ କରେ ନାହିଁ। ପୌରପାଳିକା ବା ପୂର୍ତ୍ତବିଭାଗ ପକ୍ଷରୁ ନିୟୋଜିତ ଅଣକୁଶଳୀ ଠିକାଦାରମାନେ କାମଟି କରନ୍ତି। କେଉଁ କାମ ଆଗ, କେଉଁ କାମ ପଛ ତାହାର ହିସାବ ନ ଥାଏ। କେତେବେଳେ ରାସ୍ତା ଆଗେ ହୁଏ ତ ଡ୍ରେନ ପଛେ, କେତେବେଳେ ଡ୍ରେନ ଆଗେ ତ ରାସ୍ତା ପଛେ। କାହାରି ସହିତ କାହାରି ସମନ୍ୱୟ ନ ଥାଏ। ଯାହା ବି ହୁଏ, ହଠାତ୍ ଅମୃତ ଯୋଜନା ବା ଆଉ କିଛି ଯୋଜନାରେ ଜନସ୍ୱାସ୍ଥ୍ୟ ବିଭାଗ ଆସି ତାଡ଼ିତୁଡ଼ି ପାଇପ୍ ପକାଇ ସବୁକିଛି ନଷ୍ଟ କରି ଚାଲିଯାନ୍ତି। ଯେହେତୁ କାହାରି ସହିତ କାହାରି ସମନ୍ୱୟ ନ ଥାଏ, ରାସ୍ତା ପାଖ ଡ୍ରେନ୍‌ର କାନ୍ଥ ଅନେକ ସ୍ଥାନରେ ଉଚ୍ଚ ହୋଇ ରହିଥାଏ, ଯାହାଫଳରେ ବର୍ଷାପାଣି ରାସ୍ତା ଉପରେ ବହି ବହୁଦୂର ପଥ ଅତିକ୍ରମ କରି ସୌଭାଗ୍ୟକ୍ରମେ ହୁଏତ କେଉଁଠି ପ୍ରସ୍ଥାନର ପଥଟିଏ ପାଏ। ଭୁଲ୍ ସୁଧାରିବା ପାଇଁ କାଁ ଭାଁ କେଉଁଠି ଛୋଟ ବିଳଟି କରାଯାଇଥାଏ। ତାହା ଧୂଳିମାଟିରେ ଭରିଯାଇଥାଏ ଯେଉଁଥିପାଇଁ ବର୍ଷାପାଣିକୁ ଏତେ କସରତ କରିବାକୁ ପଡ଼େ। ରାସ୍ତା ଉପରେ ପାଣି ବହି ବହି ରାସ୍ତାର କଙ୍କାଳ ଦେଖାଯାଏ, ଅଥଚ ଡ୍ରେନ୍‌ର କାନ୍ଥ ରାସ୍ତାଠୁ କାହିଁକି ଉଚ୍ଚ ହୁଏ, ତା'ର ଉତ୍ତର କେହି ଦିଅନ୍ତି ନାହିଁ।

ଯୌତୁକ ପ୍ରସଙ୍ଗରେ ନାରୀ ହିଁ ନାରୀର ବଡ଼ ଶତ୍ରୁ ପରି ନାଳ ପ୍ରସଙ୍ଗରେ ନାଗରିକମାନେ ହିଁ ନାଗରିକ ସମାଜର ବଡ଼ ଶତ୍ରୁ ପାଲଟନ୍ତି। ଯେଉଁଠି ବି ନାଳ ଠିକ୍‌ଠାକ୍ ଥାଏ ତା' ଉପରେ ପାର୍ଶ୍ୱବର୍ତ୍ତୀ ଦୋକାନୀ ବା ଘର ମାଲିକମାନେ କଂକ୍ରିଟ ସ୍ଲାବ୍ ପକାଇଦିଅନ୍ତି ନିବୁଜ କରି, ରାସ୍ତାରୁ ପାଣି ବହିଯିବା ପାଇଁ ଗର୍ତ୍ତ ବା ଫୁଙ୍କାର ଛାଡ଼ନ୍ତି ନାହିଁ। ଯେହେତୁ ନାଳ ନିର୍ମାଣ ପଛରେ କିଛି ବିଜ୍ଞାନ ନ ଥାଏ, ଅନେକ ସମୟରେ ନାଳର କ୍ରମନିମ୍ନତା କେହି ତଦାରଖ କରନ୍ତି ନାହିଁ। ମୋଟାମୋଟି ପାଣି ଚାଲିଗଲେ ହେଲା, ଯେଉଁଥିପାଇଁ ବର୍ଷଯାକ କିଛି କଳା, ମଇଳା ପାଣି ନର୍ଦ୍ଦମାରେ ଜମିରହେ ଯାହା ମଶାଙ୍କୁ ମାଗଣାରେ ବାସଭୂମି ଯୋଗାଏ।

ବର୍ଷାଜଳ ଅମଳ ଯେହେତୁ କାଗଜ କଲମରେ ରହିଛି, ଲୋକେ ବର୍ଷାଜଳ ଅମଳ କରନ୍ତି ନାହିଁ ବା ତାକୁ ଗୋଟିଏ ନାଳରେ ସଂଗ୍ରହ କରି ସରକାରୀ ନାଳରେ ଛାଡ଼ି ଦିଅନ୍ତି ନାହିଁ। ଘରର ତଥା ଛାତର ପାଣି ସିଧାସଳଖ ଗେଟ୍ ଡେଇଁ ରାସ୍ତା ଉପରକୁ ଆସେ, କାରଣ ଗେଟ୍ ଆଗରେ ସ୍ଲାବ୍ ପଡ଼ିଥାଏ ଏବଂ ପାଣି ନାଳକୁ ଯାଇପାରେ ନାହିଁ। ସମସ୍ତଙ୍କ ଘରୁ ଏମିତି ପାଣି ବହିଆସି ରାସ୍ତାକୁ ଡ୍ରେନ୍‌ରେ ପରିଣତ କରେ, ରାସ୍ତା ହୋଇଯାଏ ଜଳମୟ।

ଏବେ ସହରଗୁଡ଼ିକରେ ଘରମାଲିକ ଓ ସରକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉଚ୍ଚତାର ପ୍ରତିଯୋଗିତା ଚାଲିଛି। ଘରେ ପାଣି ପଶିବା ଦେଖି ଏବଂ ରାସ୍ତାର କ୍ରମାଗତ ଉଚ୍ଚତା ବଢ଼ିବା ଦେଖି ଲୋକେ ଘରର ଚଟାଣ ଉଚ୍ଚ କରୁଛନ୍ତି। ଏଣେ ସହରରେ ଜାଗା କମ୍। ଉଚ୍ଚକୁ ଚଢ଼ିବା ପାଇଁ ଯେତିକି ପାହାଚ ଦରକାର ତାହା ନିଜ ଡିହରେ ନିର୍ମାଣ ସମ୍ଭବ ନୁହେଁ, ତେଣୁ କିଛି ପାହାଚ ନାଳ ଉପରେ ଓ କିଛି ନିଜ ଜାଗାରେ ନିର୍ମାଣ ହୁଏ। ତାହା ନାଳ ସଫେଇରେ ଅନ୍ତରାୟ ସୃଷ୍ଟିକରେ। ଏ ପ୍ରକାର ପ୍ରତିଯୋଗିତା ଖାଲି ପାହାଡ଼ ଧ୍ୱଂସ କରିବାରେ ସହାୟକ ହେଉଛି। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ପଡ଼ୋଶୀ ପଶ୍ଚିମବଙ୍ଗରେ ରାସ୍ତା ମରାମତିରୁ ଉଦ୍‌ବୃତ୍ତ କଂକ୍ରିଟ୍ ବା ପିଚୁଫଡ଼ାକୁ ମେଶିନରେ ପୂର୍ବାବସ୍ଥାକୁ ଫେରାଇ ଆଣି ପୁନଃବ୍ୟବହାର କରାଯାଉଥିଲାବେଳେ ଓଡ଼ିଶାରେ ସେସବୁକୁ ରାସ୍ତା କଡ଼କୁ ଫିଙ୍ଗି ଦିଆଯାଏ।

ଜଳ ନିଷ୍କାସନ ବ୍ୟବସ୍ଥା ନ ଥାଇ ରାସ୍ତାକୁ ହିମାଳୟ ପରି ଉଚ୍ଚା କଲେ ବି ତାହା ବୁଡ଼ିଯିବ। ବିଦେଶରେ ରାସ୍ତା ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ରହେ। ମରାମତି ବା ପୁନଃନିର୍ମାଣ ବେଳେ ରାସ୍ତାକୁ ଖୋଳି କାମ କରାଯାଏ। ଏଠି ରାସ୍ତା ନିର୍ମାଣରେ ଖାଲି ଥାକ ଉପରେ ଥାକ ଏବଂ ଲୋକେ ଲିଣ୍ଟେଲ ଭାଙ୍ଗି ଚଟାଣ ଉଚ୍ଚ କରିବାରେ ମଗ୍ନ। ଆଗେ ରାସ୍ତାକଡ଼ରେ କିଛି ମାଟିଅଂଶ ରହୁଥିଲା, ଅନୁରୂପ ଭାବରେ ଲୋକଙ୍କ ଘର ଡିହରେ ବି କିଛି ମାଟିଅଂଶ ରହୁଥିଲା, ଯାହା ବର୍ଷାପାଣି ଶୋଷି ନେଉଥିଲା। ସ୍ଥଳ ବିଶେଷରେ ଘରୋଇ ପୋଖରୀ ବା ସର୍ବସାଧାରଣ ବୃହତ୍ ପୁଷ୍କରିଣୀ ସବୁ ବହୁ ଜଳ ଧାରଣ କରିପାରୁଥିଲା। ଆଜି ରାସ୍ତା ସଂପ୍ରସାରଣ ଯୋଗୁ କେଉଁଠି ଖଣ୍ଡେ ମାଟି ନାହିଁ। ଲୋକେ ଅଧିକ ଅର୍ଥ ରୋଜଗାର ଲୋଭରେ ଡିହରେ ଇଞ୍ଚେ ମାଟି ରଖିନାହାନ୍ତି। ଏଣେ ପୋଖରୀ ସବୁ ପୋତା ହେଲାଣି, ତେଣୁ ପାଣି ଶୋଷିବା ପାଇଁ ମୃତ୍ତିକା ନାହିଁ କି ଧାରଣ କରିବା ପାଇଁ ଜଳାଶୟ ନାହିଁ।

ଏସବୁ ସମସ୍ୟାର ସମାଧାନ ପାଇଁ ବିଜ୍ଞାନସମ୍ମତ ପନ୍ଥା ଲୋଡ଼ା। ଯେହେତୁ ସେ ଦିଗରେ କାହାରି ନିଘା ନାହିଁ, ଏବେ ବର୍ଷାଜଳ ନିଷ୍କାସନ ପାଇଁ ସହରୀ ଲୋକଙ୍କର କେବଳ ଭଗବାନଙ୍କ ହିଁ ଭରସା।

ମୋ– ୯୪୩୭୩୭୬୨୧୯

# ଭାରତୀୟ ନଦୀର ଦୁଃଖ



**ଇଂ. ମାୟାଧର ସ୍ୱାଇଁ**

ଭାରତରେ ଚାରିଶହରୁ ଅଧିକ ନଦୀ ଅଛି। ଯଦି ଏଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଯୋଡି ଦିଆଯାଏ, ତାହାହେଲେ ଏହାର ଦୈର୍ଘ୍ୟ ପ୍ରାୟ ଦୁଇଲକ୍ଷ କି.ମି. ହେବ। ଏହା ପୃଥିବୀ ଚାରିପଟେ ପାଞ୍ଚଥର ଯିବା ସହ ସମାନ କିମ୍ବା ପୃଥିବୀଠାରୁ ଚନ୍ଦ୍ର ଦୂରତାର ଦୁଇ ତୃତୀୟାଂଶ ହେବ। ଏଗୁଡ଼ିକରେ ବର୍ଷକୁ ୧୮୬୯ ବିଲିୟନ ଘନମିଟର ଜଳ ପ୍ରବାହିତ ହେଉଛି। ଏହି ଜଳକୁ ସମଗ୍ର ଭାରତ ଉପରେ ରଖିଲେ ଏହା ଦୁଇଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜଳମଗ୍ନ ହୋଇଯିବ। ଭାରତର ୧୩୦ କୋଟି ଲୋକଙ୍କର ଜୀବନନାଡ଼ିକା ସଦୃଶ ନଦୀଗୁଡ଼ିକ କାର୍ଯ୍ୟ କରୁଛନ୍ତି। କେବଳ ଭାରତ ନୁହେଁ, ସମସ୍ତ ପ୍ରାଚୀନ ସଭ୍ୟତା ନଦୀକୂଳରେ ଗଢ଼ି ଉଠିଥିଲା। ନଦୀର ଜଳ କୃଷି ଓ ପାନୀୟ ପାଇଁ ବ୍ୟବହୃତ ହେଉଥିଲା। ସେଥିପାଇଁ ନଦୀକୁ ପୂଜା କରାଯାଏ। ନଦୀର କୂଳେ କୂଳେ ମୁନିଋଷିମାନଙ୍କର ଅନେକ ଆଶ୍ରମ ଅଛି। ଆମର ସାମାଜିକ ଓ ସାଂସ୍କୃତିକ ଜୀବନକୁ ନଦୀ ଅନେକ ଭାବରେ ପ୍ରଭାବିତ କରିଛି।

ଆମର ଜଳ ଚାହିଦା ମୁଖ୍ୟତଃ ନଦୀରୁ ପୂରଣ ହୋଇଥାଏ। ମୋଟ ବୃଷ୍ଟିପାତର ୫୩ ପ୍ରତିଶତ ସିଧାସଳଖ ଓ ବୃକ୍ଷଲତାମାନଙ୍କ ଦ୍ୱାରା ବାଷ୍ପୀଭୂତ ହୋଇଥାଏ। ଅବଶିଷ୍ଟ ୪୭ ପ୍ରତିଶତ ନଦୀକୁ ଯାଇଥାଏ। ମାତ୍ର ଏଥିରୁ ବାସ୍ତବରେ ୨୮ ପ୍ରତିଶତ ଆମକୁ ଉପଲବ୍ଧ ହୋଇଥାଏ ଏବଂ ଅବଶିଷ୍ଟ ଅଂଶ ଅଗମ୍ୟ ଅଞ୍ଚଳରେ ରହିଯାଏ କିମ୍ବା ତାହା ଲବଣାକ୍ତ ହୋଇଯାଇଥାଏ। ଏହି ୨୮ ପ୍ରତିଶତ ଜଳ ମଧ୍ୟରୁ ୧୭ ପ୍ରତିଶତ ନଦୀରେ ପ୍ରବାହିତ ହୋଇଥାଏ ଏବଂ ଅବଶିଷ୍ଟ ଭୂତଳ ଜଳ ଭାବେ ରହିଥାଏ। ଏଣୁ ଯଦି ୧୦୦ ଲିଟର ବୃଷ୍ଟିପାତ ହୁଏ ତାହାହେଲେ ସେଥିରୁ ମାତ୍ର ୧୭ ଲିଟର ଜଳ ନଦୀରେ ପ୍ରବାହିତ ହୁଏ।

ଲୋକସଂଖ୍ୟା ବୃଦ୍ଧି ସହିତ ଭାରତରେ ଜଣ ପିଛା ଉପଲବ୍ଧ ଜଳର ପରିମାଣ ବର୍ଷକୁ ବର୍ଷ ହ୍ରାସ ପାଉଛି। ୧୯୫୧ ମସିହାରେ ଆମ ଦେଶରେ ବର୍ଷକୁ ଜଣ ପିଛା ୫୨୦୦ ଘନମିଟର ଜଳ ଉପଲବ୍ଧ ଥିବାବେଳେ ୨୦୧୧ ମସିହା ବେଳକୁ ତାହା ୧୫୪୫ ଘନମିଟରକୁ କମିଯାଇଛି ଏବଂ ହିସାବ କରାଯାଇଛି ଯେ ୨୦୫୦ ମସିହା ବେଳକୁ ଏହାର ପରିମାଣ ୧୧୯୧ ଘନମିଟର ହୋଇଯିବ। ଏଣୁ ନଦୀଗୁଡ଼ିକ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଭୂତଳ ଜଳର ଏକ ସୀମା ଅଛି ଏବଂ ଏହା ଆମର ଚାହିଦାକୁ କଦାପି ପୂରଣ କରିପାରିବ ନାହିଁ। ଫଳରେ ନଦୀ ହିଁ ହେଉଛି ଆମର ଏକମାତ୍ର ଭରସା।

ଚିନ୍ତାଜନକ ବିଷୟ ଯେ, ଭାରତରେ ନଦୀଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏଥିରେ ଜଳର ପରିମାଣ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଏଗୁଡ଼ିକ ଅତିମାତ୍ରାରେ ପ୍ରଦୂଷିତ ହୋଇଛି। ନିକଟରେ ଦେଶର ୨୯୦ଟି ନଦୀକୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ, ଏଥିମଧ୍ୟରୁ ୨୦୫ଟି ନଦୀରେ ଜଳ ହ୍ରାସ ପାଇବା ସଙ୍ଗେ ସଙ୍ଗେ ପ୍ରଦୂଷଣ ବୃଦ୍ଧି ପାଇଛି। ଏହା ସହିତ ନଦୀକୂଳକୁ ଅବୈଧ ଭାବରେ ଦଖଲ କରି କୋଠାବାଡ଼ି ନିର୍ମାଣ ଚାଲିଛି ଏବଂ ନଦୀ ଅବବାହିକା ଅଞ୍ଚଳରେ ଜଙ୍ଗଲ ହ୍ରାସ ପାଇଛି। ଅଧିକାଂଶ ନଦୀରେ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ବନ୍ଧ ନିର୍ମାଣ କରାଯାଇ ଜଳର ଗତିରୋଧ କରାଯାଇଛି। ପାରିବେଶିକ ଦୃଷ୍ଟିରୁ ନଦୀରେ ସର୍ବନିମ୍ନ ଯେତିକି ଜଳ ଯିବା କଥା, ତାହାଠାରୁ କମ୍ ଜଳ ପ୍ରବାହିତ ହେଉଛି। ନଦୀରେ ଜଳ ହ୍ରାସର ଅନ୍ୟ ଏକ କାରଣ ହେଉଛି ବୃଷ୍ଟିପାତ ଶୈଳୀରେ ପରିବର୍ତ୍ତନ। ଜଳବାୟୁ ପରିବର୍ତ୍ତନ ଯୋଗୁ ଅନିୟମିତ ବୃଷ୍ଟିପାତ ଚିନ୍ତାର କାରଣ ହୋଇଛି। ନଦୀରେ ବନ୍ଧ ନିର୍ମାଣ ଦ୍ୱାରା ବନ୍ଧର ତଳ ଭାଗରେ କମ୍ ଜଳପ୍ରବାହ ହେତୁ ତାହା ଅଧିକ ଦୂଷିତ ହେଉଛି।

ଆଗ କାଳରେ କୃଷିକାର୍ଯ୍ୟ ପାଇଁ ଜଳର ସୁବିଧା ଥିବାରୁ ଲୋକମାନେ ମୁଖ୍ୟତଃ ନଦୀକୂଳରେ ବସବାସ ଆରମ୍ଭ କରିଥିଲେ। ଅଧୁନା ଶିଳ୍ପ ପାଇଁ ଜଳର ଆବଶ୍ୟକତା ଥିବାରୁ ନଦୀକୂଳରେ କଳକାରଖାନା ସ୍ଥାପିତ ହେଉଛି ଏବଂ ଏହାର ଆବର୍ଜନା ନଦୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। କଳକାରଖାନାର ଆବର୍ଜନା, ସହରାଞ୍ଚଳର ନାଳନର୍ଦ୍ଦମା, ନିର୍ମାଣ ଆବର୍ଜନା ଆଦି ନଦୀଗୁଡ଼ିକର ଜୈବିକ ମୃତ୍ୟୁର କାରଣ ହୋଇଛି। ନଦୀଜଳ ବିଷାକ୍ତ ହୋଇଯିବା ଯୋଗୁ ସେଥିରେ ଥିବା ଜଳଚର ପ୍ରାଣୀ ଓ ଉଦ୍ଭିଦଙ୍କ ଜୀବନ ସଙ୍କଟାପନ୍ନ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସୂତ୍ରରୁ ଜଣାପଡ଼ିଛି ଯେ, ଗଙ୍ଗା ଓ ଯମୁନା ନଦୀ ଅନେକ ସ୍ଥାନରେ ସ୍ନାନଯୋଗ୍ୟ ମଧ୍ୟ ନୁହେଁ। ଏପରିକି ଆମ ଓଡ଼ିଶାର ଅନେକ ସ୍ଥାନରେ ମହାନଦୀ ଓ ବ୍ରାହ୍ମଣୀର ଅବସ୍ଥା ମଧ୍ୟ ସେଇଆ। ଭୁବନେଶ୍ୱର ଉପକଣ୍ଠରେ ଥିବା ଗଙ୍ଗୁଆ ନଦୀ ଆଉ ନଦୀ ହୋଇନାହିଁ, ଭୁବନେଶ୍ୱରର ସମସ୍ତ ନର୍ଦ୍ଦମାନାଳ ଏଥିରେ ମିଶି ଏହାକୁ ଏକ ବଡ ଡ୍ରେନରେ ପରିଣତ କରିଦେଇଛି। ଗଙ୍ଗୁଆ ଯାଇ ଦୟା ନଦୀରେ ମିଶିଛି। ଦୟାନଦୀ ମଧ୍ୟ ସ୍ନାନ ପାଇଁ ଅନୁପଯୁକ୍ତ ବୋଲି ସରକାର ସ୍ୱୀକାର କରିଛନ୍ତି।

ନଦୀର ଦୁଃଖ ବୁଝିବାକୁ କେହିନାହିଁ। ଗଙ୍ଗା ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଦୀର୍ଘବର୍ଷ ଧରି ଚେଷ୍ଟା ଚାଲିଛି। କିନ୍ତୁ ଫଳ କିଛି ନାହିଁ। ଓଡ଼ିଶାରେ ନଦୀକୂଳରେ ବୃକ୍ଷ ରୋପଣ ପାଇଁ ଏକ କାର୍ଯ୍ୟକ୍ରମ ସରକାର ଆରମ୍ଭ କରିଛନ୍ତି। ଜଙ୍ଗଲ ଉପରେ ଥିବା ବାୟୁ ବୃକ୍ଷରୁ ଜଳୀୟବାଷ୍ପ ଶୋଷଣ କରି ବର୍ଷା ସୃଷ୍ଟି କରିଥାଏ। ଏଣୁ ନଦୀର ଅବବାହିକା ଅଞ୍ଚଳରେ ଜଙ୍ଗଲ କ୍ଷୟକୁ ବନ୍ଦ କରିବା ନିହାତି ଦରକାର। ଅନେକ କ୍ଷେତ୍ରରେ ଉପନଦୀର ଜଳକୁ ଗତିପଥରୁ ବିଚ୍ୟୁତ କରାଯାଉଛି, ଯାହାର ପ୍ରଭାବ ମୂଳ ନଦୀ ଉପରେ ପଡୁଛି। ସଂକ୍ଷେପରେ କହିଲେ, ଭାରତର ଜୀବନରକ୍ଷାକାରୀ ନଦୀଗୁଡ଼ିକ ଧୀରେ ଧୀରେ ମୃତ୍ୟୁଆଡ଼କୁ ଗତି କରୁଛି। ଏଥିପାଇଁ ଅବବାହିକା ଜଙ୍ଗଲ କ୍ଷୟ, ନଦୀରେ ଆବର୍ଜନା ପକାଇବା, ବନ୍ଧ ନିର୍ମାଣ କରି ଏହାର ଗତିରୋଧ କରିବା, ନଦୀଶଯ୍ୟାରୁ ବାଲି ଉଠାଇବା, ନଦୀକୂଳର ଅବୈଧ ଦଖଲ ଓ ନିର୍ମାଣ କାର୍ଯ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଦାୟୀ। ଏହାର ଦୀର୍ଘସ୍ଥାୟୀ ପ୍ରତିକାର ଆବଶ୍ୟକ। ନଦୀ ନାମରେ ଅନେକ ରାଜନୀତି ହେଉଛି, କିନ୍ତୁ କାହାରି ଆନ୍ତରିକତା ଥିବା ଜଣାପଡୁନାହିଁ।

ଲକ୍ଷ୍ମୀବିହାର, ଭୁବନେଶ୍ୱର, ମୋ– ୯୪୩୭୬୯୩୭୨୪

## ପାଠକ ଶ୍ରେଷ୍ଠ ବିଚାରକ

### ସମୁଦ୍ର ସୁରକ୍ଷା

ମହାଶୟ,

ସମ୍ପ୍ରତି ବିଶ୍ୱରେ ବାର୍ଷିକ ଆଠହଜାର କୋଟି ପ୍ଲାଷ୍ଟିକମୁଣା ଗୋଟିଏ ଥର ବ୍ୟବହାର ପରେ ବାହାରେ ଫୋପାଡି ଦିଆଯାଉଛି। ସବୁ ପ୍ଲାଷ୍ଟିକ ବିଭିନ୍ନ ମାଧ୍ୟମରେ ନଦୀ, ନାଳ ଓ ଶେଷରେ ସମୁଦ୍ରରେ ଯାଇ ପଡୁଛି। ଏହାଦ୍ୱାରା ସମୁଦ୍ର ଏକ ବିରାଟ ଅଳିଆଗଦାରେ ପରିଣତ ହେଲାଣି। ବିଶେଷଜ୍ଞଙ୍କ ତଥ୍ୟ ଅନୁଯାୟୀ ଯଦି ଏହିଭଳି ଭାବେ ପ୍ଲାଷ୍ଟିକ ପ୍ରଦୂଷଣ ବଢିଚାଲିବ ୨୦୫୦ ମସିହା ବେଳକୁ ସମୁଦ୍ରରେ ସାମୁଦ୍ରିକ ମାଛଠାରୁ ପ୍ଲାଷ୍ଟିକ ବୋତଲ ସଂଖ୍ୟା ଢେର୍ ଅଧିକ ହେବ। ଏଣୁ ବେଳହୁଁ ସାବଧାନ ନ ହେଲେ ପ୍ରକୃତିର କରାଳ ରୂପ ଆଗରେ ଜୀବଜଗତ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ପ୍ଲାଷ୍ଟିକ ବଟଲ ରିସାଇକ୍ଲିଂ ମେଶିନ ବେଳାଭୂମିର ପ୍ରତି ୫୦୦ ମିଟର ବ୍ୟବଧାନରେ ବସାଇବା ଉଚିତ। ପାନୀୟ ଜଳ ନିମନ୍ତେ ୱାଟର ଏଟିଏମ୍ ବ୍ୟବସ୍ଥା ବି କରାଯିବା ଉଚିତ।

ଆଦିତ୍ୟ କୁମାର ଦାଶ, ଗୋଡିପଡା, ନୟାଗଡ

### ମୃତଦେହକୁ ସମ୍ମାନ ଦିଅ

ରେଳଷ୍ଟେଶନରେ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତଦେହ ବ୍ୟବଚ୍ଛେଦ ପରେ ଏହାକୁ ଚିହ୍ନଟ କରି ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିବା ନିୟମ ଅଛି। ମୃତଦେହ ଚିହ୍ନଟ ହୋଇ ନ ପାରିଲେ ନିୟମ ଅନୁଯାୟୀ ୯୬ ଘଣ୍ଟା ପରେ ମୃତଦେହକୁ ରେଳ ବିଭାଗ ଦ୍ୱାରା ସଂସ୍କାର କରାଯିବା କଥା। ଅନ୍ତତଃ ନିଆଁ ନ ଦେଇ ପାରିଲେ ଗଭୀର ଗାତ ଖୋଳି ମୃତଦେହକୁ ପୋତିଦେବା ଦରକାର। ଏହା ନ କରି ରେଳ ବିଭାଗ ମୃତଦେହକୁ ଏକ ନିର୍ଦ୍ଦିଷ୍ଟ ଜାଗାରେ ଫିଙ୍ଗି ଦେଉଛି। ଫଳରେ ମୃତଦେହ ପଚିଶଢି ପରିବେଶକୁ ଦୂଷିତ କରୁଛି। ଏହା ଏକ ଅମାନବୀୟ ଘଟଣା। ରେଳ ବିଭାଗକୁ ଅନୁରୋଧ ମୃତଦେହକୁ ଏଭଳି ଅସମ୍ମାନ କରା ନ ଯାଉ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୩

- ଇରାକରେ ମହମ୍ମଦ ହାମ୍‌ଜା ଆଲ ଜୁବେଦିଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଅବ୍ୟାହତି ଦିଆଯାଇ ତାଙ୍କ ସ୍ଥାନରେ ଅର୍ଥମନ୍ତ୍ରୀ ଅହମ୍ମଦ ହୁସେନ ଖୁଦାୟିରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।
- ଇସ୍ରାଏଲକୁ ଇରାନ ଗୋପନରେ ଖଣିଜ ତୈଳ ଯୋଗାଉଛି ବୋଲି ପ୍ରଚାରିତ ଖବରକୁ ଇରାନ ସରକାରଙ୍କ ଖଣ୍ଡନ।

## ସଂକ୍ଷେପରେ

### ମାର୍ଶାଘାଇରେ ଗୁରୁଦିବସ ପାଳିତ

**ମାର୍ଶାଘାଇ,୫।୯ (ଡିଏନ୍ଏ)**-ପୂର୍ବତନ ରାଷ୍ଟ୍ରପତି , ଶିକ୍ଷାବିତ୍ ତଥା ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜନ୍ମ ଦିବସ ଅବସରରେ ଗୁରୁ ଦିବସ ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପୂର୍ବତନ ରାଷ୍ଟ୍ରପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସାରିବା ପରେ ନିଜ ନିଜର ଗୁରୁମାନଙ୍କୁ ପୂଜା କରିଥିଲେ। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏହି ଦିବସ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥିଲା। ସେହିପରି ମାର୍ଶାଘାଇ ମହାବିଦ୍ୟାଳୟ,ମହିଳା ମହାବିଦ୍ୟାଳୟ, କରିଲୋପାଟଣା ମହାବିଦ୍ୟାଳୟ,ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ, ଆଖୁଆ ଓଡଙ୍ଗ ଚିତ୍ରୋତ୍ପଳା ମହାବିଦ୍ୟାଳୟ, ତାରିଣୀ ମହାବିଦ୍ୟାଳୟ,ତାରିଣୀ ଆବାସିକ ବିଦ୍ୟାଳୟ,ଡଲଫିନ ଆବାସିକ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ଏହାଛଡା ପିଏନ୍ଏସ ଇଞ୍ଜିନିୟରିଂ ସ୍କୁଲ, ଜେନିଥ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସମେତ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ,ଡାଫୋଡିଲ ଇଂଲିଶ ମିଡିୟମ ସ୍କୁଲ, ଜାଭିୟର ହାଇସ୍କୁଲ, ସୁରକ୍ଷା ପବ୍ଲିକ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି।

### ଚାନ୍ଦା ନ ଦେବାରୁ ଆକ୍ରମଣ ଅଭିଯୋଗ

**ରାଜନଗର, ୫।୯(ଡି.ଏନ୍.ଏ.)**-ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗାଁରେ ପାନୀୟଜଳ ପ୍ରକଳ୍ପ କାମ କରୁଥିବା ଠିକାଦାର ସେହି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀଙ୍କୁ ଚାନ୍ଦା ଦେବା ପାଇଁ ମନା କରି ଦେବାରୁ ତାଙ୍କ କ୍ୟାମ୍ପରେ ଥିବା ଆଦିବାସୀ ଶ୍ରମିକମାନଙ୍କୁ ମାଡ ମରାଯିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଠିକାଦାର ଭିକାରୀ ଚରଣ ପ୍ରଧାନ କରିଥିବା ଅଭିଯୋଗ ଅନୁଯାୟୀ, କାମ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ବର୍ତ୍ତମାନ ପ୍ରତ୍ୟେକ ପରିବାରକୁ ପାଇପ୍ ସଂଯୋଗ ଦିଆଯାଉଛି। ସରପଞ୍ଚଙ୍କ ସ୍ୱାମୀ ମଙ୍ଗଳବାର ଚାନ୍ଦା ମାଗିଥିଲେ। ଏହା ନ ଦେବାରୁ ସେ ତାଙ୍କର ସହଯୋଗୀମାନଙ୍କ ସହାୟତାରେ ଧାନଦିଆରେ କାମ କରୁଥିବା ଆଦିବାସୀ ଶ୍ରମିକମାନଙ୍କୁ ମାଡ ମାରିଥିଲେ । ଅନ୍ୟପକ୍ଷରେ ବାଲିସାହିପାଟଣା ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀମାନେ ରାତି ୧୦ଟାରେ ଆମେ ଖାଉଥିବା ବେଳେ କ୍ୟାମ୍ପରେ ପଶି ଆମକୁ ନିସ୍ତୁକ ମାଡ ମାରିଥିଲେ ବୋଲି ଯାଜପୁର ଜିଲାର ବାବୁଲି ମୁଣ୍ଡା, ରିଶି ଦାସ, ସିପା କୁଲୁଡ ପ୍ରମୁଖ ରାଜନଗର ଥାନାରେ ଅନ୍ୟ ଏକ ଅଭିଯୋଗ କରିଛନ୍ତି । ସେହିପରି ପ୍ରକଳ୍ପ କାମ ନିମ୍ନମାନର ହେଉଥିବା ସରପଞ୍ଚଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

### ପଟ୍ଟାମୁଣ୍ଡାଇରେ ବର୍ଷା ବିଭ୍ରାଟ

**ପଟ୍ଟାମୁଣ୍ଡାଇ,୫।୯ (ସ୍ୱ.ପ୍ର.)**-ଲଘୁଚାପ ଜନିତ ଲଗାଣ ବର୍ଷାରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ମଙ୍ଗଳବାର ରାତି ୩ଟାଠାରୁ ବର୍ଷା ଲାଗିରହିଛି।ଏଥିଯୋଗୁ ପଟ୍ଟାମୁଣ୍ଡାଇ ଡେଲି ମାର୍କେଟ ଜଳାର୍ଣ୍ଣବ ହୋଇ ପଡିଛି। ବହୁ ଦୋକାନ ବର୍ଷାପାଣି ଘେରରେ ରହିଛି। ବଜାରର ଗଦାଧର ବାରିକ, ରାଜେନ୍ଦ୍ର ତ୍ରିପାଠୀ, ଆପାରାଓ, ମହେଶ୍ୱର ରାଓ, ଜ୍ଞାନରଞ୍ଜନ ଲେଙ୍କା, ବାପୁଜୀ ପଣ୍ଡା, କାଳିଆ ସାହୁ, ମହେଶ୍ୱର ବାରିକ, ବ୍ରହ୍ମାନନ୍ଦ ମଲ୍ଲିକ ପ୍ରଭୃତି ଦୋକାନୀଙ୍କର ଜିନିଷପତ୍ର ପାଣିରେ ବୁଡି ନଷ୍ଟ ହୋଇଥିବା କହିଛନ୍ତି। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷାପାଣି ଜମିରହିଥିବାରୁ ରୋଗୀସେବା ବ୍ୟାହତ ହୋଇଛି।

## ■ ବିଲୁପ୍ତି ପଥରେ ହସ୍ତତନ୍ତ ସାମଗ୍ରୀ
# ପରିଶ୍ରମ ଅନୁସାରେ ମିଳୁନି ପାରିଶ୍ରମିକ

**କେନ୍ଦ୍ରାପଡ଼ା ଅଫିସ୍, ୫।୯**

ଗତ ତିନି ଦଶନ୍ଧି ପୂର୍ବେ ଜିଲାର ୪ ହଜାର ପରିବାର ହସ୍ତତନ୍ତ ମାଧ୍ୟମରେ ରୋଜଗାରକ୍ଷମ ଥିଲେ। କୃଷି ପରେ ଏହି ଜିବିକା କେନ୍ଦ୍ରାପଡ଼ା ଜିଲାର ବହୁ ପରିବାରର ଆର୍ଥିକ କ୍ଷମତାକୁ ସୁଦୃଢ଼ କରାଉଥିଲା। ଏଥିସହିତ ଜିଲାର ସାଂସ୍କୃତିକ ବିଭବକୁ ବାହାରେ ଚିହ୍ନଟ କରାଉଥିଲା। ଇତିମଧ୍ୟରେ ତନ୍ତର ବ୍ୟବହାର ପ୍ରାୟ ୭୦ ପ୍ରତିଶତ କମିଯାଇଛି। ଜିଲାର କୁଶିଆପାଳ, ଡିହସାହି, ହରିପୁର, କୋରୁଆ, କେତୁଆଗଡ଼ ଆଦି ଗ୍ରାମରେ ମାତ୍ର କେତୋଟି ତନ୍ତ ଦେଖିବାକୁ ମିଳୁଛି। ୨୦୧୧ ଜନଗଣନା ସମୟରେ ପ୍ରାୟ ୮୦୦ ପରିବାର ଏହି କୁଟୀର ଶିଳ୍ପକୁ ଅଦ୍ୟାବଧି ବଜାୟ ରଖିଥିବା ତଥ୍ୟ ଅଛି। ବୁଣାକାରମାନେ ଧୋତି, ଲୁଙ୍ଗି, ଗାମୁଛା, ଶାଢ଼ି ଆଦି ପ୍ରସ୍ତୁତ କରୁଛନ୍ତି। ତେବେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳରେ ପ୍ରସ୍ତୁତ ସାମଗ୍ରୀ ସମ୍ମୁଖରେ ହସ୍ତତନ୍ତ ବିଲୁପ୍ତି ପଥକୁ ମୁହାଁଇଛି। ଏ ସମ୍ପର୍କରେ ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମର କାରିଗର ତପନ ସାହୁ କୁହନ୍ତି ଯେ, ତାଙ୍କ ବାପାଙ୍କ ସହିତ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପରିବାର ତନ୍ତ ଦ୍ୱାରା ରୋଜଗାରକ୍ଷମ ଥିଲେ। ତତ୍କାଳୀନ ସମୟରେ ତନ୍ତବୁଣା ସାମଗ୍ରୀ ଗ୍ରାମାଞ୍ଚଳବାସୀଙ୍କ ମୁଖ୍ୟ ବ୍ୟବହାରଯୋଗ୍ୟ ବସ୍ତ୍ର ଥିଲା। ତେବେ ଏହି ସାମଗ୍ରୀ ପ୍ରସ୍ତୁତ ପାଇଁ ଆବଶ୍ୟକୀୟ ସାମଗ୍ରୀ, ବିକ୍ରୟ ଆଦି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେବା ସହିତ ହାଡଭଙ୍ଗା ଖଟଣି ଏହି ବ୍ୟବସାୟରୁ ବିରତ ରହିବା ପାଇଁ ବାଧ୍ୟ କରିଛି। ଏଥିସହିତ ସେ ଦର୍ଶାଇଛନ୍ତି ଯେ, ତାଙ୍କର ୩ ପୁଅ ପାଠ ପଢ଼ି ଶିକ୍ଷିତ ହେଲେଣି। ପରିଶ୍ରମ ଅନୁଯାୟୀ ରୋଜଗାର ନଥିବାରୁ ତନ୍ତ ବ୍ୟବସାୟ ପାଇଁ ସେମାନଙ୍କର ଆଗ୍ରହ ନାହିଁ। ସେହିପରି ଗ୍ରାମର ବିଶ୍ୱନାଥ ବେହେରା କୁହନ୍ତି ଯେ, ଶତାଧିକ ବର୍ଷ ଧରି ତନ୍ତଶିଳ୍ପର ଗ୍ରାମ ଭାବେ ନାମ କମାଇଥିବା କୁଶିଆପାଳରେ ଏବେ ତନ୍ତ ଦେଖିବାକୁ ମିଳୁନାହିଁ। ୭୦ବର୍ଷ ପୂର୍ବେ ଗ୍ରାମରେ ପ୍ରତିଷ୍ଠା ହୋଇଥିବା କୁଶିଆପାଳ ତନ୍ତବାୟ ସହଯୋଗ ସମିତି ରୁଗ୍ଣ ହୋଇପଡ଼ିଛି। ୧୯୪୭ ମସିହାରେ ସ୍ୱାଧୀନତା ସଂଗ୍ରାମୀ ହଳଧର ଦାସ ୫୦ ପରିବାରକୁ ନେଇ ଏହି ସମିତି ପ୍ରତିଷ୍ଠା କରିଥିଲେ। ଏଠାରୁ ଧୋତି, ଚାଦର, ଶାଢ଼ି ଆଦି ଜିଲା ବାହରକୁ ଯାଉଥିଲା। ଏପରି କି ଗ୍ରାମରୁ ପ୍ରସ୍ତୁତ ତନ୍ତ ସାମଗ୍ରୀକୁ ବୟନିକା, ସମ୍ବଲପୁରର କେତେକ ବସ୍ତ୍ରାଳୟ ମାଲିକଙ୍କୁ ବିକ୍ରି ହେଉଥିଲା। ଏବେ ଏହି ସମିତିର ଅଧଃପତନ ଘଟିଛି। ଅଦ୍ୟାବଧି ୧୧୦ ସଭ୍ୟଙ୍କ ନାମ ରେଜିଷ୍ଟ୍ରିଭୁକ୍ତ ଥିବା ବେଳେ କାହାରି ତନ୍ତ ପାଇଁ ଆଗ୍ରହ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବୁଣାକାର ବୀମା ଯୋଜନା, ବ୍ୟବସାୟୀଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଏହି କୁଟୀର ଶିଳ୍ପ ବନ୍ଦ ହେବା ନିଶ୍ଚିତ ବୋଲି ବେହେରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାର ବୟନଶିଳ୍ପ ଇନ୍ସପେକ୍ଟର ଗୋବିନ୍ଦ ଚନ୍ଦ୍ର ଜେନା କୁହନ୍ତି ଯେ, ଏହି ଶିଳ୍ପର ପ୍ରୋତ୍ସାହନ ପାଇଁ ଡିହସାହିଠାରେ ଏକ କ୍ଲଷ୍ଟର ଖୋଲାଯାଇଛି। ଏଥିସହ ରାଜ୍ୟ ସରକାର ଗତ ୨ ବର୍ଷ ପୂର୍ବେ ୫୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି।



କୁଶିଆପାଳଠାରେ ଜଣେ ମହିଳା ତନ୍ତ ସାମଗ୍ରୀ ତିଆରି କରୁଛନ୍ତି।

## ଡେଙ୍ଗୁରେ ବିଏସ୍ଏଫ୍ ଯବାନଙ୍କ ମୃତ୍ୟୁ

**ଆଳି, ୫।୯ (ଡି.ଏନ୍.ଏ.)**

ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍)ରେ କାର୍ଯ୍ୟ କରୁଥିବା କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଧୀନ ନିଆଳ ପଞ୍ଚାୟତ ଶାଳିଅଞ୍ଚ ଗ୍ରାମର ଗୋଲେକ ଚନ୍ଦ୍ର ସ୍ୱାଇଁ (୪୫)ଙ୍କର ସୋମବାର ବିଳମ୍ବିତ ରାତିରେ ଡେଙ୍ଗୁରେ ମୃତ୍ୟୁ ଘଟିଛି। ସେ ବିଏସ୍ଏଫ୍ ଯବାନ ଭାବେ ପଶ୍ଚିମବଙ୍ଗ ବାଲିଗଞ୍ଜ ରେଜିମେଣ୍ଟରେ କାର୍ଯ୍ୟରତ ଥିଲେ। ବୁଧବାର ଅପରାହ୍ନରେ ତାଙ୍କ ମୃତଦେହକୁ ପଶ୍ଚିମବଙ୍ଗ ରେଜିମେଣ୍ଟର ୨ ଜଣ ଓ ଭୁବନେଶ୍ୱର ଷ୍ଟେଶନ ହେଡ କ୍ୱାର୍ଟରର ୩ ଜଣ ବିଏସ୍ଏଫ୍ ଯବାନ ଏକ ସାମରିକ ଯାନରେ ଶାଳିଅଞ୍ଚ ଗ୍ରାମକୁ ନେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ସମୟରେ ଆଳି ଥାନା ଅଧିକାରୀ, ନିଆଳ ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଗତ କିଛିଦିନ ପୂର୍ବେ ଗୋଲେକଙ୍କୁ ଜ୍ୱର ହୋଇଥିଲା। ରକ୍ତ ନମୁନା ପରୀକ୍ଷା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ପଶ୍ଚିମବଙ୍ଗର ଅଲିପୁର କମାଣ୍ଡ ହସପିଟାଲରେ ଚିକିତ୍ସା ଚାଲିଥିବା ବେଳେ ଗୋଲେକ କୋମାକୁ ଚାଲି ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୩ତାରିଖ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।



ଗୋଲେକ ଚନ୍ଦ୍ର ସ୍ୱାଇଁଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ।

## ଗୁରୁଦିବସରେ ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ମହାକାଳପଡ଼ା, ୫।୯ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବାୟାବାବା କଲେଜ ପରିସରରେ ଗୁରୁପୂଜା ପରିଷଦ ମହାକାଳପଡ଼ା ଓ ପୂଜ୍ୟପୂଜା ପରିଷଦ ମାର୍ଶାଘାଇ ମିଳିତ ସହଯୋଗରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ରତ୍ନାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଅତନୁସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ବ୍ଲକର ୩୫ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ପ୍ରଫେସର ଗଜେନ୍ଦ୍ରନାଥ ସାହୁ, ମହାକାଳପଡ଼ା ବିଇଓ ଅଜୟ କୁମାର ପରିଡ଼ା, ମାର୍ଶାଘାଇ ବିଇଓ ଶତ୍ରୁଘ୍ନ ବେହେରା, ଶିକ୍ଷକ ବିଜୟ କୁମାର ଜେନା, ମାଧବଚନ୍ଦ୍ର ବାରିକ, ରଞ୍ଜିତ ପ୍ରଧାନ, ଅମୀୟ ଚୌଧୁରୀ, ବୀରକିଶୋର ବେହେରାଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ରାମନଗରସ୍ଥିତ ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ କିରଣ କାଞ୍ଜିଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି ଦିନେଶଚନ୍ଦ୍ର ଦେବନାଥ, ବିଭୂତିଭୂଷଣ ସେନାପତି, ଧ୍ରୁବପଦ ସ୍ୱାଇଁ, ଦାମୋଦର ବେହେରା, ନିତ୍ୟାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ଡେରାବିଶର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ

**ଡେରାବିଶ, ୫।୯(ସ୍ୱ.ପ୍ର.)**

ସେପ୍ଟେମ୍ବର ୫ ତାରିଖ ସାରା ଦେଶରେ ଗୁରୁଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନସ୍ଥ ୨୬ ଗୋଟି ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି । ବୁଧବାର ବ୍ଲକର ଏଣ୍ଡର ପଞ୍ଚାୟତ ଡେରାଢ଼ିହି ପ୍ରାଥମିକ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ସାହୁ ଅଧ୍ୟକ୍ଷତା କରିଥିଲେ । ଏଣ୍ଡର ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୁସୁନୁପୁର କ୍ଲଷ୍ଟର ସିଆରସିସି ହରେକୃଷ୍ଣ ମହାନ୍ତି, ବରିଷ୍ଠ ନାଗରିକ ଭ୍ରମରବର କାମିଲା, ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁଲତା ନାୟକ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଗୁରୁଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ଡେରାବିଶ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନେ ଅଧ୍ୟକ୍ଷ ଓ ଅଧ୍ୟାପିକାମାନଙ୍କୁ ପୁଷ୍ପ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ ।



ଡେରାଢ଼ିହି ପ୍ରାଥମିକ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ।

## ■ ଡ୍ରୋନ କ୍ୟାମେରାରେ ଫଟୋ ଉଠା ଘଟଣା
# ଜିଲା ବିଜେଡି ସଭାପତି ଓ ହାତୀନା ସରପଞ୍ଚଙ୍କ ନାଁରେ ଅଭିଯୋଗ

**ରାଜନଗର,୫।୯(ଡି.ଏନ୍.ଏ.)**

ରାଜନଗର ଥାନା ଅନ୍ତର୍ଗତ କଇଥା ଗାଁର ଜଣେ ବ୍ୟକ୍ତିଙ୍କ ଘରେ ହେଉଥିବା ଏକୋଇଶିଆ ଭୋଜିରେ ଡ୍ରୋନ୍ କ୍ୟାମେରାରେ ଆପତ୍ତିଜନକ ଫଟୋ ଉଠାକୁ ନେଇ ବିବାଦ ଲାଗି ରହିଛି । ଏହି ଘଟଣାକୁ ନେଇ ମଙ୍ଗଳବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଓ ୩୧ ନଂ ଜୋନ୍ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଥିଲା। ବୁଧବାର କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ହାତୀନା ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ ଓ ଏକୋଇଶିଆ ଭୋଜିର ଆୟୋଜକ ସର୍ବେଶ୍ୱର ସାମଲଙ୍କ ନାଁରେ ରାଜନଗର ଥାନାରେ ଅଭିଯୋଗ ହୋଇଛି।

କଇଥା ଗାଁର ଭୀମସେନ ପଡିହାରୀ କରିଥିବା ଅଭିଯୋଗ ମୁତାବକ ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ସେହି ଗାଁର ସର୍ବେଶ୍ୱର ସାମଲ ,ହାତୀନା ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ ଓ ଅନ୍ୟ ୩ ଜଣ ଏକ କାରରେ ଆସି ତାଙ୍କ ଘର ନିକଟରେ ପହଞ୍ଚି ଗାଳିଗୁଲଜ କରିବା ସହିତ ଘରୁ ବାହାରି ଆସିବାକୁ ଧମକ ଦେଇଥିଲେ। ସେ ଘରୁ ବାହାରି ଆସିବା ପରେ ବିଭିନ୍ନ ଧମକ ଦେଇଥିଲେ । ଏପରି କି ମୋତେ ଟେକିନେବା ପାଇଁ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ନିର୍ଦ୍ଦେଶ ଦେଇଥିବା ସେମାନେ କହିଥିଲେ ବୋଲି ପଡିହାରୀ ଅଭିଯୋଗରେ ଦର୍ଶାଇଛନ୍ତି । ଏ ସଂପର୍କରେ ଜିଲା ବିଜେଡି ସଭାପତି ସାହୁଙ୍କୁ ପଚାରିବାରୁ ସ୍ଥାନୀୟ ବିଧାୟକ ହତାଶ ହୋଇ ଫଟୋ ଉଠାଇଥିବା ଯୁବକଙ୍କୁ ସମର୍ଥନ କରି ଅଯଥା ରାଜନୈତିକ ବିବାଦ ସୃଷ୍ଟି କରୁଛନ୍ତି। ଏ ସଂପର୍କରେ ରାଜନଗର ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ , ଗତ ୧ ତାରିଖ ଦିନ ସର୍ବେଶ୍ୱର ସାମଲଙ୍କ ପୁଅ ଏକୋଇଶିଆ ଭୋଜିରେ ଡ୍ରୋନ୍ କ୍ୟାମେରାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସମୀର ଜେନା ମହିଳାଙ୍କ ଅଶ୍ଳୀଳ ଫଟୋ ଉଠାଇବା ନେଇ ଅଭିଯୋଗ ହେବାରୁ ବିବାଦ ସୃଷ୍ଟି ହୋଇଥିଲା।

### ମଦ ବନ୍ଦ ଆନ୍ଦୋଳନ ପ୍ରସ୍ତୁତି

**କେନ୍ଦ୍ରାପଡାଅଫିସ,୫।୯**–ସଦର ଥାନା ଅଙ୍ଗୁଳାଇ ପଞ୍ଚାୟତରେ ଥିବା ଦୁଇଟି ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଦାନା ବାନ୍ଧୁଛି। ଗତ ଜୁନ୍ରେ ଏଠାରେ ଆନ୍ଦୋଳନ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଦୁଇ ଦୋକାନ ବନ୍ଦ କରାଯାଇଥିଲା। ମାତ୍ର ଗତ କିଛିଦିନ ହେବ ପୁଣି ଏହି ପଞ୍ଚାୟତରେ ଦୋକାନ ଖୋଲା ହେଉଥିବା ଘଟଣା ସ୍ଥାନୀୟ ଅଧିବାସୀଙ୍କ ଅସନ୍ତୋଷର କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନରେ ଅଙ୍ଗୁଳାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶତାଧିକ ମହିଳାଙ୍କ ସମେତ ବୁଦ୍ଧିଜୀବୀ ଓ ନିଶା ନିବାରଣ କର୍ମୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମାଧବାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ଦୁର୍ଗାବତୀ ପ୍ରଧାନ, ସମିତି ସଭ୍ୟ ଅଜୟ ରାଉତ, ନିଶା ନିବାରଣ ଅଭିଯାନର ଜିଲା ସମ୍ପାଦକ ଆଦିକନ୍ଦ ରାଉଳ, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଅରୁଣ କୁମାର ରାଉତ, ସେବତୀ ସାମଲ, ସନାତନ ମୁଦୁଲି, ଆଲୋକ ଜେନା ପ୍ରମୁଖ ଯୋଗଦେଇ ଆନ୍ଦୋଳନର ରୂପରେଖ ପ୍ରସ୍ତୁତି କରିଥିଲେ।

## ସୁନାମି ସମ୍ପର୍କିତ ମକ୍ଡ୍ରିଲ, ସଚେତନତା କାର୍ଯ୍ୟକ୍ରମ

**ମହାକାଳପଡ଼ା, ୫।୯ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକର ୧୮ଟି ସୁନାମି ପ୍ରବଣ ଗ୍ରାମରେ ବୁଧବାର ସୁନାମି ସମ୍ପର୍କିତ ମକ୍ଡ୍ରିଲ ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନାଞ୍ଜୁରା ପଞ୍ଚାୟତ ତନ୍ତିଆପାଳ ଥାନା ସନ୍ନିକଟ ଶାସନ ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୁନାମି ଆଶଙ୍କା ପୂର୍ବରୁ ଓ ପରେ ସ୍ଥାନୀୟ ଲୋକେ କିଭଳି ସଚେତନ ହେବେ ଓ ଲୋକପ୍ରତିନିଧି, ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱାସ୍ଥ୍ୟକର୍ମୀ, ଉଦ୍ଧାରକାରୀ ଦଳ, ଅଗ୍ନିଶମ ବିଭାଗ କର୍ମୀଙ୍କ ଭୂମିକା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଏହି ଅବସରରେ ଓଡ୍ରାଫ୍ ଟିମ୍ ପକ୍ଷରୁ ମକ୍ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ନମିତା ବାରିକ, ବିଡିଓ ରମେଶଚନ୍ଦ୍ର ସେଠୀ, ରଞ୍ଜିତ ନାୟକ, ସ୍ଥାନୀୟ ସରପଞ୍ଚ ସଂଘମିତ୍ରା ସ୍ୱାଇଁଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ଶାସନଠାରେ ଓଡ୍ରାଫ୍ ଟିମ୍ର ମକ୍ଡ୍ରିଲ।

## ଚେକ୍ଡ୍ୟାମ୍ ବନ୍ଦ, ଚାଷଜମିରେ ଆଣ୍ଠୁଏ ପାଣି

**ପାଟକୁରା, ୫।୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତ ବେଡାରୀ ଜାମୁଗଛଠାରେ ନିର୍ମାଣ ହୋଇଥିବା ଚେକ୍ ଡ୍ୟାମ୍କୁ ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ବନ୍ଦ କରାଯାଇଛି। ଫଳରେ ବେଡାରୀ ଗହୀର ପାଟରେ ଶତାଧିକ ଏକର ଚାଷଜମିରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ପାଟରେ ପ୍ରାୟ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷା ପରିସ୍ଥିତିକୁ ଆହୁରି ବିଗାଡି ଦେଇଛି। ପାଟରୁ ଜଳ ନିଷ୍କାସନ ଓ ଆବଶ୍ୟକ ବେଳେ ପାଣିକୁ ଅଟକ ରଖି ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଏହି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ୮ଲକ୍ଷ ଟଙ୍କା ବ୍ୟୟରେ ଏହି ଚେକ୍ ଡ୍ୟାମ୍ ୩ ବର୍ଷ ହେବ ନିର୍ମାଣ ସରିଛି। ମାତ୍ର ଡ୍ରେନେଜ ଡିଭିଜନ କର୍ତ୍ତୃପକ୍ଷ ଏହାର ଚାବି ରଖିଥିବାରୁ ଆବଶ୍ୟକ ସମୟରେ ଏହାକୁ ଖୋଲୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ବେଡାରୀ ଜାମୁଗଛଠାରେ ଥିବା ଚେକ୍ ଡ୍ୟାମ୍ରେ ଚାବି ପଡ଼ିଛି।

## ଫୁଲୁଛି ବୈତରଣୀ, ଖରସ୍ରୋତା

**ରାଜକନିକା,୫।୯(ଡି.ଏନ.ଏ)**

- ଚାଷ ଜମି ବର୍ଷା ପାଣିରେ ବୁଡି ରହିଛି
- ନଦୀକୂଳବାସୀ ଆତଙ୍କିତ
- ସିଂହପୁର-ରାଜକନିକା ମୁଖ୍ୟରାସ୍ତା ବେହାଲ

ଗତ କିଛି ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ରାଜକନିକା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦୋକାନ ବଜାରଗୁଡିକ ବନ୍ଦ ରହିଛି। ରାସ୍ତାଘାଟଗୁଡିକ ବେହାଲ ହୋଇ ପଡିଛି । ବର୍ଷା ଲାଗି ରହିବା ଫଳରେ ଶତାଧିକ ବାସଗୃହରେ ପାଣି ପଶିଯାଇଛି । ଏହି କାରଣରୁ କେତେକ ଘରେ ଚୁଲି ଜଳୁ ନ ଥିବାରୁ ବହୁ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ଅଧିକାଂଶ କଚ୍ଚା ଘର କାନ୍ଥ ଭୁସୁଡି ପଡିବାରୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ବୁଧବାର ଖରସ୍ରୋତାର ଜଳସ୍ତର ବୃଦ୍ଧି ପାଉଥିବାରୁ ଏହି ନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ସେହିପରି ବୈତରଣୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଅଧିକାଂଶ ଦୋକାନ ବଜାର ବନ୍ଦ ରହିଛି। ରାସ୍ତାଘାଟଗୁଡିକ ଜନଶୂନ୍ୟ ହୋଇ ପଡିଛି। ସିଂହପୁର-ରାଜକନିକା ମୁଖ୍ୟରାସ୍ତା ବେହାଲ ହୋଇ ପଡିଛି। ଯାନବାହାନ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ଘରେ ଖାଇବାକୁ ନ ଥିବା ବେଳେ ଲଗାଣ ବର୍ଷା ଗରିବ ଲୋକଙ୍କ ଚିନ୍ତା ବଢାଇ ଦେଇଛି। ଓଳାଭର, ପେଗରପଡା, ବାରାହା ଦୋମଣ୍ଡା, କନପୁର, ଭାମଣ୍ଡା, ବଳିଭଣ୍ଡା, ନରସିଂହପୁର, ପାରିନୂଆପଡା, ହାବୁଳଗଣ୍ଡ, ନହୁଣି ଅଞ୍ଚଳର ଶହ ଶହ ଏକର ଚାଷ ଜମିରେ ବର୍ଷା ଜଳ ଲହଡି ଭାଙ୍ଗୁଛି । ସେହିପରି ବୈତରଣୀ ବନ୍ୟାରେ ଗତ ୪ ଦିନ ଧରି ହାଟସାହି, ଅହମଦପୁର, ଅବଦୁଲପୁର, ଦୁର୍ଗାଦେବୀପଡା, ପଣସଗଣ୍ଡ, ଫାଜିଲପୁର, ପଧାନପଡା, ବଡହଲୁପଡା, ସାନହଲୁପଡା, ବାଲିସାହି, ଦାମୋଦରପୁର, ଚରପଡା, କଣ୍ଡିଆ, ନମତରା, ଦେଉଳତରା, ସିହୋପଡା ଅଞ୍ଚଳର ଶହ ଶହ ଏକର ଚାଷ ଜମି ବର୍ଷା ପାଣିରେ ବୁଡି ରହିଛି । ପୁଣି ନଦୀରେ ବନ୍ୟା ଆସିବା ଫଳରେ ଶହ ଶହ ଏକର ଚାଷ ଜମିରେ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାଛଡା ବେଙ୍ଗା ନଦୀକୂଳରେ ଥିବା ହଲୁପଡା ଗ୍ରାମର ଦଳିତ ବସ୍ତି ପ୍ରତି ବିପଦ ଦେଖା ଦେଇଛି । ଏଥିନେଇ ବସ୍ତି ବାସିନ୍ଦାମାନେ ଆତଙ୍କିତ ହୋଇ ପଡିଛନ୍ତି ।



ନଦୀରେ ବନ୍ୟା ଜଳ।

## ସଂକ୍ଷେପରେ

### ମା'ବାପାଙ୍କ ବିକଳ୍ପ ନାହିଁ : ବାବା ବଳିଆ

ନାଉଗାଁ,୫ା୯(ସ୍ୱ.ପ୍ର.): ନାଉଗାଁ ବ୍ଲକ ତିହୁଡାସ୍ଥିତ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସଙ୍କ ପିତା ଅଲେଖ ଚନ୍ଦ୍ର ଲେଙ୍କାଙ୍କ ଦିବ୍ୟଧାମ ମହୋତ୍ସବ ପାଳିତ ହୋଇଛି। ଏଥିରେ ବାବା ବଳିଆ ଯୋଗଦେଇ ମା'ବାପାଙ୍କ ବିକଳ୍ପ ନାହିଁ ବୋଲି ପ୍ରକାଶ କରିଥିଲେ। ସମାଜରେ ସମସ୍ତ ଝିଅ, ପୁଅ ମା'ବାପାଙ୍କ ପ୍ରତି ଅନୁଗତ ରୁହନ୍ତୁ ଓ ମା'ବାପା ମଧ ପିଲାଙ୍କ ପ୍ରତି ଯତ୍ନଶୀଳ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମହୋତ୍ସବରେ ଗୋଠଦା ମଠାଧୀଶ ମହନ୍ତ ଚିନ୍ତାମଣୀ ପର୍ବତ, ସୁକାନ୍ତ କୁମାର ଲେଙ୍କା, କାକଟପୁରର ସିଦ୍ଧ ସାଧକ ତ୍ରିଲୋଚନ ମିଶ୍ର, ନାଉଗାଁ କ୍ରିୟା ଯୋଗ ଆଶ୍ରମର ଗିରିଧାରୀ ମହାନ୍ତି ଓ ପୂର୍ବତନ ଜିଲା ପରିଷଦ ଅଧକ୍ଷା ସବିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠ ଶୀଳ୍ପି ରବି ମିଶ୍ର ଓ ସାଥୀ ଭକ୍ତି ସଙ୍ଗୀତ ପରିବେଷଣ କରିଥଲେ। କାର୍ଯ୍ୟକ୍ରମକୁ ଗୁରୁକୃପା କୁଟୀରର ଅନ୍ତେବାସୀ ପରିଚାଳନା କରିଥିଲେ।

### ଡେଙ୍ଗୁ, ମ୍ୟାଲେରିଆ ସଚେତନତା କର୍ମଶାଳା

ବାଲିକୁଦା,୫ା୯(ସ୍ୱ.ପ୍ର.): ଡେଙ୍ଗୁ, ମ୍ୟାଲେରିଆ ଓ ଝାଡ଼ାବାନ୍ତି ରୋଗ ନିରାକରଣ ନିମନ୍ତେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସଚେତନତା କର୍ମଶାଳା ଆୟୋଜନ କରାଯାଉଛି। ଏହି ଅବସରରେ ମୂଳୁଗାଁ ପଞ୍ଚାୟତ ସିଙ୍ଗିରୀ ଉପ୍ରା ବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଅଜୟ କୁମାର ସ୍ୱାଇଁ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡା. ସୁଚିସ୍ମିତା ଆଚାର୍ଯ୍ୟ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମହାପାତ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବନ ବିହାରୀ ମହାରଣା, ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରଭାସିନୀ ମହାରଣା, ଫାର୍ମାସିଷ୍ଟ ବାଣିଶ୍ରୀ ଦାସ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ରେଣୁବାଳା ପରିଡ଼ା ପ୍ରମୁଖ ଯୋଗଦେଇ ଏହି ତିନି ରୋଗଠାରୁ ଦୂରେଇ ରହିବାକୁ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡି କର୍ମୀ ଅନୁପମା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ଜେନା, ଆଶାକର୍ମୀ ସଚଳା ସାହୁ ଓ କନକଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୫ ବିଦ୍ୟାଳୟରେ ପାଳିତ ହେଲା କଳାଦିବସ

ନାଉଗାଁ,୫ା୯(ସ୍ୱ.ପ୍ର.): ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଉତ୍କଳମଣୀ ଗୋପବନ୍ଧୁ ଶିଶୁ ଶିକ୍ଷା ମନ୍ଦିର, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟ, ତିରୁଣା ଗୋପବନ୍ଧ ସ୍ମାରକୀ ନୋଡାଲ ବିଦ୍ୟାପୀଠ ଓ ଅଲଣାହାଟ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ର ଗୁରମାଗୁରୁଜୀଙ୍କ ପୂଜା କରିଥିଲେ। ସେହିପରି ବ୍ଲକର ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟ, ସିପିସି ବିଦ୍ୟାପୀଠ, ଶ୍ରୀଜଗନ୍ନାଥ ହାଇସ୍କୁଲ, କମଳ ଲୋଚନ ହାଇସ୍କୁଲ ଓ ପଞ୍ଚାୟତ ହାଇସ୍କୁଲରେ ଏହି ଦିବସକୁ କଳା ଦିବସ ରୂପେ ପାଳନ କରାଯାଇଛି। ଉକ୍ତ ବିଦ୍ୟାଳୟର ଶିକ୍ଷକମାନେ ପୂର୍ଣ୍ଣ ଦରମା ଦାବିରେ ବିଧାନସଭା ସମ୍ମୁଖରେ ଧାରଣାରେ ବସିଛନ୍ତି।

### ସତ୍‌ସଙ୍ଗ ବିହାରରୁ ଚୋରି

ଜଗତ୍‌ସିଂହପୁର ଅଫିସ, ୫ା୯: ମଙ୍ଗଳବାର ରାତିରେ ସ୍ଥାନୀୟ ଚାଟ୍ରାସ୍ଥିତ ସତ୍‌ସଙ୍ଗ ବିହାରରୁ ଚୋରି ହୋଇଛି । କେହି ଦୁର୍ବୃତ୍ତ ମୁଖ୍ୟ ପାଟକ ଭାଙ୍ଗି ଭିତରେ ପ୍ରବେଶ କରିବା ସହ ଏହି ପରିସରରେ ଥିବା ୧ ଦାନ ବାକ୍ସ, ୧ ବଡ ହାରମୋନିୟମ୍ ଓ ୧ ଲାଉଡ୍ ସ୍ପିକର ସିଷ୍ଟମ୍ ଚୋରି କରି ନେଇଛନ୍ତି। ସତ୍‌ସଙ୍ଗ ବିହାର ପରିଚାଳନା ଦାୟିତ୍ୱରେ ଥିବା ବଂଶୀଧର ସ୍ୱାଇଁଙ୍କ ଅଭିଯୋଗ ଉପରେ ଜଗତ୍‌ସିଂହପୁର ପୋଲିସ ମାମଲା ସଂଖ୍ୟା ୨୦୮/୧୮ ରୁଜୁ କରି ତଦନ୍ତ ଚଳାଇଛି।

### ଶିଳ୍ପ ଭିତ୍ତିକ ସଚେତନତା ଶିବିର

ନାଉଗାଁ,୫ା୯(ସ୍ୱ.ପ୍ର.): ନାଉଗାଁ ବ୍ଲକ ମୁଣ୍ଡାଲୋସ୍ଥିତ ଇନଫୋ ୱାର୍ଲଡ ଏକାଡେମୀ ପରିସରରେ ଏକ ଦିବସୀୟ ଶିଳ୍ପଭିତ୍ତିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ରମାନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଶିଳ୍ପ କେନ୍ଦ୍ର ସହକାରୀ ପରିଚାଳକ ଜଗମୋହନ ପତି, ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ, ଖଦି ବୋର୍ଡର ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ମହାରଣା, ସରପଞ୍ଚ ନଳିନୀପ୍ରଭା ସାହୁ ଓ ସଫଳ ମହିଳା ଉଦ୍ୟୋଗୀ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ବୁଝାଇଥିଲେ।

## ■ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡିକୁ ସୁହାଉଛି କଂଗ୍ରେସ ଗୋଷ୍ଠୀ କନ୍ଦଳ

- ■୩୮% ଭୋଟ ପାଇ ବି ପ୍ରଶାନ୍ତ ମୁଦୁଲି ବିଧାୟକ
- ■ଏହା ୧୯୭୭ରୁ ୨୦୧୪ ମଧରେ ବିଜୟୀ ପ୍ରାର୍ଥୀଙ୍କ ସର୍ବନିମ୍ନ ଭୋଟ
- ■୨୦୦୯ ତୁଳନାରେ ୨୦୧୪ ନିର୍ବାଚନରେ ବିଜେଡି ଭୋଟ ୧୯% କମିଛି
- ■ଭାଜପା ଭୋଟ ଆଶାତୀତ ଭାବେ ବଢ଼ିଛି

ଜଗତ୍‌ସିଂହପୁର ଅଫିସ, ୫ା୯

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଭଲ ସ୍ଥିତିରେ ଅଛି। ଏହା ଅର୍ଥ ନୁହେଁ ଯେ, କଂଗ୍ରେସ କି ଭାଜପା ଦୁର୍ବଳ। ଗତ ୨ଟି ନିର୍ବାଚନରେ ଯାହା ଦେଖାଯାଇଛି କଂଗ୍ରେସ ଗୋଷ୍ଠୀ କନ୍ଦଳ ବିଜେଡିକୁ ସୁହାଇଛି। ଭାଜପାର ସ୍ଥିତି ପୂର୍ବରୁ ଯଦିଓ ଦୁର୍ବଳ ଥିଲା ବର୍ତ୍ତମାନ କିନ୍ତୁ ସେ ପରିସ୍ଥିତି ନାହିଁ। ଆଗାମୀ ସାଧାରଣ ନିର୍ବାଚନରେ ଯଦି ବିଜେଡି, କଂଗ୍ରେସ ଓ ଭାଜପା ଉପଯୁକ୍ତ ପ୍ରାର୍ଥୀ ଦେବ ଏବଂ ଦଳୀୟ ବିବାଦ ରହିବନି ତେବେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ଅଛି। ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ କହିଲେ ବାଲିକୁଦା ଓ ଏରସମା ବ୍ଲକ ଅଞ୍ଚଳକୁ ବୁଝାଏ। ୨୦୦୯ ନିର୍ବାଚନରେ ଦେଖାଯାଏ, ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଓ କଂଗ୍ରେସର ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୁଦୁଲିଙ୍କୁ ୮୯,୦୪୪ ଓ ସ୍ୱାଇଁଙ୍କ ସପକ୍ଷରେ ୫୭,୬୫୯ ଭୋଟ ଯାଇଥିଲା। ଭାଜପା ପ୍ରାର୍ଥୀ ପ୍ରିୟ ରଞ୍ଜନ ଦାଶ ୫,୮୩୨ ଓ ଏସ୍‌ଏଏମ୍‌ଓର ଜ୍ଞାନରଞ୍ଜନ ମହାନ୍ତିଙ୍କୁ ମାତ୍ର ୧,୭୦୯ ଖଣ୍ଡ ଭୋଟ ମିଳିଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ମୁଦୁଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସ୍ୱାଇଁଙ୍କ ୩୧,୩୮୫ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏହି ବ୍ୟବଧାନ ହାର ୨୦.୩୫% ଥିଲା, ଯାହାକି ଗୁରୁତ୍ୱପୂର୍ଣ୍ଣ। କାରଣ ବିଜେଡି ସପକ୍ଷରେ ୫୭.୭୩%, କଂଗ୍ରେସ ୩୭.୩୮%, ଭାଜପା ୩.୭୮% ଓ ଏସ୍‌ଏଏମ୍‌ଓ ପ୍ରାର୍ଥୀଙ୍କୁ ୧.୧୧% ଭୋଟ ମିଳିଥିଲା। ଏଥିରୁ ସ୍ପଷ୍ଟ ଭାଜପା ସ୍ଥିତି ଅତି ଦୁର୍ବଳ ଏବଂ କଂଗ୍ରେସ ତାର ସ୍ଥିତି ବଜାୟ ରଖିପାରିନାହିଁ। ୧୯୯୫, ୨୦୦୦ ଓ ୨୦୦୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ହଠାତ୍ ୨୦୦୯ ଓ ୨୦୧୪ରେ ଭୋଟ ହାର କମିଯିବା ଆଲୋଚନାକୁ ଖୋରାକ ଯୋଗାଇଛି। ୧୯୯୫ ନିର୍ବାଚନକୁ ଦେଖିଲେ ଜଣାଯାଏ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ର ବିଜୟୀ ହୋଇଥିଲେ। ୨୦୦୦ରେ କିନ୍ତୁ ପୂର୍ବରୁ ଅଣ କଂଗ୍ରେସରେ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ କଂଗ୍ରେସ ଦଳରେ ମିଶାଯାଇ ପ୍ରାର୍ଥୀ କରାଯାଇଥିଲା। ସ୍ୱାଇଁ ୧୯୯୦ରେ ଜନତା ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ଏବଂ ରାଜ୍ୟର ଜଣେ ଟାଣୁଆ ନେତା ଥିବାରୁ ଦଳ ଏଭଳି ନିଷ୍ପତ୍ତି ନେଇଥିଲା। ହେଲେ କଂଗ୍ରେସ ସଂଗଠନ ତତ୍କାଳୀନ ବାଲିକୁଦା ନିର୍ବାଚନମଣ୍ଡଳୀରେ ଦୁଇ ଗୋଷ୍ଠୀରେ ପରିଣତ ହେବା ଅବସ୍ଥାରେ ପହଞ୍ଚିଥିଲା। ଏଇଠୁ ଆରମ୍ଭ ହେଲା ବିବାଦ। ମହାପାତ୍ର ଟିକେଟ୍ ନ ପାଇ ଅସନ୍ତୁଷ୍ଟ ଥିଲେ ସୁଦ୍ଧା ଦଳ ବିରୋଧୀ କାର୍ଯ୍ୟ କରି ନ ଥିଲେ। ତେଣୁ ସ୍ୱାଇଁ ଜିତି ଯାଇଥିଲେ।

୨୦୦୪ ନିର୍ବାଚନରେ ପୁଣି ସ୍ୱାଇଁ କଂଗ୍ରେସ ଟିକେଟ୍ ପାଇବାରୁ ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ତଥାପି ସ୍ୱାଇଁ ପ୍ରାର୍ଥୀ ହୋଇ ବିଧାୟକ ହେବାକୁ ସମର୍ଥ ହୋଇଥିଲେ। ୨୦୦୯ ନିର୍ବାଚନ ବେଳକୁ କଂଗ୍ରେସ ଗୋଷ୍ଠୀ କନ୍ଦଳ ବଢି ଯାଇଥିଲା। ସେତେବେଳେ ବାଲିକୁଦା ନିର୍ବାଚନମଣ୍ଡଳୀ ମଧ ପୁନର୍ଗଠନ ହୋଇଗଲା। ନାଉଗାଁ ବ୍ଲକ ବାଦ୍ ପଡି ଏରସମା ଯୋଗ ହୋଇଥିଲା। ତେଣୁ ୨୦୦୯ ନିର୍ବାଚନରେ ବାଲିକୁଦା-ଏରସମା ନବଗଠିତ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ମହାପାତ୍ର ଓ ସାରଦା ଜେନା ପ୍ରାର୍ଥୀ ପାଇଁ ଆଶାୟୀ ହୋଇ ନିରାଶ ହେବାରୁ ସ୍ୱାଇଁଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ବିଜେଡି ପ୍ରାର୍ଥୀ ମୁଦୁଲିଙ୍କୁ ଏହା ସୁହାଇଥିଲା ଏବଂ ସେ ୫୭.୭୩% ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୧୪ରେ କିନ୍ତୁ ସ୍ୱାଇଁ କଂଗ୍ରେସ ଛାଡି ବିଜେଡିରେ ମିଶିଗଲେ। କଂଗ୍ରେସ ଲଲାଟେନ୍ଦୁ ମହାପାତ୍ରଙ୍କୁ ପ୍ରାର୍ଥୀ କଲା। ଏଥର ମହାପାତ୍ରଙ୍କୁ ୩୯,୯୮୧ (୨୧.୯୮%) ଖଣ୍ଡ ଭୋଟ ମିଳିଥିଲା। ଯାହାକି ୨୦୦୯ ନିର୍ବାଚନ ତୁଳନାରେ ୧୫.୪% କମ। କାରଣ କଂଗ୍ରେସ ନେତା ସାରଦା ପ୍ରସନ୍ନ ଜେନା ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବାରୁ ଏହା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଜେନାଙ୍କୁ ମିଳିଥିବା ୨୩,୯୪୮ (୧୩.୧୭%) ଖଣ୍ଡ ଭୋଟ ନିର୍ଣ୍ଣାୟକ ଭୂମିକା ନିଭାଇଥିଲା।

ସେହିପରି ବିଜେଡି ନେତା ରଘୁନନ୍ଦନ ଦାଶ ଟିକେଟ ନ ପାଇବାରୁ ସେ ମଧ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ମିଳିଥିଲା ୩୨,୧୩୫ (୧୭.୬୭%) ଖଣ୍ଡ ଭୋଟ। ଯେହେତୁ ବିଜେଡି ଓ କଂଗ୍ରେସର ୨ ଜଣ ଟାଣୁଆ ନେତା ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ଫଳ କାହା ସପକ୍ଷରେ ଯିବ କହିବା ମୁସ୍କିଲ ଥିଲା। ତଥାପି ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ୬୯,୩୩୫ (୩୮.୧୨%) ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଠାରୁ ବିଜେଡି ପ୍ରାର୍ଥୀ ମୁଦୁଲି ଅଧିକ ୨୯,୩୫୪ (୧୩.୧୩%) ଖଣ୍ଡ ଭୋଟ ପାଇଥିଲେ। ତାଙ୍କୁ ମିଳିଥିବା ଭୋଟ ହାର ୨୦୦୯ ନିର୍ବାଚନ ତୁଳନାରେ ୧୯.୬୧% କମ ଥିଲା। ଏସବୁ ସମୀକରଣକୁ ଦେଖିଲେ ଜଣାଯାଏ ଆଗାମୀ ନିର୍ବାଚନରେ କଣ ହେବ ତାହା ଏବେଠୁ ଆକଳନ କରିବା ସହଜ ନୁହେଁ। କାରଣ ରଘୁନନ୍ଦନ ଦାଶ ଏବେ ଭାଜପାରେ। ତାଙ୍କୁ ମିଳିଥିବା ୧୭.୬୭% ଓ ଭାଜପାର ୨.୦୫% ଭୋଟ ମିଶିଲେ ହେବ ୧୯.୭୨%। ଏହାବାଦ୍ ୪ ବର୍ଷ ଧରି ଭାଜପା ସାଙ୍ଗଠନିକ ସ୍ଥିତିରେ ଅନେକ ଉନ୍ନତି ଘଟିଛି। ତେଣୁ ଏହି ଦଳ ତ୍ରିମୁଖୀ ଲଢେଇରେ ସାମିଲ ହେବ। କଂଗ୍ରେସ ଭୋଟ ଯେବେ ଭାଗ ନ ହୁଏ ତେବେ ସାରଦା ଜେନାଙ୍କୁ ମିଳିଥିବା ୧୩.୧୭% ଓ ଦଳୀୟ ୨୧.୯୮% ମିଶି ହେବ ୩୫.୧୫%। ଏଥିସହ ଟିମ୍ ସ୍ପିରିଟ୍ କାମ କଲେ କଂଗ୍ରେସ କଡା ଟକ୍କର ଦେବ। ବିଶେଷକରି ମହାପାତ୍ର ଓ ଜେନାଙ୍କୁ ଏକାଠି କରିବା ବଡ କଥା। ତାହା ନ ହେଲେ ବିଜେଡିକୁ ସୁହାଇବ। ବିଜେଡିରୁ ଯେବେ ଆଉ କେହି ପ୍ରାର୍ଥୀ ହୁଅନ୍ତି ତେବେ ସେତେବେଳେ ସମୀକରଣ ବଦଳିପାରେ। ତେବେ ଦେଖାଯାଉ ଆଗକୁ କଣ ହେଉଛି।

## ଓଡ଼ିଶା ମୋଟର ଚାଳକ ସଂଘର ଜିଲାସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ମୋଟର ଚାଳକ ସଂଘ କର୍ମକର୍ତ୍ତା।

ବାଲିକୁଦା,୫ା୯(ସ୍ୱ.ପ୍ର.)

ଓଡ଼ିଶା ମୋଟର ଚାଳକ ସଂଘର ଜିଲାସ୍ତରୀୟ ବୈଠକ ବାଲିକୁଦା ଶାଖା ସଂଘ ଆୟୋଜନକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ବ୍ଲକ ମରିଚିପୁରସ୍ଥିତ ମା' ବନ୍ଦରେଇଙ୍କ ପୀଠରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବାଲିକୁଦା ଶାଖା ସଂଘ ସଭାପତି ଶେଖ୍ ସଫିଉଲ୍ଲା(ଚାଚା) ଅଧକ୍ଷତା କରିଥିଲେ। ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଦେବେନ୍ଦ୍ର ବେହେରା, କୋଷାଧକ୍ଷ ବିଦ୍ୟାଧର ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଚୈତନ୍ୟ ସାହାଣୀ, ସହ କୋଷାଧକ୍ଷ ଦିଲୀପ କୁମାର ସ୍ୱାଇଁ ଓ ଜିଲା ସହ ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଚାଳକଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ଚାଳକଙ୍କୁ ସୁ ସଂଗଠିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ସାଙ୍ଗଠନିକ ସମ୍ପାଦକ ସିଦ୍ଧେଶ୍ୱର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବାଲିକୁଦା ଶାଖା କୋଷାଧକ୍ଷ ଅଭୟ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହି ଚାଳକଙ୍କ ସମସ୍ୟା ସମାଧାନ ଦିଗରେ ଆଲୋକପାତ କରିଥିଲେ। ଉପସଭାପତି ବିକ୍ରମଜିତ୍ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କମଳ ଲୋଚନ ସେନାପତି ବିବରଣୀ ପାଠ କରିଥିଲେ। ଅନନ୍ତ ସାହାଣୀ ଧନ୍ୟବାଦ ଦେଇଥିଲେ। ସହ କୋଷାଧକ୍ଷ ପ୍ରଶାନ୍ତ କୁମାର ମଲ୍ଲିକ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ବାରିକ, ଉପେନ୍ଦ୍ର ଓଝା, ଗଣେଶ ପରିଡା, ବାବାଜୀ ପଡିହାରି, ହୃଷୀକେଶ ଜେନା, ଶରତ ମଲ୍ଲିକ, ଅରୁଣ କୁମାର ମଲ୍ଲିକ, ପଞ୍ଚାନନ ବାଗ୍, ନିତ୍ୟାନନ୍ଦ ମଲ୍ଲିକ, ଦୀପକ ସ୍ୱାଇଁ, ଦୀପକ ବାରିକ, ଜିତେନ୍ଦ୍ର ଦାସ ଓ ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ଶତାଧିକ ଚାଳକ ଅଂଶଗ୍ରହଣ କରିଥିଲେ।

## ଚିଙ୍ଗୁଡି ଘେରିରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ବାଲିକୁଦା,୫ା୯(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ କୁଷୁପୁର ପଞ୍ଚାୟତ ବାଲିଜୋରି ଅଞ୍ଚଳର ଏକ ଚିଙ୍ଗୁଡି ଘେରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ କେଉଁଝର ଜିଲାର ତପନ ମହନ୍ତ। ସେ ଘେରିରେ ଲଗା ଯାଇଥିବା ଜେନେରେଟର ଚଳାଇବାକୁ ଯାଇଥିବା ବେଳେ ସେଥିରୁ କରେଣ୍ଟ ଲାଗିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବର ପାଇ ବନ୍ଦର ସାମୁଦ୍ରୀକ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସୂଚନା ଅନୁସାରେ ତପନ ଅଞ୍ଚଳର ଚିଙ୍ଗୁଡି ଘେରିରେ କାମ କରି ପରିବାର ଚଳାଉଥିଲେ। ରାତିରେ ଘେରିରେ ମଟର ଚଳାଇବା ପାଇଁ ଜେନେରେଟରକୁ ଷ୍ଟାର୍ଟ୍ କରିଥିଲେ। ଏହି ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଛିଟିକି ଘେରିର ପୋଖରୀରେ ପଡିଯାଇଥିଲେ। ସେଠାରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ତପନଙ୍କ ପରିବାରଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆ ଯାଇଥିଲେ ମଧ ଖବର ଲେଖା ହେବା ବେଳକୁ କେହି ଆସି ନ ଥିଲେ। ଏ ନେଇ ବାଲିକୁଦା ଥାନାରେ ଏକ ଅପମୃତ୍ୟୁ ରୁଜୁ ହୋଇଛି। ବନ୍ଦର ସାମୁଦ୍ରୀକ ଥାନା ଏଏସଆଇ ସୁଶାନ୍ତ କୁମାର ସାହୁ ଘଟଣାର ତଦନ୍ତ ଚଳାଇଛନ୍ତି।

### ବିରିଡି ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ବିରିଡି,୫ା୯(ଡି.ଏନ.ଏ.)

ବିରିଡି ବ୍ଲକର ବିଡିଓ ପରେଶ କୁମାର ନାୟକ ୭ମାସ କାର୍ଯ୍ୟ ତୁଲାଇବା ପରେ ତାଙ୍କର କଟକ ଜିଲା ତିଗିରିଆ ବ୍ଲକକୁ ବଦଳି ହୋଇଛି। ଏଣୁ ବ୍ଲକ ପକ୍ଷରୁ ତାଙ୍କୁ ଉପଢ଼ୌକନ ଓ ପୁଷ୍ପ ଗୁଚ୍ଛ ଦିଆଯାଇ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ବ୍ଲକ ଆକାଉଣ୍ଟସ ଅଫିସର ମଧୁସୂଦନ ରାଉତଙ୍କ ଭୁବନେଶ୍ୱର ଓ ବରିଷ୍ଠ କିରାଣି ରଞ୍ଜନ ବେହେରାଙ୍କ ବିରିଡି ତହସିଲକୁ ବଦଳି ହୋଇଛି। ଏଣୁ ସମସ୍ତଙ୍କୁ ବ୍ଲକର କର୍ମଚାରୀମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଗିରିଜା ପ୍ରସାଦ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ନନ୍ଦୋତ୍ସବ

ବାଲିକୁଦା,୫ା୯(ସ୍ୱ.ପ୍ର.)

ବାଲିକୁଦାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନନ୍ଦୋତ୍ସବ ପାଳିତ ହୋଇଛି। ଥାଇଲୋ ପଞ୍ଚାୟତର ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ଶ୍ରୀକୃଷ୍ଣଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ପଣ୍ଡିତ ଶାରଦା ପ୍ରସାଦ ଶତପଥୀ ଏହା ପ୍ରତିଷ୍ଠା କରିଥିଲେ। ୨୫ କୁନି ଛାତ୍ରୀଛାତ୍ର ଶ୍ରୀରାଧା, ଶ୍ରୀକୃଷ୍ଣ, ସଖା ସୁଦାମା ଓ ନନ୍ଦ ଯଶୋଦା ବେଶରେ ସଜେଇ ହୋଇ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜିତ ସଭାରେ ଗୁରୁକୁଳ ସଭାପତି ମନ୍ମଥ ପରିଡା ସଭାପତିତ୍ୱ କରିଥିଲେ। ଧର୍ମାନନ୍ଦ ଦାସ ମୁଖ୍ୟଅତିଥି, ପୂର୍ବତନ ବିଆରସିସି ପ୍ରଭାତ ଗୋଚ୍ଛାୟତ ମୁଖ୍ୟବକ୍ତା, ସରପଞ୍ଚ ଅଶୋକ ବିଶ୍ୱାଳ, ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ଷଡଙ୍ଗୀ, ରୁଦ୍ରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ଜେନା, ସହକାରୀ ସମ୍ପାଦିକା ରୀତା ପରିଡା, ପ୍ରସନ୍ନ ସାହୁ, ରାମଚନ୍ଦ୍ର ଶତପଥୀ ଓ ପ୍ରଫୁଲ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଖାଙ୍କରପୁର ଯାଦବ ସମିତି ପକ୍ଷରୁ ନନ୍ଦୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳାଇଙ୍କ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାରମ୍ପରିକ ବେଶରେ କୁନି କୁନି ପିଲା ସଜେଇ ହୋଇ ଗାଁ ପରିକ୍ରମା କରିଥିଲେ। ଯାଦବ ସମିତି ସଭାପତି ନାଥୁରାମ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ଦୁର୍ଗା ଚରଣ ଦାସ, ରାଜକିଶୋର ଦାସ ଓ ପୁରୁଷୋତ୍ତମ ଦାସ ପରିଚାଳନା କରିଥିଲେ।

## ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ନାଉଗାଁ,୫ା୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅକ୍ଷୟ କୁମାର ସାହାଣୀ, ରାକଲ ରାୟ, ସର୍ବେଶ୍ୱର ପରିଡା, ରବି ପଟ୍ଟନାୟକ, ବଂଶୀଧର ଆଚାର୍ଯ୍ୟ, ଅମୂଲ୍ୟ କୁମାର ମିଶ୍ର, ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ରାଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଷ୍ଠା ଦିବସ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ପାଳନ କରାଯିବାକୁ ସ୍ଥିର ହୋଇଛି। ପ୍ରତିଷ୍ଠା ଦିବସ ଶୃଙ୍ଖଳିତ ଭାବେ ପାଳିବାକୁ ଏକ କମିଟି ଗଠନ କରାଯାଇଛି। ପରବର୍ତ୍ତୀ ବୈଠକ ସେପ୍ଟେମ୍ବର ୨୩ରେ ମହାନଦୀ ବିହାରସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

## ଅଳକା ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବିରିଡି,୫ା୯(ଡି.ଏନ.ଏ)

ବିରିଡି ବ୍ଲକ ଅଧୀନ ଅଳକା ମହାବିଦ୍ୟାଳୟର ଓଡିଆ ଏବଂ ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ବନମାଳି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓଡିଆ ବିଭାଗ ମୁଖ୍ୟ ଅଧାପିକା ସବିତା ମହାନ୍ତି, ପ୍ରାଧ୍ୟାପକ ବିଶ୍ୱଜିତ ରାୟ, ଅଧାପକ ଡ. ରୁଦ୍ରନାରାୟଣ ମିଶ୍ର, ପ୍ରାଧାପକ ଭରତ ଚନ୍ଦ୍ର ପ୍ରଧାନ, ଅଧାପକ ପରିକ୍ଷିତ ମଲ୍ଲିକ, ଅଧାପିକା ରେବତୀ ମୁଦୁଲି ଓ ଅଧାପିକା ରଶ୍ମିତା ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା, ଶୃଙ୍ଖଳା, ଓଡିଆ ଭାଷାର ଅଭିବୃଦ୍ଧି, ସମୟାନୁବର୍ତ୍ତିତା ଉପରେ ବୁଝାଇଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ନୀତି ନିୟମ ଉପରେ ସଚେତନ କରାଇବା ସହ ମହାବିଦ୍ୟାଳୟର ସମ୍ମାନ କିପରି ରକ୍ଷାହେବ ସେ ସମ୍ବନ୍ଧରେ ଉପଦେଶ ଦେଇଥିଲେ। ଅଧାପକ ସୌମ୍ୟରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।


ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥି।

## ୧୩ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା, ୫ା୯(ସ୍ୱ.ପ୍ର.)


ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଗୁରୁଦିବସ ଅବସରରେ କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୧୩ କୃତୀ ଶିକ୍ଷକ ଓ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟବକ୍ତା ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ସମ୍ମାନିତ ଅତିଥି ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ କୁମାର ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସାହୁ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତ ଓ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ନିଷ୍ଠାର ସହ ଶିକ୍ଷାଦାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବାହରାଣା ସମିତିସଭ୍ୟ ନିଳମଣୀ ବେହେରା ଅତିଥିଙ୍କ ନାମ କରଣ ଅନୁଯାୟୀ ଶ୍ଳୋକ ମାଧମରେ ପରିଚୟ ଦେବା ସହିତ ଗୁରୁ ଶିଷ୍ୟଙ୍କ ପରମ୍ପରା ସମ୍ପର୍କରେ କହିଥିଲେ। ପ୍ରଥମେ ଅତିଥି କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଡ. ସର୍ବପଲ୍ଲି ରାଧାକ୍ରୀଷ୍ଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଦିବଂଗତ

### ବ୍ଲକସ୍ତରୀୟ ଗୁରୁଦିବସ

ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଦାସଙ୍କୁ ଶିକ୍ଷକଶ୍ରୀ ସମ୍ମାନରେ ବିଧାୟକ ମୁଦୁଲି ସମ୍ମାନୀତ କରିଥିବା ବେଳେ କାର୍ଯ୍ୟରତ ୧୧ କୃତୀ ଶିକ୍ଷକ ଓ ଗତ ବର୍ଷ ରାଜ୍ୟ ପୁରସ୍କାର ପାଇଥିବା ୨ କୃତୀ ଶିକ୍ଷକଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲ। ସନ୍ତୋଷ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧକ୍ଷ ଦାସ ଧନ୍ୟବାଦ ଦେଇଥିଲେ। ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ସାମାଜିକ କର୍ମୀ ଦାମୋଦର ମହାନ୍ତି, କର୍ମଚାରୀ ବିଜୟ କୁମାର ସ୍ୱାଇଁ ଓ ଉଲ୍ଲାସ ବାରିକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜୁଡିସିଆଲ୍ କ୍ୟାମ୍ପସ ପାଇଁ ଏକ୍ସପ୍ରେସ୍ କଲୋନୀ ସଫେଇ

**କୁଜଙ୍ଗ,୫।୯(ସ୍ୱ.ପ୍ର.):** କୁଜଙ୍ଗ ବଜାର ସନ୍ନିକଟ ବହୁ ପ୍ରତିକ୍ଷିତ ୪ ଏକର ପରିମିତ ଜୁଡିସିଆଲ୍ କ୍ୟାମ୍ପସ ପାଇଁ ବୁଧବାର ଏକ୍ସପ୍ରେସ୍ କଲୋନୀର ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତରେ ପ୍ରଶାସନ ଏହି ସଫେଇ ଆରମ୍ଭ କରିଥିଲା। ପୂର୍ବରୁ କଲୋନୀରେ ରହୁଥିବା ଅନ୍ତେବାସୀଙ୍କୁ ଘର ଛାଡ଼ିବା ପାଇଁ ସମୟ ଦିଆଯାଇଥିବା ବେଳେ କେତେଜଣ ଛାଡ଼ି ନ ଥଲେ। ଫଳରେ ୩ଟି ଘର ଭଙ୍ଗାଯାଇଛି। କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସଂଘ ଉପସଭାପତି ଦାମୋଦର ସ୍ୱାଇଁ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାନ୍ତି ଓ ଲକ୍ ଥାନା ଅଧିକାରୀ ଚିନ୍ମୟ ରାଉତଙ୍କ ସମେତ ଅତିରିକ୍ତ ତହସିଲଦାର ଅଟଳ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ଦାବି ଯୋଗୁ ପ୍ରଶାସନ ଏହି ସଫେଇ ଅଭିଯାନ ଆରମ୍ଭ କରିଛି।

### ବାଣୀପୀଠରେ ସ୍ୱଚ୍ଛତା ପକ୍ଷ ପାଳିତ

**ନାଉଗାଁ,୫।୯(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଜାମୁଦଣ୍ଡାସ୍ଥିତ ପଞ୍ଚାୟତ ବାଣୀ ପୀଠରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ରୁପେଶ ରଞ୍ଜନ ରାଉତ, ପ୍ରଫୁଲ୍ଲ ବିଶ୍ୱାଳ, ସାଗରିକା ସ୍ୱାଇଁ ଓ ତିଲୋତମା ବେହୁରା ପ୍ରମୁଖ ଯୋଗଦେଇ ପିଲାଙ୍କୁ ପରିବେଶ ସଫା ରଖିବାକୁ ଶପଥ ପାଠ କରାଇଥିଲେ। ପରେ ନିଜ ବିଦ୍ୟାଳୟ ସମେତ ଗ୍ରାମ୍ୟ ପରିବେଶ କିପରି ସବୁଜ ସୁନ୍ଦର ରଖାଯିବ ସେ ବିଷୟରେ ବୁଝାଇଥିଲେ।

### ସୁନାମି ସତର୍କତା କାର୍ଯ୍ୟକ୍ରମ



**ପାରାଦୀପ,୫।୯(ସ୍ୱ.ପ୍ର.):** ପାରାଦୀପ ପୌରାଞ୍ଚଳର ୧୪, ୧୫, ଓ ୧୬ ନଂ ୱାର୍ଡରେ ବୁଧବାର ସୁନାମୀ ସତର୍କତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ୍ରାଫ ଓ ପୌରପାଳିକା ପକ୍ଷରୁ ସ୍ଥାନୀୟ କାଉନସିଲରଙ୍କ ସହଯୋଗରେ ଲୋକଙ୍କୁ ସଚେତନ କରାଯାଇଥିଲା। ସନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ କରିହେବ ସେ ସମ୍ପର୍କରେ କୁହାଯାଇଥିଲା।

### ଉଦ୍ୟୋଗୀ ଚୟନ ଶିବିର



**ପାରାଦୀପ,୫।୯(ସ୍ୱ.ପ୍ର.):** ପାରାଦୀପ ବଡ଼ ପଡ଼ିଆଠାରେ ଥିବା ଏକ ୟୁନିୟନ ଅଫିସରେ ବୁଧବାର ଉଦ୍ୟୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ର ଜଗତ୍‌ସିଂହପୁର ଓ ଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ୩୦ ଜଣ ଉଦ୍ୟୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ୧୨ଦିନିଆ ତାଲିମ ଦିଆଯିବ ବୋଲି ଶିବିରରେ ଉପସ୍ଥିତ ଥିବା ଅଣୁକ୍ଷୁଦ୍ର ମଧମ ବିଭାଗର ସାଧାରଣ ପରିଚାଳକ ରମାନାଥ ମହାପାତ୍ର କହିଛନ୍ତି। ଏହି ବିଭାଗ ଦ୍ୱାରା ବେକାର ନିଜେ କ୍ଷୁଦ୍ର କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହେବାସହ ଅନ୍ୟମାନଙ୍କୁ ରୋଜଗାର ଦେବାରେ ସହଯୋଗ କରିପାରିବେ। ପାରାଦୀପରେ ଥିବା ବୃହତଶିଳ୍ପରୁ ବାହାରୁଥିବା ବିଭିନ୍ନ ଉତ୍ପାଦିତ ସାମଗ୍ରୀକୁ କଞ୍ଚାମାଲ ରୂପେ ବ୍ୟବହାର କରିବାର ସୁଯୋଗ ଅଛି। ଏଥିପାଇଁ ସରକାରୀଭାବେ ପ୍ରୋତ୍ସାହନ ମଧ ମିଳିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧରେ ଶିଳ୍ପ ବିକାଶ ଅଧିକାରୀ ହୃଷୀକେଶ ବେହେରା ଓ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କର ପ୍ରତିନିଧମାନେ ଉପସ୍ଥିତ ଥିଲେ।

■ ଏରସମା ବିପ୍ଳବ ଦିବସ ଆଜି

# ଜିଲାବାସୀଙ୍କ ପାଇଁ ଅଲୋଡ଼ା ସ୍ମୃତିସ୍ତମ୍ଭ

**ଏରସମା,୫।୯(ସ୍ୱ.ପ୍ର.)**



■ ଜଗନ୍ନାଥପୁର (ତିରଣ) ଡାକ ବଙ୍ଗଳାରେ ଅଗ୍ନି ସଂଯୋଗ କରାଯାଇଥିଲା

■ ଗୌରୀଶ୍ୟାମ ନାୟକଙ୍କ ଦ୍ୱାରା ଜନ୍ମ ନେଇଥିଲା ଶାନ୍ତି ସେବକ ସମିତି

ଗାନ୍ଧିଜୀଙ୍କ ଡାକରାରେ ବ୍ରିଟିଶ ସରକାରଙ୍କୁ ଭାରତରୁ ହଟାଇବା ପାଇଁ ଜଗତ୍‌ସିଂହପୁର ଜିଲା ଏରସମାର ଛାତ୍ରନେତା ଗୌରୀଶ୍ୟାମ ନାୟକଙ୍କ ଦ୍ୱାରା ଜନ୍ମ ନେଇଥିଲା ଶାନ୍ତି ସେବକ ସମିତି ନାମକ ଯୁବ ସଂଗଠନ। ସେ ଦିନର ଆନ୍ଦୋଳନକୁ ମନେ ପକାଇବା ପାଇଁ ରହିଛି ସଂଗ୍ରାମୀଙ୍କ ନାମ ବହନ କରୁଥିବା ଏକ ସ୍ମୃତି ସ୍ତମ୍ଭ। ଏହି ସ୍ମୃତିସ୍ତମ୍ଭ ଏବେ ଜିଲାବାସୀଙ୍କ ପାଇଁ ଅଲୋଡା ହୋଇ ରହିଛି। କେବଳ ସ୍ୱାଧୀନତା ଦିବସ ଓ ସାଧାରଣ ତନ୍ତ୍ର ଦିବସରେ ସ୍ଥାନୀୟ ଅଞ୍ଚଳର ଲୋକେ ଏଠାକୁ ଆସିଥାନ୍ତି। ଫୁଲ ମାଳଟିଏ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଦେଲା ପରେ ସବୁ କାମ ଶେଷ ହୋଇଯାଏ। ତତ୍କାଳୀନ ଏହି ମୁକ୍ତି ସଂଗ୍ରାମରେ ହାଜିପୁର ଗ୍ରାମର ବୈଷ୍ଣବ ପଟ୍ଟନାୟକ, ଶ୍ୟାମସୁନ୍ଦର କାନୁନଗୋ, ଡିହସାହିର ହାଡିବନ୍ଧୁ ସ୍ୱାଇଁ, ଗୌଡସାହିର ଆଦିକନ୍ଦ ସେଠୀ, ଗୋଡାର ଧନେଶ୍ୱର ସେନାପତି, କିଆଦାର ବିଷ୍ଣୁ ଚରଣ ଶୁକ୍ଳା, ବେଲ ଦେଇ, ସିହାର ପରମାନନ୍ଦ ସ୍ୱାଇଁ, ବନମାଳି ସ୍ୱାଇଁ, କେଳୁ ଦାସ, ନରସିଂହପୁରର ଦାସ ମଳିକ, ଲଛମାକଣର ମାନ ସାମଲ, ପଞ୍ଚପଲ୍ଲୀର ବୀର କିଶୋର ମହାନ୍ତି, ଦିବାକର ମହାନ୍ତି, ଗଡକୁଜଙ୍ଗର ଭ୍ରମରବର ଦାସ, ସିଂହପୁରର ଦୁର୍ଯ୍ୟୋଧନ ପଟ୍ଟନାୟକ, ଭିରଙ୍ଗର ମାୟାଧର ରାଉତ, ପଏଦାର ଭାଇଗ ପ୍ରଧାନ, ଉଛବ ସ୍ୱାଇଁ ଓ ମାୟାଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ତତ୍କାଳୀନ ଏରସମା ଭଳି ଏକ ଉପାନ୍ତ ଅଞ୍ଚଳର ସେହି ଦେଶ ପ୍ରେମୀ ସଂଗ୍ରାମୀ ଏ ଜାତିର ମୁକ୍ତି ପାଇଁ ପ୍ରାଣ ଦେବାକୁ ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମର ମହାସ୍ରୋତରେ ସେମାନେ ସାମିଲ ହୋଇଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୬ ନିର୍ଜନ ରାତିରେ ବ୍ରିଟିଶ ଫଉଜକୁ ଖାତିର ନ କରି ଶାନ୍ତି ସେବକ ସମିତି ପକ୍ଷରୁ ତିର୍ତୋଲ ଥାନା ଅଧୀନ ଜଗନ୍ନାଥପୁର (ତିରଣ) ଡାକ ବଙ୍ଗଳାରେ ଅଗ୍ନି ସଂଯୋଗ କରାଯାଇଥିଲା। ଏଥି ସହିତ ଏ ମାଟିର ଶତାଧିକ ସଂଗ୍ରାମୀ ସ୍ୱଷ୍ଟ ଦିବାଲୋକରେ ଏରସମାର ତତ୍କାଳୀନ ବ୍ରିଟିଶ ଥାନରେ ଅଗ୍ନି ସଂଯୋଗ କରି ଧ୍ୱଂସ ସ୍ତୁପରେ ପରିଣତ କରିଥିଲେ। ଏରସମା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହା ଥିଲା ସ୍ଥାନୀୟ ଅଞ୍ଚଳ ପାଇଁ ସର୍ବଶ୍ରେଷ୍ଠ କ୍ରାନ୍ତିକାରୀ ସମାବେଶ। ଆକାଶବାଣୀର ବରିଷ୍ଠ ଗୀତିକାର ଶୁଭନାରାୟଣ ସ୍ୱାଇଁଙ୍କ ସ୍ୱାଧୀନତା ସଂଗ୍ରାମରେ ଏରସମାର ପୃଷ୍ଠ ଭୂମି ଉପରେ ଅଧୋରିତ ସଂଗ୍ରାମୀ ସ୍ମରଣେ ପୁସ୍ତକରୁ ମିଳିଥିବା ତଥ୍ୟ ଅନୁସାରେ, ସେତେବେଳେ ବ୍ରିଟିଶ ପୋଲିସ ଶତାଧିକ ଏରସମା ସ୍ୱାଧୀନତା ସଂଗ୍ରାମୀଙ୍କ ହାତରେ ହାତକଡି ପିନ୍ଧାଇବା ସହିତ ପରସ୍ପର ଅଣ୍ଟାରେ ଦଉଡି ବାନ୍ଧି ଦୁଇଟି ଧାଡିରେ ଦୀର୍ଘ ୨୦ କିମି ଚଲାଇ ନେଇ ତିର୍ତୋଲ ଥାନାରେ ବନ୍ଦୀ କରିଥିଲା। ସେଠାରେ ସେମାନଙ୍କୁ କଠୋର ଦଣ୍ଡ ମିଳିଥିଲା। ସେହି କ୍ରାନ୍ତୀଦର୍ଶୀ ସଂଗ୍ରାମୀଙ୍କୁ ସ୍ମରଣ କରିବା ପାଇଁ ଏରସମା ସଦରମହକୁମାସ୍ଥିତ ବଜାରରେ 'ଗୁଳି ବନ୍ଧୁକକୁ ନଥିଲୁ ଡରି 'ଶୀର୍ଷକ ଏକ ସଂଗ୍ରାମୀ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଛି। ସ୍ମୃତି ସଂଗ୍ରାମରେ ଝାସ ଦେଇଥିବା ଦେଶପ୍ରେମୀଙ୍କ ନାମ ଏଥିରେ ସ୍ଥାନୀତ କରାଯାଇଛି।



ବିରିଡ଼ିର ଏକ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ର ଗୁରୁମାଗୁରୁଜୀଙ୍କୁ ପୂଜା କରୁଛନ୍ତି।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ

**ବାଲିକୁଦା,୫।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁଦିବସ ପାଳିତ ହୋଇଛି। ଲଗାଣ ବର୍ଷା ବାଧକ ସାଜିଥିଲେ ସୁଦ୍ଧା ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜା କରି ହିତ ଉପଦେଶ ଗ୍ରହଣ କରିଥିଲେ। ଓଷକଣା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଗୁରୁଦିବସ ଉତ୍ସବରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ଛାତ୍ରୀ ମନୋସ୍ୱିନୀ ମହାନ୍ତି ସଭା ସଂଯୋଜନା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକିଶୋର ରାଉତରାୟ, ଉତ୍ସବର ମୁଖ୍ୟ ଆୟୋଜକ ଶିକ୍ଷକ ଅରୁଣ ମହାନ୍ତି, ଶିକ୍ଷକ ରବୀନ୍ଦ୍ର ନାୟକ, ସୁଦର୍ଶନ ବେହେରା, ମନୋରଞ୍ଜନ ମହାନ୍ତି, ଅମରକାନ୍ତ ପଣ୍ଡା, ରଶ୍ମିରଞ୍ଜନ ବେଉରା, ଶତଦଳ କୁଅଁର, ଲିଟୁ ସେନାପତି, ଖବରଦାତା ବିଧାନ ରାଉଳ, ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ, ସୋଏଥା ମହାନ୍ତି ଓ ରୋଜାଲିନ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ଆଶ୍ରୀବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ରୀ ଐଶ୍ୱର୍ଯ୍ୟା ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ଜଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳରେ ଗୁରୁ ଦିବସ ପାଳିତ ହେବା ସହିତ ବାଲିକୁଦା ଅଞ୍ଚଳର ରାଜ୍ୟ ପୁରସ୍କାର ପ୍ରାପ୍ତ କୃତୀ ଶିକ୍ଷକ ତଥା ବର୍ଷୀୟାନ ଶିକ୍ଷାବିତ୍ ମୁକୁନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଗୁରୁକୁଳର ଅଧକ୍ଷ କୃଷ୍ଣଚନ୍ଦ୍ର ଶତପଥୀ ଅଧକ୍ଷତା କରିଥିଲେ। ପରିଚାଳନା କମିଟି ସଭାପତି ମନ୍ମଥ ପରିଡା, ଧର୍ମାନନ୍ଦ ଦାସ, ରୁଷେନ୍ଦ୍ର ସାହୁ, ରୀତା ପରିଡା, ପ୍ରଶାନ୍ତ ଜେନା ଓ ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଗୁରୁ ଦିବସ ଉପରେ ବୁଝାଇଥିଲେ। ଗୁରୁକୂଳର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

**ବିରିଡି,(ଡି.ଏନ.ଏ):** ବିରିଡି ବ୍ଲକ ଅଧୀନରେ ଥିବା ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଗୁରୁଦିବସ ପାଳିତ ହୋଇଛି। ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମଙ୍ଗୁଲିରେ ଛାତ୍ରୀଛତ୍ରମାନେ ଗୁରୁମାଗୁରୁଜୀଙ୍କୁ ପୂଜା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରଧାନଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତି ଦିବସର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ଗୁରୁମାନଙ୍କ ପ୍ରତିଟି କଥା ମାନି ଚଳିବେବୋଲି କହିଥିଲେ। ଗୁରୁମାନେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ମାତାଗୁରୁ ପିତାଗୁରୁ ଓ ଶିକ୍ଷାଗୁରୁଙ୍କ ଉପଦେଶ ମାନିବା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ଗୁରୁଜନଙ୍କୁ ଭକ୍ତିକରିବା ପ୍ରଥମ କର୍ତ୍ତବ୍ୟ ବୋଲି ବୁଝାଇଥିଲେ। ସେହିପରି ଅଣଖିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବଡିମୀରା, କୂଳକଇଜଙ୍ଗା, ଚାଷୀଖଣ୍ଡ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହେବା ସହ କିଛି ସରକାରୀ ସ୍କୁଲରେ ଏହି ଦିବସ ପାଳିତ ହୋଇଥିଲା।

## ପଥୁରିଆ ଛକ ଦୁର୍ଘଟଣା

**କୁଜଙ୍ଗ,୫।୯(ସ୍ୱ.ପ୍ର.)**



ଦୁର୍ଘଟଣା ପରେ ରାସ୍ତାକଡ଼କୁ ଓଲଟି ପଡ଼ିଥିବା କାର।



ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି।

କଟକ-ପାରାଦୀପ ରାସ୍ତାର କୁଜଙ୍ଗ ନିକଟ ପଥୁରିଆ ଛକଠାରେ ବୁଧବାର ଅପରାହ୍ନ ୨ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକ କୁଜଙ୍ଗ ବଡ଼ପାଳ ଗ୍ରାମର ସଂସ୍କୃତ ଶିକ୍ଷକ ପରିକ୍ଷିତ ଶତପଥୀ (୫୨), ତାଙ୍କ ପୁଅ ଅଭିଷେକ ଶତପଥୀ (୧୧) ଓ ପୁତୁରା ବୈଦ୍ୟନାଥ ଶତପଥୀ(୨୬)। ଏହି ଘଟଣାକୁ ନେଇ ଦିନ ତମାମ କଟକ-ପାରାଦୀପ ରାସ୍ତା ଅବରୋଧ କରାଯାଇଥିବାବେଳେ ମୃତକଙ୍କ ପରିବାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁକୁ ପରିବାରଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି।

### ଜନ୍ମଦିନରେ ମୃତ୍ୟୁ

ପରିକ୍ଷିତଙ୍କ ପୁଅ ଅଭିଷେକଙ୍କ ବୁଧବାର ଜନ୍ମଦିନ ଥିଲା। ଏଥିପାଇଁ ଘରର ସଦସ୍ୟ ବେଶ୍ ଆନନ୍ଦିତ ଥିଲେ। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା। ଅନେକ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଜନ୍ମଦିନ କେକ୍ ଆଣିବାକୁ ବାପାଙ୍କ ସହିତ ଅଭିଷେକ କୁଜଙ୍ଗ ଆସିଥିଲେ। ମନ ପସନ୍ଦର କେକ୍ ମଧ କିଣିଥିଲେ। ପରିକ୍ଷିତ ତହସିଲକୁ ଯାଇ ନିଜର ଜମିଜମା କଥା ବୁଝିଥିଲେ ଓ କେକ୍ କିଣି ପୁଅକୁ ଧରି ଘରକୁ ଫେରିବା ବେଳେ କୁଜଙ୍ଗରୁ ପୁତୁରାକୁ ସ୍କୁଟିରେ ବସାଇ ନେଇ ଆସୁଥିଲେ। ଏହି ସମୟରେ ଘଟିଥିଲା ଦୁର୍ଘଟଣା। ସମସ୍ତେ ଅଲଗା ଅଲଗା ହୋଇ ଛିଟିକି ପଡ଼ିଥିଲେ। ଏହାପରେ ସବୁକିଛି ବଦଳି ଯାଇଥିଲା। ଅଭିଷେକଙ୍କ ଜନ୍ମଦିନରେ ମୃତ୍ୟୁ ଘଟିବ ଏକଥା ସମସ୍ତଙ୍କୁ ଚକିତ କରିଥିଲା। ଅଭିଷେକଙ୍କ ମୃତଦେହ ପାଖରେ ପଡ଼ିଥିଲା କେକ୍।

### ଗୁରୁଙ୍କ ପାଇଁ ଛାତ୍ରୀଛାତ୍ରଙ୍କ ଆଖିରେ ଲୁହ

ବୁଧବାର ଥିଲା ଗୁରୁଦିବସ। ପରିକ୍ଷିତ କେନ୍ଦ୍ରାପଡ଼ା ଜିଲା ବାଲିସାହି ହାଇସ୍କୁଲର ସଂସ୍କୃତ ଶିକ୍ଷକ ଥିଲେ। କୁଜଙ୍ଗ, ପଙ୍କପାଳ ଓ ବଡ଼ପାଳ ଅଞ୍ଚଳରେ ବହୁ ଛାତ୍ରୀଛାତ୍ର ତାଙ୍କ ପାଖରେ ପଢୁଥିଲେ। ତେବେ ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ପରିକ୍ଷିତ ପୁଅ ଜନ୍ମଦିନ ପାଇଁ ଘରେ ଅଟକି ଯାଇଥିଲେ। ସକାଳୁ ଅନେକ ଛାତ୍ରୀଛାତ୍ରଙ୍କ ଫୋନ କଲ୍ ପାଇଥିଲେ ଓ ସେମାନଙ୍କୁ ଆଶୀର୍ବାଦ କରିଥିବା ପରିବାର ଲୋକେ କହିଛନ୍ତି। ହେଲେ ପରେ ଶିକ୍ଷକଙ୍କ ମୃତ୍ୟୁ ହୋଇ ଯାଇଥିବା ଜାଣିବା ପରେ ଛାତ୍ରୀଛାତ୍ର ସ୍ତବ୍ଧ ହୋଇ ଯାଇଥିଲେ। ସମସ୍ତଙ୍କ ଆଖିରୁ ଲୁହ ଝରୁଥିଲା। ପ୍ରିୟ ଶିକ୍ଷକଙ୍କୁ ହରାଇ ଛାତ୍ରୀଛାତ୍ର ଯେପରି ବେଶାହାରା ହୋଇ ପଡ଼ିଥିବା ଦେଖା ଯାଇଥିଲା। ଗୁରୁଦିବସରେ ଜଣେ ପ୍ରିୟଶିକ୍ଷକଙ୍କ ଅକାଳ ବିୟୋଗ ଓ ତାଙ୍କର ପରିବାରରେ ଅହେତୁକ ଝଡ଼କୁ ନେଇ କୁଜଙ୍ଗ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଶିକ୍ଷକ ବାବୁରାଜ ଚୌଧୁରୀ, ସାମାଜିକ କର୍ମୀ ଚିତ୍ତରଞ୍ଜନ ମିଶ୍ର ଓ ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ ପ୍ରମୁଖ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ୧୮ ବର୍ଷ ପରେ ଖୋଲିଲା ଗୋଦାମ ଗୃହ

**ନାଉଗାଁ,୫।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତର ଗୋଦାମ ଗୃହ ୨୦୦୧ ମସିହାରୁ ବନ୍ଦ ହୋଇ ରହିଥିଲା। ଫଳରେ ପଞ୍ଚାୟତର କୌଣସି ଜିନିଷ ଗୋଦାମ ଗୃହରେ ରହି ପାରୁ ନ ଥିଲା। ତେଣୁ ସରପଞ୍ଚ ନଳିନୀପ୍ରଭା ସାହୁ ଗୋଦାମ ଗୃହ ଖୋଲିବା ପାଇଁ ଗତ ଅଗଷ୍ଟ ୨୭ ତାରିଖରେ ଜିଲାପାଳଙ୍କ ଜନ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ୟାମିନୀ ଷଡ଼ଙ୍ଗୀ ଗୋଦାମ ଗୃହ ଖୋଲିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସୋମବାର ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା, ବିଡିଓ ବିଜୟ କେତନ ଚୌଧୁରୀ ଓ ସରପଞ୍ଚ ସାହୁଙ୍କ ସମେତ ପଞ୍ଚାୟତର ୨୦ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଗୋଦାମ ଗୃହ ଖୋଲାଯାଇଛି। ଏହି ଗୋଦାମ ଗୃହରେ ୭ ଶହରୁ ୮ଶହ ବସ୍ତା ସିମେଣ୍ଟ ଗଚ୍ଛିତ ରହିଥିଲା। ସେସବୁ ଅଦରକାରୀ ହୋଇପଡିଛି। ତେଣୁ ଅଦରକାରୀ ସିମେଣ୍ଟକୁ ଗୋଦାମ ଗୃହରୁ ଖାଲି କରିବାକୁ ସରପଞ୍ଚ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗୋଦାମ ଗୃହ ଖୋଲିବା ଫଳରେ ପଞ୍ଚାୟତର ବିଭିନ୍ନ ସାମଗ୍ରୀ ଏଠାରେ ରହିପାରିବ ବୋଲି ସରପଞ୍ଚ କହିଛନ୍ତି।

## ସ୍ୱଚ୍ଛତା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

**ରାହାମା,୫।୯(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ବଜ୍ର ମହାକାଳି ଉଚ୍ଚ ବିଦ୍ୟାଳୟ ଓ ବାଣସରା ରତ୍ନମାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କ ଏକ ସ୍ୱଚ୍ଛତା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାର୍ଥନା ସଭାରେ ପରିବେଶ ସ୍ୱଚ୍ଛତା ପାଇଁ ଶପଥ ଗ୍ରହଣ କରିଥିଲେ। ପରେ କାଠକୋଟ ଓ ବାଣସରା ଗାଁ ପରିକ୍ରମା କରି ସ୍ୱଚ୍ଛତା ଏବଂ ପରିଚ୍ଛନତା ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ସଚେତନତା ରାଲିରେ ବାଣସରା ଗ୍ରାମର ଶତାଧିକ ଜନସାଧାରଣ ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଉକ୍ତ ବିଦ୍ୟାଳୟ ସହକାରୀ ବିଜ୍ଞାନ ଶିକ୍ଷକ ସୁଧୀର କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବଜ୍ର ମହାକାଳି ହାଇସ୍କୁଲ ପ୍ରଧାନଶିକ୍ଷକ ଗଗନ ବିହାରୀ ଲେଙ୍କା, ରତ୍ନମାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା, ସହକାରୀ ଶିକ୍ଷକ ନିମାଇଁ ଚରଣ ସାହୁ, ହିନ୍ଦୀ ଶିକ୍ଷକ ଗଦାଧର ପାଲ, ଶିକ୍ଷକ ଦୀପକ ମହାପାତ୍ର, ସୁଜିତ ମହାପାତ୍ର ଓ ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାକର ମଲ୍ଲ, ତପନ ପରିଜା, ନରେଶ ପରିଜା, ସୁବ୍ରତ ପରିଜା, ମନ୍ଦରଧର ମହାପାତ୍ର, ଅଧାପକ ଅକ୍ଷୟ କୁମାର ରାଉତ, ରାଜେଶ ନାୟକ, ଭାବଗ୍ରାହୀ ଦାସ, ନରେନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ସେଠୀ, ପ୍ରିୟବ୍ରତ ମହାନ୍ତି, ରଞ୍ଜନ କୁମାର ଲେଙ୍କା ଓ ରତ୍ନାକର ପରିଜା ପ୍ରମୁଖ ଯୋଗଦେଇ ସହଯୋଗ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।




ଛାତ୍ରୀଛାତ୍ର ଗ୍ରାମରେ ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି।

■ ଜିଲାସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବ

## ପରିବେଶ, ପାଇଖାନା ଓ ଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୫।୯**



ଜିଲାସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥି ଉପସ୍ଥିତ।

ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାର ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସ୍ୱଚ୍ଛ ଭାରତ ମିଶନ ଜରିଆରେ ସ୍ୱଚ୍ଛ ବିଦ୍ୟାଳୟ ବଛାଯାଉଛି। ଯେଉଁ ବିଦ୍ୟାଳୟ ସ୍ୱଚ୍ଛ ପରିବେଶ, ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ ଓ ସୁଦ୍ଧ ପାନୀୟ ଜଳ ରଖୁଛନ୍ତି ସେଗୁଡିକୁ ପୁରସ୍କୃତ କରାଯାଉଛି। ଏଭଳି ହେବା ଦ୍ୱାରା ଅନ୍ୟ ବିଦ୍ୟାଳୟଗୁଡିକ ସେମାନଙ୍କ ଶିକ୍ଷାନୁଷ୍ଠାନର ଉତ୍ତମ ପରିବେଶ ଉପରେ ଦାୟିତ୍ୱବାନ ହେବେ। ବୁଧବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି।

ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସପନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ୟାମିନୀ ଷଡ଼ଙ୍ଗୀ କହିଥିଲେ, ଶୌଚାଳୟ ପରିଷ୍କାର, ପରିବେଶ ସ୍ୱଚ୍ଛ ରଖିବା ଆମ ପ୍ରତ୍ୟେକଙ୍କ କର୍ତ୍ତବ୍ୟ। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ବିଦ୍ୟାଳୟ ଯେପରି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବେ ସେଥିନେଇ ଉପସ୍ଥିତ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରତିଭା ମଞ୍ଜରୀ ଦାସ କହିଥିଲେ, ବିଦ୍ୟାଳୟଗୁଡିକ ସ୍ୱଚ୍ଛତା ପାଇଁ ପ୍ରାଧାନ୍ୟ ଦେବାକୁ ପଡିବ। ତାହା ନ ହେଲେ ଶିକ୍ଷାଦାନ ପାଇଁ ଉତ୍ତମ ପରିବେଶ ରହିବ ନାହିଁ। ବିଭିନ୍ନ ମାନଦଣ୍ଡକୁ ଆଧାର କରି ବିଦ୍ୟାଳୟଗୁଡିକୁ ମନୋନୀତ ଓ ପୁରସ୍କୃତ କରାଯାଉଛି। ଆଗାମୀ ଦିନରେ ଅନ୍ୟ ବିଦ୍ୟାଳୟଗୁଡିକ ସ୍ୱଚ୍ଛତା ପାଇଁ ଅନୁପ୍ରାଣିତ ହେଲେ ଶୈକ୍ଷିକ ପରିବେଶ ରହିପାରିବ। ସ୍ୱଚ୍ଛତା ରହିଲେ ସ୍ୱାସ୍ଥ୍ୟ ଭଲ ରହିବ। ସ୍ୱାସ୍ଥ୍ୟ ଭଲ ରହିଲେ ସମ୍ପର୍କ ଠିକ ରହିବ। ସ୍କୁଲ ଏକମାତ୍ର ମାଧ୍ୟମ ଯେଉଁଠାରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରାଯାଇଛି। ଏହି ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରତ୍ୟେକ ବିଦ୍ୟାଳୟରେ ଶୁଦ୍ଧ ପାନୀୟ ଜଳ, ସୁସ୍ଥ ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଏସବୁ ଠିକ ରହିଲେ ଅଧିକରୁ ଅଧିକ ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ରହି ଉତ୍ତମ ଶିକ୍ଷା ଲାଭ କରିପାରିବେ। ତେଣୁ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ଆବଶ୍ୟକତା ରହିଥିବା ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ପାରାଦୀପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ରାଜ୍ୟସ୍ତରରେ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଜିଲାପାଳ ସ୍କୁଲ ଅଧକ୍ଷଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ୨୦୧୭-୧୮ ବର୍ଷ ପାଇଁ ଜିଲାର ୪୪ଟି ବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ୧୨,୭୯୦ କୋଟିର ...

### ଅତିରିକ୍ତ ବଜେଟରେ ବିଭାଗୱାରି ବ୍ୟୟ ବରାଦ

| ଦାବି ନଂ | ବିଭାଗ | ୨୦୧୮-୧୯ (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ | ମୋଟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| ୧. | ସ୍ୱରାଷ୍ଟ୍ର ବିଭାଗ | ୫୨୭୪.୩୯ | ୨୭୩.୦୭ | ୫୫୪୭.୪୬ |
| ୨. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୦୩.୭୪ | ୧୧୭.୪୫ | ୫୨୧.୧୯ |
| ୩. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୧୦୭୩.୮୨ | ୧୧.୮୯ | ୧୦୮୫.୭୧ |
| ୪. | ଆଇନ ବିଭାଗ | ୩୪୫.୧୦ | ୪୮.୬୭ | ୩୯୩.୭୭ |
| ୫. | ଅର୍ଥ ବିଭାଗ | ୨୪୫୩୦.୧୭ | ୩୫୦.୦୦ | ୨୪୮୮୦.୧୭ |
| ୬. | ବାଣିଜ୍ୟ ବିଭାଗ | ୮୫.୭୦ | ୯.୫୨ | ୯୫.୨୨ |
| ୭. | ନିର୍ମାଣ ବିଭାଗ | ୪୨୬୪.୮୮ | ୨୮୪.୩୫ | ୪୫୪୯.୨୩ |
| ୮. | ଓଡ଼ିଶା ବିଧାନସଭା | ୬୩.୫୪ | ୦.୦୦୦୨ | ୬୩.୫୪୦୨ |
| ୯. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧୧୪୮.୫୬ | ୮୯.୪୦ | ୧୨୩୭.୯୬ |
| ୧୦. | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧୪୪୮୭.୧୦ | ୧୨୧୦.୧୨ | ୧୫୬୯୭.୨୨ |
| ୧୧. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | ୩୪୧୩.୫୫ | ୪୩୫.୪୬ | ୩୮୪୯.୦୧ |
| ୧୨. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୬୧୫୯.୯୬ | ୪୦୦.୬୦ | ୬୫୬୦.୫୬ |
| ୧୩. | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୫୧୬୧.୮୦ | ୬୧୩.୯୫ | ୫୭୭୫.୭୫ |
| ୧୪. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୧୩୩.୮୬ | ୪.୩୭ | ୧୩୮.୨୩ |
| ୧୫. | କ୍ରୀଡ଼ା ଓ ଯୁବସେବା ବିଭାଗ | ୩୪୧.୦୧ | ୮୧.୪୮ | ୪୨୨.୪୯ |
| ୧୬. | ଯୋଜନା ଓ ସଂଯୋଜନା ବିଭାଗ | ୯୩୫.୪୩ | ୨୨୨.୩୭ | ୧୧୫୭.୮୦ |
| ୧୭. | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୧୩୭୨୫.୩୫ | ୩୧୪୧.୭୪ | ୧୬୮୬୭.୦୯ |
| ୧୮. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୧୦ | ୦.୧୪ | ୨.୨୪ |
| ୧୯. | ଶିଳ୍ପ ବିଭାଗ | ୩୧୨.୪୫ | ୧୩.୬୧ | ୩୨୬.୦୬ |
| ୨୦. | ଜଳ ସମ୍ପଦ ବିଭାଗ | ୧୦୧୯୬.୦୫ | ୩୨୭.୬୯ | ୧୦୫୨୩.୭୪ |
| ୨୧. | ପରିବହନ ବିଭାଗ | ୫୯୦.୭୩ | ୩୦.୮୩ | ୬୨୧.୫୬ |
| ୨୨. | ଜଙ୍ଗଲ ଓ ପରିବେଶ ବିଭାଗ | ୮୦୬.୧୭ | ୭୦.୦୨ | ୮୭୬.୧୯ |
| ୨୩. | କୃଷି ଓ କୃଷକ ସଶକ୍ତୀକରଣ ବିଭାଗ | ୪୫୧୧.୧୬ | ୨୩୬.୩୮ | ୪୭୪୭.୫୪ |
| ୨୪. | ଇସ୍ପାତ ଓ ଖଣି ବିଭାଗ | ୧୧୩.୫୪ | ୦.୦୯ | ୧୧୩.୬୩ |
| ୨୫. | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୧୮୭.୮୦ | ୧୧୧.୯୩ | ୨୯୯.୭୩ |
| ୨୬. | ଅବକାରୀ ବିଭାଗ | ୧୦୦.୮୭ | ୦.୫୪ | ୧୦୧.୪୧ |
| ୨୭. | ବିଜ୍ଞାନ ଓ ବୈଷୟିକ ବିଭାଗ | ୫୫.୧୩ | ୯.୦୧ | ୬୪.୧୪ |
| ୨୮. | ଗ୍ରାମ୍ୟ ଉନ୍ନୟନ ବିଭାଗ | ୫୫୮୨.୪୬ | ୨୨୬୯.୫୫ | ୭୮୫୨.୦୧ |
| ୨୯. | ସଂସଦୀୟ ବ୍ୟାପାର ବିଭାଗ | ୪୭.୬୦ | ୪.୦୨ | ୫୧.୬୨ |
| ୩୦. | ଶକ୍ତି ବିଭାଗ | ୧୯୮୩.୨୯ | ୨୯୮.୮୬ | ୨୨୮୨.୧୫ |
| ୩୧. | ହସ୍ତତନ୍ତ, ବୟନଶିଳ୍ପ ବିଭାଗ | ୧୮୯.୯୩ | ୧୧.୬୬ | ୨୦୧.୫୯ |
| ୩୨. | ପର୍ଯ୍ୟଟନ ବିଭାଗ | ୨୧୩.୧୬ | ୧୩.୫୦ | ୨୨୬.୬୬ |
| ୩୩. | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୮୯୩.୪୩ | ୨୭.୩୦ | ୯୨୦.୭୩ |
| ୩୪. | ସମବାୟ ବିଭାଗ | ୧୧୬୩.୯୭ | ୩୪୨.୩୧ | ୧୫୦୬.୨୮ |
| ୩୫. | ସରକାରୀ ଉଦ୍ୟୋଗ ବିଭାଗ | ୭.୮୩ | ୫.୨୫ | ୧୩.୦୮ |
| ୩୬. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | ୩୪୪୬.୮୨ | ୧୩୯.୪୫ | ୩୫୮୬.୨୭ |
| ୩୭. | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୧୧୨.୮୭ | ୦.୬୦ | ୧୧୩.୪୭ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ | ୨୨୯୧.୬୭ | ୮୦.୩୩ | ୨୩୭୨.୦୦ |
| ୩୯. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୬୨୫.୪୫ | ୩୫.୩୫ | ୬୬୦.୮୦ |
| ୪୦. | ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୨୨୧.୫୮ | ୧.୯୩ | ୨୧୩.୫୧ |
| ୪୧. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ | ୨୫୬୨.୪୯ | ୩୭.୫୯ | ୨୬୦୦.୦୮ |
| ୪୨. | ବିପର୍ଯ୍ୟୟ ପରିଚାଳନା | ୨୦୮୯.୫୭ | ୧୪୧୪.୭୬ | ୩୫୦୪.୩୩ |
| ୪୩. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୧୮୧.୯୧ | ୧୨.୮୭ | ୧୯୪.୭୮ |
| | ମୋଟ | ୧,୨୦,୦୨୮.୦୦ | ୧୨,୭୯୦.୦୦ | ୧,୩୨,୮୧୮.୦୦ |

ପେଟ୍ରୋଲିୟମ ଉତ୍ପାଦନ ଟିକସ ବାବଦରେ ରାଜ୍ୟ ସରକାର ୨୦୧୭-୧୮ରେ ୫୬୦୦ କୋଟି ଟଙ୍କା ପାଇଥିବା ବେଳେ ୨୦୧୮-୧୯ରେ ୪୮୦୦ କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି। ପେଟ୍ରୋଲ ଉପରୁ କେନ୍ଦ୍ର ସରକାର ଲିଟର ପିଛା ୧୯.୪୮ ଟଙ୍କା ଟିକସ ଆକାରରେ ନେଉଥିବା ବେଳେ ରାଜ୍ୟ ସରକାର ୧୫.୪୪ ଟଙ୍କା ନେଉଛନ୍ତି। ସେହିପରି ଡିଜେଲ ଲିଟର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ୧୫.୩୩ ଟଙ୍କା ଲେଖାଏ ଟିକସ ନେଉଛନ୍ତି। ତେବେ ଅତିରିକ୍ତ ବଜେଟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ବିବାଦ ଦେଖାଦେଇଛି। ରାଜ୍ୟ ସରକାର ଏହାକୁ ନିଜର ଯୋଜନା କହୁଥିବା ବେଳେ ଅତିରିକ୍ତ ବଜେଟ ସମ୍ପର୍କରେ ସୂଚନା ଦେବା ବେଳେ ଅର୍ଥ ବିଭାଗ ସଚିବ ତୁହିନ କାନ୍ତ ପାଣ୍ଡେ ଏଥିରେ କେନ୍ଦ୍ର ସରକାରଙ୍କର ଅନୁଦାନ ରହିଥିବା କଥା କହିଛନ୍ତି। ସେ କହିଛନ୍ତି ଯେ ଏହି ଯୋଜନାରେ ୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ୧୩୭୦ କୋଟି ଟଙ୍କା ଖର୍ଚ୍ଚ କରିବା ବେଳେ ୭୦୦ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିବେ। ଏହା ଏକ ବିଶାଳ ଯୋଜନା । ନିରାମୟ, ସହାୟ, ସ୍ୱାସ୍ଥ୍ୟ ବୀମା, ନିଦାନ, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ଯୋଜନାରେ ଉକ୍ତ ଅର୍ଥ ଖର୍ଚ୍ଚ ହେବ।

ଅତିରିକ୍ତ ବଜେଟରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ସହିତ ବେତନର ୪୦ ପ୍ରତିଶତ ବକେୟା ଦେବାକୁ ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟ ପାଇଁ ସହବନ୍ଧିତ ସମ୍ବଳ ସୂତ୍ରରୁ ୫୧୬୬ କୋଟି ଟଙ୍କା, ଅଣ ବନ୍ଧିତ ସମ୍ବଳରୁ ୧ହଜାର କୋଟି, ବିଭିନ୍ନ ବିଭାଗ ଦ୍ୱାରା ସମର୍ପିତ ୧୦୮୨ କୋଟି ଏବଂ ବର୍ଷ ଶେଷକୁ ସଞ୍ଚୟ ଓ ସମର୍ପଣ ଜରିଆରେ ୫୫୪୨ କୋଟି ଟଙ୍କା ଭରଣା କରିବାକୁ ଆକଳନ କରାଯାଇଛି। ଅତିରିକ୍ତ ବଜେଟରେ ଶିକ୍ଷା ସହାୟକଙ୍କୁ ଦରମା ପାଇଁ ୭୫୦ କୋଟି, ସୁଧ ରାଶି ପଇଠ ପାଇଁ ୩୫୦ କୋଟି, ଲୋକ ସଭା ଓ ବିଧାନସଭା ଏକକ ନିର୍ବାଚନ ପରିଚାଳନା ପାଇଁ ୪୧ କୋଟି, ସଡ଼କ ରକ୍ଷଣାବେକ୍ଷଣ ପାଇଁ ୧୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସେହିପରି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ଅତିରିକ୍ତ ବଜେଟରେ ୧୩୬୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟରେ ଭିତ୍ତିଭୂମି ପାଇଁ ୯୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ପାଇଁ ୬୦୯୭ କୋଟି, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ୪୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)- ବିଜୁ ପକ୍କାଘର ପାଇଁ ୧୫୦୦ କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୦୬୫ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୧ ହଜାର ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଜୁ ଗ୍ରାମଜ୍ୟୋତି ପାଇଁ ୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 'ଆମ ଘରେ ଏଲଇଡି' ପାଇଁ ୧୦୦ କୋଟି, କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଭୂତଳ ଜଳ ସଂଚରଣ ପାଇଁ ୧୨ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ପାଇଁ ୩୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସର୍ବଶିକ୍ଷା ଅଭିଯାନ ପାଇଁ ୨୪୨ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦କୋଟି, ଏସସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପାଇଁ ୨୬୩ କୋଟି, ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସଂଖ୍ୟାଲଘୁଙ୍କ ଆବାସ ନିର୍ମାଣ ପାଇଁ ୨୦ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ପାଇଁ ୬୨ କୋଟି, ସ୍ୱାସ୍ଥ୍ୟ ସହାୟ ପାଇଁ ୮୨ କୋଟି, ସମ୍ପୂର୍ଣ୍ଣା ପାଇଁ ୨୫ କୋଟି, ନିଦାନ ପାଇଁ ୧୨ କୋଟି, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ପାଇଁ ୧୨ କୋଟି, ବସ୍ ଟର୍ମିନାଲ ପାଇଁ ୨୦ କୋଟି, ସବୁଜ ମହାନଦୀ ମିଶନ ପାଇଁ ୩୦ କୋଟି, ଆଦିବାସୀ ଅଞ୍ଚଳରେ ମକା ଚାଷ ପାଇଁ ୧୦୦ କୋଟି, ଜାତୀୟ ଉଦ୍ୟାନ ମିଶନ ପାଇଁ ୪୫ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ପାଇଁ ୨୦୦ କୋଟି, ଶସ୍ୟ ଋଣ ରିହାତି ସୁଧ ବାବଦକୁ ୧୩୬ କୋଟି, ବରଗଡ଼ ଚିନିକଳର ପୁନରୁଦ୍ଧାର ପାଇଁ ୬ କୋଟି ଟଙ୍କା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୩୪ କୋଟି, ବିଶ୍ୱକପ ହକି ପାଇଁ ୨୩ କୋଟି, କ୍ରୀଡ଼ା ଭିତ୍ତିଭୂମି ପାଇଁ ୧୬ କୋଟି, ଭାଗବତଟୁଙ୍ଗିର ପୁନରୁଦ୍ଧାର ପାଇଁ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅତିରିକ୍ତ ବଜେଟରେ ୧ ଟଙ୍କିଆ ଚାଉଳ ଯୋଗାଇ ଦେବାକୁ ୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବିଧାନସଭା ହୁଲ୍‌ସ୍ଥୁଲ, ...

ଏଭଳି ଅତର୍କିତ ଆକ୍ରମଣରେ ଶାସକ ଦଳ କିଳିବିଲି ହୋଇଯାଇଥିବା ବେଳେ ଭାଜପା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଆନ୍ଦୋଳନକୁ ନେଇ ଶାସକ ଦଳକୁ ଘେରିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସଗରିଆ, ଦେବେନ୍ଦ୍ର ଶର୍ମା, ପ୍ରକାଶ ବେହେରା ପ୍ରମୁଖ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ବିରୋଧ କରି ଗୃହର ମଧ୍ୟଭାଗକୁ ମାଡି ଆସିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ବାଚସ୍ପତି ଗୃହକୁ ମାତ୍ର ୧ ମିନିଟ ପରେ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର ୪ଟି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସାଲେପୁର ବିଧାୟକ ପ୍ରକାଶ ବେହେରା ସାଲେପୁରକୁ ଏନ୍‌ଏସି ଦାବି କରି ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବିଧାୟକଙ୍କ ଦାବିକୁ ନରସିଂହ ସମର୍ଥନ କରିବା ସହିତ ସାଲେପୁରକୁ ଏନ୍‌ଏସି ଘୋଷଣା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାକିରି ସର୍ତ୍ତାବଳୀ ଓ ପୂର୍ଣ୍ଣ ଅନୁଦାନ ନେଇ ଦୀର୍ଘ ୨୦ ଦିନ ହେବ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ବୁଧବାର ଗୁରୁଦିବସକୁ ସେମାନେ କଳାଦିବସ ଭାବେ ପାଳନ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ନରସିଂହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଶିକ୍ଷକଙ୍କ ଧର୍ମଘଟ ଯୋଗୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରଙ୍କ ଏଥିପ୍ରତି କୌଣସି ଚିନ୍ତା ନାହିଁ। ଶିକ୍ଷକ ଓ କର୍ମଚାରୀମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ସହ ଆଲୋଚନା ମଧ୍ୟ କରାଯାଉ ନାହିଁ। ଶିକ୍ଷା ଏକ ମୌଳିକ ଅଧିକାର। ଶିକ୍ଷାର ପ୍ରସାର ହେଲେ ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ ପାଇବ। ରାଜ୍ୟରେ ଶିକ୍ଷା ପଙ୍ଗୁ ହୋଇ ଗଲାଣି। ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ପ୍ରଦାନ କରିବା ଓ ଶିକ୍ଷକଙ୍କୁ ଭଲ ଦରମା ଦେବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ହାଇକୋର୍ଟ ଓ ସୁପ୍ରିମକୋର୍ଟ ଏ ନେଇ ବହୁବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାରଙ୍କ ଏଥିପ୍ରତି ଖାତିର ନାହିଁ। ତୁରନ୍ତ ସରକାର ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରନ୍ତୁ। ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର କରାଯାଉ ବୋଲି ସେ ଦାବି କରିଥିଲେ। ବିଧାନସଭା ସଚିବାଳୟରେ କର୍ମଚାରୀ ଅଭାବ ଓ ପଦୋନ୍ନତି ବିଷୟ ମଧ୍ୟ ନରସିଂହ ଉଠାଇଥିଲେ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ୨୦୦୮ରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୪୭ ଡଲାର ଥିବା ବେଳେ ପେଟ୍ରୋଲ ଲିଟର ୪୫ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଅଶୋଧିତ ତୈଳ ଦର ୭୫ରୁ ୭୮ ଡଲାର ବ୍ୟାରେଲ ଥିବା ବେଳେ ପେଟ୍ରୋଲ ଲିଟର ୮୦ ଟଙ୍କାରେ ପହଞ୍ଚିଲାଣି। ତେଲ ଜରିଆରେ ଲୋକଙ୍କୁ ସରକାର ଲୁଟି ଚାଲିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଦାୟୀ। କେନ୍ଦ୍ର ସରକାର ଡାକରା ଦେଲେ ଗୋଟିଏ ଦେଶ ଗୋଟିଏ ଟିକସ। ତେବେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରରୁ କାହିଁକି ବାଦ୍ ଦିଆଯାଇଛି। ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ନରସିଂହ ଦାବି କରିଛନ୍ତି। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ପ୍ରତିବାଦ କରି ହଟ୍ଟଗୋଳ ଓ ନାରାବାଜି ଆରମ୍ଭ କରି ଦେଇଥିଲେ। ଗୃହର ମଧ୍ୟଭାଗକୁ ଆସି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜନ କରିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ନିଜ ସିଟ୍ ନିକଟରେ ଛିଡ଼ାହୋଇ ଶିକ୍ଷକ ଓ କର୍ମଚାରୀଙ୍କ ଦାବି ତୁରନ୍ତ ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପକାଇଥିଲେ। ବିରୋଧୀ ଦଳଙ୍କ ହଟ୍ଟଗୋଳରେ ଗୃହକାର୍ଯ୍ୟ ଆଗେଇ ପାରି ନ ଥିଲା। ଶେଷରେ ବାଚସ୍ପତି ବାଧ୍ୟହୋଇ ଗୃହକୁ ପୂର୍ବାହ୍ନ ୧୧ଟା ୪୪ରୁ ୧୨ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରି ନ ଥିଲେ ମଧ୍ୟ ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ଗୋବିନ୍ଦ ଦାସ ପ୍ରମୁଖ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। ପାଟିତୁଣ୍ଡ ମଧ୍ୟରେ ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ରିପୋର୍ଟ, ୪ଟି ବିଲ୍ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୮-୧୯ ଆର୍ଥିକବର୍ଷ ପାଇଁ ବିଧାନସଭାରେ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ। ଏହା ପରେ ମଧ୍ୟାହ୍ନ ୧୨ଟା ୩୯ ମିନିଟରେ ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

## ବାପ, ପୁଅ, ...

ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପୁତୁରା ବୈଦ୍ୟନାଥଙ୍କ ବେକ କଟିଯାଇ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। କାରରେ ଥିବା ୩ଜଣ ମଧ୍ୟ ଆହତ ହୋଇଥିଲେ। କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସେମାନେ ଅପରାହ୍ନରେ ପଥୁରିଆ ଛକଠାରେ ଟାୟାର ଜାଳି କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ଓ ପୋଲିସ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ଉତ୍ତେଜନା ତୀବ୍ର ହେବାରୁ ବଡ଼ପାଳଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଏହା ପ୍ରଶାସନକୁ ବ୍ୟଥିତ କରିଥିଲା। ଦିନତମାମ୍ ବର୍ଷାଝଡ଼ ଲାଗି ରହିଥିବାବେଳେ କୁଜଙ୍ଗ ମେଡିକାଲ ଲୋକାରଣ୍ୟ ହୋଇଥିଲା। ୨ଟି ସ୍ଥାନରେ କଟକ-ପାରାଦୀପ ରାସ୍ତା ଅବରୋଧ ଯୋଗୁ ରାସ୍ତାରେ ହଜାର ହଜାର ଗାଡିମୋଟର ଅଟକି ରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ୭ଟାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଶିବଚରଣ ମଲିକ ଓ କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ପ୍ରଥମେ ପଥୁରିଆ ଓ ପରେ ବଡ଼ପାଳଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପରିକ୍ଷିତ କେନ୍ଦ୍ରାପଡ଼ା ଜିଲା ବାଲିସାହି ହାଇସ୍କୁଲର ସଂସ୍କୃତ ଶିକ୍ଷ ଥିଲେ। ପୁଅ ଅଭିଷେକଙ୍କ ବୁଧବାର ଜନ୍ମଦିନ ଥିଲା। ଏଥିପାଇଁ ବାପପୁଅ ବଜାରକୁ କେକ୍ କିଣିବାକୁ ଯାଇଥିଲେ। କାମସାରି ପରିକ୍ଷିତ ବାଟରୁ ପୁତୁରାଙ୍କୁ ଧରି ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ ଗୁରୁଦିବସରେ ଛାତ୍ରୀଛାତ୍ର ତାଙ୍କ ପ୍ରିୟ ଶିକ୍ଷକଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବ୍ରହ୍ମପୁତ୍ରରେ ...

ଡଙ୍ଗାରେ ୪୦ରୁ ଅଧିକ ଲୋକ ଯାତ୍ରା କରୁଥିବା ଉଦ୍ଧାର ହୋଇଥିବା ଲୋକେ ପ୍ରକାଶ କରିଛନ୍ତି। ଦୁର୍ଘଟଣାସ୍ଥଳରେ ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଛି। ସନ୍ଧ୍ୟା ସୁଦ୍ଧା ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୨୨ଜଣ ସୁରକ୍ଷିତ ଅଛନ୍ତି। କିନ୍ତୁ ୧୧ ଜଣଙ୍କ ବିଷୟରେ ପତ୍ତା ମିଳିପାରି ନାହିଁ। ଉଦ୍ଧାରକାର୍ଯ୍ୟରେ ସେନାର ସହଯୋଗ ଲୋଡ଼ାଯାଇଛି। ଖରାପ ପାଗ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣାର ପ୍ରକୃତ ଦାୟୀ ଲୋକଙ୍କୁ ଠାବକରି ଯଥାସମ୍ଭବ ରିପୋର୍ଟ ଦାଖଲ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଷ୍ଣୁ ବରୁଚାଙ୍କୁ ସୋନୋୱାଲ ନିର୍ଦ୍ଦେଶ ଦେଇଛନ୍ତି।

## ମୋମୋ ନେଲା ...

ଉମାକାନ୍ତ ମୋମୋ ଚ୍ୟାଲେଞ୍ଜ ଖେଳରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଫୋନରେ ମୋମୋ ଗେମ୍‌ର ଲିଙ୍କ ଥିବା ଦେଖିବାକୁ ମିଳିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

**PARADIP PORT TRUST**
**e-TENDER NOTICE**
Name of the work : **"Allotment of 03 Nos. of Manual Iron Ore/Iron Ore Pellet Plot"**. License Fees : **Rs.5,14,00,800/-**, Wharfage Fees : **Rs.21,18,384/-**, Last date & time of submission of bid : **20.09.2018** up to **16:30 hrs.** Refer our website for details https://eprocure.gov.in/eprocure/app.
Traffic Manager
PPT/PR/327/18-19, DT.05.09.2018

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ**
(ନିର୍ବାଚନ ଶାଖା)
**ବିଜ୍ଞାପନ**
ସଂଖ୍ୟା: ୧୨୧୮ ତା: ୦୫।୦୯।୨୦୧୮
ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆଗାମୀ ସାଧାରଣ ନିର୍ବାଚନ ୨୦୧୯ ନିମନ୍ତେ ଗଞ୍ଜାମ ଜିଲ୍ଲା ପାଇଁ ଟେଣ୍ଟ, ଚେୟାର, ଟେବୁଲ, ଫ୍ୟାନ୍, ହାଲୋଜେନ, ଇନଭର୍ଟର ଏବଂ ଜେନେରେଟର ଇତ୍ୟାଦି ଯୋଗାଣ ନିମନ୍ତେ ବିଜ୍ଞାପନ ସଂଖ୍ୟା ୧୨୧୪/Elec, ତା:୦୫।୦୯।୧୮ ମତେ ଆସନ୍ତା ୨୦।୦୯।୨୦୧୮ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯାଉଅଛି। ଏହି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଜିଲ୍ଲା ୱେବ୍‌ସାଇଟ ganjam.nic.inରେ ଉପଲବ୍ଧ।
ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଗଞ୍ଜାମ, ଛତ୍ରପୁର

**Regional Passport Office**
A-119, Unit-8, Nayapalli, Bhubaneswar
F1(177)AD/POB/2018 05.09.2018
**Tender Notice**
Only Online quotations on CPPP portal are inited for providing Security Services at Regional Passport Office, Bhubaneswar, Ministry of External Affairs, Government of India. Tender documents can be downloaded from CPPP portal site http:/eprocure.gov.in/eprocure/app. For further details please visit http:/eprocure.gov.in/eprocure/app using the following tender Id:-
**Tender ID:** 2018_MEA_379943_1
**Important Dates**

| | |
|---|---|
| Published Date | 06.09.2018 |
| Bid Submission Start Date (online) | 06.09.2018 |
| Bid Submission End Date (online) | 03.10.2018 |
| Date of Bid Opening (online) | 05.10.2018 |

Sd./-
(Gopal Chandra Das)
Regional Passport Officer

**GOVERNMENT OF ODISHA** No.: 695-O
**OFFICE OF THE ENGINEER-IN-CHIEF, RURAL WORKS, BHUBANESWAR**
Lr. No.: 22458 Dt.29.08.2018
**"e" Procurement Notice for Bridge Works in Odisha**
(Online - 4 (Lumpsum-Bridge) / 2018-19 Dt.29.08.2018)
1. Name of the Work : Constn. of Bridge Work
2. Total No. of Works : 2 (Two) Nos.
3. Estimated Cost : Varies from Rs.1056.14 lakh to Rs.1945.95 Lakh.
4. Class of Contractor : Spl. & Super Class as applicable
5. Period of Completion : 24 (Twenty Four) Calendar Months
6. Other details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online-4 (Lumpsum Bridge) / 2018-19 | 2 (Two) Nos. | 10.09.2018 at 11.00 A.M. | 01.10.2018 upto 3.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**.
Engineer-in-Chief, Rural Works
Odisha, Bhubaneswar
25123/11/0034/1819

**OFFICE OF THE MUNICIPAL COUNCIL, TITILAGARH**
No 2570/ Dated 1/9/2018
**"e" Tender Notice**
**BID Identification No. MUN-TIG No.005/ 2018-19**
Bid Documents consisting of work, Estimated Cost, Cost of Tender Paper, EMD, Time of completion , Class of Contractors and the set of terms and conditions of contract and other necessary documents can be seen in Govt. website i.e: https://tendersodisha.gov.in
1. Name of the Work : Civil Construction works as mentioned in website
2. No of works : 48 Nos.
3. Estimated Cost : 1.33 Lakhs to 8.33 Lakhs
4 Period of completion : 60 Days
5. Date & Time of availability of Bid Documents in the Portal : From 05.09.2018, 11.00 A.M. to 20.09.2018 , 5.00 P.M.
6. Last date & time of receipt of bids in the portal : On 20.09.2018 at 5.00 P.M.
7. Last date & time for deposit of fees & Documents (in sealed envelope at Office : on 24.09. 2018 at 12.00 P.M.
8. Bids received online shall be Opened on : on 25.09.2018 at 11.00 A.M.
9. Name and address of the Officer inviting Bid : Executive Officer, Titilagarh Municipality.
Further details can be seen from the procurement portal i.e http://tendersodisha.gov.in.
*Sd./-*
*Executive Officer, Titilagarh Municipality*

No. 179-D
**ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ**
**ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**
**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧ୍ୟକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।
ଅଧ୍ୟକ୍ଷ
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ
ବି.ଦ୍ର.: ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୬୭
12028/11/0009/1819

**OFFICE OF THE** No.: 682-O
**EXECUTIVE ENGINEER, R.W.S.&S DIVISION**
GAJAPATI, PARALAKHEMUNDI, ODISHA
E-mail: eerwssgjp@gmail.com, Ph. No.: 06815-224803
**Invitation of Bid through E-Tendering**
**Bid Identification No. EE/RWS&S/GPT/07 of year 2018-19**
1. The Executive Engineer, RWS&S Division, Gajapati, on behalf of Governor of Odisha, invites percentage rate bids in single cover system in ONLINE MODE for Rural Piped Water Supply Projects as detained in the DTCN to be hoisted in the website **www.tenderorissa.gov.in**. The eligible class of Contractors may offer their bids for e-procurement.
2. No. of Works : 14
3. Estimated Cost : Ranging from 10 Lakhs to 50 Lakhs
4. Period of Completion : 04 (Four) Months to 06 (Six) Months
5. Tender Cost : Rs.6000/- as mentioned in the Annexure.
6. Class of Contractor : "D", "C" & "B" Class
7. Date & time of availability of bid in the website : 07.09.2018 to 14.09.2018 upto 5 P.M.
8. Last date & time of seeking tender clarification : 12.09.2018 upto 5.00 P.M.
9. Last date & time for receipt of bids : 14.09.2018 upto 5.00 P.M.
10. Date & Time of submission of Original Bid Security & Bid Cost at the Office of the Executive Engineer, RWS&S Division, Gajapati, Paralakhemundi at Ranipentha : 15.09.2018 upto 2 P.M.
11. Date & time of Opening of Technical & Financial Bids : 15.09.2018 upto 3.30 P.M.
12. Further details can be had in the website **www.tenderorissa.gov.in** only.
13. The contractors who have been awarded with the work orders for execution of any work under this Division earlier, but, on some account or the other, have not successfully completed the same within the stipulated period and, have remained defaulter for considerable period of time are debarred from participating in the tender process.
14. Authority reserves the right to reject any or all the tenders without assigning any reason thereof.
**Enclosed:** The details of the work in annexure attached herewith for reference.
Sd./- 27.08.2018
Executive Engineer
RWS&S Division, Gajapati, Paralakhemundi
25158/11/0006/1819

# ମର୍ଡର ଅନ୍ତରାଳେ



ଅଜିତା-ହରିଶ୍



ଅଂଶୁମାନ

ବେଳେବେଳେ କୌଣସି କଥା ମନରେ ଗଣ୍ଠି ପଡି ରହିଯାଏ, ଯାହାକୁ ନେଇ କେହି କେହି ବେଶ୍ ଉଗ୍ର ହୋଇଉଠନ୍ତି। ଏପରି କି ନିଜ ମନର ଅଭିଳାଷ ପୂରଣ କରିବାକୁ ଜଣକୁ ହତ୍ୟା କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। ଆଗପଛ ବିଚାର ନ କରି ନିଜ ଲକ୍ଷ୍ୟ ସାଧନ କରିବାକୁ ବାହାରି ପଡନ୍ତି। ହଁ, ସେଭଳି ଏକ ମର୍ଡର ମିଶନ ନେଇ ବାହାରିଥିଲେ ଖଳନାୟକ ଅଂଶୁମାନ ସାମନ୍ତରାୟ। ମାରିୟା ନାମ୍ନୀ ଝିଅକୁ ଯେମିତି ହେଲେ ମର୍ଡର କରିବେ। ହେଲେ କାରଣ କ'ଣ ? ଆଉ ସେଥିରେ ସେ ସଫଳ ହୁଅନ୍ତି କି ? ଯଦି ହଁ ତାହାର ପରବର୍ତ୍ତୀ ଘଟଣା କ'ଣ ଘଟେ ? ସେଭଳି ଏକ ରହସ୍ୟମୟ ମର୍ଡର ମିଷ୍ଟ୍ରି କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ମାରିୟା'। ଏଥିରେ ଅଂଶୁମାନ ମୁଖ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନାୟକ ସାଜିଛନ୍ତି ହରିଶ ଶର୍ମା। ଏଥିରେ ଟାଇଟଲ ମାରିୟା ଭୂମିକାରେ ଅଭିନୟ କରିଛନ୍ତି ଅଜିତା। ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି। ଏହା ବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏବଂ ସନ୍ତୋଷ ବର୍ମାଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ଏହସାସ' ଚଳିତବର୍ଷ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି।



ଅରିନ୍ଦମ୍

## ଶିବାନୀ-ଫରହାନ ପ୍ରେମ କାହାଣୀ

ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ତଥା ଗାୟକ ଫରହାନ ଅଖତର ପ୍ରେମରେ ପଡିଯାଇଛନ୍ତି। ପୁଣି କାହା ସହ ଜାଣନ୍ତି ? ଆକ୍ଟ୍ରେସ-ସିଙ୍ଗର-ମଡେଲ ଶିବାନୀ ଦାଣ୍ଡେକରଙ୍କ ପ୍ରେମରେ ସେ କୁଆଡେ ଉବୁଟୁବୁ। ଏଭଳି ପ୍ରେମକୁ ନେଇ ଆଲୋଚନା ଚାଲିଥିବା ବେଳେ ସେଥିରେ ଘିଅ ଢ଼ାଳିଛନ୍ତି ଶିବାନୀ। ନିଜ ସୋସିଆଲ ମିଡିଆରେ ସେ ଫରହାନଙ୍କ ସହ ଏକ ମିଳିତ ଫଟୋ ଅପଲୋଡ କରି ଲେଖିଛନ୍ତି ଯେ, 'ଆମେ ଦୁହେଁ ଭଲ ବନ୍ଧୁ'। ତେବେ ଏଭଳି ଆଲୋଚନା ପଛରେ କେତେ ସତ ଲୁଚି ରହିଛି ତାହା ଫରହାନ ଏବଂ ଶିବାନୀଙ୍କୁ ଜଣା।

## ଏଥର ଗଣେଶ ପୂଜାରେ ଦଶହରାର ମଜା

ଦଶହରାର ମଜା ପୁଣି ଗଣେଶ ପୂଜାରେ ! ହଁ, ଏମିତି ବି ହୋଇପାରେ। ଗଣେଶ ପୂଜାଠାରୁ ଦଶହରା ମଜା ନିଆରା ତ ନିଶ୍ଚୟ। କିନ୍ତୁ ଏଥିରେ ଆପଣଙ୍କୁ ଏକ ଭିନ୍ନ ଏଣ୍ଟରଟେନମେଣ୍ଟ ମିଳିବ। ଗଣେଶ ପୂଜାକୁ ନେଇ ଅନେକ ଓଡ଼ିଆ ସିନେମାରେ ଗୀତ ଏବଂ ଦୃଶ୍ୟ ସଂଯୋଜିତ ହୋଇଛି। ଚଳିତବର୍ଷ ଗଣେଶ ପୂଜାରେ ରିଲିଜ ହେବାକୁ ଯାଉଛି 'ଇସ୍କ ପୁଣି ଥରେ'ରେ ଦୃଶ୍ୟାୟିତ ହୋଇଛି ଏଭଳି ଏକ ଗୀତ -'ଏଥର ଗଣେଶ ପୂଜାରେ ଦଶହରାର ମଜା'। ବସନ୍ତରାଜ ସାମଲଙ୍କ ରଚିତ ଗୀତଟିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଆଶୁତୋଷ। ଗୀତର ମୁଖଡା ହେଲା 'ଆଖି ଆଖିର ଖେଳ ଆମେ ଖେଳିବୁ ଚବିଶ ଘଣ୍ଟା, ତମ ସାହି ଝିଅ ଆମ ପାଇଁ ଜଳି ଜଳି କଣ୍ଟା, ବଡକୁ ମାଇଲେ ଆଖି ସାନ କହୁଛି ଲାଗୁଛି ମଜା, ବଜା ବଜା ବଜା ଡିଜେ ଫୁଲ ଭଲ୍ୟୁମ ବଜା, ଏଥର ଗଣେଶ ପୂଜାରେ ଦଶହରାର ମଜା'। ଆଉ ଏହାର ତାଳେ ତାଳେ ନାଚିଛନ୍ତି ନାୟକ ତଥା ଏହି ଫିଲ୍ମର ପ୍ରଯୋଜକ ଅରିନ୍ଦମ। ଗୀତଟିର କୋରିଓଗ୍ରାଫି କରିଛନ୍ତି ଅମିତ-ଗିରିଶ। ଗଣେଶ ପୂଜା ଉପରେ ଦୃଶ୍ୟାୟିତ ଏହି ଗୀତ ଏବେଠାରୁ ଭାଇରାଲ ହୋଇସାରିଲାଣି। ଜ୍ୟୋତି ଦାସ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଅରିନ୍ଦମଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ।



ରିୟା

## ସ୍ପେଶାଲ ଗିଫ୍ଟ

ଗିଫ୍ଟ ପୁଣି ସ୍ପେଶାଲ ! ଏହାକୁ ପାଇବା ପରେ ଯେ କେହି ବି ଖୁସିରେ ଉଛୁଳି ଉଠିବା ସ୍ୱାଭାବିକ। ଆଉ ସେଥିରୁ ଶକ୍ତି କପୁର ତନୟା ଶ୍ରଦ୍ଧା ବାଦ୍ ପଡନ୍ତେ କିପରି। ନିକଟରେ ଶକ୍ତି ତାଙ୍କର ୬୬ତମ ଜନ୍ମଦିନ ପାଳନ କରିଥିଲେ। ଏଥିପାଇଁ ନିଜ ଘରେ ଏକ ଛୋଟ ପାର୍ଟିର ଆୟୋଜନ କରାଯାଇଥିଲା। ଏହି ଜନ୍ମଦିନ ଅବସରରେ ଡାଡିଙ୍କୁ କି ଗିଫ୍ଟ ଦେବେ ସେ ନେଇ ବେଶ୍ ପୂର୍ବରୁ ଯୋଜନା କରିସାରିଥିଲେ। ପାର୍ଟି ଆରମ୍ଭ ହେବାର କିଛି ସମୟ ପରେ ସେ ଶକ୍ତିଙ୍କ ପାଖକୁ ଯାଇ ଗିଫ୍ଟ ଦେଇଥିଲେ। ପ୍ୟାକେଟ ଖୋଲି ଦେଖିଲାବେଳକୁ ତାହା ଥିଲା ଏକ କାର୍ ଚାବି। ଅର୍ଥାତ୍, ଶକ୍ତିଙ୍କୁ ଏକ ଦାମୀ କାର୍ ଉପହାର ସ୍ୱରୂପ ଦେଇଥିଲେ ଶ୍ରଦ୍ଧା। କାର ଦେଖିବା ପରେ ଶକ୍ତି ଏତେ ଖୁସି ହୋଇଯାଇଥିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡିଥିଲା। ଆଉ ତା'ପରେ ଚାବି ଶ୍ରଦ୍ଧାଙ୍କ ହାତକୁ ଧରାଇ ସେ କହିଥିଲେ, ବେଟା, ଏ କାରଟିକୁ ତୋର ବୋଲି ଭାବିନେ। ମୋ ବାର୍ଥ ଡେ'ରେ ତୁ ମୋତେ ଏଭଳି ଏକ ସ୍ମରଣୀୟ ଗିଫ୍ଟ ଦେବୁ ତାହା ମୁଁ କେବେ ଭାବି ନ ଥିଲି।'



ଶ୍ରଦ୍ଧା

## ଗୋଟିଏ କିସ୍ ପାଇଁ

ନବାଗତା ରିୟା ଚକ୍ରବର୍ତ୍ତୀ। ସେ କେବେ କଳ୍ପନା କରି ନ ଥିଲେ ଯେ ଗୋଟିଏ କିସ୍ ପାଇଁ ପାଖାପାଖି ୧୫ ଥର ଶଟ୍ ଦେବାକୁ ପଡିବ ବୋଲି। ମନରେ ସିନା ଏହାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା, ହେଲେ ତାହାକୁ ମନ ଭିତରେ ଚାପି ରଖି ଶଟ୍ ପରେ ଶଟ୍ ଦେଇଚାଲିଥିଲେ। ଏଭଳି ଘଟଣା ଘଟିଥିଲା ମହେଶ ଭଟ୍ଟଙ୍କ ଆଗାମୀ ଫିଲ୍ମ 'ଜଲେବି'ର ଶୁଟିଂ ସେଟ୍‌ରେ। କାହାଣୀ ଅନୁସାରେ ଏକ ଟ୍ରେନ୍ ଡୋର୍ ପରେ ମୁଣ୍ଡ ଗଳାଇ ଟ୍ରେନ୍ ବାହାରେ ଛିଡା ହୋଇଥିବା ନବାଗତ ବରୁଣ ମିତ୍ରଙ୍କୁ କିସ୍ ଦେବେ। ବାସ୍, ଏଭଳି ଶଟ୍‌କୁ ପରଫେକ୍ଟ କରିବାକୁ ନିର୍ଦ୍ଦେଶକ ପୁଷ୍ପଦୀପ ଭରଦ୍ୱାଜ ୧୫ଥର କିସ୍ ଦେବାକୁ କହିଥିଲେ ଏବଂ କେବଳ ରିୟା ନୁହନ୍ତି ବରୁଣ ମଧ୍ୟ ତାହାକୁ ପାଳନ କରିଥିଲେ। ଏହି ଶଟ୍‌କୁ ଫିଲ୍ମର ପୋଷ୍ଟର ସ୍ଥାନ ମିଳିଛି। ଏ ବିଷୟରେ ରିୟା କହନ୍ତି, 'ଶସ୍ତା ପବ୍ଲିସିଟି ନେବା ପାଇଁ ମୁଁ ଏଭଳି ଶଟ୍ ଦେଇନାହିଁ। କାହାଣୀ ଅନୁସାରେ ମୋତେ ଯାହା କରିବାକୁ କୁହାଯାଇଛି ତାହା କରିଛି।' ଏହା ପୂର୍ବରୁ ରିୟା 'ମେରେ ଡାଡ୍ କି ମାରୁତି'ରେ ଅଭିନୟ କରିଥିଲେ। 'ଜଲେବି' ଚଳିତବର୍ଷ ଅକ୍ଟୋବର ୧୨ରେ ରିଲିଜ ହେବାକୁ ଯାଉଛି।

ଅପେରା ହାଲଚାଲ

ଏମିତି ବି ହୋଇଥିଲା

## ନାହିଁ ନାହିଁରୁ ସାତୋଟି ସିନ୍

**ପରଦା ହେଉ ଅବା ମଞ୍ଚ-ଅଭିନୟ ଜୀବନରେ ଅନେକ ରୋମାଞ୍ଚକର ଘଟଣା ଘଟିଥାଏ। କେତେକ ଘଟଣା ମନର କାନ୍‌ଭାସରେ ସ୍ମୃତି ହୋଇରହିଯାଏ । ସେଭଳି ଏକ କଥାକୁ ସ୍ମରଣ କରି ତ୍ରିନାଥ ଗଣନାଟ୍ୟରେ ଅଭିନୟ ଜାରି ରଖିଥିବା ଜଗା ଯାହା କହନ୍ତି..**

ଗାୟକରୁ ମୁଁ ଅଭିନେତା ହୋଇଥିଲି। ସେତେବେଳେ ଗୌରୀ ଗଣନାଟ୍ୟରେ ଅଭିନୟ କରୁଥାଏ। ଇଂ କିଶୋର ମହାପାତ୍ରଙ୍କ ନାଟକ 'ଦେଖିଲେ ଜାଣିବ ଦରଦ କେତେ'ରେ ମୋତେ ଏକ ମନଲାଖି ଭୂମିକାଟିଏ ମିଳିଥିଲା। ତା'ପରେ ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ଗିମିକ ନାଟକ 'ମୁଁ ବାହୁବଳୀ' କାଷ୍ଟିଂ ଆରମ୍ଭ ହେଲା। ଆଶୁ ସାରେ ମୋତେ କହିଲେ, ଆରେ ଜଗା, 'ଦେଖିଲେ ଜାଣିବ ଦରଦ କେତେ'ରେ ତୁମକୁ ଭଲ ଭୂମିକା ମିଳିଛି, ସେଥିରେ ଯେଉଁମାନେ ବିଶ୍ରାମ ନେଇଥିଲେ ଏଥିରେ ତାଙ୍କୁ ଗୁରୁତ୍ୱ ଦିଆଯିବ। ତେଣୁ ତମେ 'ମୁଁ ବାହୁବଳୀ'ରେ ବିଶ୍ରାମ ନିଅ। ଏକଥା ଶୁଣି ଟିକେ ଦୁଃଖ ଲାଗିଲା। ତଥାପି ମନରେ ଟିକେ ଆଗ୍ରହ ଥାଏ। ସାହସ ବାନ୍ଧି କହିଲି, ସାର୍, ମୋତେ ଗୋଟିଏ ସିନ୍ ହେଉ ପଛରେ ଟିକେ ଆଡଜଷ୍ଟ କରିଦିଅନ୍ତୁ। ରିହର୍ସାଲ ସମୟରେ ଏକ କନ୍‌ଷ୍ଟେବଳ ଭୂମିକାରେ ଜଣେ ଡ୍ୟାନ୍ସର ବୟ ଅଭିନୟ କରୁଥାଆନ୍ତି। ମୁଁ ଯାଇ ସେଠାରେ ଠିଆ ହୋଇ କହିଲି, ଏ ଭୂମିକା ମୁଁ କରିବି। ବେଶ୍ ବିଚାର ବିମର୍ଶ ପରେ ମୋତେ ମିଳିଲା ସେହି କନ୍‌ଷ୍ଟେବଳ (ପରେ ହାବିଲଦାର) ବଦ୍ରି ଭୂମିକା। ଗୋଟିଏ ସିନ୍। ନିର୍ଦ୍ଦେଶକ ମୋତେ କହିଲେ, ଆରେ ତୁ ଖାଲି ଠିଆ ହେବୁ କ'ଣ, ମନ୍ତ୍ରୀ ପୁଅକୁ ବାଡା। ତା'ପରେ ପାହାର ପରେ ପାହାର କଷି ଦେଇ ଗଲି। ମୋ ଆକ୍ଟିଂରେ ସେ ଏତେ ପ୍ରଭାବିତ ହେଲେ ଯେ ଡାଏଲଗ କହିବାକୁ ସୁଯୋଗ ଦେଲେ ଆଉ ମୋର ଗୋଟିଏ ସିନ୍ ଦେଖିଲାବେଳକୁ ୭ଟା ହୋଇଗଲା। ମୁଁ ତ ଖୁସ୍ ସେପଟେ ନିର୍ଦ୍ଦେଶକ ମୋ ଅଭିନୟ ଦେଖି ମୁରୁକି ମୁରୁକି ହସୁଥାଆନ୍ତି ଯାହା ମୋତେ ଏ ପର୍ଯ୍ୟନ୍ତ ବେଶ୍ ପ୍ରେରଣା ଦେଇଛି। କେବଳ ସେତିକି ନୁହେଁ, ଏହି ନାଟକରେ ଏକ ୧୭ମିନିଟ୍ ଅବଧିବିଶିଷ୍ଟ ଦେଶାତ୍ମବୋଧକ ଗୀତ 'ଏଇ ଓଡିଶା ମାଟି ମୋ ମା' ରହିଥିଲା, ଆଉ ସେଥିରେ ମୋତେ ଅଭିନୟ କରିବାର ସୁଯୋଗ ମଧ୍ୟ ମିଳିଥିଲା। ଆଶୁ ସାର୍‌ଙ୍କ ରଚିତ ଏହି ଗୀତରେ ଆମ ରାଜ୍ୟର ଚାଲିଚଳଣି, ସଂସ୍କୃତି, ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା। ଏହି ନାଟକରେ ମୋତେ ଆଦୌ ରୋଲ୍ ମିଳୁ ନ ଥିଲା ହେଲେ ଏପରି ଏକ ଭୂମିକା ପୁଣି ନାହିଁ ନାହିଁରୁ ସାତଟି ସିନ୍ ମିଳିଲା ଯାହାକୁ ମୁଁ ସାରା ଜୀବନ କେବେ ଭୁଲି ପାରିବି ନାହିଁ।



ଜଗା

ଧରିତ୍ରୀ
DHARITRI
Thursday, 6 September, 2018



Dollar 71.75 (↑17) | Sensex 38,018.31 (↓140) | Nifty 11,476.95 (↓43.35) | Gold 31,400.00 (↑₹200) | Silver 37,600.00 (↓₹250)

ଯାନଗୁଡିକର ପ୍ରଦୂଷଣ ହ୍ରାସ ତଥା ଗ୍ରୀନ ମୋବିଲିଟିକୁ ସରକାର ପ୍ରାଥମିକତା ଦେଉଥିବା ବେଳେ ଜାତୀୟ ସ୍ତରରେ ଶୀଘ୍ର ଏକ ଅଟୋ ନୀତି ଆଣିବେ।
– ଅନନ୍ତ ଗିଟେ, କେନ୍ଦ୍ର ଲଘୁ ଉଦ୍ୟୋଗ ମନ୍ତ୍ରୀ



କେମିକାଲ କ୍ଷେତ୍ରର ଉନ୍ନତିକରଣକୁ ଧ୍ୟାନରେ ରଖି ସରକାର ଆଗାମି ଦିନରେ ଏକ ନୀତି ଆଣିବାକୁ ଯୋଜନା ରଖିଛନ୍ତି।
– ପି. ରାଘବେନ୍ଦ୍ର ରାଓ, କେମିକାଲ ପେଟ୍ରୋକେମିକାଲ ସଚିବ



## ସଂକ୍ଷେପରେ

### ସରଳ ହେଲା ଜିଏସ୍‌ଟି ରିଫଣ୍ଡ କ୍ଲେମ୍ ଧାରା

ନୂଆଦିଲ୍ଲୀ,୫-୯(ପି.ଟି): ବାଣିଜ୍ୟ ସଂସ୍ଥାଗୁଡିକ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଧାରାରେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏହାର ଦୂରୀକରଣ ଲାଗି ଅର୍ଥ ମନ୍ତ୍ରଣାଳୟ ଜିଏସ୍‌ଟି ରିଫଣ୍ଡ କ୍ଲେମ୍ ଧାରାକୁ ସରଳ କରିଛି। ଏବେ ଟିକସଦାତା ଜିଏସ୍‌ଟିଆର୍ ୨ଏ ଫର୍ମର ପ୍ରିଣ୍ଟଆଉଟ ପ୍ରଦାନ କରି ଜିଏସ୍‌ଟି ରିଫଣ୍ଡ କ୍ଲେମ୍ କରିପାରିବେ। ବାଣିଜ୍ୟ ସଂସ୍ଥାଗୁଡିକୁ ଗୋଟିଏ ମାସର ସମସ୍ତ କ୍ରୟ ଇନଭଏସ୍ ପ୍ରଦାନ କରିବାକୁ ପଡିବ ନାହିଁ। ଜିଏସ୍‌ଟିଆର୍ ୨ଏ କ୍ରୟ ରିଟର୍ନ ହୋଇଥିବା ବେଳେ ଏହା ସିଷ୍ଟମରୁ ଅଟୋ ଜେନେରେଟ୍ ହୋଇଥାଏ। ବାଣିଜ୍ୟ ଏବଂ ଯୋଗାଣ ମଧ୍ୟରେ ହୋଇଥିବା ଟ୍ରାଞ୍ଜାକଶନ ଆଧାରରେ ଏହା ଜେନେରେଟ ହୋଇଥାଏ।

### ବିଦ୍ୟୁତୀକରଣରୁ ରେଲୱେ ସଞ୍ଚୟ କରିବ ୧୩ ହଜାର କୋଟି

ନୂଆଦିଲ୍ଲୀ,୫-୯: ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହେବା ପରେ ରେଲୱେ ତେଲ ଖର୍ଚ୍ଚ ବାବଦରେ ବାର୍ଷିକ ୧୩ ହଜାର କୋଟି ଟଙ୍କା ସଞ୍ଚୟ କରିବ। କେବଳ ଏତିକି ନୁହେଁ ଏହାଦ୍ୱାରା ୩.୪ ମିଲିୟନ ଟନ ଅଙ୍ଗାରକାମ୍ଳ ନିର୍ଗମଣ(କାର୍ବନ ଏମିଶନ) ହ୍ରାସ ପାଇବ। ଏଠାରେ 'ଇ-ମୋବିଲିଟି ଇନ୍ ଇଣ୍ଡିଆନ ରେଲୱେଜ'ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ ମନୋଜ ଗୋହେନ ଉପରୋକ୍ତ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଇନ୍ଧନ କିଣାରେ ରେଲୱେ ଅଦ୍ୟାବଧି ୭,୫୦୪ କୋଟି ଟଙ୍କା ସଞ୍ଚୟ କରିପାରିଛି ବୋଲି ସେ କହିଛନ୍ତି।

### ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍ ୧୫ରୁ ଟ୍ରେଡର୍ସଙ୍କ ୯୦ ଦିନିଆ ଆନ୍ଦୋଳନ

ନୂଆଦିଲ୍ଲୀ ,୫-୯: ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍‌କୁ ବିରୋଧ କରି ଟ୍ରେଡର୍ସ ମହାସଂଘ ସିଏଆଇଟି ଚଳିତ ମାସ ୧୫ ତାରିଖରୁ ସାରା ଦେଶରେ ୯୦ ଦିନିଆ ଆନ୍ଦୋଳନ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଏଥିସହ ଚଳିତ ମାସ ୨୮ରେ ଭାରତ ଟ୍ରେଡ ୟୁନିୟନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ସୂଚନାଥାଉ କି, ଆମେରିକାର ରିଟେଲ ଚେନ୍ ୱାଲମାର୍ଟ ୧୬ ବିଲିୟନ ଡଲାର ବିନିମୟରେ ୱାଲମାର୍ଟର ୭୭ ପ୍ରତିଶତ ଅଂଶଧନ କିଣିଛି। ଏହାକୁ ଟ୍ରେଡର୍ସ ମହାସଂଘ ବିରୋଧ କରିଆସୁଛି। କମ୍ପିଟିଶନ କମିଶନ ଇତିମଧ୍ୟରେ ଏହି ଡିଲ୍‌କୁ ଅନୁମୋଦନ କରିଛି। ଏହାକୁ ବିରୋଧ କରି ସିଏଆଇଟି ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଆବେଦନ କରିଛି। ପୂର୍ବରୁ ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ ଦାବି କରିଥିଲେ ଯେ, ବଜାରରେ ପୂର୍ବରୁ ଥିବା ଇ-କମର୍ସ କମ୍ପାନୀଗୁଡିକ ଅଧିକ ଡିସ୍‌କାଉଣ୍ଟ ଦେଇ, କ୍ଷତି ସହି କମ୍ ଦାମରେ ସାମଗ୍ରୀ ବିକିବାରୁ ସମ୍ପୂର୍ଣ୍ଣ ବଜାର ବ୍ୟବସ୍ଥା ଭୁଶୁଡି ପଡିଛି।

### ତୈଳ ଦର ବୃଦ୍ଧି ନେଇ ନୀତି ଆୟୋଗର ସ୍ପଷ୍ଟୋକ୍ତି
### ସାପ୍ତାହିକ ଭିତ୍ତିରେ ପଦକ୍ଷେପର ଆବଶ୍ୟକତା ନାହିଁ

ନୂଆଦିଲ୍ଲୀ ,୫-୯: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆଧାରରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼େ ବା କମେ। ଦୈନିକ, ସାପ୍ତାହିକ କିମ୍ବା ମାସିକ ଭିତ୍ତିରେ ଏଥିରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ନୀତି ଆୟୋଗ ସ୍ପଷ୍ଟ କରିଛନ୍ତି। ଖବରଦାତାଙ୍କ ସହ ଆଲୋଚନା କାଳରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ବଢ଼ିବା ଯୋଗୁ ଜୁନ୍‌ରେ ଦେଶରେ ତେଲ ଦାମ ବଢ଼ିଥିଲା। ତେବେ ଏହା ଜୁଲାଇରେ ହ୍ରାସ ପାଇଲା। ଇରାନ ବିରୋଧରେ ଆମେରିକାର କଟକଣା ଯୋଗୁ ଅଶୋଧିତ ତୈଳ ଆମଦାନୀ ହ୍ରାସ ପାଇବ ବୋଲି ଆଶଙ୍କାରେ ଅନ୍ତର୍ଜାତୀୟ ବଜାରରେ ଏହାର ଦର ଇତିମଧ୍ୟରେ ବ୍ୟାରେଲ ପିଛା ୭ ଡଲାର ବୃଦ୍ଧି ପାଇଛି। ନିକଟ ଭବିଷ୍ୟତରେ ଏହା ହ୍ରାସ ପାଇବ। ଏଣୁ ଏହା ଉପରେ ସରକାରଙ୍କୁ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ଅନ୍ୟପକ୍ଷରେ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ତୈଳ ଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସୂଚନାଥାଉ କି, ବୁଧବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୯.୩୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୧.୩୪ଟଙ୍କାରେ ପହଞ୍ଚିଛି, ଯାହାକି ସର୍ବକାଳୀନ ରେକର୍ଡ।

**ଅନିବାର୍ଯ୍ୟ କାରଣବଶତଃ ଚଳିତ ସପ୍ତାହରେ 'ଅର୍ଥରେ ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।**

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ
# ଅଧିକ ଶୁଳ୍କ ଗଣିବେ ଗ୍ରାହକ

ନୂଆଦିଲ୍ଲୀ,୫-୯

ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡିଆ ପେମେଣ୍ଟ ବ୍ୟାଙ୍କ(ଆଇପିପିବି)ର ଶୁଭାରମ୍ଭ କରିଛନ୍ତି। ଏହା ଦେଶର ସର୍ବବୃହତ ପେମେଣ୍ଟ ବ୍ୟାଙ୍କ ବୋଲି କୁହାଯାଉଛି। ତେବେ ଏହା ଗ୍ରାହକଙ୍କୁ ଆକର୍ଷିତ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ବ୍ୟାଙ୍କରେ ଟଙ୍କା ଜମା ରଖିବା ଅଥବା କାଢ଼ିବା ନେଇ ଏକାଧିକ କଟକଣା ରହିଛି। ଏହାସାଙ୍ଗକୁ ଅଧିକ ଶୁଳ୍କ ଆଦାୟ ଏହି ବ୍ୟାଙ୍କ ପ୍ରତି ଗ୍ରାହକଙ୍କୁ ବିମୁଖ କରିବ ବୋଲି ମନେ କରାଯାଉଛି।

ଆଇପିପିବି ତ୍ରୈମାସ ଆଧାରରେ ଗ୍ରାହକଙ୍କ ସଞ୍ଚୟ ଜମା ଉପରେ ୪% ସୁଧ ଦେବ ଯାହାକି ଅନ୍ୟ ବ୍ୟାଙ୍କ(୩.୫%) ଠାରୁ ଅଧିକ। କିନ୍ତୁ ଏହା ସମସ୍ତ ପ୍ରକାର ନେଣଦେଣ, ନଗଦ ଅର୍ଥ କାଢ଼ିବା ଠାରୁ ଆରମ୍ଭ କରି ଟଙ୍କା ଜମା କରିବା ପର୍ଯ୍ୟନ୍ତ ସବୁରି ଉପରେ ନେଣଦେଣ ଶୁଳ୍କ ଆଦାୟ କରୁଛି। ଯଦି ଗ୍ରାହକ ଘରେ ବସି ନେଣଦେଣ କରିବାକୁ ଚାହାନ୍ତି ତେବେ ତାଙ୍କୁ ପ୍ରତି ନେଣଦେଣ ଉପରେ ୨୫ ଟଙ୍କା ଓ ଜିଏସ୍‌ଟି ଦେବାକୁ ପଡ଼ିବ। ସେହିପରି ବ୍ୟାଙ୍କ ଶାଖାରେ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା କାଢ଼ି ହେବ। ଏହା ଠାରୁ ଅଧିକ ଟଙ୍କା କାଢ଼ିବାକୁ ଥିଲେ ଘର ଅଥବା ସେବା କେନ୍ଦ୍ର ଯେଉଁଠି ହେଉ ଗ୍ରାହକଙ୍କୁ ୫ରୁ ୧୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ଛଡା ଅନ୍ୟ ବହୁ ଶୁଳ୍କ ଲାଗୁ କରାଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ଗ୍ରାମାଞ୍ଚଳ ଡାକ ଘରେ ଜଣେ ବ୍ୟକ୍ତିଙ୍କୁ ଟଙ୍କା କାଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କାରଣ ସେଠାରେ ୨/୩ ଜଣ କର୍ମଚାରୀ ରହିଥାନ୍ତି। ସେମାନେ ପୋଷ୍ଟ ଅଫିସରେ ଅଧିକ ଅର୍ଥ ରଖିବାକୁ ଚାହିଁବେ ନାହିଁ। ଏଭଳି ସ୍ଥିତିରେ ଗ୍ରାହକ ନିଜ ଘରେ ଏହି ସୁବିଧା ପାଇବାକୁ ଚାହିଁବେ। ଫଳରେ ତାଙ୍କୁ ପ୍ରତି ନେଣଦେଣ ଲାଗି ୨୫ ଟଙ୍କା ଦେବାକୁ ପଡିବ। ତେବେ ଅର୍ଥ କାଢ଼ିବାର କୌଣସି ସୀମା ଏଠାରେ ନାହିଁ। ପେଟିଏମ୍ ବ୍ୟାଙ୍କ ଏହାର ଗ୍ରାହକଙ୍କୁ ସର୍ବାଧିକ ୫ଥର ମାଗଣାରେ ଟଙ୍କା କାଢ଼ିବାକୁ ସୁଯୋଗ ଦେଇଥାଏ। ଏହାପରେ ପ୍ରତି ନେଣଦେଣ ଲାଗି ୨୦ ଟଙ୍କା ନେଇଥାଏ। ୟୁପିଆଇ ଜରିଆରେ ଟଙ୍କା ପଠାଇବାର ବ୍ୟବସ୍ଥା ନଥିବାରୁ ଆଇପିପିବି ଗ୍ରାହକଙ୍କୁ ଏଟିଏମ୍ ସୁବିଧା ଦିଆଯାଇନି। ଏଥିଯୋଗୁ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଇପିପିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବିତ୍ତୀୟ ବ୍ୟବହାର୍ଯ୍ୟତା ନେଇ ଆକଳନ କରାଯାଇଥିଲା। ରାଜସ୍ୱ ଆୟ ଲକ୍ଷ୍ୟରେ ଶୁଳ୍କ ଆଦାୟ ବ୍ୟବସ୍ଥା କରାଯାଇଛି। ତେବେ ଦୀର୍ଘକାଳୀନ ଭିତ୍ତିରେ ଏହା ଗ୍ରହଣୀୟ ହେବ ନାହିଁ ବୋଲି ସେ କହିଛନ୍ତି।




- ଗ୍ରାହକଙ୍କୁ ଆକର୍ଷିତ କରିବା ନେଇ ସନ୍ଦେହ
- ଟଙ୍କା ଜମା ରଖିବା ଅଥବା କାଢ଼ିବା ନେଇ ଏକାଧିକ କଟକଣା
- ସବୁରି ଉପରେ ନେଣଦେଣ ଶୁଳ୍କ ଆଦାୟ



### କ୍ରୋକୋଡାଇଲ ପକ୍ଷରୁ ନୂଆ ଶୋ'ରୁମ୍

ବାଲେଶ୍ୱର ଅଫିସ, ୫-୯

ପ୍ରମୁଖ ଗାର୍ମେଣ୍ଟ ବ୍ରାଣ୍ଡ କ୍ରୋକୋଡାଇଲ ପକ୍ଷରୁ ଏହାର ନୂଆ ଶୋ'ରୁମ ବାଲେଶ୍ୱର ସହରର ମୋତିଗଞ୍ଜ ବଜାରରେ ବୁଧବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ମ୍ୟାନେଜର ଗୋଲକ ବିହାରୀ ସାହୁ ଉକ୍ତ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ନୂଆ ଶୋ'ରୁମରେ ପ୍ୟାଣ୍ଟ, ଶାର୍ଟ, ଟି-ଶାର୍ଟ ଭଳି ପୁରୁଷଙ୍କ ଫ୍ୟାଶନ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବା କମ୍ପାନୀର ପୂର୍ବାଞ୍ଚଳ ଜୋନ ମୁଖ୍ୟ ଶୋଭନ ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ କ୍ରୋକୋଡାଇଲର ସର୍ବଭାରତୀୟ ରିଟେଲ ଅପରେଶନ ମୁଖ୍ୟ ସୁରଜ କରୁଣାକରନ୍, ଶୋ'ରୁମର ସ୍ୱତ୍ୱାଧିକାରୀ ଜ୍ଞାନ ରଞ୍ଜନ ଦାସ ଉପସ୍ଥିତ ଥିଲେ। ନୂଆ ଶୋ'ରୁମ ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଉପହାର ପ୍ରଦାନ କରାଯାଉଛି। ୨୯୯୯ ଏବଂ ୩୯୯୯ ଟଙ୍କାର କ୍ରୟ ଉପରେ ଏହି ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗଣେଶ ଚତୁର୍ଥୀ ଅବସରରେ କମ୍ପାନୀ ପକ୍ଷରୁ କଟକରେ ଏକ ନୂଆ ଶୋ'ରୁମ୍ ଖୋଲିବାର ଯୋଜନା ରହିଥିବା କରୁଣାକରନ୍ କହିଛନ୍ତି।



### ଜୟପୁରରେ ମୁଥୁଟ୍ ଫାଇନାନ୍ସର ନୂଆ ଶାଖା

ଜୟପୁର, ୫-୯

ପ୍ରମୁଖ ଗୋଲ୍ଡ ଫାଇନାନ୍ସିଂ କମ୍ପାନୀ ମୁଥୁଟ୍ ଫାଇନାନ୍ସ ପକ୍ଷରୁ ଜୟପୁରର ଏମ୍.ଜି ରୋଡ୍ ସ୍ଥିତ ଆର୍.କେ. ଟାୱାରଠାରେ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ ଏସ୍‌ବିଆଇର ଅବସରପ୍ରାପ୍ତ ଏଜିଏମ୍ ଜି.ଭେଙ୍କଟ ରାଓ ଉଦ୍‌ଘାଟନ କରିଥିଲେ। ବିଗତ ୧୩୧ ବର୍ଷ ଧରି ମୁଥୁଟ୍ ଫାଇନାନ୍ସ ୪୨ କୋଟିରୁ ଅଧିକ ଗ୍ରାହକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ୪୫୦୦ ଶାଖା ଦ୍ୱାରା ସେବା ଯୋଗାଇ ଦେଉଛି। ଓଡିଶା ତଥା ଝାଡଖଣ୍ଡରେ କମ୍ପାନୀର ୭୪ ଶାଖା ରହିଛି। ଓଡ଼ିଶାରେ କମ୍ପାନୀ ୫୭ ଶାଖା ଦ୍ୱାରା ସେବା ଯୋଗାଉଥିବା ସୂଚନା ଦେଇଛି। କାର୍ଯ୍ୟକ୍ରମ ଅବସରରେ ଚାମ୍ବର ଅଫ୍ କମର୍ସର ଉପଦେଷ୍ଟା ରାବା ରାମ କ୍ରିଷ୍ଣା, ସମ୍ପାଦକ ଭି.ପ୍ରଭାକର ଓ ମୁଥୁଟ ଫାଇନାନ୍ସର ଓଡିଶା ଏବଂ ଝାଡଖଣ୍ଡ ଏଆର୍‌ଏମ୍ ତନ୍ମୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ସ୍ୱଳ୍ପ ସୁଧହାରରେ ଅଧିକ ଋଣ ରାଶି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଉକ୍ତ ଶାଖା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଉନ୍ନତ ସେବା ଯୋଗାଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି କମ୍ପାନୀ ପ୍ରକାଶ କରିଛି।

### ପୁଣି ସୁଧହାର ବଢ଼ାଇପାରେ ଆର୍‌ବିଆଇ

ନୂଆଦିଲ୍ଲୀ, ୫-୯

ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ କ୍ରମାଗତ ହ୍ରାସ ପାଇ ଚାଲିଛି। ଏହି କାରଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅକ୍ଟୋବରରେ ଏହାର ମୁଦ୍ରାନୀତି ସମୀକ୍ଷା ବୈଠକରେ ପ୍ରମୁଖ ସୁଧହାର ବୃଦ୍ଧି କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଅନୁମାନ କରୁଛନ୍ତି। ଅର୍ଥାତ୍ ବାଣିଜ୍ୟିକ ବ୍ୟାଙ୍କଗୁଡିକ ଆର୍‌ବିଆଇ ଠାରୁ ଯେଉଁ ସୁଧହାରରେ ଋଣ ହାସଲ କରୁଛନ୍ତି (ରେପୋ ରେଟ୍) ସେଥିରେ ଆର୍‌ବିଆଇ ବୃଦ୍ଧି କରିବ। ଫଳରେ ପରବର୍ତ୍ତୀ ସମୟରେ ବାଣିଜ୍ୟିକ ବ୍ୟାଙ୍କଗୁଡିକ ଏହି ବୋଝକୁ ଗ୍ରାହକମାନଙ୍କ ଉପରେ ଲଦିବେ। ଏହାଦ୍ୱାରା କଞ୍ଜପ୍‌ଶନ(ଖାଉଟିଙ୍କ ବ୍ୟବହାର) କ୍ଷେତ୍ରରେ ଏକ ଶିଥିଳତା ଦେଖାଦେବ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟମାନ୍ତୀ ଘୋଷ ଏଭଳି ମତ ରହିଛନ୍ତି। ଏହା ବ୍ୟତୀତ ଆର୍‌ବିଆଇ ପାଖରେ ଆଉ କୌଣସି ବାଟ ନାହିଁ ବୋଲି ସେ କହିଛନ୍ତି। ସେହିପରି ଆଇଡିଏଫ୍‌ସି ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଇନ୍ଦ୍ରନୀଲ ପାନ କହିଛନ୍ତି, ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସକୁ ରୋକିବାକୁ ହେଲେ ସୁଧହାର ବୃଦ୍ଧି ବର୍ତ୍ତମାନ ସମୟରେ ଏକମାତ୍ର ତ୍ୱରିତ ବିକଳ୍ପ। ସୁଧହାର ବୃଦ୍ଧି ହେଲେ ଯାଇ ଭାରତରେ ନିବେଶ କରିବା ପାଇଁ ବିଦେଶୀ ନିବେଶକଙ୍କୁ ସ୍ୱାଗତ କରାଯାଇପାରିବ ବୋଲି ସେ କହିଛନ୍ତି। ଆର୍‌ବିଆଇର ସୂଚନା ଅନୁସାରେ ଚଳିତ ବର୍ଷ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୧୦.୫% ହ୍ରାସ ପାଇ ସାରିଲାଣି।

### ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ଏମ୍‌ପିସି ସଦସ୍ୟ

ନୂଆଦିଲ୍ଲୀ,୫-୯

ଜୁନ୍ ତ୍ରୈମାସରେ ଦେଶର ଜିଡିପି ୮.୨%ରେ ପହଞ୍ଚିବା ନେଇ କେନ୍ଦ୍ର ସରକାର ଘୋଷଣା କରିବାର ୫ ଦିନ ନ ପୂରୁଣୁ ଏହା ଉପରେ ରିଜର୍ଭ ବ୍ୟାଙ୍କର ମନିଟାରୀ ପଲିସି କମିଟି (ଏମ୍‌ପିସି) ସଦସ୍ୟ ରବିନ୍ଦ୍ର ଢୋଲକିଆ ପ୍ରଶ୍ନ ଉଠାଇଛନ୍ତି।

ଇକୋନୋମିକ ଆଣ୍ଡ ପଲିଟିକାଲ ୱିକ୍‌ଲିର ସଦ୍ୟତମ ସଂସ୍କରଣରେ ଆର୍ ନାଗରାଜ, ମନିଷ ପାଣ୍ଡ୍ୟ ଏବଂ ଢୋଲକିଆଙ୍କ ପକ୍ଷରୁ ଜିଡିପି ଉପରେ ମିଳିତ ଭାବେ ଏକ ଆର୍ଟିକିଲ୍ ଲେଖାଯାଇଛି। ଏଥିରେ କୁହାଯାଇଛି ଯେ, ଏନ୍‌ଡିଏ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ୮.୨% ସ୍ଥିର କଲା ବେଳେ ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନକୁ ଅନୁମାନ ଠାରୁ ଅଧିକ ହିସାବ କରିଛନ୍ତି। ଜିଡିପିରେ ବିନିର୍ମାଣ କ୍ଷେତ୍ରର ଅଧିକ ୱେଟେଜ୍ ଦିଆଯାଉଥିବାରୁ ଅନ୍ୟ ତ୍ରୈମାସରୁ ଏହା ଯଥେଷ୍ଟ ଅଧିକ ହୋଇଛି। ଶୁକ୍ରବାର ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜିଡିପି ଡାଟା ଜାରି କରାଯାଇଥିଲା। ଏଥିରେ ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନ ପ୍ରଥମ ତ୍ରୈମାସରେ ୧୩.୫%ରେ ପହଞ୍ଚିଥିଲା ବୋଲି ଦର୍ଶାଯାଇଛି। ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ୍ ୱାର ଆରମ୍ଭ ହୋଇଯିବା ପରିପ୍ରେକ୍ଷୀରେ ସରକାରଙ୍କ ଆର୍ଥିକ ସଂସ୍କାର ଓ ବିତ୍ତୀୟ ପରିଚାଳନା ଯୋଗୁ ଉକ୍ତ ଜିଡିପି ଅଭିବୃଦ୍ଧି ହାସଲ ସମ୍ଭବ ହୋଇପାରିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ପ୍ରକାଶ କରିଥିଲେ। କେନ୍ଦ୍ର ସରକାର ବିନିର୍ମାଣ କ୍ଷେତ୍ରର ଉତ୍ପାଦନକୁ ହିସାବ କରିବା ପାଇଁ ଶିଳ୍ପ ଜଗତର ବାର୍ଷିକ ସର୍ଭେ ଡାଟା ବଦଳରେ କର୍ପୋରେଟ ଡାଟାକୁ ଆଧାର ଭାବେ ଗ୍ରହଣ କରିଛନ୍ତି। ଢୋଲକିଆ ଏହି ଆଧାର ଉପରେ ପ୍ରଶ୍ନ ଉଠାଇଛନ୍ତି। ଜିଡିପି ଆକଳନରେ ଏହା ଯଥାଯଥ କି ବୋଲି ସେ ନିଜ ଲେଖାରେ ପ୍ରଶ୍ନ ଉଠାଇଛନ୍ତି। ଇତିପୂର୍ବେ ରିଜର୍ଭ ବ୍ୟାଙ୍କ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୭.୪% ରହିବ ବୋଲି ପୂର୍ବାନୁମାନ କରିଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିକୁ ରୋକିବା ଲାଗି ଆର୍‌ବିଆଇ ୨ଥର ସୁଧ ହାର ବୃଦ୍ଧି କରିସାରିଛନ୍ତି।



- ପ୍ରଶ୍ନ ଉଠାଇଛନ୍ତି ରବିନ୍ଦ୍ର ଢୋଲକିଆ
- ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନକୁ ଅନୁମାନ ଠାରୁ ଅଧିକ ହିସାବ କରାଯାଇଛି

### ସ୍ୱିଫ୍ଟ ବ୍ୟବସ୍ଥାକୁ ନେଇ ଚେତୁନାହାନ୍ତି ବ୍ୟାଙ୍କ

ମୁମ୍ବାଇ,୫-୯

**ରିଜର୍ଭ ବ୍ୟାଙ୍କ ଚିଠି ଲେଖିଲେ**

ସ୍ୱିଫ୍ଟ ବ୍ୟବସ୍ଥାକୁ ନେଇ ବ୍ୟାଙ୍କଗୁଡିକ ଚେତିନାହାନ୍ତି। ଏଥିରେ ଥିବା ଫାଙ୍କକୁ ଦୂର କରିବା ଲାଗି କଡ଼ା ତାଗିଦ ସତ୍ତ୍ୱେ ବ୍ୟାଙ୍କଗୁଡିକ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ) କ୍ଷୁବ୍ଧ ହୋଇଛି। ବାରମ୍ବାର କୁହାଯିବା ସତ୍ତ୍ୱେ ସ୍ୱିଫ୍ଟ ବ୍ୟବସ୍ଥାକୁ କାହିଁକି ସଜଡା ଯାଇ ନାହିଁ ବୋଲି ପ୍ରଶ୍ନ କରି ଆର୍‌ବିଆଇ କେତେକ ବ୍ୟାଙ୍କ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଉଲ୍ଲେଖଥାଉ କି, ହୀରା ବ୍ୟବସାୟୀ ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସ୍ୱିଫ୍ଟ ବ୍ୟବସ୍ଥା ଜରିଆରେ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ନେଇ ବିଦେଶ ପଳାଇଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ଏହାର ପର୍ଦ୍ଦାଫାଶ ପରେ କେନ୍ଦ୍ରୀୟ ବ୍ୟାଙ୍କ ସମସ୍ତ ବ୍ୟାଙ୍କର ସିଇଓମାନଙ୍କ ନିକଟକୁ ଏକ ଗୋପନ ପତ୍ର ପଠାଇ ଏଥିରେ ଥିବା ଫାଙ୍କକୁ ସୁଧାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ଖୋଳତାଡ଼ରୁ ଜଣାପଡିଥିଲା ଯେ,ଅଧିକାଂଶ ବ୍ୟାଙ୍କ ସ୍ୱିଫ୍ଟ ବ୍ୟବସ୍ଥାରେ ଥିବା ଫାଙ୍କକୁ ସୁଧାରି ନାହାନ୍ତି। ଏଥିରେ ଅସନ୍ତୁଷ୍ଟ ଆର୍‌ବିଆଇ ବିଳମ୍ବର କାରଣ ଜଣାଇବାକୁ ୨୫ଟି ବ୍ୟାଙ୍କ ସିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଏନ୍‌ବିର ସ୍ୱିଫ୍ଟ ବ୍ୟବସ୍ଥାକୁ କୋର୍ ବ୍ୟାଙ୍କିଙ୍ଗ ସହ ଯୋଡା ଯାଇ ନ ଥିବାରୁ ଦୀର୍ଘବର୍ଷ ଧରି ଏହି ବ୍ୟବସ୍ଥାର ଅପବ୍ୟବହାର କରି ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ଜାଲ୍ ଲେଟର ଅଫ ଅଣ୍ଡରଟେକିଂ(ଏଲ୍‌ଓୟୁ) ଜରିଆରେ ଉକ୍ତ ଟଙ୍କା ଉଠାଇବାରେ ସକ୍ଷମ ହୋଇଥିଲେ।

### ୭୨ର ନିକଟତର ଟଙ୍କା

ମୁମ୍ବାଇ,୫-୯

ବୁଧବାର କ୍ରମାଗତ ୬ଷ୍ଠ ଦିନ ମଧ୍ୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇଛି। ସକାଳେ ଟଙ୍କା ୭୧.୪୫ ସ୍ତରରେ କାରବାର ଆରମ୍ଭ କରିଥିଲା। ଏକ ସମୟରେ ଏହା ୭୧.୯୭ରେ ପହଞ୍ଚି ଯାଇଥିଲା ବେଳେ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଯୋଗୁ ୭୧.୭୫ ସ୍ତରରେ ବନ୍ଦ ହୋଇଛି। ଫଳରେ ଏହା ୧୭ ପଇସା ହ୍ରାସ ପାଇଛି। ଆର୍‌ବିଆଇ ମୁଦ୍ରାର ମୂଲ୍ୟ ହ୍ରାସ ରୋକିବା ଲାଗି ଡଲାର ବିକ୍ରି କରିଥିଲା।

ବିକାଶଶୀଳ ଦେଶର ମୁଦ୍ରା ବଜାରରେ ଅସ୍ଥିରତା ବୃଦ୍ଧି ପାଇବାର ପ୍ରଭାବ ବୁଧବାର ଭାରତରେ ମଧ୍ୟ ଦେଖିବାକୁ ମିଳିଥିଲା। ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇବା ଯୋଗୁ ଆର୍‌ବିଆଇ ବାଧହୋଇ ହସ୍ତକ୍ଷେପ କରିଥିଲା। ଦୁଇ ଜଣ ଟ୍ରେଡରଙ୍କ କହିବାନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାର ମୂଲ୍ୟ ୭୧.୮୦ ଥିଲାବେଳେ ଡଲାର ବିକ୍ରି କରିଥିଲା। ତଥାପି ଏହା ହ୍ରାସକୁ ରୋକି ପାରି ନ ଥିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତି ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ଖବର ପ୍ରକାଶ ପାଇବା ପରେ ସମସ୍ତ ବିକାଶଶୀଳ ରାଷ୍ଟ୍ରର ମୁଦ୍ରା ବଜାରରେ ଭୟର ବାତାବରଣ ଖେଳିଯାଇଥିଲା। ଅପରପକ୍ଷରେ ତୁର୍କିରେ ମୁଦ୍ରାସ୍ଫୀତି ଅହେତୁକ ବୃଦ୍ଧି ପାଇବା ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଥିଲା। ୨୦୦୯ ପରେ ଦେଶର ମୁଦ୍ରାସ୍ଫୀତି ୬% ଟପିଛି ବୋଲି ଫିଲିପାଇନ୍ସ ବୁଧବାର ଘୋଷଣା କରିଛି। ଗୋଟିଏ ପଟେ ଟଙ୍କାର ମୂଲ୍ୟ କମୁଛି ଅନ୍ୟପଟେ ବଣ୍ଡ୍ ୟିଲ୍ଡ ବଢ଼ୁଛି। ମଙ୍ଗଳବାର ୧୦ ବର୍ଷିଆ ବଣ୍ଡ୍ ୟିଲ୍ଡ ୮.୦୬୩% ରହିଥିବା ବେଳେ ବୁଧବାର ଏହା ୮.୦୯୧%ରେ ବନ୍ଦ ହୋଇଛି। ଟଙ୍କା ଓ ବଣ୍ଡ୍ ୟିଲ୍ଡ ବିପରୀତମୁଖୀ ହେବା ସଙ୍କଟ ପରିସ୍ଥିତି ସୃଷ୍ଟି କରିଛି ବୋଲି ବ୍ଲୁମବର୍ଗ ଇକୋନୋମିଷ୍ଟ ଅଭିଷେକ ଗୁପ୍ତା କହିଛନ୍ତି। ଟଙ୍କାରେ ଦେଖାଦେଇଥିବା ଅସ୍ଥିରତା ଯୋଗୁ ବହୁ କମ୍ପାନୀ ଦେବାଳିଆ ହୋଇଯିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।



- କ୍ରମାଗତ ୬ଷ୍ଠ ଦିନ ପାଇଁ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ
- ଟଙ୍କାର ଅସ୍ଥିରତା ଯୋଗୁ ଦେବାଳିଆ ହୋଇପାରନ୍ତି ବହୁ କମ୍ପାନୀ
- କମୁଛି ଟଙ୍କା ବଢ଼ୁଛି ବଣ୍ଡ୍ ୟିଲ୍ଡ

### ବିମୁଦ୍ରୀକରଣ ବେଳେ ଅଚଳ ନୋଟ୍ ଜମା
# ୬୦% ଜନଧନ ଆକାଉଣ୍ଟ ଉପରେ ନଜର

ନୂଆଦିଲ୍ଲୀ,୫-୯

ଦେଶର ବିଭିନ୍ନ ବ୍ୟାଙ୍କରେ ୩୭ ମିଲିୟନ ଜନଧନ ଆକାଉଣ୍ଟ ଖୋଲାଯାଇଛି। ବିମୁଦ୍ରୀକରଣ ବେଳେ ଏହିସବୁ ଆକାଉଣ୍ଟରେ ପ୍ରଚୁର ପରିମାଣରେ ଅଚଳ ନୋଟ୍ ଜମା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ଆକାଉଣ୍ଟ ଉପରେ ଏବେ ଆୟକର ବିଭାଗ ନଜର ରଖିଛି ବୋଲି କେନ୍ଦ୍ର ସରକାର ବୁଧବାର ପ୍ରକାଶ କରିଛି।

ଖବରଦାତାଙ୍କ ସହ ଆଲୋଚନା କାଳରେ ଅର୍ଥ ସଚିବ ହସମୁଖ ଅଧିଆ କହିଛନ୍ତି ଯେ, ବିଭିନ୍ନ ବ୍ୟାଙ୍କର ୧୮୭ ଶାଖାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ୩୦ଟି ଏକୀକୃତ ରିପୋର୍ଟ ପାଇଥିଲେ। ପ୍ରଥମ ଦୃଷ୍ଟିରେ ଦେଖିଲେ ଜନଧନ ଆକାଉଣ୍ଟରେ ଜମା ଅର୍ଥ ବେଆଇନ ବୋଲି ଏବେ କହିହେବ ନାହିଁ। ସିବିଡିଟିକୁ ମିଳିଥିବା ତଥ୍ୟକୁ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଜମାକାରୀଙ୍କ ଆୟ ସହ ତାଙ୍କର ଜମାକୁ ମିଳାଇବା ଆରମ୍ଭ କରିଛନ୍ତି। ଯେଉଁଠି ଏହା ମିଶୁ ନାହିଁ , ସେକ୍ଷେତ୍ରରେ ଏଜେନ୍ସି ପକ୍ଷରୁ ପରବର୍ତ୍ତୀ ଯାଞ୍ଚ ଆରମ୍ଭ କରାଯାଇଛି। ତଦନ୍ତରୁ ସଂଗୃହୀତ ତଥ୍ୟକୁ ଆଧାର କରି ଜନଧନ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତଦନ୍ତ ରିପୋର୍ଟକୁ ଅଦାଲତ ଠିକ୍ ଦର୍ଶାଇଲେ ହିଁ ଜମା ଅର୍ଥକୁ ବେଆଇନ କୁହାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଳନ ନ କରି ଏହିସବୁ ଆକାଉଣ୍ଟକୁ ଅଚଳ କରାଯାଇପାରିବ ନାହିଁ। ସୂଚନାଥାଉ କି, ବ୍ୟାଙ୍କିଙ୍ଗ ସେବାକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ୨୦୧୪ ଅଗଷ୍ଟରେ ଜନଧନ ଯୋଜନାର ଶୁଭାରମ୍ଭ କରାଯାଇଥିଲା।



“ ଏସିଆନ ଗେମ୍ସରେ ପୋଡିୟମ ଉପରେ ମୁଁ କେବଳ ତ୍ରିରଙ୍ଗାକୁ ଚାହିଁ ଜାତୀୟ ସଙ୍ଗୀତ ଗାନ କରିଥିଲି ଏବଂ ଅତୀତର ସଂଘର୍ଷମୟ ଜୀବନକୁ ମନେ ପକାଇଥିଲି ।

–ନୀରଜ ଚୋପ୍ରା, ଜାଭେଲିନ ଥ୍ରୋୟର



“ ସୁମିତ ନାଗାଲ ଭାରତୀୟ ଡେଭିସ୍ କପ୍ ଦଳରେ ଷ୍ଟାଣ୍ଡବାଇ ଖେଳାଳି ଭାବେ ଯୋଗଦେବାକୁ ଅସ୍ୱୀକାର କରିବା ଆମମାନଙ୍କୁ ବିସ୍ମିତ କରିଛି ।

–ହିରଣ୍ମୟ ଚାଟାର୍ଜୀ, ଏଆଇଟିଏ ସମ୍ପାଦକ

## ସଂକ୍ଷେପରେ

### ସରୋଜ ମହାସୁଆର ପୁରସ୍କାର ଉତ୍ସବ ରବିବାରକୁ ଘୁଞ୍ଚିଲା

ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି): ବର୍ଷା ଓ ପ୍ରତିକୂଳ ପାଗ ଯୋଗୁ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ରବିବାର ଏହି କାର୍ଯ୍ୟକ୍ରମ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶ୍ରେଷ୍ଠ ଅମ୍ପାୟର ଭାବେ ନିର୍ମଳ ଓ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ରଘୁନାଥ ଏହି ପୁରସ୍କାର ପାଇବେ।

### ଆଦିତ୍ୟଙ୍କ ପୁଅଙ୍କୁ ସସପେଣ୍ଡ କଲା ବିସିଏ

ନୂଆଦିଲ୍ଲୀ, ୫।୯ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସ୍ପଟ୍ ଫିକ୍ସିଂ ମାମଲାରେ ପିଟିସନ ଦାଖଲ କରିଥିବା ଆଦିତ୍ୟ ବର୍ମାଙ୍କ ପୁଅ ଲକ୍ଷନ ରାଜାଙ୍କୁ ବିହାର କ୍ରିକେଟ ଆସୋସିଏଶନ (ବିସିଏ) ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ବାସନ୍ଦ ହୋଇଥିବା ଏକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ସହ ବିନା ଅନୁମତିରେ ଏକ କର୍ପୋରେଟ ଟୁର୍ନାମେଣ୍ଟରେ ଭାଗ ନେଇଥିବାରୁ ଲକ୍ଷନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିସିଏ ତରଫରୁ କୁହାଯାଇଛି। ପୂର୍ବରୁ ଅନ୍ୟ ରାଜ୍ୟ ପାଇଁ ଖେଳିବାକୁ ଲକ୍ଷନ ନୋ ଅବଜେକ୍‌ଶନ ସାର୍ଟିଫିକେଟ (ଏନଓସି) ବା ଅନୁମତି ପ୍ରମାଣ ପତ୍ର ପାଇଁ ଆବେଦନ କରିଥିଲେ। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୂର୍ବରୁ ଏନ୍‌ଓସି ନ ଦେବାକୁ ସ୍ପଷ୍ଟ କରିଥିଲା। ଫଳରେ ଲକ୍ଷନଙ୍କ ବିରୋଧରେ ନିଷ୍ପତ୍ତି ନିଆଗଲା ବୋଲି ବିସିଏ ତରଫରୁ କୁହାଯାଇଛି। ଅନ୍ୟପଟେ ବିସିଏ ସମ୍ପାଦକ ରବି ଶଙ୍କର ବିରୋଧରେ ଅଭିଯୋଗ ଆଣିଛନ୍ତି। ରବିଙ୍କ ସହ ମୋର ପ୍ରତିଦ୍ୱନ୍ଦ୍ୱୀତା ଥିବାରୁ ମୋ ପୁଅକୁ ବଳି ପକାଯାଇଛି ବୋଲି ସେ କହିଛନ୍ତି। ବର୍ମା ଏବେ ଅଣସ୍ୱୀକୃତି ପ୍ରାପ୍ତ କ୍ରିକେଟ ଆସୋସିଏଶନ ଅଫ ବିହାର (ସିଏବି)ର ସମ୍ପାଦକ ରହିଛନ୍ତି। ତେବେ ବିସିସିଆଇ ବିସିଏକୁ ରାଜ୍ୟର ପ୍ରକୃତ ଆସୋସିଏଶନ ହିସାବରେ ସ୍ୱୀକୃତି ପ୍ରଦାନ କରିଛି। ମୋ ପୁଅ ହାଇଦ୍ରାବାଦ କ୍ରିକେଟ ଲିଗ୍‌ରେ ଇଣ୍ଡିଆ ସିମେଣ୍ଟ୍ସ ତରଫରୁ ଖେଳିଥିଲା। ହଠାତ୍ ତାକୁ ଅନ୍ୟାୟ ଭାବେ ବାସନ୍ଦ କରାଗଲା। ପୁଣି ବାସନ୍ଦ କରିବା ପୂର୍ବରୁ ତାକୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇନାହିଁ। ମୁଁ ଏ ନେଇ ମାମଲା ଦାଏର କରିଛି ବୋଲି ବର୍ମା କହିଛନ୍ତି। ଅନ୍ୟ ରଜ୍ୟ ପାଇଁ ଖେଳିବାକୁ ଲକ୍ଷନ ଏନ୍‌ଓସି ପାଇବାକୁ ବିସିସିଆଇକୁ ଲେଖି ଜଣାଇଥିଲେ। ତେବେ ଏଥିପାଇଁ ରାଜ୍ୟ ଆସୋସିଏଶନର ଅନୁମତି ଆବଶ୍ୟକ ବୋଲି ବୋର୍ଡ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର (ଜିଏମ୍) ସବା କରିମ ତାଙ୍କୁ କହିଥିଲେ। ଅନ୍ୟପଟେ ବିସିଏ ଅଧ୍ୟକ୍ଷ ଗୋପାଲ ବୋରା ଲକ୍ଷନ ବାସନ୍ଦ ହେବା ନେଇ ସଫେଇ ଦେଇଛନ୍ତି।

### ଆଜାମଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୫।୯(ସ୍ପୋର୍ଟ୍ସ ବ୍ୟୁରୋ): ଇଣ୍ଡୋନେସିଆର ଜାକର୍ତ୍ତା ଓ ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆନ ଗେମ୍ସର ସଫ୍ଟ ଟେନିସ ଇଭେଣ୍ଟରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ମହମ୍ମଦ ଆଜାମଙ୍କୁ ବୁଧବାର ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏସିଆନ ଗେମ୍ସରେ ସଫ୍ଟ ଟେନିସ ଅଗଷ୍ଟ ୨୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିଥିଲା। ସେଠାରେ ଆଜାମ ଜାପାନ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ଟିମ୍ ଇଭେଣ୍ଟ ଫାଇନାଲରେ ଚେୟାର ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ସେହିପରି ଇଣ୍ଡୋନେସିଆ ଓ କୋରିଆ ସିଙ୍ଗଲ୍ସ ମ୍ୟାଚରେ ମଧ ସେ ଚେୟାର ଅମ୍ପାୟରିଂ କରିଥିଲେ। ଓଡ଼ିଶା ସଫ୍ଟବଲ ଟେନିସ ଆସୋସିଏଶନର ସମ୍ପାଦକ ଥିବା ଆଜାମ ଓ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ଭୁବନେଶ୍ୱର ଫେରିବା ପରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସେମିରେ ନାଡାଲ, ସେରେନା



ୟୁଏସ୍ ଓପନ ଟେନିସ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତିବା ପରେ ରାଫାଲ ନାଡାଲଙ୍କ ପ୍ରତିକ୍ରିୟା।

**ନ୍ୟୁୟର୍କ, ୫।୯(ଏଏଫ୍‌ପି)**

**ୟୁଏସ୍ ଓପନ୍**

ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଚଳିତ ୟୁଏସ୍ ଓପନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ନାଡାଲ ୦-୬, ୬-୪, ୭-୫, ୬-୭ (୪/୭), ୭-୬ (୭/୫) ସେଟ୍‌ରେ ଡୋମିନିକା ଥିଏମଙ୍କୁ ପରାସ୍ତ କରିଛନ୍ତି। କିନ୍ତୁ ମଙ୍ଗଳବାର ମଧ୍ୟରାତ୍ରିରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ସେଟ୍‌ରେ ନାଡାଲ ୦-୬ ବ୍ୟବଧାନରେ ଥିଏମଙ୍କ ଠାରୁ ହାରିଯାଇଥିଲେ। ଲମ୍ବା କ୍ୟାରିୟରରେ ୨୮୨ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଖେଳିଥିବା ନାଡାଲ ୪ର୍ଥ ଥର ପାଇଁ କୌଣସି ସେଟ୍‌ରେ ଗୋଟିଏ ହେଲେ ବି ପଏଣ୍ଟ ଅର୍ଜନ କରି ପାରି ନ ଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୪ ଓ ୭-୫ ବ୍ୟବଧାନରେ ଜିତି ନେଇଥିଲେ। ଏହାପରେ ୪ର୍ଥ ସେଟ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୯ମ ସିଡ୍ ଥିଏମ ୭/୪ ରେ ବିଜୟୀ ହୋଇଥିଲେ। ସମାନ ସ୍ଥିତି ନିର୍ଣ୍ଣାୟକ ସେଟ୍‌ରେ ମଧ ଦେଖିବାକୁ ମିଳିଥିଲା। କିନ୍ତୁ ଏଥିରେ ନାଡାଲ ୭/୫ ବ୍ୟବଧାନରେ ବିଜୟୀ ହୋଇଥିଲେ। ମୁକାବିଲାକୁ ଜିତିବା ପାଇଁ ତାଙ୍କୁ ୪ ଘଣ୍ଟା ୪୯ ମିନିଟ୍ ଲାଗିଥିଲା। ଏହି ବିଜୟ ସହ ନଂ୧ ର୍‍ୟାଙ୍କଧାରୀ ସ୍ପାନିଶ ଖେଳାଳି କ୍ରମାଗତ ୩ୟ ଥର ଲାଗି ଗ୍ରାଣ୍ଡସ୍ଲାମ ସେମିରେ ସ୍ଥାନ ପାଇଛନ୍ତି। ସେ ଆଗାମୀ ମ୍ୟାଚ୍‌ରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ଭେଟିବେ।

ଛ’ଥର ଚାମ୍ପିୟନ ସେରେନା ୱିଲିୟମ୍ସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେରେନା ୬-୪, ୬-୩ ସିଧାସଳଖ ସେଟ୍‌ରେ ୮ମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ପରାସ୍ତ କରିଛନ୍ତି। କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଦୌଡ଼ରେ ଥିବା ୩୬ ବର୍ଷୀୟା ସେରେନା ସେମିଫାଇନାଲରେ ଲାଟ୍ଭିଆର ଆନାସ୍ତାସିଜା ସେବାସ୍ତୋଭାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୧୯ତମ ସିଡ୍ ସେବାସ୍ତୋଭା ୬-୨, ୬-୩ ସିଧାସଳଖ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ପରାସ୍ତ କରିଛନ୍ତି।



ସ୍ଲୋଆନେ ଷ୍ଟିଫେନ୍ସ



ସେରେନା ୱିଲିୟମ୍ସ

# ଭାମ୍ବ୍ରି, ଶରନ ଓହରିଲେ

**ନୂଆଦିଲ୍ଲୀ, ୫।୯(ପି.ଟି.)**

**ଡେଭିସ୍ କପ୍**

ଭାରତର ଟପ୍ ସିଙ୍ଗଲ୍ସ ଟେନିସ ଖେଳାଳି ୟୁକି ଭାମ୍ବ୍ରି ଏବଂ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଡିଭିଜ ଶରନ ଆହତ ସମସ୍ୟା ଲାଗି ସର୍ବିୟା ବିପକ୍ଷରେ ଖେଳାଯିବାକୁ ଥିବା ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସେହିଭଳି ଅନ୍ୟତମ ଖେଳାଳି ସୁମିତ୍ ନାଗଲ ଷ୍ଟାଣ୍ଡ-ବାଏ ଖେଳାଳିଭାବେ ଦଳରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ସେପ୍ଟେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ। ନିକଟରେ ସମାପ୍ତ ହୋଇଥିବା ଏସିଆନ ଗେମ୍ସରେ ରୋହନ ବୋପାନ୍ନାଙ୍କୁ ସାଥୀ କରି ଶରନ ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ କହୁଣିଜନିତ ସମସ୍ୟା ଲାଗି ସେ ସର୍ବିୟା ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସେହିଭଳି ନିକଟରେ ୟୁଏସ୍ ଓପନ୍ ପୁରୁଷ ଡବଲ୍ସ ଖେଳୁଥିବାବେଳେ ଭାମ୍ବ୍ରିଙ୍କ ଗୋଇଠିରେ ସମସ୍ୟା ଦେଖାଦେଇଥିଲା। ଭାରତୀୟ ଡେଭିସ୍ କପ୍ ଦଳରେ ୬ଷ୍ଠ ଖେଳାଳିଭାବେ ସ୍ଥାନ ପାଇଥିବା ସାକେତ୍ ମାଇନେନୀ ଏବେ ଭାମ୍ବ୍ରିଙ୍କ ବଦଳରେ ଖେଳିବା ନିଶ୍ଚିତ ହୋଇଛି। ସେହିଭଳି ଶରନଙ୍କ ବଦଳ ଖେଳାଳି ଭାବେ ଏନ୍. ଶ୍ରୀରାମ ବାଲାଜୀ ଖେଳିବେ। ଅପରପକ୍ଷରେ ପୁଣେର ଉଦୀୟମାନ ଖେଳାଳି ଅର୍ଜୁନ ଖାଡେ ରିଜର୍ଭ ଖେଳାଳି ଭାବେ ଦଳ ସହ ଯୋଗଦେବେ ବୋଲି ଜଣାପଡ଼ିଛି। ତେବେ ସୁମିତ୍ ନାଗଲ ସେହି ସମୟରେ ପୋଲାଣ୍ଡରେ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟ ଖେଳିବାକୁ ଥିବାରୁ ଏହି ମ୍ୟାଚ୍ ଖେଳିବାକୁ ଅଗ୍ରାହ୍ୟ କରିଦେଇଛନ୍ତି।

### ରମାଦେବୀ ଅଲ୍ ଓଡ଼ିଶା ମହିଳା ଚେସ୍ ଆରମ୍ଭ

**ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)**

ରମାଦେବୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ମହିଳା ଚେସ୍ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୮ଟି ଜିଲ୍ଲାରୁ ମୋଟ ୪୮ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ୧୫ଜଣ ରେଟେଡ ଖେଳାଳି ଅଛନ୍ତି। ଶ୍ରଦ୍ଧାଞ୍ଜଳି ଜେନା ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ମୋଟ ୨ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରି ୧୨ ଖେଳାଳି ମିଳିତଭାବେ ଅଗ୍ରଣୀ ହାସଲ କରିଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଦ୍ମଜା ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅପରାଜିତା ଗୋଚ୍ଛିକାର, ଧନଞ୍ଜୟ ସବତ, ଦୁର୍ଗା ଶଙ୍କର ଷଡ଼ଙ୍ଗୀ, ଚଣ୍ଡି ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଅଶ୍ୱିନଙ୍କ ସାଉଥାମ୍ପଟନରେ ଖେଳିବା ମହଙ୍ଗା ପଡ଼ିଲା

**ସାଉଥାମ୍ପଟନ,୫।୯**

ଭାରତୀୟ ଦଳର ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାଉଥାମ୍ପଟନ ଟେଷ୍ଟରେ ଖେଳାଇବା ଭାରତୀୟ ଦଳ ଲାଗି ମହଙ୍ଗା ପଡ଼ିଛି। ଇଂଲଣ୍ଡ ୪ର୍ଥ ଟେଷ୍ଟ ଲାଗି ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ଏହା ସତ୍ତ୍ୱେ ତାଙ୍କୁ ଖେଳାଯାଇଥିଲା। ତେବେ ସେ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦୁଇ ଦିନରେ ବୋଲିଂ କରି ନ ଥିଲେ। କିନ୍ତୁ ୨ୟ ଇନିଂସ୍‌ରେ ସେ ୩୭.୧ ଓଭର୍ ବୋଲିଂ କରିଥିଲେ। ଏଥିଯୋଗୁ ତାଙ୍କ ଆହତ ସମସ୍ୟାରେ ବୃଦ୍ଧି ଘଟିଛି। ଫଳରେ ସିରିଜ୍‌ର ଅନ୍ତିମ ଟେଷ୍ଟରୁ ତାଙ୍କୁ ବାଦ୍ ଦିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି।

# ଇଂଲଣ୍ଡ ପ୍ରଶଂସାର ପାତ୍ର

**ମହିନ୍ଦର ଅମରନାଥ**

ଭାରତୀୟ ଦଳ ଉଚ୍ଚ ଅଭିଳାଷ ସହିତ ଇଂଲଣ୍ଡ ଗସ୍ତ କରିଥିଲା। ଏହି ଗସ୍ତରେ ଭଲ କରିବ କିମ୍ବା ସିରିଜ ଜିତିବ ବୋଲି ଭାରତ ଲକ୍ଷ୍ୟ ରଖିଥିଲା। କିନ୍ତୁ ଶେଷରେ କଥା ଅଲଗା ହେଲା। ଏଥର ବୋଲିଂ ନୁହଁ, ବ୍ୟାଟିଂ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ମୁଭ କରୁଥିବା ବଲକୁ ଖେଳିବାରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ଏପରି କି, ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ମୁଭ କରୁଥିବା ବଲ୍ ବିପକ୍ଷରେ ସେତେଟା ସହଜ ନ ଥିଲେ। ଯଦିଓ କେତେଜଣ ରନ ସଂଗ୍ରହ କରିଛନ୍ତି। ଯେତେବେଳେ ଏହି ବଲ ବ୍ୟାଟ୍ ବିଟ୍ କରିଛି କିମ୍ବା ଚକ୍‌ମା ଦେଇଛି, ସେତେବେଳେ କିଛି ବି ହେବା ଭଳି ଲାଗୁଥିଲା। ଖାସ ଏଥିପାଇଁ ଭାରତକୁ ସିରିଜ ହାତଛଡ଼ା କରିବାକୁ ପଡିଛି।

ବ୍ୟାଟିଂରେ ଟେକନିକ୍‌ର ଅଭାବ କାରଣରୁ ଆମକୁ ଅପଦସ୍ଥ ହେବାକୁ ପଡିଛି। ଏକାଧିକ ଖେଳାଳି ଭଲ ଆରମ୍ଭ କରିଛନ୍ତି। କିନ୍ତୁ ସେମାନେ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ଏହାର କାରଣ ହେଉଛି ଟେମ୍ପରାମେଣ୍ଟ ବା ସ୍ୱଭାବ, ଆପ୍ଲିକେସନ ଓ ତାଳମେଳର ଅଭାବ। କିନ୍ତୁ କୋହଲି ଏଥିରେ ବେଶ୍ ସଫଳ ହୋଇଛନ୍ତି। ଯଦିଓ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ମଧ ରନ କରିବାରେ ସଫଳ ହୋଇପାରିନାହାନ୍ତି ବୋଲି କେତେକ କହିବେ। କିନ୍ତୁ ଇଂଲଣ୍ଡ ସିରିଜ ଜିତିଛି। ଏହା ହେଉଛି ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁଖ୍ୟ ଫରକ। ଭାରତକୁ ଯେ ସୁଯୋଗ ମିଳିନାହିଁ, ଏକଥା କେହି କହିପାରିବେ ନାହିଁ। ଭାରତୀୟ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲରମାନେ ହୃଦୟର ସହ ବୋଲିଂ କରିଛନ୍ତି ଓ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ତେବେ ଶେଷରେ ଭାରତୀୟ ବ୍ୟାଟିଂ ହିଁ ସବୁ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପୁଣି ୬ ନମ୍ବର ବା ଷଷ୍ଠ ବ୍ୟାଟ୍ସମ୍ୟାନଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ୫ଜଣ ବ୍ୟାଟ୍ସମ୍ୟାନ ଓ ଜଣେ ଅଲରାଉଣ୍ଡରଙ୍କୁ ନେଇ ଟେଷ୍ଟ ଖେଳିବା ଠିକ୍ ନୁହେଁ। ପୁଣି ଇଂଲଣ୍ଡ ଭଳି ଦଳ ବିପକ୍ଷରେ ଏହା ଆଦୌ ଗ୍ରହଣୀୟ ନୁହେଁ। ଭାରତରେ କିମ୍ବା ଉପମହାଦେଶରେ ଏହି ନୀତି କାମ କରିବ। କିନ୍ତୁ ବିଦେଶରେ ଏହା ଆଦୌ ନୁହଁ। ଭାରତ ପାଇଁ ଏହି ନୀତି ସହାୟ ହେଲା ନାହିଁ।

ଓଭାଲରେ ଖେଳାଯିବାକୁଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଯେତେବେଳେ ଗୋଟିଏ ଦଳ ସିରିଜ ହାରିସାରିଥାଏ, ସେତେବେଳେ ଏକାଧିକ କଥା ମୁଣ୍ଡରେ ପଶିଥାଏ। ଏକାଧିକ ବ୍ୟାଟ୍ସମ୍ୟାନ ରନ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି। ଆଗକୁ ଘରୋଇ ସିରିଜ ଥିବାରୁ ସେମାନେ ନିଶ୍ଚିତଭାବେ ଚାପରେ ରହିବେ। ତେବେ ଅନ୍ତିମ ମ୍ୟାଚ୍‌ରେ ସେମାନେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ସିରିଜ ହାତଛଡ଼ା ହୋଇସାରିଥିବାର ଅଧିକ କିଛି ଆଶା କରିବାର ନାହିଁ। କିନ୍ତୁ ୧ ନମ୍ବର ଟେଷ୍ଟ ଦଳ ହୋଇଥିବାରୁ ଭାରତକୁ ଅନ୍ତିମ ମ୍ୟାଚରେ ବିଜୟୀ ହେବାକୁ ପଡିବ ଓ ବିଦେଶରେ ମଧ ଆମେ ବିଜୟୀ ହେବୁ ଏହା ପ୍ରମାଣ କରିବାକୁ ହେବ।

ଓଭାଲର ଏକ ଭଲ ବ୍ୟାଟିଂ ପିଚ୍ ଦେଖିବାକୁ ମିଳିବ। ଏଠାରେ ପୂର୍ବରୁ ବହୁତ ରନ ସଂଗ୍ରହ ହୋଇଛି। କିନ୍ତୁ ଇଂଲଣ୍ଡ ଆହୁରି ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବ। ଘରୋଇ ଦଳ ତରଫରୁ ମୋଇନ ଅଲୀଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇପାରିଛି। ସେ ଆଶାଠାରୁ ଅଧିକ ପ୍ରଦର୍ଶନ କରିଛନ୍ତି। ତେବେ ସେ ଅଧିକ କିଛି ନୂଆ କରିନାହାନ୍ତି କିମ୍ବା ପରୀକ୍ଷା ନିରୀକ୍ଷା କରିନାହାନ୍ତି। ବଲର ଲେନ୍ଥକୁ ସେ ବଜାୟ ରଖିବା ସହ ଗତିରେ ପରିବର୍ତ୍ତନ ଆଣି ଫ୍ଲାଇଟ କରିବାକୁ ଚେଷ୍ଟା କରିଛନ୍ତି। ଅଭିଜ୍ଞ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ମୋଇନଙ୍କ ମଧ୍ୟରେ ଏହା ହିଁ ଫରକ। ଅଶ୍ୱିନ ଚେଷ୍ଟା କରିଥିଲେ ମଧ ଶତପ୍ରତିଶତ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହା ଶେଷରେ ଭାରତ ବିପକ୍ଷରେ ଯାଇଥିଲା। ଇଂଲଣ୍ଡର ସାମ କୁରାନ ମଧ ସିରିଜ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ୨୦ ବର୍ଷ ହୋଇଥିଲେ ମଧ ତାଙ୍କର ବ୍ୟାଟିଂ ଟେକନିକ୍ ବେଶ୍ ଉଚ୍ଚକୋଟୀର। ସେ ଲଢୁଆ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ଅନ୍ତିମ ଟେଷ୍ଟରେ ଆମକୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ୩-୧ରେ ହାରିବା ଅପେକ୍ଷା ୩-୨ରେ ହାରିବା ସେତେଟା ଖରାପ ନୁହଁ। ତେବେ ମୋ ଜାଣିବାରେ ଇଂଲଣ୍ଡ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ତେଣୁ ଇଂଲଣ୍ଡ ସିରିଜ ବିଜୟୀ ହେବାର ହକ୍‌ଦାର। ସେଥିପାଇଁ ଅବଶ୍ୟ ଇଂଲଣ୍ଡ ପ୍ରଶଂସାର ପାତ୍ର ବୋଲି କୁହାଯାଇପାରେ। (ଗେମ୍‌ପ୍ଲାନ୍)

#WhatDrivesYou
EXIDE

## ■ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ସେମିଫାଇନାଲରେ ୟୁନିଟ-୧

**ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଚତୁର୍ଥ ଦଳଭାବେ ୟୁନିଟ-୧ ହାଇସ୍କୁଲ ସେମିଫାଇନାଲରେ ପହଞ୍ଚିଛି। ବୁଧବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ-୧ ୩-୦ ଗୋଲରେ ଡିଏଭି ପୋଖରୀପୁଟକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କରନ୍ ହେମ୍ବ୍ରମ, ସୁନ୍ଦରମୋହନ କିସ୍କୋ, ମଳୟ ମାଝି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସୁନ୍ଦରମୋହନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରାତନ ଖେଳାଳି ତଥା ବରିଷ୍ଠ ପ୍ରଶିକ୍ଷକ ସୁକାନ୍ତ ଦଉରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁନେନ୍ଦୁ ପ୍ରତାପ ସ୍ୱାଇଁ, ଆର.ଆଇ.ଟିଗା, ପ୍ରଭାକର ବର୍ଦ୍ଧନ, ପ୍ରଭାତ ମହାପାତ୍ର, ଲଲାଟେନ୍ଦୁ ପ୍ରଧାନ, କ୍ଷୀରୋଦ ପରିଜା, ମାନସ ସାମଲ, ବିଭୁ ସେନାପତି, ପ୍ରସନ୍ନ ଦାସ, ପ୍ରବାଳ ଦାସ, ବୀରେନ୍ଦ୍ର ସିଂ, ବିଳାସ ବେହେରା, ପ୍ରଦୀପ କୁମାର ବଳିୟାର ସିଂ, କୃଷ୍ଣ ବେହେରା, ତଇଜୁଲ, ଅଶୋକ ରାଉତରାୟ, ଗୋପାଳ ଦାସ, ନିରୋଦ ସ୍ୱାଇଁ, ବିରଞ୍ଚି ମହାନ୍ତି ପ୍ରମୁଖ ଓଡ଼ିଶାର ପୂର୍ବତନ ଖେଳାଳିମାନେ ଏବଂ ୟୁନିଟ-୬ ଆସୋସିଏଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗୁରୁବାର ମଦର ପବ୍ଲିକ ସ୍କୁଲ ଓ ସୈନିକ ସ୍କୁଲ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।




ଆନ୍ତଃ ସ୍କୁଲ ଫୁଟବଲର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ପରେ ପୂର୍ବତନ ଖେଳାଳି ସୁକାନ୍ତ ଦଉରାୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

“ ଏସିଆନ ଗେମ୍ସରେ ମୁଁ ୪୯ କେଜି କାଟେଗୋରିରେ ଅଂଶଗ୍ରହଣ କରିଥିଲି। ଟୋକିଓ ଅଲିମ୍ପିକ୍ସରେ ୫୨ କେଜିରେ ଭାଗନେବା ଉପରେ ଫୋକସ କରୁଛି ।

–ଅମିତ ପଙ୍ଘାଲ, ଭାରତୀୟ ବକ୍ସର



“ ଅଷ୍ଟ୍ରେଲିଆ ‘ଏ’ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଅଙ୍କିତ୍ ବାୱନେଙ୍କ ଉଇକେଟ ପତନ ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା।

–ରାହୁଲ ଦ୍ରାବିଡ୍, ଭାରତ ‘ଏ’ କୋଚ୍



## ସଂକ୍ଷେପରେ

### ଏସିଆନ ଗେମ୍ସ ପଦକଧାରୀଙ୍କୁ ମୋଦିଙ୍କ ପରାମର୍ଶ

ନୂଆଦିଲ୍ଲୀ,୫।୯(ପି.ଟି.)- ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ପଦକ ଜିତିଥିବା ଆଥ୍‌ଲେଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେମାନଙ୍କୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ବୁଧବାର ଏସିଆନ୍ ଗେମ୍ସ ପଦକଧାରୀଙ୍କୁ ବାସଭବନରେ ସାକ୍ଷାତ କରିଥିଲେ। ଏଥର ଏସିଆନ୍ ଗେମ୍ସରେ ଭାରତ ସର୍ବାଧିକ ୬୯ ପଦକ ଜିତି ରେକର୍ଡ କରିଛି। ‘‘ପ୍ରଧାନମନ୍ତ୍ରୀ ଆଶା କରୁଛନ୍ତି ଯେ, ଆଥ୍‌ଲେଟ୍‌ମାନେ ଏସିଆନ୍ ଗେମ୍ସରେ ମିଳିଥିବା ସଫଳତା ଓ ସମ୍ମାନ ପାଇଁ ଖେଳ ପ୍ରତି ଧ୍ୟାନ ଦେବା କମ୍ କରନ୍ତୁ ନାହିଁ ଆହୁରି ବଡ଼ ସଫଳତା ଲାଗି ଅଧିକରୁ ଅଧିକ କଠିନ ପରିଶ୍ରମ କରନ୍ତୁ। ପଦକଧାରୀଙ୍କୁ ଏବେ ସବୁଠୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ସୁନାମ ଓ ସମ୍ମାନ ମିଳିବା ପରେ ମଧ ସେମାନେ ନିଜ ଲକ୍ଷ୍ୟ ହରାଇବା ଉଚିତ ନୁହେଁ। କାରଣ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଅଲିମ୍ପିକ୍ସ ପୋଡିୟମ୍‌ରେ ସ୍ଥାନ ପାଇବା’’ ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଦେଶର ଗ୍ରାମାଞ୍ଚଳରୁ ଯୁବ ପ୍ରତିଭା ସୃଷ୍ଟି ହେଉଥିବାରୁ ମୋଦି ଖୁସି ପ୍ରକାଶ କରିଛନ୍ତି, ଗ୍ରାମାଞ୍ଚଳରେ ଦେଶର କ୍ଷମତା ରହିଛି ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ଆମ ଦାୟିତ୍ୱ।

### ରାଜ୍ୟ କୁସ୍ତି ପ୍ରତିଯୋଗିତା

କଟକ ଅଫିସ,୫।୯: ଓଡ଼ିଶା କୁସ୍ତି ସଂଘ ଓ କଟକ ଜିଲା କୁସ୍ତି ସଂଘର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ୨୩ବର୍ଷରୁ କମ୍ ରାଜ୍ୟ କୁସ୍ତି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୯ବର୍ଷରୁ ଉର୍ଦ୍ଧ୍ୱ ଓ ୨୩ବର୍ଷରୁ କମ୍ ବିଭାଗର ଖେଳାଳିଙ୍କୁ ନେଇ ହେଉଥିବା ଏହି ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବର୍ଗରେ ୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଜସ୍ଥାନଠାରେ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ରାଜ୍ୟ କୁସ୍ତି ସଂଘ ସଭାପତି ରାମକୃଷ୍ଣ ପାଢ଼ୀ, ସମ୍ପାଦକ ବିନୋଦ ଦାସ, ପୁରୀ ଜିଲା କୁସ୍ତି ସଂଘ ସମ୍ପାଦକ ରବି ପ୍ରତିହାରୀ ଅତିଥିଭାବେ ଯୋଗ ଦେଇଥିଲେ। କଟକ ଜିଲା କୁସ୍ତି ସଂଘର ସଭାପତି ବିରଜା ପ୍ରସାଦ ଦାସ, ସମ୍ପାଦକ କିଶୋର ବେହେରା, ରାଜ୍ୟ ସଂଘର କୋଷାଧକ୍ଷ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଫାଓ ଲିଗ୍: ରାଇଜିଂ ଷ୍ଟାର ବିଜୟୀ

କଟକ ଅଫିସ,୫।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟାର ୩-୧ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟାର ପକ୍ଷରୁ ୨୪ତମ ମିନିଟରେ ସଞ୍ଜିତ ଖାରା, ୪୫ତମ ମିନିଟରେ ଦୀପକ ମିଞ୍ଜ ଓ ୮୦ତମ ମିନିଟରେ ଅଭିଜିତ ଦେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। କିଶୋର କ୍ଲବ ପକ୍ଷରୁ ୩୫ତମ ମିନିଟରେ ବିକ୍ରମ ନାୟକ ଏକମାତ୍ର ଗୋଲଟି ଦେଇଥିଲେ। ବିଡ଼ାନାସୀ କ୍ଲବ ଓ ଜୟଦୁର୍ଗା କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା।



ନୂଆଦିଲ୍ଲୀ: ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ ଅବସରରେ ଏସିଆନ୍ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରେ ପଦକ ବିଜୟୀ ଭାରତୀୟ ଆଥଲେଟ୍‌ମାନେ।

# ‘ଭାରତକୁ ସ୍ପୋର୍ଟ୍ସ ସୁପର ପାୱାରରେ ପରିଣତ କରାଯିବ’

**ନୂଆଦିଲ୍ଲୀ, ୫।୯(ପି.ଟି.)**

ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଆଥଲେଟମାନଙ୍କୁ ପ୍ରସ୍ତୁତ କରିବାରେ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ରାଜ୍ୟ ବର୍ଦ୍ଧନ ସିଂ ରାଠୋର କହିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ପ୍ରସ୍ତୁତି ପାଇଁ ଆଥଲେଟମାନଙ୍କୁ ଅର୍ଥ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅତୀତରେ ଏ ନେଇ ପ୍ରକ୍ରିୟାର କେନ୍ଦ୍ରୀକରଣ ପ୍ରଶାସନିକ ବାଧା ସୃଷ୍ଟି କରୁଥିଲା। ଏବେ କିନ୍ତୁ ଏପରି ହେବ ନାହିଁ ବୋଲି ସଦ୍ୟ ସମାପ୍ତ ଏସିଆନ ଗେମ୍ସ ପଦକ ବିଜେତାଙ୍କର ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଭାରତକୁ ଏକ ସ୍ପୋର୍ଟ୍ସ ସୁପର ପାୱାରରେ ପରିଣତ କରିବାକୁ ସରକାର ଚେଷ୍ଟିତ। ଏ ନେଇ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିଜର ମତ ଉପସ୍ଥାପନା କରିଥିଲେ।

ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ ଓ ଏହାର ବିକାଶ ଦିଗରେ ସବୁ କିଛି କାର୍ଯ୍ୟ କରାଯିବ। ତୃଣମୂଳସ୍ତର ଓ ଜଣାଶୁଣା କ୍ରୀଡ଼ାବିତ୍ ମଧ୍ୟରେ ପେସାଦାର ଢଙ୍ଗରେ କାର୍ଯ୍ୟ କରାଯିବ। ଏ ନେଇ କାର୍ଯ୍ୟକ୍ରମକୁ ଭାଗ କରାଯିବ।

ଆଥଲେଟମାନଙ୍କୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ) ସହିତ ଯୋଡିବାକୁ ଆମେ ଏବେ କାର୍ଯ୍ୟ ଆରମ୍ଭ କରିଛୁ। ଏ ନେଇ ସିଧାସଳଖ, ଦ୍ରୁତ ଗତିରେ କାର୍ଯ୍ୟ କରିବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ରାଠୋର କହିଛନ୍ତି।

ଅଲିମ୍ପିକ୍ସରେ ପଦକ ଜିତିବା ସମ୍ଭାବନା ରଖୁଥିବା ଆଥଲେଟମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ୨୦୧୪ରେ ଟପ୍ସ ସ୍ଥାପନ କରାଯାଇଥିଲା। ଏବେ ଆଥଲେଟମାନେ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ଡାଇରେକ୍ଟର ଜେନେରାଲଙ୍କ ତତ୍ତ୍ୱାବଧାନରେ କମିଟି ଆଣ୍ଡ ଦି ମିଶନ ଅଲିମ୍ପିକ ସେଲ (ଏମ୍‌ଓସି) ଆଥଲେଟଙ୍କୁ ଟପ୍ସ ନିମନ୍ତେ ଚୟନ କରାଯାଉଛି ଓ ସେମାନଙ୍କୁ ପାଣ୍ଠି ପ୍ରଦାନ କରାଯାଉଛି। ବିଭିନ୍ନ ଜାତୀୟ ଫେଡେରେଶନର ପ୍ରତିନିଧି ଓ ସାଇର ଭିନ୍ନ ଭିନ୍ନ ପ୍ରୋଜେକ୍ଟ ଅଧିକାରୀମାନେ ଏହି ଏମ୍‌ଓସିରେ ସାମିଲ ହୋଇଥାନ୍ତି।

ଏବେ ଆଥଲେଟମାନଙ୍କ ପାଇଁ ପାଣ୍ଠି ଯୋଗାଇବା ନେଇ କୌଣସି ଚିନ୍ତା ନାହିଁ। କାରଣ ଏବେ କର୍ପୋରେଟ୍ ହାଉସ୍‌ମାନେ ସ୍ୱତଃପ୍ରବୃତ୍ତ ଭାବେ ଆଥଲେଟମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେଣି। ତୃଣମୂଳସ୍ତରରୁ ତାରକା ଆଥଲେଟମାନଙ୍କ ପାଇଁ ଆମେ ପାଣ୍ଠି ବା ଅର୍ଥ ପ୍ରଦାନ କରିବାକୁ ଆରମ୍ଭ କରିଛୁ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟମାନେ କିପରି ଭଲ ପ୍ରଦର୍ଶନ କରି ଅଧିକରୁ ଅଧିକ ପଦକ ହାସଲ କରିବେ ସେ ନେଇ ସବୁପ୍ରକାର ପଦକ୍ଷେପ ନେବାକୁ ଆମେ ଚେଷ୍ଟିତ ବୋଲି ରାଠୋର କହିଛନ୍ତି। ଆମେ ୨୦୨୪ ଓ ୨୦୨୮ ଅଲିମ୍ପିକ୍ସ ପାଇଁ କାର୍ଯ୍ୟ ଆରମ୍ଭ କରିଛୁ। ଏହି ଦୁଇ ଅଲିମ୍ପିକ୍ସରେ ଆମେ ପ୍ରକୃତ ସଫଳତା ହାସଲ କରିବୁ। ଟୋକିଓ ଅଲିମ୍ପିକ୍ସ ଉପରେ ମଧ ଆମର ନଜର ରହିଛି।

କେବଳ ଆଥଲେଟ ନୁହଁ, ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ମଧ ଟପ୍ସ କମିଟିର ନଜର ରହିଛି। ଏହି କମିଟିରେ ବ୍ୟାଡମିଣ୍ଟନ କିମ୍ବଦନ୍ତୀ ପ୍ରକାଶ ପାଦୁକନ, ପୂର୍ବତନ ବକ୍ସିଂ ଫେଡେରେଶନ ସାଧାରଣ ସମ୍ପାଦକ ପି.କେ.ଏମ୍. ରାଜା ସାମିଲ ରହିଛନ୍ତି। ବିଭିନ୍ନ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏଫ୍‌ଏସ୍) ଓ ସେଗୁଡିକର କୋଚମାନଙ୍କ ପ୍ରଦର୍ଶନ ଉପରେ ସରକାର ନଜର ରଖିଛନ୍ତି। ପ୍ରତି ୩ ମସାରେ ଥରେ ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନକୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ବିବରଣୀ ଦେବାକୁ କୁହାଯିବ। ଆଥଲେଟମାନେ କିପରି କମ ଆଘାତ ପାଇବେ ସେ ନେଇ ଫେଡେରେଶନଗୁଡ଼ିକୁ ଅବଗତ କରାଯିବ।

ତେବେ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଭୂମିକା ନେଇ ରାଠୋର ପ୍ରଶ୍ନ ଉଠାଇଛନ୍ତି। ଲୋକେ କେନ୍ଦ୍ର ସରକାରଙ୍କୁ କ୍ରୀଡ଼ା ନେଇ ପ୍ରଶ୍ନ କରୁଛନ୍ତି। ତେବେ ରାଜ୍ୟ ସରକାରମାନେ କ’ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏସିଆଡ୍‌ରେ ଭାରତର ପ୍ରଦର୍ଶନକୁ ସେ ତାରିଫ କରିଛନ୍ତି। ୧୫ଟି ସ୍ୱର୍ଣ୍ଣ, ୨୪ଟି ରୌପ୍ୟ ଓ ୩୦ଟି ବ୍ରୋଞ୍ଜ ପଦକ ହାସଲ କରି ଭାରତୀୟ ଆଥଲେଟମାନେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ବୋଲି କହିଛନ୍ତି। ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ଭାରତୀୟ କ୍ରୀଡ଼ାରେ ଭବିଷ୍ୟତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ତେବେ ନିକଟ ଭବିଷ୍ୟତରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ଆୟୋଜନ କରିବ କି ନା ସେ ନେଇ ରାଠୋର କିଛି କହିନାହାନ୍ତି। ପ୍ରତିକୂଳ ପରିସ୍ଥିତିରେ ମଧ ବିଦେଶରେ ଆମ ଆଥଲେଟମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି ଓ ଏହା ଭାରତୀୟ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି ରାଠୋର କହିଛନ୍ତି।

## ଅଷ୍ଟ୍ରେଲିଆ-ଏ’କୁ ବିଜୟ ଦେଲେ ହଲାଣ୍ଡ

**ବେଙ୍ଗାଲୁରୁ, ୫।୯(ପି.ଟି.)**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ-ଏ ୯୮ ରନରେ ପରାଜୟବରଣ କରିଛି। ଅଷ୍ଟ୍ରେଲିଆ-ଏ ପକ୍ଷରୁ ଧାର୍ଯ୍ୟ ୨୬୨ ରନର ଲକ୍ଷ୍ୟକୁ ପିଛା କରିଥିବା ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଭାରତ-ଏ ୧୬୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଭାରତ-ଏ ମଙ୍ଗଳବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ଉଇକେଟ୍ ହରାଇ ୬୩ ରନ କରିଥିଲା। ବୁଧବାର ଅନ୍ତିମ ଦିବସରେ ବିଜୟ ପାଇଁ ଘରୋଇ ଦଳକୁ ଆଉ ୧୯୯ ରନ ଆବଶ୍ୟକ ହେଉଥିଲା। ତେବେ ଭାରତ-ଏ ପୂର୍ବ ଦିନର ଅସମାପ୍ତ ସ୍କୋରରେ ଆଉ ମାତ୍ର ୧୦୦ରନ ଯୋଗକରି ବଳକା ୮ଟି ଉଇକେଟ୍ ହରାଇଥିଲା। ଦ୍ୱିତୀୟ ଇନିଂସରେ ଭାରତ-ଏ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ସର୍ବାଧିକ ୮୦ ରନ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟାର ୨୮ ଓ ଅଙ୍କିତ ବାୱନେ ୨୫ ରନ କରିଥିଲେ। ଭାରତ ପକ୍ଷରୁ ୫ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିବାରେ ବିଫଳ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ବାମହାତୀ ସ୍ପିନର ଜନ୍ ହଲାଣ୍ଡ ୮୧ ରନ ବିନିମୟରେ ୬ଟି ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ମୋଟ୍ ସେ ୯ଟି ଉଇକେଟ୍ ସଫଳତା ପାଇଛନ୍ତି। ଏହି ଚାରି ଦିବସୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ଉସମାନ ଖ୍ୱାଜାଙ୍କ (୧୨୭) ଶତକ ବଳରେ ପ୍ରଥମ ଇନିଂସରେ ୨୪୩ ରନ କରିଥିଲା। ଜବାବରେ ଭାରତ ବାୱନେଙ୍କ ୯୧ ରନ ବଳରେ ପ୍ରଥମ ଇନିଂସରେ ୨୭୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ-ଏ ୨୯୨ ରନ ସଂଗ୍ରହ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଏ’ ପ୍ରଥମ ଇନିଂସ- ୨୪୩ ଅଲ୍‌ଆଉଟ୍ । ଭାରତ ଏ’ ପ୍ରଥମ ଇନିଂସ- ୨୭୪ ଅଲ୍‌ଆଉଟ୍ । ଅଷ୍ଟ୍ରେଲିଆ ଏ’ ୨ୟ ଇନିଂସ- ୨୯୨ ଅଲ୍‌ଆଉଟ୍। ଭାରତ ଏ’ ୨ୟ ଇନିଂସ- ୧୬୩ ଅଲ୍‌ଆଉଟ୍।

## ଜୁନିୟର ଶୁଟରଙ୍କୁ ବ୍ରୋଞ୍ଜ

**ଚାଙ୍ଗୱନ(କୋରିଆ),୫।୯(ପି.ଟି.)**

ଦିବ୍ୟାଂଶ ସିଂ ପାନୱାର ଓ ଶ୍ରେୟା ଅଗରୱାଲ ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଦଳଗତ ଜୁନିୟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। କିନ୍ତୁ ଚଳିତ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ ଶୁଟିଂ ଚାମ୍ପିୟନଶିପ୍‌ର ସିନିୟର ଶୁଟରମାନେ ବିଫଳ ହୋଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ୪୨ ଦଳ ମଧ୍ୟରେ ଦିବ୍ୟାଂଶ ଓ ଶ୍ରେୟା ମିଳିତ ୮୩୪.୪ ସ୍କୋର କରିଥିଲେ। ଏହାପରେ ବୁଧବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଶୁଟର ୪୩୫ ସ୍କୋର ସହ ୩ୟ ସ୍ଥାନ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ଇଟାଲିଆନ ଯୋଡ଼ି ସୋଫିଆ ପେନେଟି ଓ ମାର୍କୋ ସୁପିନି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଇରାନ ଏସ୍. ସାଡେଘିଆନ ଅର୍ମିନା ଓ ମହମ୍ମଦ ଅମିର ନେକୋଉନାଙ୍କ ଯୋଡ଼ି ରୌପ୍ୟ ପଦକ ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଭାରତୀୟ ଦଳ ୩ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ ୯ ପଦକ ଜିତିଛି। ଫଳରେ ପଦକ ତାଲିକାରେ ଭାରତ, କୋରିଆ, ରୁଷିଆ ଓ ଚାଇନା ସହ ମିଳିତ ୩ୟ ସ୍ଥାନରେ ରହିଛି। ଏହା ଯେ କୌଣସି ଶୁଟିଂ ବିଶ୍ୱକପ୍ ଇଭେଣ୍ଟରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। କିନ୍ତୁ ସିନିୟର ଶୁଟରମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ହେଉଛି ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। କେବଳ ଦୁଇ ଜଣ ଭାରତୀୟ ଶୁଟର ଟୋକିଓ କୋଟା ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।

## ଚେନ୍ନାଇନ ଏଫ୍‌ସି ଦଳରେ ୩ ଯୁବ ଖେଳାଳି

**ଚେନ୍ନାଇ,୫।୯(ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ଚେନ୍ନାଇନ ଏଫ୍‌ସି ୧୯ ବର୍ଷରୁ କମ୍ ଭାରତୀୟ ଦଳର ୩ ଖେଳାଳିଙ୍କ ସହ ଚୁକ୍ତି କରିଛି। ରହିମ ଅଲି (୧୮), ଅଭିଜିତ ସରକାର (୧୮) ଓ ଦୀପକ ଟାଙ୍ଗ୍ରି (୧୯) ଆଗାମୀ ସିଜନରେ ଚେନ୍ନାଇନ ଦଳ ପକ୍ଷରୁ ଖେଳିବେ ବୋଲି କ୍ଲବ ପକ୍ଷରୁ ବୁଧବାର କୁହାଯାଇଛି। ଦେଶରେ ଯୁବ ଫୁଟ୍‌ବଲ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବର କୋ ଓନର ଭିଟା ଦାନି କହିଛନ୍ତି। ସମସ୍ତ ଖେଳାଳି ଏବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ସଦସ୍ୟ। ଅଭିଜିତ ଓ ରହିମ ଗତ ବର୍ଷ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଖେଳିଥିଲେ।

## ଭାରତର ବିଜୟ ଅଭିଯାନ

**ଢାକା, ୫।୯(ପି.ଟି.)**

**ସାଫ୍ ଚାମ୍ପିୟନଶିପ୍**

ବାଂଲାଦେଶରେ ଚାଲିଥିବା ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ବିଜୟରୁ ତା’ର ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସୁବାଶିଷ ବୋଷଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୩ ପଏଣ୍ଟ ହାସଲ କରି ଗ୍ରୁପ୍-ବି’ରେ ଶୀର୍ଷ ସ୍ଥାନରେ ରହିଛି। ଭାରତ ତା’ର ପରବର୍ତ୍ତୀ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଆସନ୍ତା ୯ରେ ମାଳଦୀପ ସହ ଖେଳିବ।

ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍-ବି’ର ଏହି ମ୍ୟାଚ୍‌ରେ ଭାରତ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ କରିଥିଲା। ଆସିକ କୁରୁନିୟାନ ଓ ଲାଲିଆନଜୁଆଲ ଚାଙ୍ଗଟେ ବିଜୟୀ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲେ। ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତ ମ୍ୟାଚ୍‌ର ପ୍ରାରମ୍ଭରୁ ଶ୍ରୀଲଙ୍କା ଉପରେ ଚାପ ପ୍ରୟୋଗ କରିବାରେ ଚେଷ୍ଟା କରିଥିଲା। ଦ୍ୱିତୀୟ ମିନିଟ୍‌ରେ ଆସିକ୍ ବାମପଟରୁ ଶ୍ରୀଲଙ୍କା ଗୋଲପୋଷ୍ଟ ଉପରକୁ ଆକ୍ରମଣ କରିଥିଲେ। ଆସିକ୍‌ଙ୍କ ଏହି ପ୍ରୟାସ ବିଫଳ ହୋଇଥିଲେ ମଧ ପ୍ରଥମ ଗୋଲ ପାଇଁ ଭାରତକୁ ୩୬ ମିନିଟ୍ ଅପେକ୍ଷା କରିବାକୁ ପଡ଼ିଥିଲା। ଏଥର କିନ୍ତୁ ଆସିକ୍ କୌଣସି ତ୍ରୁଟି ନ କରି ଶ୍ରୀଲଙ୍କା ଗୋଲକିପରଙ୍କୁ ଚକ୍‌ମା ଦେଖାଇ ଭାରତ ପାଇଁ ସ୍କୋରିଂ ଖାତା ଖୋଲିଥିଲେ। ଏହା ମଧ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଗୋଲ ଥିଲା। ଏହାପରେ ପ୍ରଥମାର୍ଦ୍ଧରେ ଭାରତ ଆଉ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ ଶ୍ରୀଲଙ୍କା ଗୋଲକିପର ଏହାକୁ ଭଣ୍ଡୁର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରୁ କିନ୍ତୁ ଭାରତ ଆଉ ଏକ ଗୋଲ କରିବାରେ ସକ୍ଷମ ହୋଇଥିଲା। ୪୭ତମ ମିନିଟ୍‌ରେ ଲାଲିଆନଜୁଆଲ ଚାଙ୍ଗଟେଙ୍କ ଗୋଲ ବଳରେ ଭାରତ ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ଏହାପରେ ମ୍ୟାଚ୍‌ର ୭୫ତମ ମିନିଟ୍‌ରେ ବଦଳ ଖେଳାଳି ମନବୀର ସିଂ ଏକ ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାରୁ ଭାରତ ୩ୟ ଗୋଲ ଦେବାରୁ ବଞ୍ଚିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ ନ ହେବାରୁ ଭାରତ ୨-୦ରେ ବିଜୟ ଲାଭ କରିଥିଲା।



ଭାରତ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିବା ଲାଲିଆନଜୁଆଲ ଚାଙ୍ଗଟେ।

## ଜାପାନ କରାଟେ ସୋଟୋକାଇ ଟ୍ରେନିଂ ସେମିନାର



ଜାପାନ କରାଟେ ସୋଟୋକାଇ ଟ୍ରେନିଂ ସେମିନାରରେ ଭାଗ ନେଇଥିବା କରାଟେକାମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)**

ଜାପାନ କରାଟେ ସୋଟୋକାଇର ଟ୍ରେନିଂ ସେମିନାର ମଳିପଡ଼ାସ୍ଥିତ ଶ୍ରୀକୃଷ୍ଣ ଇଣ୍ଟରନ୍ୟାଶନାଲ ସ୍କୁଲରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିରେ ମୋଟ ୨୧ କରାଟେକା ଭାଗ ନେଇଥିଲେ। ତୋଫାନ ବିଷୋୟୀ, ଜ୍ଞାନ ରଞ୍ଜନ ନନ୍ଦ ସେମିନାର ପରିଚାଳନା କରିଥିଲେ। ଜାପାନ କରାଟେ ସୋଟୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେମିନାରରେ ଅଂଶଗ୍ରହଣ କରିଥିବା ଏବଂ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନଙ୍କୁ ସ୍କୁଲର ଅଧକ୍ଷ ପବିତ୍ର ରାଉତରାୟ, ପ୍ରିନ୍ସିପାଲ ସ୍ୱରୂପାନନ୍ଦ ମିଶ୍ର ଓ ଭାଇସ୍ ପ୍ରିନ୍ସିପାଲ କବୀନ୍ଦ୍ର ଦାଶ ଅଭିନନ୍ଦନ ଜଣାଇଛନ୍ତି। ସେମିନାରରେ ପ୍ରଦର୍ଶନ ଭିତ୍ତିରେ ରଘୁଦୀପନ ଷଡ଼ଙ୍ଗୀ, ହେମନ୍ତ କୁମାର, ପ୍ରତ୍ୟୁଷ ପୁରୁଷୋତ୍ତମ, ସାନ୍‌ଭି ବିଶ୍ୱାଳ, ପ୍ରିୟାଂଶୁ ବଳ, ସୁମାଂଶୁ ସାହୁ, ଯଶ୍ ସାଗର, ଓମ୍ ରଥ, ସୌମ୍ୟ ଓ ହୀନା ପଟେଲଙ୍କୁ ଅରେଞ୍ଜ ବେଲ୍ଟ, ଗୋବିନ୍ଦ ପଣ୍ଡେଇ, ଜାହ୍ନବୀ ମହାନ୍ତି, ବଦ୍ରି ନାରାୟଣ ଓ ଅମ୍ରିତା ପ୍ରିୟଦର୍ଶିନୀଙ୍କ ଗ୍ରୀନ୍ ବେଲ୍ଟ, ଅଭିଳାଷ ଶତପଥୀ, ଆଦିତ୍ୟ ସାହୁଙ୍କୁ ବ୍ଲୁ ବେଲ୍ଟ, ଜ୍ଞାନରଞ୍ଜନ ପ୍ରଧାନ, ଦିବ୍ୟଜ୍ୟୋତି ସାମନ୍ତରାୟଙ୍କୁ ମେରୁନ୍ ବେଲ୍ଟ ଏବଂ ମନୀଷା ସାହୁ, ମନିନ୍ଦର କାର୍ଜୀ ଓ ଆୟୁଷ ପାତ୍ରଙ୍କୁ ବ୍ରାଉନ୍ ବେଲ୍ଟ ପ୍ରଦାନ କରାଯାଇଥିଲା।

## ଟପ୍ସରେ ସାମିଲ ହେବାକୁ ମନଜିତଙ୍କ ନିବେଦନ

**ନୂଆଦିଲ୍ଲୀ,୫।୯(ପି.ଟି.)**

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ମନଜିତ ସିଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ଯୋଜନା (ଟପ୍ସ)ରେ ସାମିଲ ହେବାକୁ ଚାହାନ୍ତି। ଏ ନେଇ ମଙ୍ଗଳବାର ସେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି। ୮୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନଜିତ ୨୦୧୬ ଠାରୁ ବେକାର ହୋଇ ରହିଛନ୍ତି। ପୂର୍ବରୁ ସେ ଓଏନ୍‌ଜିସିରେ କାର୍ଯ୍ୟ କରୁଥିଲେ। ମାତ୍ର ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ତାଙ୍କୁ ବହିଷ୍କୃତ କରାଯାଇଥିଲା। ଏହାସତ୍ତ୍ୱେ ସେ କୋଚ୍ ଅମରୀଶ କୁମାରଙ୍କ ସହ ପ୍ରଶିକ୍ଷଣ ଜାରି ରଖିଥିଲେ। ‘‘୨୦୧୬ରେ ମୁଁ ଚାକିରି ହରାଇଥିଲି। କାରଣ ଆବଶ୍ୟକତା ଅନୁଯାୟୀ ମୁଁ ଫଳାଫଳ ଦେଇ ପାରୁ ନ ଥିଲି। ଏବେ ମୁଁ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିଛି। ମୋ ସଫଳତା କ୍ରୀଡ଼ା ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରୁଛି। ମୋର କେହି ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି କମ୍ପାନୀ ପକ୍ଷରୁ ସହାୟତା ମିଳୁନାହିଁ। ମୁଁ ଆଶା କରୁଛି କ୍ରୀଡ଼ା ମନ୍ତ୍ରଣାଳୟ ମୋତେ ଟପ୍ସ ଯୋଜନାରେ ସାମିଲ କରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୬/୨୦୧୮ Bhubaneswar, Thursday, September 6/ 2018

# ବିଜେଡି ଦୁର୍ନୀତିର କବଚ ସାଜିଛି ଭାଜପା, କଂଗ୍ରେସ

**ଯାଜପୁର ଜିଲା ରାଜନୀତି**

- ଧନୀଙ୍କ ହାତରେ ଟ୍ରାନଜିଟ ହାଉସ, ଗରିବ ହତାଶ
- ଅପରାଧୀଙ୍କ ସହ ମିଳିମିଶି ଉନ୍ନୟନ ଅନୁଦାନ ଲୁଟ

**ଯାଜପୁର ଅଫିସ,୫।୯**

ଗତ ପଞ୍ଚାୟତ ନିର୍ବାଚନ ପରେ ଭାଜପା ଯାଜପୁର ଜିଲାରେ ଦ୍ୱିତୀୟ ଦଳ ଭାବେ ଦାବି କରୁଛି। ଏପରିକି କେନ୍ଦ୍ର ଓ ରାଜ୍ୟର ବହୁ ନେତୃବର୍ଗ ଏଥର ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ୧୨୦ ବିଧାନସଭା ଆସନ ଅକ୍ତିଆର କରିବ ବୋଲି ଦୃଢୋକ୍ତି ପ୍ରକାଶ କରୁଛନ୍ତି । ଏହା ରାଜ୍ୟର ଭାଜପା କର୍ମୀଙ୍କ ମଧ୍ୟରେ ମନୋବଳ ବୃଦ୍ଧି କରୁଛି। କିନ୍ତୁ ଯାଜପୁର ଜିଲାରେ ପରିସ୍ଥିତି ଓଲଟା ହୋଇଛି। ଗତ ୫ବର୍ଷରେ ଯାଜପୁର ଜିଲାରେ ବିଜେଡି କରିଥିବା ଦୁର୍ନୀତିର ଭାଜପା ଏକପ୍ରକାର ରକ୍ଷାକବଚ ସାଜିଛି। ଦଳ କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇଥିବା ରାଜନୈତିକ ବିଶେଷଜ୍ଞ ଓ ତଥ୍ୟାଭିଜ୍ଞ ମହଲରେ ଖୋଲାଖୋଲି ଆଲୋଚନା ହେଉଛି।

ଜିଲାରେ ଚାଲିଥିବା ବିଭିନ୍ନ ଆବାସ ଯୋଜନାରେ ଦୁର୍ନୀତି କେଉଁ ମାତ୍ରାରେ ଚାଲିଛି ତାହା ସହଜରେ ଅନୁମାନ କରାଯାଇପାରେ। ବିଞ୍ଝାରପୁର ବ୍ଲକରେ ୧୯୮୫ ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୨୫ହଜାର ଗ୍ରାମୀଣ ଆବାସ ବଣ୍ଟନ ହୋଇଛି। ତଥାପି ବ୍ଲକରେ କଚା ଘର କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଏଠାରେ ୭୦ପ୍ରତିଶତ ବାସଗୃହ ଗାଏବ ହୋଇଯାଇଥିବାବେଳେ ଜଣେଜଣେ ହିତାଧିକାରୀ ଏକାଧିକ ସରକାରୀ ଆବାସ ହାତେଇ ନେଇଥିବା ଅଭିଯୋଗ ହୋଇଛି। ଏପରିକି ମୃତ ବ୍ୟକ୍ତି, ସରକାରୀ କର୍ମଚାରୀ ଓ କୋଟିପତି ହିତାଧିକାରୀମାନେ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ତେବେ ମିଳିଥିବାସୂଚନା ମୁତାବକ ଶାସକ ଦଳର କେତେକ ହିତାଧିକାରୀ ସାଜି ଯୋଜନା ଅନ୍ତର୍ଗତ ଗୃହଗୁଡିକୁ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଛନ୍ତି । ଗ୍ରାମୀଣ ଆବାସ ଦୁର୍ନୀତି ସମ୍ପର୍କରେ ବିଶିଷ୍ଟ ସାମାଜିକ କର୍ମୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚ ଏସମ୍ପର୍କରେ ପ୍ରମାଣ ତଥ୍ୟ ସହ ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ୨୦୧୭ ନଭେମ୍ବର ୧୨ ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗ ହେବାର ୯ ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବାର ଦୂରର କଥା ଏଯାବତ୍ ତଦନ୍ତ ରିପୋର୍ଟ ଦାଖଲ ହୋଇ ପାରିନାହିଁ । ଏପରିକି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନେଇ ତଦନ୍ତକାରୀ କମିଟି ଗଠନ ହୋଇଛି। ଏଥିରେ ବି ଭାଜପା ଓ କଂଗ୍ରେସ ଦଳ ଚୁପ ବସିଛନ୍ତି । ସେହିପରି ଯାଜପୁର ସହର ମଧ୍ୟରେ ଅତି ଅସହାୟ ଭାବେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହାଉସିଂ ଫର ଅଲ କିମ୍ବା ରାଜୀବ ଆବାସ ଯୋଜନା(ରେ) ଅର୍ଥ ଧନୀଶ୍ରେଣୀ ଲୋକଙ୍କ ସ୍ୱାର୍ଥରେ ଟେକି ଦିଆଯାଇଛି। ଏପରିକି ଟ୍ରାନଜିଟ ହାଉସ ନାମରେ ଅନିୟମିତା ହୋଇଥିବା ୪.୧୪ କୋଟି ଟଙ୍କାକୁ ରାଜୀବ ଆବାସ ଯୋଜନା ଆକାଉଣ୍ଟକୁ ଫେରାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବଙ୍କ ପ୍ରତିଶ୍ରୁତି ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଏଠାରେ ଟ୍ରାନଜିଟ ହାଉସ ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ତଦନ୍ତରେ ଏହା ସ୍ପଷ୍ଟ ହୋଇଛି। ତଦନ୍ତରେ ୪୮ଟି ଘର ଝୁମ୍ପୁଡିବାସୀଙ୍କ ମଧ୍ୟରେ ନ ହୋଇ କେତେକ ପ୍ରଭାବଶାଳୀ ଲୋକ ଏହାକୁ ହାତେଇ ନେଇଛନ୍ତି। ଏହାବାଦ ୨୪ଜଣ ଝୁମ୍ପୁଡିବାସୀଙ୍କ ଜମିନାହିଁ। ୭୩ଟି ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତା ହୋଇଛି। ଯାଜପୁର ନିର୍ବାଚନ ମଣ୍ଡଳିରେ ଭାଜପାର ଜିଲା ସଭାପତି ଖୋଦ ନେତୃତ୍ୱ ନେଉଛନ୍ତି । କିନ୍ତୁ ବିଜେଡିର ଏତେ ବଡ଼ ଦୁର୍ନୀତିରେ ସେ କିପରି ମୁହଁ ଖୋଲୁ ନାହାନ୍ତି ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଗରିବ ଲୋକଙ୍କ ସହିତ ଭାଜପା ସବୁବେଳେ ରହିଛି ବୋଲି ଦାବି କରି କେନ୍ଦ୍ରସ୍ତରରେ ଅନେକ ଯୋଜନା ପ୍ରଣୟନ ହେଉଛି । ହେଲେ ଯାଜପୁର ଜିଲାରେ ଗରିବ ଲୋକଙ୍କ ପାଇଁ ପ୍ରଣୀତ ଏହିସବୁ ଯୋଜନାର ଅର୍ଥକୁ ଯେ କେହି ବି ଲୁଟି ନେଲେ ଭାଜପା ନେତୃବର୍ଗ ନୀରବ ରହିବା ପଛର କାରଣ ଲୋକେ ଖୋଜିବା ଆରମ୍ଭ କରିଛନ୍ତି । କଂଗ୍ରେସ ମଧ୍ୟ ଏଥିରେ କୌଣସି ପ୍ରତିବାଦ ନ କରିବା ଘଟଣାକୁ କଂଗ୍ରେସପ୍ରେମୀ ସହଜରେ ଗ୍ରହଣ କରି ପାରୁନାହାନ୍ତି । ବଡଚଣା ନିର୍ବାଚନ ମଣ୍ଡଳିରେ ବିଧାୟକଙ୍କ ସହିତ ଟିଟୋ ଲିଙ୍କ ଥିବା ନେଇ ଆଲୋଚନା ଜୋର ଧରିଛି। ସ୍ଥାନୀୟ କଂଗ୍ରେସ ପକ୍ଷରୁ ଏନେଇ ଏକ ବଡଧରଣର ପ୍ରତିବାଦ ସଭାର ଆୟୋଜନ ହୋଇସାରିଛି। ହେଲେ ଭାଜପା ସେପରି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ପାରିନାହିଁ। ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ବିଜେଡି ନେତାଙ୍କ ଇଙ୍ଗିତରେ ଲଘୁ ଖଣିଜ ଦ୍ରବ୍ୟ ଏକପ୍ରକାର ଲୁଟ ହେଉଛି । ଏଥିରେ ସରକାର ଶହଶହ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହାର ପ୍ରତିବାଦରେ ଜଣେ ସାମାଜିକ କର୍ମୀ ଏନ୍‌ଜିଟି ପର୍ଯ୍ୟନ୍ତ ଯାଇଛନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳିରେ ଥିବା ଶିଳ୍ପ ଓ ଖଣି ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସେହିପରି କୋରେଇ ନିର୍ବାଚନ ମଣ୍ଡଳିରେ ଏନ୍‌ଆର୍‌ଇଜିଏସ୍ ଓ ଗ୍ରାମୀଣ ଆବାସ ଯୋଜନାରେ ଦୁର୍ନୀତି ଚାଲିଛି । ହେଲେ ମୁଖ୍ୟ ବିରୋଧୀ ଦଳ ହୋଇ ଭାଜପା ଓ କଂଗ୍ରେସ ଏହାର ଭୂମିକା ନିର୍ବାହ କରିବାରେ ବିଫଳ ହୋଇଥିବାବେଳେ କେତେକ ବିଜେଡି ନେତାଙ୍କ ସମସ୍ତ କୁକର୍ମର ସେମାନେ ରକ୍ଷା କବଚ ସାଜିଛନ୍ତି।

## ସଂକ୍ଷେପରେ

### ଅପପୁଷ୍ଟିର ଶିକାର ପରିବାର ଉଦ୍ଧାର



**କଳିଙ୍ଗନଗର, ୫।୯(ଡି.ଏନ୍.ଏ.):** ଦାନଗଦୀ ବ୍ଲକ ଅନ୍ତର୍ଗତ ମନହୋରପୁର ନୂଆ ସାହିରେ ବୁଧବାର ଅପପୁଷ୍ଟିର ଶିକାର ହୋଇଥିବା ଏକ ପରିବାରକୁ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଓ ଶିଶୁ ସୁରକ୍ଷା ୟୁନିଟ ଉଦ୍ଧାର କରିଛି। ନଗଡାପରି ଅପପୁଷ୍ଟିର ଶିକାର ହୋଇଥିବା ପରିବାରର ଏକ ୨ ବର୍ଷର ଶିଶୁ ପୁତ୍ର ସମେତ ୫ ଜଣଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ,କାଲୁ ଦଳେଇ(୨୮) ପଙ୍କପାଳ ଗ୍ରାମରେ ମିନତି ଦଳେଇ(୨୪)ଙ୍କୁ ବିବାହ ପରେ ଦୁଇ ଝିଅ ଓ ଦୁଇ ପୁଅଙ୍କୁ ନେଇ ପରିବାର ଦୁଃଖ କଷ୍ଟରେ ଚଳୁଥିଲେ। ୨ ବର୍ଷ ହେବ କାଲୁ ଘରକୁ ଆସୁ ନ ଥିବାରୁ ମିନତିଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ଭୂମିହୀନ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଥିଲେ ମଧ ମିନତିଙ୍କୁ ଆବାସ ଯୋଜନାରେ ଘରଖଣ୍ଡେ ମଧ ମିଳିପାରି ନାହିଁ ଏପରି କି ଅଙ୍ଗନୱାଡ଼ି, ଆଇସିଡିଏସ୍ ପରି କାର୍ଯ୍ୟକ୍ରମ ମଧ ଉକ୍ତ ପରିବାର ପାଇଁ ଅପହଞ୍ଚ ହୋଇପଡିଛି। ଘର ଉପରେ ଏକ ପଲିଥିନ ପକାଇ ୪ ପିଲାଙ୍କୁ ନେଇ ମୀନତି କଷ୍ଟେମଷ୍ଟେ ରହିଯାନ୍ତି। ସାହିପଡିଶାର ଲୋକେ ଯାହା ଦିଅନ୍ତି ସେଥିରେ ଚଳିଯାଏ ପରିବାର । ଉପଯୁକ୍ତ ଖାଦ୍ୟ ଅଭାବରୁ ପରିବାର ଅପପୁଷ୍ଟିର ଶିକାର ହୋଇଛି। ସ୍ଥାନୀୟ ଲୋକ ଏ ବିଷୟରେ ଜାଣିବା ପରେ ଶିଶୁ ମଙ୍ଗଳ ଅଧିକାରୀ ଓ ଶିଶୁ ସୁରକ୍ଷା ୟୁନିଟକୁ ଖବର ଦେଇଥିଲେ। ତେବେ ଏସିଆ ମହାଦେଶର ଧାତବ ଶିଳ୍ପର ରାଜଧାନୀ ବୋଲି କୁହାଯାଉଥିବା କଳିଙ୍ଗନଗର ଶିଳ୍ପାଞ୍ଚଳରେ ନଗଡାପରି ଦୃଶ୍ୟ ପୁନରାବୃତ୍ତିକୁ ନେଇ ଅଞ୍ଚଳରେ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ରାସ୍ତା ପାର୍ଶ୍ୱରୁ ନବଜାତ ଶିଶୁକନ୍ୟା ମୃତଦେହ ଉଦ୍ଧାର

**ବିଞ୍ଝାରପୁର/ସିଂହପୁର,୫।୯(ଡି.ଏନ୍.ଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ପୋଖରୀ ଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ବୁଧବାର ପୂର୍ବାହ୍ନରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ବିଞ୍ଝାରପୁର ପୋଲିସ ଉଦ୍ଧାର କରିଛି। ଖବରମୁତାବକ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ବିଲକୁ କାମ କରିବାକୁ ଯାଉଥିବାବେଳେ ପୋଖରୀଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ଏକ ନବଜାତ ଶିଶୁକନ୍ୟା ପଡିଥିବା ଦେଖିବାକୁ ପାଇଥିଲେ । ଏହି ଘଟଣା ପ୍ରଚାର ପରେ ଆଖପାଖ ଅଂଚଳର ବହୁ ଲୋକ ଜମା ହେବା ସହିତ ବିଞ୍ଝାରପୁର ପୋଲିସକୁ ଖବର ଦେଇଥିଲେ। ଖବରପାଇ ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାର ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୨୨/୧୮) ରୁଜକରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟା

**ଧର୍ମଶାଳା, ୫।୯(ଡି.ଏନ୍.ଏ.):** ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟା ଦେଖାଦେଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜଳ ପତନ ଜେନାପୁରଠାରେ ୬୨ ଫୁଟରେ ପ୍ରବାହିତ ହୋଇଛି। ଅଞ୍ଚଳରେ ବର୍ଷା ଲାଗିରହିଥିବାରୁ ବନ୍ୟାଜଳ ୬୪ରୁ ୬୫ ଫୁଟ ମଧରେ ପ୍ରବାହିତ ହେବା ସମ୍ଭାବନା ରହିଛି। ଜେନାପୁରଠାରେ ବିପଦ ସଙ୍କେତ ୬୭ଫୁଟ ରହିଥିବାବେଳେ ରେଙ୍ଗାଲି ଡ୍ୟାମ୍‌ର ୨ଟିରୁ ଗୋଟିଏ ଗେଟ୍ ସକାଳ ୯ଟାରେ ବନ୍ଦ କରାଯାଇଥିଲା। ଗୋଟିଏ ଗେଟ୍ ମଧଦେଇ ୨୧ଶହ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ତେବେ ନଦୀରେ ବନ୍ୟା ଆସିଥିଲେ ମଧ କୌଣସି ବିପଦ ନ ଥିବା ଜାରକା ଜଳ ସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବାମଦେବ ବିଶ୍ୱାଳ କହିଛନ୍ତି । ବ୍ରାହ୍ମଣୀ ନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ରେଙ୍ଗାଲି ଡ୍ୟାମ୍‌ରେ ମଙ୍ଗଳବାର ଖୋଲାଯାଇଥିବା ୨ଟି ଗେଟ୍‌ରେ ୩ ହଜାର ୪୯୫ କ୍ୟୁସେକ୍ ବନ୍ୟାଜଳ ଛଡା ଯାଇଥିଲା। ଏହି ପାଣି ୩୬ ଘଣ୍ଟା ମଧରେ ଜେନାପୁରଠାରେ ପ୍ରବାହିତ ହେବା ନେଇ ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

## ■ ଚଣ୍ଡିଖୋଲ ଟ୍ରାଫିକ୍ ଛକ ଉପରେ ପୁଣି ଘଟିଲା ଦୁର୍ଘଟଣା

# ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

- ଚକାତଳେ ଚାପି ହୋଇ ଚାଲିଗଲା ଜୀବନ
- ଟ୍ରାଫିକ୍ ପୋଲିସର ଅବହେଳାକୁ ଦାୟୀ କଲେ ଲୋକେ
- ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

**ଚଣ୍ଡିଖୋଲ,୫।୯(ଡି.ଏନ.ଏ)**

ଗତ ମାସ ୧୮ତାରିଖରେ ଚଣ୍ଡିଖୋଲ ଛକ ମଝିରେ ଥିବା ଟ୍ରାଫିକ ପୋଷ୍ଟ ନିକଟରେ ଜଣେ ପୂର୍ବତନ ସମିତିସଭ୍ୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏହାର କିଛି ଦିନ ଅନ୍ତରରେ ବୁଧବାର ଠିକ୍ ସେହି ସ୍ଥାନରେ ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୂର୍ବଥର ପରି ଏଥର ମଧ୍ୟ ଟ୍ରାଫିକ ପୋଲିସର ଅବହେଳା ପାଇଁ ଏହି ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଦୀର୍ଘ ଦେଢ ଘଣ୍ଟା ଧରି ଜାତୀୟ ରାଜପଥକୁ ଅବରୋଧ କରି ଦାୟିତ୍ୱରେ ଥିବା ଟ୍ରାଫିକ ପୋଲିସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ମୃତ୍ୟୁ ବରଣ କରିଥିବା ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ। ମୃତ ଯୁବକ ଜଣକ ହେଉଛନ୍ତି ବାପୁନି ବେହେରା। ତାଙ୍କ ଘର କେନ୍ଦ୍ରାପଡ଼ାର ଠାକୁରପାଟଣା ଅଞ୍ଚଳରେ। ତାଙ୍କ ବାପା ଭିକାରୀ ବେହେରା ଚଣ୍ଡିଖୋଲ ବଜାରରେ ଏକ ହୋଟେଲ କରିଥିଲେ। ବାପୁନି ଏକ ମୋଟର ସାଇକେଲରେ ଅପରାହ୍ନ ୫ଟାରେ ଟ୍ରାଫିକ ପୋଷ୍ଟ ପାର ହେଉଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଓଡି୩୪-ବି-୦୯୯୦ନଂ ବିଶିଷ୍ଟ ଏକ ୧୦ଚକିଆ ଟ୍ରକ୍ ତାଙ୍କ ଉପରେ ମାଡିଯାଇଥିଲା। ଘଟଣା ସ୍ଥଳରେ ହିଁ ଯୁବକ ଜଣକ ଚକାତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ତେବେ ଏହି ସମୟରେ ଟ୍ରାଫିକ ପୋଷ୍ଟରେ କୌଣସି ପୋଲିସ କର୍ମଚାରୀ ନ ଥିବା ଦେଖିବାକୁ ମିଳିଥିଲା। ଚଣ୍ଡିଖୋଲରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏଠାରେ ଏକ ଟ୍ରାଫିକ ଥାନା ସ୍ଥାପିତ ହେବା ସହ ଏଠାରେ ଜଣେ ଟ୍ରାଫିକ ଇନ୍ସପେକ୍ଟର ଓ ଅନ୍ୟକର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଅହୋରାତ୍ର ବଜାରରେ ଟ୍ରାଫିକ ନିୟନ୍ତ୍ରଣ ଓ ପରିଚାଳନା କରିବା କଥା ହେଲେ ପରିତାପର ବିଷୟ ନିଯୁକ୍ତ କର୍ମଚାରୀମାନେ ନିଜ କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରୁଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଅଭିଯୋଗ ହେଉଛି। ଦୁର୍ଘଟଣା ପରେ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତ ଦେହକୁ ବ୍ୟବଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି।

# ମାଗଣା ବିଜୁଳି ସଂଯୋଗ ପରିବର୍ତ୍ତେ ୫ହଜାର ଅର୍ଥ ଦାବି

**ସୌଭାଗ୍ୟ ଯୋଜନା ବାଟବଣା**

**ରସୁଲପୁର,୫।୯(ଡି.ଏନ.ଏ.)**

କୁଆଖିଆ ବିଦ୍ୟୁତଖଣ୍ଡ ଅଧିନରେ ସୌଭାଗ୍ୟ ଯୋଜନା ବାଟବଣା ହେଉଛି । ଘରକୁ ମାଗଣା ବିଜୁଳି ଯୋଗାଣ ଏବେ ଏକ ପ୍ରହସନରେ ପରିଣତ ହୋଇଛି । ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ଠିକାଦାର ସ୍ଥାନୀୟ ଅଞ୍ଚଳର କେତେକଜଣ ବ୍ୟକ୍ତିଙ୍କ ଜରିଆରେ ଉପଭୋକ୍ତାଙ୍କଠାରୁ ଅର୍ଥ ଦାବି କରୁଛନ୍ତି। ନଚେତ୍ ବିଜୁଳି ସଂଯୋଗ ହୋଇପାରିବ ନାହିଁ ବୋଲି ଖୋଲାଖୋଲି ଧମକ ବି ଦେଉଛନ୍ତି। ଏସମ୍ପର୍କରେ ବିଦ୍ୟୁତ ଖଣ୍ଡ ଅଧିକାରୀ ଅଶୋକ କୁମାର ନାୟକଙ୍କ ନିକଟରେ ଉପଭୋକ୍ତାମାନେ ମଙ୍ଗଳବାର ଅଭିଯୋଗ କରିଥିଲେ। ଏହାଜାଣି ଅର୍ଥ ଦାବି କରୁଥିବା ଯୁବକମାନେ ଜନୈକ ଅଭିଯୋଗକାରୀ ସନ୍ତୋଷ ରାଉତଙ୍କ ବାଡ଼ିରେ ଥିବା ନଳକୂପକୁ ଭାଙ୍ଗି ଦେଇଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିହକୁରାଂଶ ଗ୍ରାମର ରାଉତ ସାହିକୁ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ କରାଯାଉଛି। ଏହି ସାହିର ନିରାକାର ରାଉତ, ଗଣେଶ୍ୱର ରାଉତ, ସନ୍ତୋଷ ରାଉତ, କେତକୀ ରାଉତଙ୍କ ଘରକୁ ବିଜୁଳି ସଂଯୋଗ ହୋଇ ନ ଥିବାରୁ ସେମାନଙ୍କ ପରିବାରକୁ ଏହି ସୌଭାଗ୍ୟ ଯୋଜନା ଜରିଆରେ ମାଗଣାରେ ବିଜୁଳି ସଂଯୋଗ କରାଯାଉଥିଲା । ତେବେ ସେମାନଙ୍କ ଘର ନିକଟକୁ ବିଦ୍ୟୁତ ଖୁଣ୍ଟି, ତାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାପାଇଁ ଉପଭୋକ୍ତ ପିଛା ୫ହଜାର ଟଙ୍କା ଲେଖାଏ ଦେବାକୁ ବିଦ୍ୟୁତ ସଂଯୋଗ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦାବି କରିଥିଲେ। ଏପରିକି ଟଙ୍କା ନ ଦେଲେ ବିଦ୍ୟୁତ ସଂଯୋଗ ହୋଇପାରିବ ନାହିଁ ବୋଲି କହିଥିଲେ। ତେବେ ସୌଭାଗ୍ୟ ଯୋଜନାରେ ମାଗଣା ବିଜୁଳି ସଂଯୋଗ ଦିଆଯାଉଛି। ଟଙ୍କା କାହିଁକି ଦିଆଯିବ ବୋଲି କହିବାରୁ ଉପଭୋକ୍ତା ଏବଂ ବିଦ୍ୟୁତ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗିଯାଇ କର୍ମଚାରୀମାନେ ବିଦ୍ୟୁତ ସଂଯୋଗ କାମ ବନ୍ଦ କରି ଦେଇଥିଲେ। ଏ ନେଇ ଉଭୋକ୍ତାମାନେ କୁଆଖିଆ ବିଦ୍ୟୁତଖଣ୍ଡ ଅଧିକାରୀ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ସମ୍ପର୍କରେ ବିଦ୍ୟୁତ ଖଣ୍ଡ ଅଧିକାରୀ ଫୋନ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

# ଲଘୁଚାପ ବର୍ଷାରେ ବିଞ୍ଝାରପୁର ବେହାଲ



ଅତିରିକ୍ତ ତହସିଲଦାର ଅସହାୟ ଲୋକଙ୍କୁ ଭେଟୁଛନ୍ତି।

**ବିଞ୍ଝାରପୁର୫।୯(ଡି.ଏନ.ଏ)**

ଗତ ଶୁକ୍ରବାର ରାତିରେ ଲଗାଣ ବର୍ଷାରେ ସମଗ୍ର ବିଞ୍ଝାରପୁର ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ବୁଧବାର ସକାଳରୁ ଆରମ୍ଭ ହୋଇଥିବା ଅବିଶ୍ରାନ୍ତ ବର୍ଷା ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ପୂର୍ବ ବର୍ଷାରେ ଲୋକଙ୍କ ଘର ଭୁଷୁଡି ପଡିଥିବା ଓ ଚାଷ ଜମି ବର୍ଷାଜଳରେ ବୁଡି ରହିଥିବାରୁ ଲୋକେ ମୁଣ୍ଡରେ ହାତଦେଇ ବସିରହିଥିବାବେଳେ ବୁଧବାର ବର୍ଷାରେ ବିଞ୍ଝାରପୁର ବ୍ଲକର କପିଳା, ମାଁସଡା, କଲ୍ୟାଣପୁର, ଜରୀ, ଟିଣା, ଅରେଇ, ସୟଦପୁର ଆଦି ଗ୍ରାପରେ କେତକଙ୍କ ଘର ଭାଙ୍ଗି ଯାଇଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଚକ୍ରଧର ପାଢୀ ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଅସହାୟ ଲୋକଙ୍କୁ ସରକାରୀ ସହାୟତା ଯୋଗାଇଥିବା ଜଣାପଡିଛି। ବର୍ଷାଜଳରେ ବିଞ୍ଝାରପୁର ବ୍ଲକ, ତହସିଲ ପରିସର ଜଳମଗ୍ନ ହେବା ସହିତ ରାସ୍ତାଘାଟ,ବର୍ଷାଜଳରେ ବୁଡି ରହିଥିବା ଦେଖିବାକୁ ମିଳିଛି।

# ଟ୍ରେନ୍ ଲୁଟେରା ଗିରଫ: ୭ ମୋବାଇଲ, ୩୦୦୦ ଟଙ୍କା ଜବତ

**ଯାଜପୁରରୋଡ଼,୫।୯(ନି.ପ୍ର)**

ରେଲୱେ ପୋଲିସକୁ ଚକ୍‌ମା ଦେଖାଇ ୩ଜଣ ଲୁଟେରା ବିଭିନ୍ନ ଏକ୍ସପ୍ରେସରେ ଯାତ୍ରୀଙ୍କଠାରୁ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରୁଥିଲେ। ଯାଜପୁରରୋଡ଼ ରେଲୱେ ପୋଲିସ ସେମାନଙ୍କ ମଧ୍ୟରୁ ଜଣକୁ କଟକ ଚାଉଳିଆଗଞ୍ଜଠାରେ ଗିରଫ କରିବା ସହିତ ତାଙ୍କ ଗ୍ୟାଙ୍ଗକୁ ଠାବ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ସନ୍ତୋଷ କୁମାର ସାହୁ (୨୩) ହୋଇଥିବା ବେଳେ ତାଙ୍କ ଘର ନୟାଗଡ଼ ଜିଲାର ଶରଣକୂଳରେ ବୋଲି ଜଣାପଡ଼ିଛି। ଗତ ୧୪ ତାରିଖରେ ଯଖପୁରା ରେଳ ଷ୍ଟେଶନସ୍ଥିତ ଜଣେ କର୍ମଚାରୀଙ୍କ ଘରୁ ମୋବାଇଲ ଓ ୩୦୦୦ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀ ଯାଜପୁରରୋଡ଼ ରେଲୱେଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଫିସର ସରୋଜ କୁମାର ଦାସ ମୋବାଇଲ ଟ୍ରାକିଂ କରି ସନ୍ତୋଷଙ୍କୁ ଚାଉଳିଆଗଞ୍ଜରୁ ବୁଧବାର ଗିରଫ କରିଥିଲେ। ପୋଲିସ ତାଙ୍କଠାରୁ ୭ଟି ମୋବାଇଲ, ନଗଦ ୩୦୦୦ ଟଙ୍କା ଜବତ କରିଛି। ସନ୍ତୋଷଙ୍କ ନାମରେ ଅନେକ ମାମଲା ରହିଛି। ଯାଜପୁରରୋଡ଼ ରେଲୱେ ପୋଲିସ ଏକ ମାମଲା (୪୬/୧୮) ରୁଜୁ କରି ତାଙ୍କୁ ଯାଜପୁରରୋଡ଼ କୋର୍ଟକୁ ପଠାଇଛି।

# ଜିପିଏସ୍ ପ୍ରତ୍ୟାହାର ଦାବିରେ ୩ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପ୍ରତିବାଦ

**ଯାଜପୁର ରୋଡ, ୫।୯(ନି.ପ୍ର)**

ଜିପିଏସ୍ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ସୁକିନ୍ଦା, ଯାଜପୁର ରୋଡ ଓ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଯାଜପୁର ରୋଡ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୫୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ସାମିଲ ହୋଇଥିଲେ। ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ଦାବୀପତ୍ର ଖଣି ଉପନିର୍ଦ୍ଦେଶକଙ୍କୁ ଦିଆଯାଇଥିଲା। ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘର ସମ୍ପାଦକ ବ୍ରଜକିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିବାଦ ସଭାରେ ସୁକିନ୍ଦା ଟ୍ରକ୍ ଆସୋସିଏଶନର କୃତିବାସ ଭଞ୍ଜ, ବିଜୟ ରାଜ, ଧନେଶ୍ୱର ମହନ୍ତ, ସିଲୁ ସାହୁ, ଚଣ୍ଡିଖୋଲର ଟ୍ରକ୍ ମାଲିକ ସଂଘର ସଭାପତି ସନ୍ତୋଷ ରାଉତ, ସମ୍ପାଦକ ପୁଷ୍ପରାଜ ନାୟକ, ଉପସଭାପତି ଅଟଳ କୁମାର ଜେନା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘର ଉପଦେଷ୍ଟା ହୃଦାନନ୍ଦ ସାମଲ, ସଭାପତି କିଶୋର କୁମାର ରାଉତ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଯୁଗ୍ମ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ସହ-ସଂପାଦକ ନୀଳମଣି ରାଉତ, କୋଷାଧ୍ୟକ୍ଷ ପ୍ରଭାତ ସିଂ ପ୍ରମୁଖ ଭାଷଣ ଦେଇଥିଲେ। ଜିପିଏସ୍ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ସୁକିନ୍ଦା ଖଣି ଅଞ୍ଚଳର ପରିବହନ ଠପ୍ କରାଯିବା ସଙ୍ଗେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଖଣି ଉପନିର୍ଦ୍ଦେଶକ ଟ୍ରକ୍ ମାଲିକଙ୍କ ସହ ଆଲୋଚନାକୁ ଡାକିଥିଲେ। ୭ଦିନ ପାଇଁ ଧର୍ମଘଟ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଶାସନ ସଚିବ ଓ ଖଣି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଏ ସଂପର୍କରେ ଆଲୋଚନା କରି ଏହାର ସମାଧାନ ବାଟ ବାହାର କରାଯିବ ବୋଲି ଖଣି ଉପନିର୍ଦ୍ଦେଶକ କହିଥିଲେ। ଖଣି ଉପନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ମୁତାବକ ଟ୍ରକ୍ ମାଲିକ ସଂଘ ୭ଦିନ ପାଇଁ ଧର୍ମଘଟ ସ୍ଥଗିତ ରଖିଛନ୍ତି। ପ୍ରକାଶ ଯେ, ସରକାରଙ୍କ ଦ୍ୱାରା ସ୍ଥିରୀକୃତ କେତେକ କମ୍ପାନୀ ଦ୍ୱାରା ଟ୍ରକ୍ ଗୁଡ଼ିକରେ ଲଗାଯାଇଥିବା ଜିପିଏସ୍ ଅଧିକାଂଶ ଅଚଳ ହୋଇପଡ଼ିଛି। ଫଳରେ ଟ୍ରକ୍‌ମାଲିକମାନେ ମାଇନ୍‌ସରେ ଲୋଡ଼ ପାଇ ପାରୁନାହାନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ, ସେତେବେଳେ ତାହାର ନାମ ହୋଇଯାଏ ଭୁଲ୍।
-ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଲଗାଣ ବର୍ଷାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଲା

ବିରଜାକ୍ଷେତ୍ର, ୫।୯(ଡି.ଏନ୍.ଏ): ଯାଜପୁର ବ୍ଲକ ଅନ୍ତର୍ଗତ ଛତିଶ ଦେଉିଲ ଗ୍ରାମପଞ୍ଚାୟତର ୨ନମ୍ବର ୱାର୍ଡ଼ର ଦୁର୍ଯ୍ୟୋଧନ ପଣ୍ଡାଙ୍କ ପୁଅ କେଦାର ପଣ୍ଡାଙ୍କ ଚାଳଛପର ଘରଟି ଲଗାଣ ବର୍ଷାରେ ଗତ ୬ ଦିନ ହେବ ଭାଙ୍ଗିଯାଇଛି। ଲଗାଣ ବର୍ଷାରେ କେଦାରଙ୍କ ଘର ଭାଙ୍ଗିଯାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳିନାହିଁ। ସ୍ଥାନୀୟ ସରପଞ୍ଚ କେଦାରଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଘର ଭାଙ୍ଗିଯିବା ବିଷୟରେ କେଦାର ଲିଖିତଭାବେ ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କୁ ଜଣାଇଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଜିନିଷ ଦେଖିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହାନ୍ତି। ଏପରିକି କେଦାରଙ୍କୁ ଖଣ୍ଡେ ପାଲ ମଧ ମିଳିନାହିଁ। କେଦାର ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଘର ଭାଙ୍ଗିଯିବା ପରେ ସେ ଗ୍ରାମ ଠାକୁରାଣୀଙ୍କ ମଣ୍ଡପରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

### ବିଞ୍ଝାରପୁର ବ୍ଲକ ବିଜେଡିର ନୂତନ କର୍ମକର୍ତ୍ତା ଘୋଷିତ

ବିଞ୍ଝାରପୁର,୫।୯(ଡି.ଏନ.ଏ): ବିଞ୍ଝାରପୁର ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବ୍ଲକ ବିଜେଡି ସଭାପତି ମୁରଲୀଧର ବେହେରାଙ୍କ ସୁପାରିଶ ଓ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଅନୁମୋଦନ କ୍ରମେ ଉପସଭାପତି ଭାବେ ବିପିନ ଚନ୍ଦ୍ର ବଳ, ରବୀନ୍ଦ୍ର ବେହେରା, ନିରଞ୍ଜନ ସାହୁ, ଶରତ ଚନ୍ଦ୍ର ପୁହାଣଙ୍କୁ ମନୋନୟନ କାରାଯାଇଛି। ସେହିପରି ସାଧାରଣ ସମ୍ପାଦକଭାବେ ହରିହର ମହାନ୍ତି, ବାସୁଦେବ ମିଶ୍ର, ଶ୍ରୀନିବାସ କର, କୃଷ୍ଣ ଚନ୍ଦ୍ର ମଲ୍ଲିକ, ଦୁଃଶାସନ ମଲ୍ଲିକ, ସମ୍ପାଦକ ଭାବେ ଦିଲିପ କୁମାର ରାଉତ, ସେକ୍ ବାବର ଅଲ୍ଲୀ, ପଙ୍କଜ ମଲ୍ଲିକ, ପର୍ଶୁରାମ କବି, ଗିରିଧାରୀ ଦାସ ଓ କୋଷାଧକ୍ଷଭାବେ ପିତାମ୍ବର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଏଥିସହ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୬୦ଜଣ ଛାମୁଆ କର୍ମୀଙ୍କୁ ସାଧାରଣ ସଦସ୍ୟ ରୁପେ ନିଆଯାଇଛି ବୋଲି ବୋଲି ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ବେହେରା ସୂଚନା ଦେଇଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଦିବସ ପାଳନ

ବିରଜାକ୍ଷେତ୍ର, ୫।୯(ଡି.ଏନ୍.ଏ): ଗୁରୁ ଦିବସ ଅବସରରେ ଯାଜପୁର ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକର ଗୁରୁ ପୂଜନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଗୟାଧର ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଜୀ ସଞ୍ଜୀବ କୁମାର ପଣ୍ଡା ଅତିଥିପରିଚୟ ପ୍ରଦାନ କରିବା ସହିତ ଏହିଦିବସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

## ■ ଯାଜପୁରରୋଡ ଫେରୋକ୍ରୋମ କାରଖାନା

# ଉତ୍ପାଦ ବିଭାଗରେ ଦୁର୍ନୀତି ଅଣାୟତ୍ତ

ଯାଜପୁର ଅଫିସ,୫।୯

■ଶ୍ରମିକ ସପ୍ଲାଇ ନାମରେ ଲକ୍ଷାଧିକ ଲୁଟ

■ବାହାର ଲୋକଙ୍କୁ କଲୋନୀ ଛାଡିବାକୁ ନିର୍ଦ୍ଦେଶ



ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଅଧିନସ୍ଥ ଯାଜପୁରରୋଡର ଇଡ଼କଲ ଫେରୋକ୍ରୋମ ଆଣ୍ଡ ଆଲୟେଜ ଲିଃ ପ୍ରଡକ୍ସନ ବିଭାଗର ମୁଖ୍ୟଙ୍କ ମନମାନି ଓ ଦୁର୍ନୀତିଖୋର ମନୋଭାବ ଯୋଗୁ ଫେରୋକ୍ରୋମ କାରଖାନା ବୁଡିବାକୁ ବସିଛି ବୋଲି ଶ୍ରମିକ ନେତା ଅଭିଯୋଗ ଆଣିଛନ୍ତି । ଓଭର ଡ୍ୟୁଟି ଏବଂ ଅଧିକ ଶ୍ରମିକ ନିୟୋଜିତ ନାମରେ ମାସିକ ଲକ୍ଷାଧିକ ଟଙ୍କା ହଡ଼ପ ହେଉଛି। ଅନ୍ୟପକ୍ଷେ କଲୋନୀରେ ଥିବା ୩୬୫ଟି କ୍ୱାଟର ମଧ୍ୟରୁ ଏବେ ଅଧିକାଂଶ ବାହାର ଲୋକଙ୍କ କବଜାରେ । କାରଖାନାରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଓ ତଲଙ୍ଗୀ ଖଣି କର୍ମଚାରୀଙ୍କ ରହିବା ପାଇଁ ଉଦ୍ଦିଷ୍ଟ ଏହି କଲୋନୀରେ ନୀଳାଚଳ ଇସ୍ପାତ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ କିଛି କ୍ୱାଟର୍ସକୁ ହାତେଇ ନେଇଛନ୍ତି। ବହୁ ଅଜଣା ଲୋକ କାରଖାନା କର୍ମଚାରୀଙ୍କ ସମ୍ପର୍କୀୟ ବୋଲି ଆଳ କରି କମ୍ପାନୀର ଅନେକ କ୍ୱାଟର୍ସରେ ବର୍ଷ ବର୍ଷ ଧରି ରହୁଛନ୍ତି । ଏହି ମର୍ମରେ ଗତ ଅଗଷ୍ଟ ୧୫ ତାରିଖରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଫେରୋକ୍ରୋମ କାରଖାନା କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି । ଆସନ୍ତା ୧୫ ତାରିଖ ସୁଦ୍ଧା କବ୍‌ଜା କରିଥିବା ବାହାର ଲୋକଙ୍କ କ୍ୱାଟର୍ସ ଛାଡିବାକୁ ନୋଟିସ ଦିଆଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏବେ ଫେରୋକ୍ରୋମ କାରଖାନାରେ ଦୁର୍ନୀତିର ପେଡି ଗୋଟିକ ପରେ ଗୋଟିଏ ଖୋଲି ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଛାମୁଆ ଶ୍ରମିକ ନେତାମାନଙ୍କ ବେପରୁଆ ମନୋଭାବ ଏଥିପାଇଁ ଦାୟୀ ବୋଲି ଆଲୋଚନା ହେଉଛି । କରଖାନାର ଉତ୍ପାଦ(ପ୍ରଡକ୍ସନ) ବିଭାଗର ମୁଖ୍ୟ ଆରମ୍ଭରୁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ କାର୍ଯ୍ୟରତ । ପଡକ୍ସନ ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ସେ ନିଜ ମନମାନୀ ଚଳାଇ ରଖିଥିବାବେଳେ ବହୁ ଦୁର୍ନୀତିର କାର୍ପଟଦାର ସାଜିଛନ୍ତି। ତାଙ୍କ ଇଚ୍ଛାରେ କର୍ମଚାରୀ ଓ ଶ୍ରମିକମାନଙ୍କୁ ଓଭର ଡ୍ୟୁଟି ମିଳୁଥିବାବେଳେ ନିଜ ଘର କାମଦାମ ପାଇଁ ବି କାରଖାନାର ଶ୍ରମିକଙ୍କୁ ଲଗାଇଥାନ୍ତି। ଜଣେ ଶ୍ରମିକଙ୍କୁ ଅଫିସର କ୍ଲବରେ ଡ୍ୟୁଟି ଦିଆଯାଇ ପ୍ରତ୍ୟେହ ତାଙ୍କୁ ଓଭରଡ୍ୟୁଟି ଦେଇ ପ୍ରଡକ୍ସନ ବିଭାଗର ମୁଖ୍ୟ ତାଙ୍କ ଘର କାମରେ ବ୍ୟବହାର କରିଥାନ୍ତି। ଏହା ତଦନ୍ତ ପରିସରଭୁକ୍ତ ହେବା ଉଚିତ। ଏନେଇ ଆଇଡିସିର ସିଏମ୍‌ଡି ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଅଭିଯୋଗ କରିବା ପରେ ସେ ଓଭର ଡ୍ୟୁଟି ଉପରେ କଟକଣା ଜାରି କରିଛନ୍ତି । ତଥାପି ପ୍ରଡକ୍ସନ ବିଭାଗର ମୁଖ୍ୟ ଶ୍ରମିକଙ୍କୁ ଓଭର ଡ୍ୟୁଟି ଦେବା ଅନେକଙ୍କୁ ତାଜୁବ କରିଛି। ଏହାଛଡ଼ା ପ୍ରଡକ୍ସନ ବିଭାଗର ହାଇ କାର୍ବନ ସାଇଟରେ ମାସିକ ୩୦ ରୁ ୫୦ ଜଣ ଶ୍ରମିକ ସପ୍ଲାଇର ମିଥ୍ୟା ବିଲ କରି ପ୍ରତି ଶ୍ରମିକ ପିଛା ପ୍ରାୟ ୪୦୦ଟଙ୍କାରୁ ଊର୍ଦ୍ଧ୍ୱ ମଜୁରୀ ହିସାବରେ ମାସିକ ପ୍ରାୟ ୫ଲକ୍ଷ ଟଙ୍କା ହରିଲୁଟ କରାଯାଉଛି । କାରଖାନାର ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଦରରେ ଠିକାଦାରମାନେ ଚୁକ୍ତି କରି ଶ୍ରମିକ ଲଗାଇଥିବା ବେଳେ ଏହି ୩୦ ରୁ ୫୦ ଜଣ ଶ୍ରମିକଙ୍କ କ'ଣ ଆବଶ୍ୟକ ପଡ଼େ ଓ ଏମାନେ କି କାମ କରନ୍ତି ତାହାର ତଦନ୍ତ ଦାବି ଉଠିଛି। କାରଖାନାର ୨ ନମ୍ବର ଫର୍ନେସରେ ରି-ଲାଇନିଂ କାମ ପାଇଁ ଠିକାଦାରଙ୍କ ସହ କାରଖାନା କର୍ତ୍ତୃପକ୍ଷ ଚୁକ୍ତି କରିଥିବାବେଳେ ପ୍ରଡକ୍ସନ ବିଭାଗ ମୁଖ୍ୟ ସେହି କାମରେ ନିଜ ବିଭାଗର ଡ଼ିଏଲଆର ଶ୍ରମିକଙ୍କୁ ଲଗାଇ ଠିକାଦାରଙ୍କ ଠାରୁ ଚାନ୍ଦା ନେଇଥାନ୍ତି। ଗତ ଜୁଲାଇ ମାସରେ ସ୍ଲାଗ ଉଠାଣରେ ଏହିପରି ଭାବେ ପ୍ରାୟ ୧୦ଜଣ ଡିଏଲଆର ଶ୍ରମିକଙ୍କୁ ବ୍ୟବହାର କରି ଠିକାଦାରଙ୍କ କାମ କରି ପ୍ରଡକ୍ସନ ବିଭାଗ ମୁଖ୍ୟତାଙ୍କ ଠାରୁ ଚାନ୍ଦା ନେଇଥିବା ଅଭିଯୋଗ ହେଉଛି। ଜଣେ ଡିପ୍ଲୋମାଧାରୀ ହୋଇ ମଧ ଡିଜିଏମ ପାହ୍ୟାକୁ କିପରି ପଦୋନ୍ନତି ସେ ପାଇଲେ ବୋଲି ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତି ଉପରେ ଆଇଡିସିର ସିଏମଡି ସୁରେଶ ଚନ୍ଦ୍ର ମହାପାତ୍ର ଓ ରାଜ୍ୟ ଭିଜିଲାନ୍‌ସ ବିଭାଗ ତଦନ୍ତ କଲେ ବହୁ ଗୁମର ଫିଟିବ ବୋଲି ମତପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମଡି ବୀରକିଶୋର ସାହୁ କୁହନ୍ତି ଯେଉଁ ତୁଳନାରେ ଅଭିଯୋଗ ହେଉଛି ସେହି ତୁଳନାରେ ଦୁର୍ନୀତି ହୋଇନାହିଁ । ତେବେ ଦୁର୍ନୀତିର ମୁଳୋତ୍ପାଟନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି ।

### ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ଗୁରୁଦିବସ ପାଳିତ

ବିଞ୍ଝାରପୁର,୫।୯(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ବୁଧବାର ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ଗୁରୁ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁପୁଜନ କାର୍ଯ୍ୟକ୍ରମରେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଶିକ୍ଷୟତ୍ରୀଶିକ୍ଷକଙ୍କୁ ପୂଜାର୍ଚ୍ଚନା କରିଥିଲେ।ଏହି ଗୁରୁପୁଜା ଉତ୍ସବରେଅନ୍ୟତମ ଅତିଥି ରୁପେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦାମୋଦର ଖୁଣ୍ଟିଆ, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ଶିକ୍ଷାବିତ ବିଜୟ କୁମାର ନାୟକ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାମଲ ପ୍ରମୁଖ ଯୋଗଦେଇ ସମ୍ପ୍ରତି ସମାଜରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ସଜାଡି ପୂର୍ଣ୍ଣାଙ୍ଗ ସୁସ୍ଥ ଶିକ୍ଷା ଓ ସମାଜ ଗଠନର ପ୍ରମୁଖ ଭୂମିକା ଶିକ୍ଷକଙ୍କ ଉପରେ ରହିଛି। ଶିକ୍ଷକମାନେ ମହତ୍ ଲକ୍ଷ୍ୟକୁ ଉପଯୁକ୍ତ ଭାବେ ସମ୍ପାଦନ କରି ଉତ୍ତମ ଛାତ୍ରଛାତ୍ର ଗଠନ କରିପାରିଲେ ସମାଜ ସଂସ୍କାରଯୁକ୍ତ ହୋଇପାରିବ ବୋଲି ମତ ରଖିଥିଲେ। ଏହି ଅବସରରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳିର ମୋଟ୨୬ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରିଣୀ ଶୁଶୀଳା ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୬ତମ ଜୟନ୍ତୀ

ଧର୍ମଶାଳା, ୫।୯(ଡି.ଏନ୍.ଏ.)

ଓଡିଶା ସାହିତ୍ୟ ଏକାଡେମୀ ଜିଲା ସଂସ୍କୃତି ପରିଷଦ ଯାଜପୁର ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୬ତମ ଜୟନ୍ତୀ ଉତ୍ସବ ପାଳନ ନେଇ ବୁଧବାର ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ସୋମବାର ଧର୍ମଶାଳା କ୍ଲବ ପରିସରରେ ଜୟନ୍ତୀ ଉତ୍ସବ ପାଳନ ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଉଦ୍‌ଘାଟକ ଭାବେ ଯୋଗ ଦେବେ। ମୁଖ୍ୟ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ସୁନାକର ରାଉତ ମୁଖ୍ୟବକ୍ତାଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ଜେନା ଓ ସମ୍ପାଦକ ବିଜୟ କୁମାର ନାୟକ, ଜିଲା ସଂସ୍କୃତି ପରିଷଦ ସମ୍ପାଦକ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ଏହି ଅବସରରେ ଶିଶୁ ସାହିତ୍ୟିକ ଅରୁଣ କୁମାର ପଣ୍ଡାଙ୍କୁ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଓ ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ଭକ୍ତ ଚରଣ ସାହୁ, ମଳୟ କୁମାର ମଲିକ, ଅକ୍ଷୟ କୁମାର ଦାଶ, ସ୍ନେହଲତା ବିଶ୍ୱାଳଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଅନନ୍ୟା ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ଉତ୍ସବ

ବିରଜାକ୍ଷେତ୍ର, ୫।୯(ଡି.ଏନ୍.ଏ.)



ମୁଖ୍ୟଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ପବିତ୍ର ଗୁରୁ ସମ୍ବର୍ଦ୍ଧନା ଉତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟା ତଥା ଚିରନ୍ତନୀ ସମ୍ପାଦିକା ସଞ୍ଜୁକ୍ତା ମହାପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଦଶରଥ ସାମଲ ଏବଂ ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଉଦୟନାଥ ପରିଡ଼ା ଯୋଗଦେଇଥିଲେ। ଏହି ଅବସରରେ ବର୍ଷୀୟାନ ଗୁରୁ ଧନେଶ୍ୱର ପତି, ରବି ଶତପଥୀ, ବିପିନ ବିହାରୀ ଧଳ, ସୂର୍ଯ୍ୟମଣି ସାମଲ, ଶଙ୍କର୍ଷଣ ବାରିକ, ନାରାୟଣ ଚନ୍ଦ୍ର ସାହୁ, ବାସୁଦେବ ଶତପଥୀ, ବସନ୍ତ କୁମାର ନାୟକ, ନାରାୟଣ ଚନ୍ଦ୍ର ଧଳ, ନୀଳମଣି ସାହୁ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସର୍ବଶ୍ରୀ ସବିତା ମିଶ୍ର, ନିର୍ମଳାବାଳା ମିଶ୍ର, ଅଧକ୍ଷ ଅଶୋକ ଦାଶ, ଡ. ବିନୋଦ ଚନ୍ଦ୍ର ନାୟକ, ଅଧିକାରୀ ନବକିଶୋର ଦାସ, ରବୀନ୍ଦ୍ର ମହାରଣା, ଶିବାନୀ ପତି, ପ୍ରମିଳା ସାହୁ, ଲକ୍ଷ୍ମୀପ୍ରିୟା ରାଉତରାୟ, ମନୋଜ ନାଥ, ଅଖିଳ ମୋହନ ଦାଶ, ଭୁବନ ମୋହନ ମହାନ୍ତି, ଅନିଲ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଜସମିନ୍ ଜୟସ୍ମିତା ପତି ଗୁରୁବନ୍ଦନା ଗାନ କରିଥିଲେ ।

### କଲଣ ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁ ଦିବସ

ରସୁଲପୁର,୫।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଗୁରୁଦିବସ ପାଳିତ ହୋଇଛି। ଏହି ଅବସରରେ ଗୁରୁପୂଜା ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଉକ୍ତ ସମାରୋହକୁ ବିଦ୍ୟାଳୟର ପ୍ରତିଷ୍ଠାତା କାଳନ୍ଦୀ ଚରଣ ସାହୁ ଉଦ୍‌ଘାଟନ କରିଥିଲେ। କମିଟିର ସଭାପତି ଯୋଗୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବରେ ଶିକ୍ଷାବିତ କୁଳମଣୀ ନାୟକ, ମୀନକେତନ ଶତପଥୀ, ଅଇଁଠୁ ପାତ୍ର, ଶରତଚନ୍ଦ୍ର ପ୍ରଧାନ, ଗୁରୁମା ମମତା ନାୟକ, ଅର୍ଣ୍ଣପୂର୍ଣ୍ଣା ନାୟକ, ବବିସ୍ମିତା ସାହୁ, ଗୁରୁଜୀ ଚିତେଶ ବେହେରା, ଅମୁଲ୍ୟକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ପୂର୍ବତନ ଉପ-ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣଙ୍କ କାର୍ଯ୍ୟଧାରା, ନୀତି ଆଦର୍ଶ ଓ ଗୁଣାବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଗୁରୁ ଦିବସ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପିଲାମାନେ ଭାଗନେଇ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ହେମନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଓ ଗୁରୁଜୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ଜନ୍ମାଷ୍ଟମୀ ଅବସରରେ ମାଣତୀରରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଏହି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସେଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରିଲେ ଗ୍ରାମବାସୀ

ବିରଜାକ୍ଷେତ୍ର, ୫।୯(ଡି.ଏନ୍.ଏ)

ମାଛ ଧରାକୁ କେନ୍ଦ୍ରକରି ସୃଷ୍ଟ ଗଣ୍ଡଗୋଳର ଅଭିଯୁକ୍ତଙ୍କ ଗିରଫ ଦାବି କରି ଗ୍ରାମବାସୀ ବୁଧବାର ଯାଜପୁର ଥାନା ଅଧିକାରୀଙ୍କୁ ଭେଟିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗଣ୍ଡଗୋଳପରେ ଆସାମୀ ଫେରାର ହୋଇ ଯାଇଥିବାରୁ ଯାଜପୁର ଥାନା ପୋଲିସ ବିଭିନ୍ନ ସ୍ଥାନ ଚଢ଼ାଉ ଜାରି ରଖିଛି ବୋଲି ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ଗ୍ରାମବାସୀଙ୍କୁ କହିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ସାନସୁଆର ଗ୍ରାମର ସୁକଦେବ ଦାସଙ୍କ ପୁଅ ପ୍ରଶାନ୍ତ ଦାସ ଗତ ୧ ତାରିଖରେ ନିକଟସ୍ଥ ଜୋରରେ ମାଛ ଧରୁଥିବା ସମୟରେ ସେହି ଗ୍ରାମର ବାବୁ ଦାସଙ୍କ ସହିତ ବଚସା ହୋଇଥିଲା। ପରେ ବାବୁ ଦାସ ପ୍ରଶାନ୍ତଙ୍କୁ ମାଡ଼ ମାରିବାରୁ ସେ ତଳେ ପଡ଼ି ଯାଇ ଗୁରୁତର ଆହତ ହୋଇଥିଲେ। ଏନେଇ ପ୍ରଶାନ୍ତଙ୍କ ବଡ଼ଭାଇ ଅରକ୍ଷିତ ୧ତାରିଖରେ ଏନେଇ ଦିନ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବାବୁଙ୍କୁ ଗିରଫ କରିବାକୁ ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ ସୁଦ୍ଧା ସଫଳ ହୋଇପାରିନାହିଁ।



ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

## ବର୍ଷାରେ ୧୨୭୯୩ ହେକ୍ଟର ଧାନଚାଷ ଜମି ପ୍ରଭାବିତ

ବିରଜାକ୍ଷେତ୍ର,୫।୯(ଡି.ଏନ୍.ଏ)

**ଯାଜପୁର ଜିଲା**

କ୍ରମାଗତଭାବେ ବର୍ଷା ଲାଗି ରହିବାରୁ ଚଳିତବର୍ଷ ଯାଜପୁର ଜିଲାରେ ୧୨,୭୯୩ ହେକ୍ଟର ଧାନଚାଷ ଜମି ପ୍ରଭାବିତ ହୋଇ କ୍ଷତି ହୋଇଥିବା ଆକଳନ କରାଯାଇଛି । ଗତ ୨ମାସ ଧରି ଯାଜପୁର ଜିଲାରେ ବର୍ଷା ଜାରିରହିଛି। ଜୁଲାଇ ମାସରୁ କ୍ରମାଗତଭାବେ ଲଘୁଚାପଜନିତ ବର୍ଷା ଯୋଗୁ ଲଗାଣବର୍ଷା ଲାଗିରହିଥିବାରୁ ଚଳିତବର୍ଷ ବର୍ଷାର ପ୍ରଭାବରେ ଖରିଫ ଧାନଚାଷ ପ୍ରଭାବିତ ହୋଇଛି। କ୍ରମାନ୍ୱୟଭାବେ ବର୍ଷା ହେବାଦ୍ୱାରା ଧାନ ବିଲରେ ବର୍ଷାଜଳ ଭରି ରହୁଥିବାରୁ ଧାନଗଛଗୁଡ଼ିକ ପଚି ନଷ୍ଟ ହୋଇଯାଉଛି। ଯଦ୍ୱାରା ଚାଷୀ ପ୍ରାୟ ୨/୩ ଥର ଧାନବିଲରେ ଧାନଗଛ ରୋଇଥିଲେ ମଧ ଧାନଗଛଗୁଡ଼ିକ ପଚି ନଷ୍ଟ ହୋଇଯାଉଛି। ଧାନବିଲରେ ଯେଉଁ କେତେଗୁଡ଼ିଏ ଧାନଗଛ ରହିଛି ପୁନର୍ବାର ବୁଧବାରଠାରୁ ଲଘୁଚାପଜନିତ ବର୍ଷା ଆରମ୍ଭ ହେବାରୁ ଧାନବିଲରେ ଥିବା ସାମାନ୍ୟ ଧାନଗଛଗୁଡ଼ିକ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଚାଷୀର ରୁଆ ଧାନ ଗଛଗୁଡ଼ିକ ନଷ୍ଟ ହୋଇଯାଉଥିବାରୁ ଧାନଗଛ ରୋଇବା ସମ୍ଭବପର ହେଉନାହିଁ। ଅନ୍ୟପଟେ ଧାନଚାଷ କରିବାର ସମୟ ଗଡ଼ିଗଲାଣି। ପ୍ରାଥମିକ କୃଷି ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ଆଣି ଧାନଚାଷ କରିଥିବା ଚାଷୀମାନେ ଲଗାଣ ବର୍ଷା ଯୋଗୁ ଧାନଚାଷ ନଷ୍ଟ ହୋଇଛି। ଯଦ୍ୱାରା ଧାନଚାଷ ନଷ୍ଟ ହୋଇଯାଇଥିବାରୁ ଋଣ ପରିଶୋଧ କରିବା ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି। ଗୋଟିଏପଟେ ଋଣ ଚିନ୍ତା ଓ ଅନ୍ୟପଟେ ପରିବାର ଭରଣ ପୋଷଣ ନେଇ ଚାଷୀର ଚିନ୍ତା ବଢ଼ିଯାଇଛି। ଅଦିନିଆ ବର୍ଷା, ଲଘୁଚାପନଜନିତ ବର୍ଷାଦ୍ୱାରା କ୍ରମାଗତଭାବେ ବର୍ଷା ହେବାଦ୍ୱାରା ଧାନଚାଷରେ କ୍ଷତି ହୋଇଥିବା ଚାଷୀକୁ ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ରାଜ୍ୟ ସରକାର ଘୋଷଣା କରିବା ସହ କ୍ଷତିଗ୍ରସ୍ତ ଧାନଚାଷ ଓ ଚାଷୀଙ୍କ ନାମତାଲିକା ଶୀଘ୍ର ପ୍ରଦାନ କରିବାପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ତଥ୍ୟ ପ୍ରଦାନ କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଜିଲା କୃଷି ବିଭାଗ ବର୍ଷାର ପ୍ରଭାବରେ କ୍ଷତି ହୋଇଥିବା ଧାନଚାଷର ଆକଳନ କରି ରାଜ୍ୟ ସରକାରଙ୍କୁ ତଥ୍ୟ ଦେଇଥିବା ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ ଯାଜପୁର ଜିଲାରେ ୧୨୭୯୩ ହେକ୍ଟର ଧାନଚାଷ ଜମି ଲଗାଣ ବର୍ଷାରେ ପ୍ରଭାବିତ ହୋଇ କ୍ଷତି ହୋଇଛି।

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ନିର୍ମାଣରେ ଦୁର୍ନୀତିର ଗନ୍ଧ

ରସୁଲପୁର,୫।୯(ଡି.ଏନ୍.ଏ.)




■କାମ ଦେଲାନି ଜିଲାପାଳଙ୍କୁ ଅଭିଯୋଗ

■ଗ୍ରାମ୍ୟ ଉନ୍ନୟନ ସଚିବଙ୍କୁ ଫେରାଦ ହେଲେ ଗ୍ରାମବାସୀ

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ,ଜାରକା-୨ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ଦୁର୍ନୀତିର ଗନ୍ଧ ବାରି ହେଉଛି। ଉକ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏସଂପର୍କରେ ରାସ୍ତା ନିର୍ମାଣ ଆରମ୍ଭରୁ ଲୋକେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରାସ୍ତାର ନିର୍ମାଣଶୈଳି ଓ ଅବସ୍ଥିତିର ବିଭିନ୍ନ ଦିଗରେ ତ୍ରୁଟି ବିଚ୍ୟୁତି ରହିଛି ଦର୍ଶାଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରି କି ୨୦୧୭ ଡିସେମ୍ବର ୪ରେ ଯାଜପୁର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ଉକ୍ତ ଅଭିଯୋଗକକୁ ଜିଲାପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି। ଆଉ ଏହାର ସୁଯୋଗ ନେଇ ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ ଦିଗରେ ଠିକାଦାରଙ୍କୁ ସହଯୋଗ କରିଛନ୍ତି। ଏତିମଧ୍ୟରେ ରାସ୍ତା ନିର୍ମାଣ ସରିଯାଇଛି। ବିଭାଗ ପକ୍ଷରୁ ଠିକାଦାରଙ୍କୁ ଅଧିକାଂଶ ବିଲ୍ ବି ପୈଠ ହୋଇସାରିଛି। ହେଲେ ଅଭିଯୋଗ ସମ୍ପର୍କରେ ତଦନ୍ତ କରାଗଲା ନାହିଁ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ୟ ଏକ ଅଭିଯୋଗ ଗ୍ରାମ୍ୟ ଉନ୍ନୟନ ସଚିବ,ଓଡିଶା-ଭୁବନେଶ୍ୱର ନିକଟକୁ ଡାକଯୋଗେ ପଠାଯାଇଛି।

ଗ୍ରାମବାସୀ କରିଥିବା ଅଭିଯୋଗ ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ନିର୍ବାହୀଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ-୨, ଯାଜପୁର-ଜାରକାଙ୍କ ଅଧିନରେ ଭୋଟକା ଗ୍ରାମର ଖରସୁଆଁ ନଦୀବନ୍ଧଠାରୁ ଖାନାବାଡ଼ି ଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନବୀକରଣ କରାଯାଇଛି। ବାସ୍ତବରେ ଏହି ରାସ୍ତା ଖାନାବାଡ଼ି ଗ୍ରାମକୁ ସଂଯୋଗ ନ କରି ଛିଣ୍ଡା ଖରସ୍ରୋତା ନଦୀବନ୍ଧକୁ ସଂଯୋଗ କରାଯାଇଛି। ଏହି ରାସ୍ତାର ଲମ୍ବ ୧.୫କି.ମି. ରଖାଯାଇଛି। ରାସ୍ତାର ଲମ୍ବକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ରାସ୍ତା ପାଇଁ ୯୨.୫୧ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ଏକ ପୁରୁଣା ରାସ୍ତାକୁ ନବୀକରଣ କରାଯାଇଛି । ଏହି ରାସ୍ତା ଉପରେ ୨୦୧୧-୧୨ ଆର୍ଥିକ ବର୍ଷରେ ରସୁଲପୁର ପଞ୍ଚାୟତ ସମିତି ପକ୍ଷରୁ ଏଫଡିଆର ଟଙ୍କା ଖର୍ଚ୍ଚ କରାଯାଇ ଉକ୍ତ ରାସ୍ତାର କିଛି ଅଂଶ ଢଳେଇ କରାଯାଇଥିଲା। ୨୦୧୩-୧୪ ବର୍ଷରେ ଜଳସେଚନ ବିଭାଗ ଦ୍ୱାରା ଏହି ରାସ୍ତାର ଅନ୍ୟ ଅଂଶକୁ ପିଚୁ କରାଯାଇଥିଲା। ତେବେ ସେଚ ବିଭାଗର ବିନା ଅନୁମତିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାକୁ ତାଡ଼ି ଦେଇଥିଲେ । ତାପରେ ୨୦୦ ମିଟର ଢଳେଇ ଓ ୧୩୦୦ମିଟର ରାସ୍ତାକୁ ପିଚୁ କରାଯାଇଛି ବୋଲି ଫଳକରେ ଉଲ୍ଲେଖ ରହିଛି। ରାସ୍ତା ଉପରେ ମାଟି ମୁଠେ ପଡି ନ ଥିବାବେଳେ ଶହଶହ ମାଟି ଟ୍ରିପ ବ୍ୟବହାର କରାଯାଇଛି ବୋଲି ଫଳକରେ ଉଲ୍ଲେଖ କରାଯାଇଛି। କହିବାକୁ ଗଲେ ପୁରୁଣା ରାସ୍ତା ଉପରେ ଏକ ନୂଆ ପ୍ରଲେପ ଦିଆଯାଇ ଅର୍ଥ ଆତ୍ମସାତ ହୋଇଛି। ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଏହି ରାସ୍ତାଉପରେ ୫ଟି ପୋଲ ନିର୍ମାଣ ପାଇଁ ଆକଳନରେ ସ୍ଥାନ ଦିଆଯାଇଛି। ହେଲେ ଠିକାଦାର ରାସ୍ତା ଉପରେ ଗୋଟିଏ ହେଲେ ପୋଲ ନିର୍ମାଣ କରିନାହାନ୍ତି। ରାସ୍ତା ନିର୍ମାଣ ସରିବା ପରେ ବଳକା ଟଙ୍କାରେ ବିଭାଗ ପକ୍ଷରୁ ହିଙ୍ଗୁଳା ପଡ଼ିଆ ଗୋଚର ଜମିରେ ଥିବା ଏକ କଲ୍ୟାଣ ମଣ୍ଡପକୁ ଢଳେଇ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ଢଳେଇ ରାସ୍ତା ପାଇଁ ଆକଳନରେ ସ୍ଥାନ ଦିଆଯାଇ ନାହିଁ। ରାସ୍ତାଟି କୌଣି ସାହି ବା ବସ୍ତିକୁ ସଂଯୋଗ କରୁନାହିଁ। ଏହା ଏକ ଚାଷଜମି ଥିବା ପାଟ ମଧ ଦେଇ ଯାଇଛି । ଏଭଳି ଏକ ଅଦରକାରୀ ରାସ୍ତାରେ ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ସରକାରୀ ଅର୍ଥ ବ୍ୟୟ କରାଯାଇଛି। ନିର୍ମାଣ ଦାୟିତ୍ୱରେ ଠିକାଦାର ରାସ୍ତା କାମକୁ ନିଜେ ନ କରି ସ୍ଥାନୀୟ ଅଞ୍ଚଳର କେତେକ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିଲେ। ଏହାଛଡା ବିଭାଗୀ ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଅଭାବ ଓ ସ୍ଥାନୀୟ ଲୋକଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ରାସ୍ତାର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ତଦନ୍ତ କରାଯାଇ ଅଭିଯୁକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଗ୍ରାମବାସୀ ସଚିବଙ୍କ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଜୁମର ମଲିକଙ୍କୁ ପଚାରିବାରୁ ଟଙ୍କା ବଳିବାରୁ କଲ୍ୟାଣ ମଣ୍ଡପକୁ ଢଳେଇ ରାସ୍ତା ନିର୍ମାଣ କରାଯାଇଛି। ଏହାଛଡା ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଭାବରେ ହୋଇଛି ବୋଲି ମଲ୍ଲିକ ମତ ରଖିଛନ୍ତି।



ମହତ୍ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।
-ରବର୍ଟ ମଦରୱେଲ୍



## ସଂକ୍ଷେପରେ

### ୧୬ନଂ ଜାତୀୟ ରାଜପଥରେ ୨ ଦୁର୍ଘଟଣା, ଜଣେ ମୃତ

କୋରେଇ,୫।୯(ସ୍ୱ.ପ୍ର)- ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥରେ ୨ଟି ଦୁର୍ଘଟଣା ଘଟିଥିବା ବେଳେ ଷଠିପୁରଠାରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ହାଟସାହି ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମର କୈଳାସ ବେହେରାଙ୍କ ପୁଅ ଚିନ୍ତାମଣି(୩୫) ଏକ ବାଇକ୍ (ଓଡି୩୪ଏଲ୧୮୩୮) ଯୋଗେ ପାଣିକୋଇଲିରୁ ଘରକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେହିପରି ନିଶାସକ୍ତ ଅବସ୍ଥାରେ ଷଠିପୁର ନିକଟରେ ଡିଭାଇଡରରେ ପିଟି ହୋଇ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛନ୍ତି। ଆହତ ଯୁବକ ଭଦ୍ରକ ଥାନା ଅନ୍ତର୍ଗତ କୁଆଁଳ ଗ୍ରାମର ଅଭୟ ସାହୁଙ୍କ ପୁଅ ଜଗନ୍ନାଥ(୨୫) ବୋଲି ଜଣାପଡିଛି।

### ଜ୍ୟୋତିର୍ବିଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

କୋରେଇ,୫।୯(ସ୍ୱ.ପ୍ର)- କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡିଆ ଗ୍ରାମର ବରିଷ୍ଠ ଶିକ୍ଷାବିତ୍, ଜ୍ୟୋତିର୍ବିଦ ସ୍ୱର୍ଗତ ବିଦ୍ୟାଧର ନାଥଶର୍ମାଙ୍କ ବିୟୋଗରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ହଳଦୀଗଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଉଦୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଶିକ୍ଷାବିତ ଗୋକୁଳାନନ୍ଦ ବିଶ୍ୱାଳ, ସରପଞ୍ଚ ସବିତା ମଲିକ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ଦାସ, ଶିକ୍ଷାବିତ୍ ଜଗନ୍ନାଥ ମାଝୀ, ଗୁଣ୍ଡିଚା ମଲିକ, ପିତାମ୍ବର ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଶର୍ମାଙ୍କ ସ୍ମୃତିଚାରଣ କରିଥିଲେ। ଜ୍ୟୋତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଫେସ୍‌ବୁକ୍‌ରେ ଅଶ୍ଳୀଳ ଫଟୋ ଭାଇରାଲ, ଥାନାରେ ମାମଲା

କୋରେଇ,୫।୯(ସ୍ୱ.ପ୍ର)- ଫେସବୁକରେ ଅଶ୍ଳୀଳ ଫଟୋ ଭାଇରାଲ କରିବା ନେଇ କୋରେଇ ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା (୧୮୦/୧୮) ରୁଜୁ ହେବା ସହ ଘଟଣାର ତଦନ୍ତ ଚାଲିଛି। ପ୍ରକାଶ ଯେ, ଧନେଶ୍ୱର ପଞ୍ଚାୟତର ଆଲିଆ ଗ୍ରାମର ସାରଥି ବେହେରାଙ୍କ ଅଭିଯୋଗ ମୁତାବକ ତାଙ୍କ ଫେସ୍‌ବୁକ ଆଇଡିରେ କେଉଁ ଅଜଣା ବ୍ୟକ୍ତି ଅଶ୍ଳୀଳ ଫଟୋ ଭାଇରାଲ କରିଛନ୍ତି। ଯାହା ଦ୍ୱାରା ତାଙ୍କୁ ନିନ୍ଦିତ ହେବାକୁ ପଡୁଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

### କୋରେଇ ଭାଜପାର ମିଶ୍ରଣ ପର୍ବ

କୋରେଇ,୫।୯(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ଅସନଝର ପଞ୍ଚାୟତରେ ସୋମବାର ଭାଜପା କର୍ମୀ ସମ୍ମିଳନୀ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଭାଜପା ସଭାପତି ଅଶୋକ ବେହେରା ସଭାପତିତ୍ୱ କରିଥିଲେ। ଭାଜପା ନେତା ବିଶ୍ୱଜିତ୍ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ନିର୍ମଳା ବେହେରା, ମଣ୍ଡଳ ସଭାପତି ନୀଳମାଧବ ଚକ୍ର, ରବୀନ୍ଦ୍ର ବେହେରା, ଶଶିକାନ୍ତ ସ୍ୱାଇଁ, ଶୁଭରଞ୍ଜନ ଦାସ, ପ୍ରକାଶ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଅସନଝର ପଞ୍ଚାୟତର ରମାକାନ୍ତ ଜେନା, ମଧୁସୂଦନ ମହାରଣା, ସୁନନ୍ଦା ସେଠୀ, ସୁଶାନ୍ତ ରାଉତ, ଚନ୍ଦନ ସ୍ୱାଇଁ, ମନୁ ସେଠୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ।

### ବରିଷ୍ଠ କଂଗ୍ରେସ କର୍ମୀଙ୍କ ପରଲୋକ

ଧର୍ମଶାଳା, ୫।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକର ପୂର୍ବତନ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତିଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଛି। ଏହି ଖବର ଜଣା ପଡିବା ପରେ ଧର୍ମଶାଳା ବ୍ଲକ ପୂର୍ବତନ ଅଧକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ କୁମାର ପରିଡା, ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ, ଶ୍ୟାମସୁନ୍ଦର ସାମଲ ଖବରଦାତା ସୁଧାକର ରାଉତ, କପିଳେନ୍ଦ୍ର ରାଉତ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକରେ ଧର୍ମଶାଳା ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଶ୍ରୀନାଥ ମିଶ୍ର, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ■ଚାଷୀଙ୍କୁ ଲୁଟୁଛନ୍ତି ସମବାୟ କର୍ମଚାରୀ

# କ୍ଷତିପୂରଣ ଦେବାକୁ ନେଉଛନ୍ତି ପିସି

ଦଶରଥପୁର,୫।୯(ଡିଏନ୍ଏ)

**ଦଶରଥପୁର ସମବାୟ ସମିତି**
- କ୍ଷତି ତୁଳନାରେ ମିଳିଛି କମ୍ ଅର୍ଥ
- ସେଥିରୁ ବି ହେଉଛି ବାଟମାରଣା
- ଉପରିସ୍ଥ ଅଧିକାରୀଙ୍କ ସମର୍ଥନରେ ଚାଲିଛି ଏଭଳି ବେଆଇନ କାର୍ଯ୍ୟ

ଚାଷୀଙ୍କ ବୀମା ଟଙ୍କା ଉଠାଇ ଦଶରଥପୁର ସମବାୟ ଅଧିକାରୀମାନେ ସେଥିରୁ ପର୍ସେଣ୍ଟେଜ(ପିସି) ନେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଦଶରଥପୁର ବ୍ଲକ ଅଞ୍ଚଳରେ ହୋଇଥିବା ଖରିଫ ଚାଷ ଅମଳ ସମୟରେ ଲଗାଣ ବର୍ଷା ହୋଇଥିଲା। ଫଳରେ ଧାନ ଚାଷରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷୟକ୍ଷତିର ଆକଳନ କରିବା ଲାଗି ଦଶରଥପୁର ତହସିଲ ଅଧୀନରେ ରହୁଥିବା ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଓ ଦଶରଥପୁର କୃଷି ସୂଚନାକେନ୍ଦ୍ର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଦିଆଯାଇଥିବା କ୍ଷୟକ୍ଷତିର ରିପୋର୍ଟ ତୁଳନାରେ ଚାଷୀଙ୍କୁ ବୀମା କମ୍ପାନୀ ଯଥେଷ୍ଟ କମ୍ ବୀମା ଅର୍ଥ ପ୍ରଦାନ କରିଥିବା ବେଳେ ବହୁ କ୍ଷତିଗ୍ରସ୍ତ ଚାଷୀ ଏହି ବୀମା ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ କ୍ଷତି ତୁଳନାରେ କମ୍ ଅର୍ଥ ପାଉଥିବା ଏହି ଚାଷୀଙ୍କୁ ସମବାୟ ପକ୍ଷରୁ ଶୋଷଣ କରାଯାଉଥିବା କୁହାଯାଉଛି। ସୂଚନା ଥାଉକି, ଦଶରଥପୁର ସମବାୟ ବ୍ୟାଙ୍କ ଅଧୀନସ୍ଥ ଅକରପଡା ପ୍ରାଥମିକ କୃଷି ସମବାୟର ୨୮୩ଜଣ ଚାଷୀଙ୍କୁ ୭୬ଲକ୍ଷ ୪୧ହଜାର ୧୪ ଟଙ୍କା, ଅହିୟାସ ସମବାୟର ୨୨୯ଜଣ ଚାଷୀଙ୍କୁ ୭ଲକ୍ଷ ୭୫ହଜାର ୫୪୨ଟଙ୍କା, ଚଷାଖଣ୍ଡ ସମବାୟର ୭୭୪ଜଣ ଚାଷୀଙ୍କୁ ୧କୋଟି ୭୫ଲକ୍ଷ ୧୨୦ ଟଙ୍କା, ଛତ୍ରପଡା ସମବାୟର ୧୧୧୭ ଜଣ ଚାଷୀଙ୍କୁ ୧କୋଟି ୧୪ଲକ୍ଷ ୮୯ହଜାର ୮ଶହ ୯ଟଙ୍କା, ଦଶରଥପୁର ସମବାୟର ୯୬୩ ଜଣ ଚାଷୀଙ୍କୁ ୧କୋଟି ୨୦ଲକ୍ଷ ୮୨ହଜାର ୭୫୬ ଟଙ୍କା କ୍ଷତିପୂରଣ ବାବଦକୁ ବୀମା କମ୍ପାନୀ ପ୍ରଦାନ କରିଥିବା ଜଣାଯାଇଛି। ସେହିପରି ଗ୍ରାମ-ନନ୍ଦିପୁର ସମବାୟର ୫୦୭ଜଣ ଚାଷୀଙ୍କୁ ୧କୋଟି ୪୧ଲକ୍ଷ ୭୨ହଜାର ୯୭୫ ଟଙ୍କା, କମାରଡିହ ସମବାୟର ୩୩୩ ଜଣ ଚାଷୀଙ୍କୁ ୩୧ଲକ୍ଷ ୭୮ହଜାର ୫୪୫ ଟଙ୍କା, କଟିକଟା ସମବାୟର ୨୮୨ ଚାଷୀଙ୍କୁ ୨୨ ଲକ୍ଷ ୮୬ ହଜାର ୩୮୩ ଟଙ୍କା, ମଙ୍ଗଳପୁର ସମବାୟର ୬୭୬ ଚାଷୀଙ୍କୁ ୧ କୋଟି ୫ଲକ୍ଷ ୧ହଜାର ୩୫୫ଟଙ୍କା, ନିଜାମପୁର ସମବାୟର ୬୩୬ ଚାଷୀଙ୍କୁ ୨୯ଲକ୍ଷ ୨୮ହଜାର ୯୫ଟଙ୍କା, ପାଲଟପୁର ସମବାୟର ୭୧୧ ଚାଷୀଙ୍କୁ ୯୧ଲକ୍ଷ ୩୩ହଜାର ୧୭ଟଙ୍କା, ତଳିହା ସମବାୟର ୬୯୯ ଚାଷୀଙ୍କୁ ୧କୋଟି ୯୦ଲକ୍ଷ ୬୪ହଜାର ୬୩୯ଟଙ୍କା ଏହିପରି ୧୨ଟି ପ୍ରାଥମିକ କୃଷି ସମବାୟର ଚାଷୀଙ୍କୁ କ୍ଷତିପୂରଣ ବାବଦେ ବୀମା କମ୍ପାନୀ ଅର୍ଥ ପ୍ରଦାନ କରିଥିବା ଜଣାଯାଇଛି। ତେବେ କେବଳ କୁଆଁରପୁର ସମବାୟକୁ ବୀମା ଅର୍ଥ ସହାୟତା ଦିଆଯାଇ ନ ଥିବା ସୂଚନା ମିଳିଛି। ସରକାରଙ୍କ ଗାଇଡଲାଇନ୍ ଅନୁସାରେ କ୍ଷତିପୂରଣ ବାବଦ ଅର୍ଥ ଦଶରଥପୁର ସମବାୟ ବ୍ୟାଙ୍କ ଅବିଳମ୍ବେ ପ୍ରାଥମିକ କୃଷି ସମବାୟ ଚାଷୀଙ୍କ ଜମାଖାତାରେ ସିଧାସଳଖ ଜମା କରିବା କଥା। ଏବଂ ଚାଷୀମାନେ ମଧ ବ୍ୟାଙ୍କରୁ ଟଙ୍କା ଉଠାଇ ପାରିବେ ବୋଲି ନିୟମ ରହିଛି। ମାତ୍ର ଦଶରଥପୁର ବ୍ୟାଙ୍କ ଅଧୀନରେ ଥିବା ୧୨ଟି ପ୍ରାଥମିକ କୃଷି ସମବାୟର ସେକ୍ରେଟାରୀ ଚାଷୀଙ୍କଠାରୁ ଟଙ୍କା ଉଠାଣ ଫର୍ମରେ ଦସ୍ତଖତ କରାଇ ଦଶରଥପୁର ଶାଖାରୁ ଅର୍ଥ ଉଠାଇ ଚାଷୀଙ୍କୁ ପ୍ରଦାନ କରୁଛନ୍ତି। ଏହାର ପ୍ରତିବଦଳରେ ସେମାନେ ଚାଷୀଙ୍କଠାରୁ ୫ ପ୍ରତିଶତ ଅର୍ଥ ନେଇଥିବା ବହୁ ଚାଷୀ ପ୍ରକାଶ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ୍। ପ୍ରାଥମିକ ସମବାୟର ସେକ୍ରେଟାରୀ ଚାଷୀଙ୍କ ଉଠାଣ ଫର୍ମ ଧରି ବ୍ୟାଙ୍କରୁ ଟଙ୍କା ଉଠାଉ ଥିବାବେଳେ ମ୍ୟାନେଜର ଏହାର ବିରୋଧ ନ କରିବା ତାଙ୍କ କାର୍ଯ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ନେଇ ଦଶରଥପୁର ସମବାୟ ମ୍ୟାନେଜର ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ, ଲୋକେ ବ୍ୟାଙ୍କ ଆସି ଟଙ୍କା ନେଉନାହାନ୍ତି, ଏଣୁ ପ୍ରାଥମିକ କୃଷି ସମବାୟର କର୍ମଚାରୀମାନେ ଟଙ୍କା ଉଠାଇ ତାଙ୍କ ଘରେ ଯଦି ଯୋଗାଇ ଦେଇ କିଛି ଟଙ୍କା ନେଲେ ସେଥିରେ ଅସୁବିଧା କ'ଣ ବୋଲି ଓଲଟା ପ୍ରଶ୍ନ କରିଥିଲେ।

### ଟ୍ରକ୍ ଆସୋସିଏଶନ ପକ୍ଷରୁ କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା

ଯାଜପୁରରୋଡ଼,୫।୯(ନି.ପ୍ର)

କେରଳର ବନ୍ୟା ପୀଡ଼ିତଙ୍କୁ ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ପକ୍ଷରୁ ବୁଧବାର ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହାର ଏକ ଡ୍ରାଫ୍ଟ ସେମାନେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ, ସଭାପତି କିଶୋର କୁମାର ରାଉତ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ବୋଇତେଇ, ସମ୍ପାଦକ ବ୍ରଜ କିଶୋର ରାଉତ, ଯୁଗ୍ମ ସମ୍ପାଦକ ପବିତ୍ର ମହାନ୍ତି, ସହ ସମ୍ପାଦକ ନିଳମଣି ରାଉତ, କୋଷାଧକ୍ଷ ପ୍ରଭାତ ସିଂ, ରାଜକିଶୋର ପ୍ରଧାନ, ଅଶୋକ କୁମାର ନାୟକ, ଅଶୋକ ବଳ, ଦୁଶାସନ ଦାସ, ସଞ୍ଜୟ ଦାସ, ଗଙ୍ଗାଧର ବାରିକ ପ୍ରମୁଖ ଟ୍ରକ ମାଲିକମାନେ ଉପସ୍ଥିତ ଥିଲେ।

## ଆବାସ ଯୋଜନାରୁ ବଞ୍ଚିତ ଅସହାୟ ମହିଳା

କୋରେଇ,୫।୯(ସ୍ୱ.ପ୍ର)



ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ସାବିତ୍ରୀ।

କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ସରକାର ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ଏହି ଯୋଜନା ଦିଗହରା ହୋଇଥିବା ଅନେକ ଉଦାହରଣ ଦେଖିଲେ ସ୍ପଷ୍ଟ ଜଣାପଡ଼େ। ସେଥିରୁ ଗୋଟିଏ ଉଦାହରଣ କୋରେଇ ବ୍ଲକକୁ ନିଆଯାଇ ପାରେ। ଏହି ବ୍ଲକରେ ଆବାସ ଯୋଜନା ସମ୍ପୂର୍ଣ୍ଣ ବାଟ ହୁଡ଼ିଛି। କୋରେଇ ବ୍ଲକର ପ୍ରାୟ ୨୮ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଥିବା ବେଳେ ବଡ଼ବଡ଼ିଆ ଘର ହାତେଇଥିବା ଜଣାପଡ଼ିଛି। ବରୁଣ୍ଡାଇ ପଞ୍ଚାୟତ ବରୁଣ୍ଡେଇ ଗ୍ରାମର ଜଣେ ଅସହାୟ ମହିଳା ସାବିତ୍ରୀ ବେହେରା। ଜୀବନରେ ସମ୍ପୂର୍ଣ୍ଣ ଏକୁଟିଆ ହୋଇଯାଇଥିବା ସାବିତ୍ରୀଙ୍କୁ ଆହା ପଦେ କହିବାକୁ ବି କେହି ନାହାନ୍ତି। ଆଜି ପର୍ଯ୍ୟନ୍ତ ଏକ ଝାଟିମାଟି ଘରେ ପଲିଥିନ ଟାଣି ମୁଣ୍ଡ ଗୁଞ୍ଜିଛନ୍ତି। ଗଣ୍ଡାଏ ଖାଇ ଦଣ୍ଡେ ଜୀଉଁଥିବା ସାବିତ୍ରୀ ଅତ୍ୟନ୍ତ ଗରିବ ହୋଇଥିବାରୁ ଭଲ ଘରଟିଏ ନିର୍ମାଣ କରିପାରି ନାହାନ୍ତି। ଆବାସ ଖଣ୍ଡିଏ ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ନିକଟକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇଥିଲେ ମଧ ତାଙ୍କୁ ଘର ଖଣ୍ଡିଏ ମିଳିପାରି ନାହିଁ। ଏସିସିସି ତାଲିକା (ଆଇଡି ୩୫୨୧୧୩ଇ-୨୮)ରେ ନାମ ଥାଇ ମଧ ଘର ପାଇବାରୁ ଏଯାବତ୍ ବଞ୍ଚିତ ହୋଇ ରହିଛନ୍ତି। ଅସହାୟ ମହିଳାଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ସମିତିସଭ୍ୟା ଜୟନ୍ତୀ ସାହୁ ଦାବି କରିଛନ୍ତି।

### ବିଜେଡି ପକ୍ଷରୁ ସଂଯୋଜକସ୍ତରୀୟ ବୈଠକ

ଧର୍ମଶାଳା, ୫।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ପରିସରରେ ପଞ୍ଚାୟତର ୧୫ ଜଣ ବିଜେଡି ସଂଯୋଜକଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁମାରୀ ପଞ୍ଚାୟତ ପର୍ଯ୍ୟବେକ୍ଷକ ତ୍ରିନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ୱାର୍ଡରେ ବାସ କରୁଥିବା ଲୋକମାନଙ୍କ ପାଖରେ ପହଞ୍ଚି ରାସନକାର୍ଡ, ଭତ୍ତା ଏବଂ ଉନ୍ନତି ମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମାରୀ ପଞ୍ଚାୟତର ସରପଞ୍ଚ ନଟବର ସାହୁ ଓ ପଞ୍ଚାୟତ ସଂଗଠକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଏହି ବୈଠକରେ ଦେଉଳୀ, ଦେଉଳୀପାଳ, କୁମାରୀ, ଜାମୁବଣିଆ,ଜାଲଶୁଖା,ପଣ୍ଡୁଆ ଗ୍ରାମର ହବୁ ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ରକ୍ଷା ସଚେତନତା କାର୍ଯ୍ୟକ୍ରମ




ଶିକ୍ଷୟତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଦଶରଥପୁର,୫।୯ (ଡିଏନ୍ଏ)

ଦଶରଥପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ (ଇକୋକ୍ଲବ୍) ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ଚଳିତମାସ ୧ ତାରିଖରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଦୈନିକ ସମ୍ପୃକ୍ତ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସ୍ୱଚ୍ଛତା ରକ୍ଷା କରାଯିବା ଉପରେ ସଙ୍କଳ୍ପ ନେଇଥିଲେ। ଏହାପରେ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ନିକଟସ୍ଥ ଗ୍ରାମ ଓ ଝୁମ୍ପୁରୀ ବଜାର ଆଦି ଅଞ୍ଚଳରେ ବୁଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିଜ ଘର, ବାଡି, ରାସ୍ତା ତଥା ବିଭିନ୍ନ କାର୍ଯ୍ୟାଳୟରେ ଡଷ୍ଟବିନ୍‌ର ବ୍ୟବହାର କରି ସ୍ୱଚ୍ଛତା ରକ୍ଷା କରାଯିବା ଉପରେ ସଚେତନ କରିଥିବା ବେଳେ ଅଳିଆ ଆବର୍ଜନା ପଡ଼ିରହିଲେ ଉପୁଥିବା ବିଭିନ୍ନ କ୍ଷତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଶଶୀକାନ୍ତ ଦାଶ ଉଦ୍‌ଘାଟନ କରିଥିବାବେଳେ ଇକୋକ୍ଲବ୍ ତତ୍ତ୍ୱାବଧାରକ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମ ଉପରେ ପ୍ରକାଶ କରିଥିଲେ। ଏହି ସଚେତନତା ଅଭିଯାନରେ ବିଦ୍ୟାଳୟର ଶିକ୍ଷକ ନୀଳମଣି ସାମନ୍ତ, ହରିହର ଯେନା, ହରିହର ନାୟକ, ସୁବ୍ରତ ସାହୁ, ଶିକ୍ଷୟିତ୍ରୀ କ୍ରାନ୍ତୀ କୁମାର ଜେନା, ଲକ୍ଷ୍ମୀପ୍ରିୟା ସାହୁ, ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା, ସୁପ୍ରଭା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଗୁରୁ

ଯାଜପୁରରୋଡ଼,୫।୯(ନି.ପ୍ର)

ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ୧୩୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ମଧୁସୂଦନ ନଗର ଶିଶୁମନ୍ଦିରଠାରେ ବୁଧବାର ଗୁରୁ ଦିବସ ଯଥାବିଧି ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥିଙ୍କ ଅଧକ୍ଷତାରେ ପରିଚାଳନା କରାଯାଇଥିଲା। ଆଚାର୍ଯ୍ୟ ଗୁରୁ ପରମ୍ପରା ଉପରେ ମାର୍ଗ ଦର୍ଶନ ଦେଇଥିଲେ। ଦଶମ ଶ୍ରେଣୀର ଛାତ୍ରୀ ଶୁଭଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିନବ ପହି ଭାରତୀୟ ଗୁରୁ ପରମ୍ପରାର ମହତ୍ତ୍ୱ ବର୍ଣ୍ଣନା କରିବା ସହିତ ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ ବୋଲି ମତ ଦେଇଥିଲେ। ଛାତ୍ରୀଛାତ୍ରମାନେ ଗୁରୁଜୀ ଓ ଗୁରୁମାଙ୍କୁ ପୂଜାର୍ଚ୍ଚନା କରି ଆଶିଷ ନେଇଥିଲେ। ସେହିପରି ବ୍ୟାସନଗର ପୌରାଞ୍ଚଳର ଥିବା ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାସ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର କାମନା କରିଥିଲେ। ଏହି ଉତ୍ସବଟି ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି

ଡୁବୁରୀ, ୫।୯(ଡି.ଏନ୍.ଏ.)

ଡୁବୁରି ଛକସ୍ଥିତ ବ୍ୟାଙ୍କ ଅଫ ବରୋଦା ଶାଖା ସମ୍ମୁଖରୁ ମଙ୍ଗଳବାର ଅପରାହ୍ନରେ ଏକ ମୋଟରସାଇକେଲ ଚୋରି ହୋଇଥିବା ନେଇ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଛି । ଟମକା ଥାନା ଟୋଲକାନୀ ଗ୍ରାମର ଉତ୍ତମ ଓଝା (ଓଡି-୦୪-ଏଫ୍-୭୯୦୨) ନମ୍ବର ବିଶିଷ୍ଟ ମୋଟର ସାଇକେଲକୁ ବ୍ୟାଙ୍କ ସମ୍ମୁଖରେ ରଖି ଟଙ୍କା ଜମା କରିବାକୁ ଯାଇଥିଲେ । ହେଲେ ବ୍ୟାଙ୍କରୁ ଫେରି ଉକ୍ତସ୍ଥାନରେ ମୋଟର ସାଇକେଲକୁ ପାଇ ନ ଥିଲେ। ଏନେଇ ଉତ୍ତମ ଥନାରେ ଅଭିଯୋଗ କରିଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ଖାଦ୍ୟ ସୁରକ୍ଷା ଯୋଜନା: ଆବେଦନ କରିଛନ୍ତି ୫୮୮୫ ପରିବାର

ରତ୍ନଗିରି,୫।୯(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ଆବେଦନର ଶେଷ ତାରିଖ ୩।୯।୨୦୧୮ ଶେଷ ସୁଦ୍ଧା ମୋଟ ୫୮୮୫ ପରିବାର ଆବେଦନ କରିଥିବା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ନାୟକଙ୍କଠାରୁ ସୂଚନା ମିଳିଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ପତ୍ର ସଂଖ୍ୟା ୧୬୨୧୩, ୧୭।୯।୨୦୧୮ରେ ବରୀ ବ୍ଲକ ଅଧୀନ ୨୯ ପଞ୍ଚାୟତର ୧୦,୦୪୦ ଜଣ ବ୍ୟକ୍ତିଙ୍କୁ ଉକ୍ତ ଯୋଜନାରେ ସାମିଲ କରିବାକୁ ବ୍ଲକ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ । ବ୍ଲକର ଯୋଗାଣ ନିରୀକ୍ଷକ କାର୍ଯ୍ୟାଳୟରେ ଉପସ୍ଥିତ ରହି ଆବେଦନକାରୀଙ୍କଠାରୁ ଆବେଦନ ଫର୍ମ ସଂଗ୍ରହ କରିଥିଲେ ।

## ■ଡ୍ରେନେଜ୍ ବିଭାଗର ଦାୟିତ୍ୱହୀନତା

# ୨୫୯୦ ହେକ୍ଟର ଜମିରେ ଧାନଚାଷ ପ୍ରଭାବିତ

ଦଶରଥପୁର,୫।୯(ଡିଏନ୍ଏ)

**ଦଶରଥପୁର ବ୍ଲକ**
- ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା
- ଡ୍ରେନେଜ୍ ବିଭାଗକୁ ଦାୟୀ କଲା କଂଗ୍ରେସ
- ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି

ଡ୍ରେନେଜ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ଦଶରଥପୁର ବ୍ଲକ ଅଧିନସ୍ଥ ୧୬ପଞ୍ଚାୟତ ୪୯ ରାଜସ୍ୱ ଗ୍ରାମର ୨୫୯୦ ହେକ୍ଟର ଜମିରେ ଧାନଚାଷ ପ୍ରଭାବିତ ହୋଇଥିବା ଜଣାଯାଇଛି। ଯାଜପୁର ଡ୍ରେନେଜ ବିଭାଗ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଦଶରଥପୁର ବ୍ଲକ ଚାଷୀଙ୍କୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡିଛି ବୋଲି ଦଶରଥପୁର କଂଗ୍ରେସ ଅଭିଯୋଗ କରିଛି । ପ୍ରକାଶ ଯେ, ଚଳିତ ବର୍ଷ ଜୁଲାଇ ୨୪ରେ ବୈତରଣୀରେ ବନ୍ୟା ଆସିବା ଯୋଗୁ ଏହାର ଶାଖା କାଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଦଶରଥପୁର ବ୍ଲକର ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡାଠାରେ ପୃଥକ ଭାବେ ୪୦ ଫୁଟ୍ ଏବଂ ୧୦୦ ଫୁଟର ୨ଟି ଘାଇ ହୋଇଥିଲା। ଫଳରେ ବ୍ଲକର ମୋଟ ୩୫ ପଞ୍ଚାୟତ ମଧ୍ୟରୁ ୧୬ ପଞ୍ଚାୟତର ଚାଷ ଜମିକୁ ବନ୍ୟା ଜଳ ମାଡିଥିଲା । ୪ଦିନ ଧରି ବନ୍ୟାଜଳ ଚାଷ ଜମି ଉପରେ ମାଡି ରହିଥିବାରୁ କ୍ଷେତରେ ଅଧିକାଂଶ ଜମିର ଧାନ ଗଜା ପଚି ନଷ୍ଟ ହୋଇଥିଲା । ତେବେ କାଣୀ ନଦୀ ଖନନ କାର୍ଯ୍ୟ କରୁଥିବା ଠିକାଦାର କିମ୍ବା ଡ୍ରେନେଜ୍ ବିଭାଗ ଏହି ଘାଇକୁ ମରାମତି ନ କରି ଖୋଲା ଛାଡି ଦେଇଥିଲା। ପୁଣିଥରେ ଚଳିତ ମାସ ୨ତାରିଖରେ ବୈତରଣୀ ନଦୀରେ ବନ୍ୟା ଆସିବାରୁ ଶାଖା କାଣୀନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ମୁକୁଳା ପଡିଥିବା ଘାଇ ବାଟଦେଇ ପୁନଶ୍ଚ ବନ୍ୟାଜଳ ପ୍ରବେଶ କରିଥିଲା। ଘାଇ ହୋଇ ପ୍ରଥମ ବନ୍ୟା ଜଳରେ ନଷ୍ଟ ହୋଇ କ୍ଷେତରେ ଯାହା ବି କିଛି ରହିଥିଲା ତାହା ପୁନଶ୍ଚ ବୁଧବାର ସକାଳୁ ଲାଗି ରହିଥିବା ଲଘୁଚାପ ଜନିତ ବର୍ଷା ଜଳରେ କ୍ଷେତ ସମ୍ପୂର୍ଣ୍ଣ ବୁଡି ଯାଇଛି। ଫଳରେ ଏଥର ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ ପୂର୍ବାନୁମାନ କରିଛନ୍ତି। ଏହି ଅଞ୍ଚଳରେ ରହିଥିବା ଭେଡା ଜମି ୪ଦିନ ହେଲା ବନ୍ୟା ପାଣିରେ ବୁଡି ରହିଥିବା ବେଳେ ପାଣି ନିଷ୍କାସନ ହୋଇପାରୁ ନ ଥିବା ଦେଖାଯାଇଛି। ଏଣୁ କ୍ଷେତରେ ଆଉ ଯାହା ଧାନଗଛ ବଞ୍ଚି ରହିଥିଲା ପାଣି ଜମି ରହିବା ଯୋଗୁ ତାହା ମଧ ପଚିଯିବା ଦେଖାଯାଇଛି। ବନ୍ୟାଜଳ ପ୍ରବେଶ କରିବା ଯୋଗୁ କଷପା ପଞ୍ଚାୟତର ୨ରାଜସ୍ୱ ଗ୍ରାମର ୧୫୦ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ବେଳେ ମଲ୍ଲିକାପୁରର ୩ ରାଜସ୍ୱ ଗ୍ରାମର ୧୮୦ ହେକ୍ଟର, ଦୁଦୁରାଅନ୍ତାର ୩ ରାଜସ୍ୱଗ୍ରାମର ୨୫୦ ହେକ୍ଟର, ନିଜାମପୁରର ୫ରାଜସ୍ୱ ଗ୍ରାମର ୪୧୦, ଦଉପୁରର ୨ ରାଜସ୍ୱ ଗ୍ରାମର ୨୮୦, ଖାନନଗରର ୩ ରାଜସ୍ୱ ଗ୍ରାମର ୧୫୦, ଥାଲକୁଡିର ୩ ରାଜସ୍ୱ ଗ୍ରାମର ୧୪୦, ଶୁଗୁଆର ୩ ରାଜସ୍ୱ ଗ୍ରାମର ୧୩୦, କମାରଡିହିର ୩ ରାଜସ୍ୱ ଗ୍ରାମର ୧୭୦ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ଦଶରଥପୁର କୃଷି ସୂଚନାକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସେହିପରି କୟାଁର ୪ ରାଜସ୍ୱ ଗ୍ରାମର ୧୮୦, ବିରିପଟାର ୬ ରାଜସ୍ୱ ଗ୍ରାମର ୧୭୦, ମଙ୍ଗଳପୁରର ୨ ରାଜସ୍ୱଗ୍ରାମର ୫୦, ପାଲଟପୁରର ୩ ରାଜସ୍ୱ ଗ୍ରାମର ୬୦, ଜାଫରର ୨ ରାଜସ୍ୱ ଗ୍ରାମର ୩୦, ତରପଦାର ୩ ରାଜସ୍ୱ ଗ୍ରାମର ୧୮୦, ଜୟନ୍ତରାର ୨ ରାଜସ୍ୱ ଗ୍ରାମର ୬୦ ହେକ୍ଟର ଚାଷ ଜମି ବନ୍ୟାଜଳରେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ଯାହାକି ଡ୍ରେନେଜ ବିଭାଗର ଦାୟିତ୍ୱହୀନତା ପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି ବୋଲି କଂଗ୍ରେସ ଦଳ ଡ୍ରେନେଜ୍ ବିଭାଗକୁ ସିଧାସଳଖ ଦାୟୀ କରିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ କୃଷି ଋଣ ଛାଡ କରିବାକୁ କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଦଳର ଏକ ଟିମ ଘାଇ ହୋଇଥିବା ଅଞ୍ଚଳ ପରିଦର୍ଶନରେ ଯାଇ ଏଭଳି ଅଭିଯୋଗ ଆଣିଛି। ଏଣୁ ଏହାର ତଦନ୍ତ କରି କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଜିଲା ପରିଷଦ ସଭ୍ୟ ଭରତଚନ୍ଦ୍ର ପରିଡା, ପୂର୍ବତନ ବ୍ଲକ ସଭାପତି ଦେବେନ୍ଦ୍ର ପଣ୍ଡା, ୫ନଂ ଜୋନ ସଭାପତି ଇନ୍ଦ୍ରଜିତ ଦାସ, ୬ନଂ ସଭାପତି ବିମଳ ମଲ୍ଲିକ, ୭ନଂ ସଭାପତି ଘନଶ୍ୟାମ ସାହୁ, ଓବିସି ସେଲ ବ୍ଲକ ସଭାପତି ଦର୍ପନାରାୟଣ ମହାପାତ୍ର, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସୂଚନା ଥାଉକି, ଦଶରଥପୁର ବ୍ଲକସ୍ଥ କାଣୀ ନଦୀ ଏବଂ ଏହାର ପାଖ ନାଳ ଖନନ ଏବଂ ସଫେଇ କାର୍ଯ୍ୟ ଡ୍ରେନେଜ ବିଭାଗ ପକ୍ଷରୁ ୪କୋଟି ୭୭ ଲକ୍ଷ ୧୩ ହଜାର ୩୦୫ ଟଙ୍କା ବ୍ୟୟରେ କରାଯାଉଛି । କାର୍ଯ୍ୟଟିକୁ ଭଦ୍ରକର ରବିନ୍ଦ୍ର ମୋହନ ଦାଶ ଠିକା ନେଇଥିବାବେଳେ ପ୍ରାଣକୃଷ୍ଣ ବେହେରା ଏବଂ ଏସ୍. ଦେଓ କନିଷ୍ଠ ଯନ୍ତ୍ରୀ, ନିର୍ବାହି ଯନ୍ତ୍ରୀ ମଙ୍ଗଳ ବିଶ୍ୱାଳ ଏବଂ ଏସ୍‌ଡିଓ ଅଧର ଜେନା ଏହି ପ୍ରକଳ୍ପର ତଦାରଖ କରୁଛନ୍ତି। ଘଟଣା ସମ୍ପର୍କରେ ଏସ୍‌ଡିଓ ଅଧର ଜେନାଙ୍କୁ ପଚାରିବାରେ, ଦ୍ୱିତୀୟ ବନ୍ୟା ଖୁବ୍ ଶୀଘ୍ର ଆସିଯିବାରୁ ମରାମତି କରିବା ସମ୍ଭବପର ହୋଇପାରି ନ ଥିବା କହିଛନ୍ତି।

### ଆଦିବାସୀ, ଜନଜାତି ସ୍କୁଲରେ ଗୁରୁଦିବସ

କାଳିଆପାଣି, ୫।୯(ଡି.ଏନ୍.ଏ.)

ଇମ୍ଫା ଖଣି ପକ୍ଷରୁ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଇମ୍ଫା କମ୍ପାନୀର ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଆଦିବାସୀ ଓ ଜନଜାତି ଚିଙ୍ଗୁଡ଼ିପାଳ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ଗୁରୁଦିବସ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୫୦ ଜଣ ଛାତ୍ରୀଛାତ୍ରଙ୍କ ନେଇ ଚିତ୍ରାଙ୍କନ, ତର୍କ ଓ ପ୍ରବନ୍ଧ ଲିଖନୀ ପ୍ରତିଯୋଗିତା କରାଯାଇଥିଲା । ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ଉପାଧ୍ୟକ୍ଷ ଭଗବତୀ ମହାନ୍ତ ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଇମ୍ଫା ଖଣି ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଜଗନ୍ନ ମୋହନ ମଲ୍ଲିକ ଯୋଗଦେଇ ଗୁରୁ ଓ ଛାତ୍ରର ମହାନ୍ ପରମ୍ପରା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ସହ ଏହି ପରମ୍ପରାକୁ ଉଦ୍‌ଜୀବିତ ରଖିବାକୁ ମତବ୍ୟକ୍ତ କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ସନ୍ଦିପ ମିଶ୍ର, ଅଶ୍ଶୁମାନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ହେମଲତା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର୍ ଟି. ୱାଶିଂଟନ



# ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି ଶ୍ରମିକ

**ନୟାଗଡ଼ ଅଫିସ,୫।୯**

ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ଘରେ ବିପଦସଙ୍କୁଳ ଅବସ୍ଥାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳୁଛି। ୨ ମାସରେ ୨ଜଣଙ୍କ ଜୀବନ ଚାଲି ଯାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ନା ଏନ୍‌ଏସି ନା ବିଦ୍ୟୁତ୍ ବିଭାଗ କେହି ନଜର ଦେଉ ନାହାନ୍ତି। ଫଳରେ ବାଜିରେ ଲାଗୁଛି ଶ୍ରମିକମାନଙ୍କ ଜୀବନ। ବୁଧବାର ସହରସ୍ଥିତ ତ୍ରିନାଥଛକଠାରେ ଏକ ନିର୍ମାଣାଧୀନ ୩ ମହଲା ଘର କାର୍ଯ୍ୟରେ ୫ ଜଣ ଶ୍ରମିକ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ପାଖରେ ବିଦ୍ୟୁତ୍ ତାର ଯାଇଥିଲେ ମଧ୍ୟ ଶ୍ରମିକମାନେ କାମ କରୁଥିଲେ।

ପ୍ରକାଶ ଯେ, ଜୁଲାଇ ୩୧ ତାରିଖରେ ଜୁବୁଲି ମାର୍କେଟଠାରେ ନିର୍ମାଣାଧୀନ ଏକ ୨ ମହଲା ଘର କାମ କରାଯାଉଥିବା ବେଳେ ଘର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତ ଶ୍ରମିକ ମୁଥାଗାଡ଼ିଆ ପଞ୍ଚାୟତ ନୂଆ ଜୟପୁର ଗ୍ରାମର ଦିଲ୍ଲୀପ ସାହୁ (୨୮)। ଯେଉଁ ଘରେ କାମ କରୁଥିଲେ ସେହି ଘର ମାଲିକ ଜଣଙ୍କ ଏନ୍‌ଏସି କାର୍ଯ୍ୟାଳୟରୁ ଏନ୍‌ଓସି (ନୋ ଅବଜେକଶନ୍ ସାର୍ଟିଫିକେଟ) ନେଇ ନ ଥିଲେ। ଏହି ମାମଲାରେ ପୋଲିସ ଘର



ସହରସ୍ଥିତ ତ୍ରିନାଥ ଛକଠାରେ ନିର୍ମାଣୀନ ଏକ ଘର ଉପର ଦେଇ ବିଦ୍ୟୁତ ତାର ଟଣାଯାଇଛି।

ମାଲିକଙ୍କୁ ଗିରଫ କରିପାରିଥାନ୍ତା। ମାତ୍ର ଘଟଣାକୁ ଚପାଇବାକୁ ଯାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଘର ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଇଥିବା ଜଣାପଡ଼ିଛି। ସେହିଭଳି ସୋମବାର ମଧ୍ୟ ଜଣେ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। କ୍ରିଦାଶପୁର ପଞ୍ଚାୟତ ଯୌତୁକପାଟଣା ଗ୍ରାମର ମନୋଜ ରାଉତ (୩୦) ତଳକୋର୍ଟ ସାହିର ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ମନୋଜ ପାଣିମୋଟର ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଧ୍ୟ ଟାଉନ ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସି ପଡ଼ିଲା। ଘର ମାଲିକ ଓ ଠିକାଦାର ଉଭୟ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଠିକାଦାର ଶ୍ରମିକଙ୍କୁ ଆଣି ବିପଦସଙ୍କୁଳ ଭାବେ କାର୍ଯ୍ୟ କରାଉଥିବା ବେଳେ କିପରି ପ୍ରଶାସନ ଏହି ଦିଗ ପ୍ରତି ନଜର ଦେଉ ନାହିଁ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ଏ ନେଇ ଏନ୍‌ଏସି ଓ ବିଦ୍ୟୁତ୍ ବିଭାଗ ମଧ୍ୟ କିପରି ନିଧଡକ ରହୁଛି ତାହାକୁ ନେଇ ପ୍ରଶ୍ନ ଉଠୁଛି। ଜିଲାରେ ଅନେକଗୁଡ଼ିଏ ନାମକରା ଶ୍ରମିକ ସଙ୍ଗଠନ ଥିଲା ବେଳେ ସେମାନେ ଏହି ଘଟଣାକୁ କିପରି ଦୃଷ୍ଟିରେ ନେଉଛନ୍ତି ତାହା ଆଉ ଏକ ପ୍ରଶ୍ନ ହୋଇଛି। ଏହିଭଳି ପ୍ରଶ୍ନ ଜାଲରେ ଛନ୍ଦି ହେଇଯାଉଛନ୍ତି ନିରୀହ

- ନା ଏନ୍‌ଏସି ନା ବିଦ୍ୟୁତ୍ ବିଭାଗର ପଡୁଛି ନଜର
- ୨ ମାସରେ ଗଲାଣି ୨ ଜୀବନ
- ଚେଇଁ ଶୋଇଛି ପ୍ରଶାସନ

ଶ୍ରମିକ। ପେଟପାଟଣା ପାଇଁ ସେମାନେ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। ଏ ନେଇ ନୟାଗଡ଼ ଏନ୍‌ଏସି ନଗରପାଳ ଗୁରୁପ୍ରସାଦ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି ସହରର ଯେଉଁଠାରେ ଘର ତିଆରି କରାଯାଉଛି କିଛି ସ୍ଥାନରେ ମାଲିକମାନେ ପ୍ଲାନିଂ ନେଉଛନ୍ତି। ସେହିଭଳି କେତେକ ଲୋକ ମଧ୍ୟ ପ୍ଲାନିଂ ନେଉନାହାନ୍ତି। ଯେଉଁମାନେ ପ୍ଲାନ୍ ନେଉନାହାନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସୂଚନା ଦେଇଥିଲେ। ଏ ନେଇ ସେସୁର ଜୁନିୟର ମ୍ୟାନେଜର ଆଦିତ୍ୟ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି ତ୍ରିନାଥ ଛକଠାରେ ନିର୍ମାଣ କରାଯାଉଥିବା ଘରର ମାଲିକ ତାଙ୍କ ନିକଟକୁ କିଛି ମାସ ପୂର୍ବରୁ ସେଠାରେ ବିଦ୍ୟୁତ୍ ଶିଫ୍ଟିଂ କରିବା ପାଇଁ କହିବାକୁ ଆସିଥିଲେ, ହେଲେ ଏହା ପରେ ଆଉ ଆସି ନ ଥିଲେ। ଗୁରୁବାର ଘଟଣାସ୍ଥଳକୁ ପରିଦର୍ଶନ କରିବା ସହିତ ଯଦି ନୀତିନିୟମକୁ ଅଣଦେଖା କରାଯାଇଥିବ ତାହା ହେଲେ ନୋଟିସ କରାଯିବ ବୋଲି ମିଶ୍ର ସୂଚନା ଦେଇଥିଲେ।

## ରାସ୍ତାରେ ଦେଢ଼ଘଣ୍ଟା ପଡ଼ି ରହିଲା ମୃତଦେହ

### ବର୍ଷା ଦର୍ଶାଇ ଆସିଲାନି ପୋଲିସ

**ଖୋର୍ଦ୍ଧା ଅଫିସ,୫।୯**

ମାନସିକତାରେ ପରିବର୍ତ୍ତନ ଆଣୁ ନ ଥିବାରୁ ପୋଲିସ ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡିର କୋଟପଲ୍ଲାଠାରେ ଜଣେ ସାଇକେଲ ଆରୋହୀ ରାସ୍ତାରେ ପଡି ପ୍ରାଣ ହରାଇଥିଲେ। ବାଘମାରୀ ଫାଣ୍ଡି ପୋଲିସ ବର୍ଷାର ଦ୍ୱାହି ଦେଇ ଘଟଣାସ୍ଥଳକୁ ଗଲାନାହିଁ। ମୃତଦେହ ବୁଧବାର ଅପରାହ୍ନରେ ପ୍ରାୟ ଦେଢ଼ ଘଣ୍ଟା ଧରି ରାସ୍ତାରେ ପଡି ରହିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସରେ ମୃତଦେହ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛି। ମୃତକଙ୍କର ପରିଚୟ ପ୍ରଥମେ ଜଣାପଡି ନ ଥିଲା। ପରେ ମୃତକଙ୍କ ପରିଚୟ ଜଣାପଡିଛି। ମୃତକ ହେଲେ ସନ୍ତୋଷ କୁମାର ମାଝି(୩୫)। ଘର କଟକ ଜିଲା ବାଙ୍କୀ ଥାନାର ରଗଡି ଗାଁରେ। ବୁଧବାର ଅପରାହ୍ନରେ ସନ୍ତୋଷ ସାଇକେଲ ଯୋଗେ ନିଜ ଗାଁରୁ ବାଘମାରୀ ଅଞ୍ଚଳକୁ ଆସୁଥିଲେ। ରାସ୍ତାରେ ତାଙ୍କର ମୃତଦେହ ପଡିଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିଲା। ସ୍ଥାନୀୟ ଲୋକଙ୍କ ଡାକରାରେ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ଯୁବକଙ୍କର ମୃତ୍ୟୁ ହୋଇଯାଇଥିବାରୁ ପୋଲିସ କେସ୍ କହି ଆମ୍ବୁଲାନ୍ସ ଆଣିବାକୁ ରାଜି ହୋଇ ନ ଥିଲା। ଶେଷରେ ଲୋକାଙ୍କ ଅନୁରୋଧକୁ ଆମ୍ବୁଲାନ୍ସ ଡ୍ରାଇଭର ଏଡାଇ ପାରି ନ ଥିଲେ।

## ସଂକ୍ଷେପରେ

### ୫ ମାସ ହେଲା ଆଶାକର୍ମୀଙ୍କୁ ମିଳୁନି ପ୍ରୋତ୍ସାହନ ରାଶି

**ଦଶପଲ୍ଲା,୫।୯(ଡି.ଏନ.ଏ.):** ସମାଜରେ ଏବେ ଆଶାକର୍ମିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗାଁ ଗାଁରେ ଗର୍ଭବତୀ ମହିଳାଙ୍କ ଟୀକା କରଣ ଠାରୁ ଆରମ୍ଭ କରି ନବଜାତ ଶିଶୁଙ୍କୁ ଟୀକା କରଣ କରାଇବା ପର୍ଯ୍ୟନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିଥାନ୍ତି। ଏଥି ସହିତ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ କାର୍ଯ୍ୟ କରିଥାନ୍ତି। ମାତ୍ର ଏସବୁ ମଧ୍ୟରେ ଦଶପଲ୍ଲା ବ୍ଲକରେ କାର୍ଯ୍ୟ କରୁଥିବା ଆଶାକର୍ମିଙ୍କୁ ଗତ ୫ ମାସ ହେଲା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉନଥିବା ସେମାନେ ଅଭିଯୋଗ କରିଛନ୍ତି। ଦଶପଲ୍ଲା ବ୍ଲକରେ ଶତାଧିକ ଆଶାକର୍ମି କାର୍ଯ୍ୟ କରୁଥିବା ବେଳେ ଆର୍ଥିକ ସଙ୍କଟ ଦେଇ ସେମାନେ ଏବେ ଗତି କରୁଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦଶପଲ୍ଲା ବ୍ଲକ କମିଟି ପକ୍ଷରୁ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ସମେତ ଜିଲା ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୦ ତାରିଖ ମଧ୍ୟରେ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରା ନ ଗଲେ ସମସ୍ତ ଆଶାକର୍ମି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କମିଟିର ସଭାନେତ୍ରୀ ସଞ୍ଜୁକ୍ତା ପଣ୍ଡା ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ, ୩ ଆହତ

**ଖୋର୍ଦ୍ଧା ଅଫିସ/ନିରାକାରପୁର (ଡି.ଏନ.ଏ.),୫।୯:** ଜଙ୍କିଆ ଥାନା ଓଲସିଂହ ବୁଣାକାର ସାହିରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବୁଧବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘନ ବର୍ଗ ମିସ୍ତ୍ରୀ(୩୦)। ଘର ସୋନପୁର ଥାନାର ଶୋଭକାମୁଣ୍ଡା ଗାଁରେ। ଅନ୍ୟପକ୍ଷେ ଅନ୍ୟ ୩ ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଛନ୍ତି। ମୃତଦେହ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ। ତେବେ ଏ ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ନିଜ ଆଡୁ ଘଟଣାର ତଦନ୍ତ କରୁଛି। ଖୁଣ୍ଟ ପୋତିବା କାର୍ଯ୍ୟରେ ନିୟୋଜିତ ଶ୍ରମିକ କିପରି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଲା ତାହା ସନ୍ଦେହ ସୃଷ୍ଟି କରିଛି।

### ମିଲନ ୟୁଥ୍ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୫।୯:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏକ ଦିବସୀୟ ଶେଖ୍ ନାଜିର ଫୁଟବଲ ଟୁର୍ନାମେଣ୍ଟରେ କେରଙ୍ଗର ଅହମ୍ମଦିଆ କ୍ଲବକୁ ମୁକୁନ୍ଦପ୍ରସାଦର ମିଲନ ୟୁଥ୍ କ୍ଲବ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ କେରଙ୍ଗର ଅହମ୍ମଦୀୟା କ୍ଲବ ଖୋର୍ଦ୍ଧା କଲେଜ ଦଳକୁ ଟାଇବ୍ରେକରରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ୨ୟ ମ୍ୟାଚରେ ଅରଗୁଲର ମା' ବାଉତୀ ଗୋଲଡେନ କ୍ଲବ ଶରଧାପୁର ଦଳକୁ ସେମିଫାଇନାଲକୁ ଯାଇଥିଲା। ପ୍ରଥମ ସେମିଫାଇନାଲରେ କେରଙ୍ଗର ଅହମ୍ମଦିଆ କ୍ଲବ ୧-୦ ଗୋଲରେ ଜୟଦୁର୍ଗା କ୍ଲବ ଖୋର୍ଦ୍ଧାକୁ ଓ ୨ୟ ସେମିରେ ମିଲନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ୧-୦ରେ ଅରଗୁଳ ଦଳକୁ ପରାସ୍ତ କରିଥିଲା। ବରିଷ୍ଠ କ୍ରୀଡାବିତ୍ ଅସିତ ରଞ୍ଜନ ଦାସ ମ୍ୟାଚ ଉଦ୍‌ଘାଟନ କରି ଉଦ୍‌ଯାପନ ଉତ୍ସବରେ ପୁରସ୍କୃତ କରିଥିଲେ। ପ୍ରଫୁଲ୍ଲ ବେହେରା, ରବି ନାରାୟଣ ରଣା, ମନୋରଞ୍ଜନ ଖୁଣ୍ଟିଆ, କୃଷ୍ଣ ପଟ୍ଟନାୟକ, ଦୀଲିପ କର, ଅବଦୁଲ ଅହମ୍ମଦ, ଅରୁଣ ଦାସ ଖେଳ ପରିଚାଳନା କରିଥିଲେ।

### ବାଳିକା ବିଦ୍ୟାଳୟ ମିଶ୍ରଣକୁ ବିରୋଧ

**ଟାଙ୍ଗୀ(ଖୋର୍ଦ୍ଧା),୫।୯(ଡି.ଏନ.ଏ.):** କାଳୁପଡାଘାଟସ୍ଥିତ ବାଳିକା ହାଇସ୍କୁଲକୁ ନୋଡ଼ାଲ ହାଇସ୍କୁଲରେ ମିଶ୍ରଣ କରିବା ଘଟଣାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ କି, ସମ୍ପ୍ରତି ଗୋଟିଏ ପରିସରରେ କିମ୍ବା ସ୍ୱଳ୍ପ ଦୂରତାରେ ଅବସ୍ଥିତ ଶିକ୍ଷାନୁଷ୍ଠାନଗୁଡିକୁ ମିଶ୍ରଣ କରିବା ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ୧୯୮୫ ମସିହାରେ ମଞ୍ଜୁରୀପ୍ରାପ୍ତ ଓ ୧୯୯୪ ମସିହାରେ ଏହି ବାଳିକା ବିଦ୍ୟାଳୟ ସରକାରୀକରଣ ହୋଇଥିଲା। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ରାୟଙ୍କ ମାନସ ସନ୍ତାନ ଭାବେ ପରିଚିତ ଏହି ବିଦ୍ୟାଳୟ ଦୀର୍ଘ ୩୪ ବର୍ଷ ଧରି ଉତ୍ତମ ଶିକ୍ଷାପ୍ରଦାନ କରିଆସୁଛି। ଚିଲିକା ବ୍ଲକ୍‌ର ଏକମାତ୍ର ଏହି ବାଳିକା ହାଇସ୍କୁଲକୁ ନୋଡ଼ାଲ ହାଇସ୍କୁଲ ସହିତ ମିଶ୍ରଣ ନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଜରିପଡ଼ା, କଳକଳେଶ୍ୱର, ସୋରଣ, ମାନସିଂହପୁର ଓ ଚଣ୍ଡେଶ୍ୱର ପଞ୍ଚାୟତର ଜନସାଧାରଣ ବିରୋଧ ସମାରୋହରେ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ଶିକ୍ଷା ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲାପାଳ, ଶିକ୍ଷା ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିବା ଜଣାପଡିଛି।

# ଡେଙ୍ଗୁ ପ୍ରଭାବିତ ଅଞ୍ଚଳ ବୁଲିଲେ ଜିଲାପାଳ



ଡେଙ୍ଗୁ ପ୍ରଭାବିତ ମାଣିତ୍ରୀ ଗ୍ରାମରେ ଜିଲାପାଳ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଖଣ୍ଡପଡା/ଭାପୁର, ୫।୯(ସ୍ୱ.ପ୍ର./ଡ଼ି.ଏନ.ଏ.)**

ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ମାଣିତ୍ରୀ ଓ ଆଖାପାଖ ଅନ୍ୟାନ୍ୟ ଗ୍ରାମରେ ଡ଼େଙ୍ଗୁ ରୋଗ କାୟା ବିସ୍ତାର କରୁଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଜିଲାପାଳ ଡ. ଏନ୍ ଥିରୁମାଲା ନାୟକ କରବର ପଞ୍ଚାୟତର ମାଣିତ୍ରୀ ଗ୍ରାମ ପରିଦର୍ଶନରେ ଯାଇଥିଲେ। ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଫଣୀନ୍ଦ୍ର କୁମାର ପାଣିଗ୍ରାହୀ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଅଶୋକ କୁମାର ମଲ୍ଲିକ, ଡା. ପ୍ରଦୀପ କୁମାର ପାଇକରାୟ, ବିଡିଓ ସୁଷମା ବାରିକ, ତହସିଲଦାର ତୃପ୍ତି ମହାନ୍ତି, ସିଡିପିଓ ହରପ୍ରିୟା ମେହେର ପ୍ରମୁଖ ଗ୍ରାମର ଘରକୁ ଘର ବୁଲି ସେମାନଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଗ୍ରାମର ପରିବେଶ ମଧ୍ୟ ବୁଲି ଦେଖିଥିଲେ। ଗ୍ରାମରେ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ସଦସ୍ୟମାନଙ୍କ ସହିତ ଗ୍ରାମର ପରିମଳ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ନାଳ, ନର୍ଦ୍ଦମାରେ ଜମା ହୋଇଥିବା ଅଳିଆ ଆବର୍ଜନା ସଫା କରିବା ସହ କୂଅ, ପୋଖରୀ, ନଳକୂପ ଜଳକୁ ନିୟମିତ ବିଶୋଧନ କରିବା, ନିୟମିତ ବ୍ୟବଧାନରେ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବା, ପ୍ରତିଶେଧକ ଔଷଧ ସେବନ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲାପାଳଙ୍କ ଉପସ୍ଥିତିରେ

## ୧୫ଜଣଙ୍କ ରକ୍ତ ନମୁନା ସଂଗ୍ରହ

୧୫ଜଣଙ୍କ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଅବସରରେ ଏକ ସଭା କରାଯାଇ ଡ଼େଙ୍ଗୁରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଗ୍ରାମରେ ମଇଳା ଆବର୍ଜନା ଯୋଗୁ ଡ଼େଙ୍ଗୁ ବ୍ୟାପୁଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ପରେ ଜିଲାପାଳ ବିଜିପୁର ପଞ୍ଚାୟତର ମାଳିବେରେଣୀ ଗ୍ରାମସ୍ଥ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷାଦାନ ଦିଆଯାଉଛି ଏବଂ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ସ୍ଥିତି ଅନୁଧ୍ୟାନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ଫେରିଯାଇଥିଲେ।

## ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଂକଳ୍ପ

**ନିରାକାରପୁର,୫।୯(ଡି.ଏନ୍.ଏ.)**

ବଡ଼ ପୋଖରିଆ ପଞ୍ଚାୟତସ୍ଥ କଣ୍ଟପାଟଣା ସୈନ୍ୟ ବିହାର ସ୍ଥିତ ଓଡ଼ିଶା ଷ୍ଟେଟ୍ ବିଗ୍ରେଡ଼ ସ୍କୁଲ୍ ପକ୍ଷରୁ ଗୁରୁ ଦିବସ ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାରଠାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ/ଶିକ୍ଷକମାନେ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ଖବରକାଗଜ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ୍ ଫ୍ରି ଅଭିଯାନକୁ ଛାତ୍ରୀଛାତ୍ର, ଶିକ୍ଷକ/ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଲୋକେ ଖୁସିରେ ସ୍ୱାଗତ କରିଥିଲେ। ବର୍ଷାରେ ଭିଜି ଛାତ୍ରୀଛାତ୍ର ପ୍ଲାଷ୍ଟିକ୍ ବର୍ଜନ ପ୍ଲାକାର୍ଡ ଧରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ପ୍ଲାଷ୍ଟିକ, ପଲିଥିନ ବାଏ ବାଏ ସ୍ଲୋଗାନ ଦେଇ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନକୁ ସଫଳ କରାଇଥିଲେ। ସରପଞ୍ଚ ସାଗର ବଳିୟାର ସିଂ ମୁଖ୍ୟଅତିଥି, ଶିକ୍ଷକ ଶଙ୍କର୍ଷଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ଲିଙ୍ଗରାଜ ପାଇକରାୟ ସଭାପତିତ୍ୱ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ତଥା ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ରଣ ସିଂ ଯୋଗଦେଇ ପିଲାମାନଙ୍କୁ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର କୁପରିଣାମ ସମ୍ବନ୍ଧରେ କହିଥିଲେ। ଏହାଦ୍ୱାରା ନଦୀ ଓ ନାଳ ସମେତ ସବୁଆଡ଼େ ଆବର୍ଜନା ବୃଦ୍ଧି ଘଟିଥାଏ। ଏହା କିପରି ପରିବେଶକୁ ପ୍ରଦୂଷିତ କରିଥାଏ ସେ ନେଇ ରଣସିଂ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ପର୍ଶୁରାମ ତ୍ରିପାଠୀ ଧନ୍ୟବାନ ଅର୍ପଣ କରିଥିଲେ।

■ ଗୁରୁପୂଜନ ସମାରୋହ ୨୦୧୮

# ପ୍ରତ୍ୟେକ ମଣିଷ ହେଉଛନ୍ତି ଜଣେ ଜଣେ ଗୁରୁ

**ନୟାଗଡ଼ ଅଫିସ,୫।୯**

ନୟାଗଡ଼ ବ୍ଲକ ଓ ଏନ୍‌ଏସି ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁ ପୂଜନ ସମାରୋହ ୨୦୧୮ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗୁରୁ ଜାତି ସର୍ବଦା ନମସ୍ୟ ବୋଲି କହିଥିଲେ। ଯେଉଁମାନେ ଆମକୁ ଦିଗ୍‌ଦର୍ଶନ ଦେଇଥାନ୍ତି ସେମାନେ ହିଁ ଆମ ଗୁରୁ। ଗୁରୁମାନଙ୍କ ସଂଖ୍ୟା ସୀମିତ ନା ଅସୀମିତ ଏହାକୁ ନେଇ ଏକ ବିଶ୍ଳେଷଣ ହୋଇଥିଲା। ପ୍ରତ୍ୟେକ ମଣିଷ ହେଉଛନ୍ତି ଜଣେ ଜଣେ ଗୁରୁ। ତାଙ୍କ ଜାଣତରେ ହେଉ ଅବା ଅଜାଣତରେ କେହି ନା କେହି ତାଙ୍କଠାରୁ ଶିକ୍ଷା ଲାଭ କରିଥାନ୍ତି ବୋଲି ବିଧାୟକ ସାହୁ ପ୍ରକାଶ କରିଥିଲେ। ସେହିଭିଳି ତ୍ରୁଟି ସୁଧାରିବା ଗୁରୁମାନଙ୍କ କାମ ବୋଲି ମଧ୍ୟ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ପାଠ ପଢ଼ାଉଥିବା ଶିକ୍ଷକମାନଙ୍କୁ ମନୋବଳ ବଢ଼ାଇବା ପାଇଁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ନଗରପାଳ ଗୁରୁପ୍ରସାଦ ଜେନା, ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଗୋଲାପ ଦଳବେହେରା, ପୂର୍ବତନ ପ୍ରାଧାପକ ଡ. ବିଜୟ କୁମାର ଚୌଧୁରୀ, ପୂର୍ବତନ ଶିକ୍ଷକ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ ଦେଇଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶେଖ ଅବଦୁଲ୍ ଖାଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କଅଁର ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକମାନେ।

# ୭ଦିନ ପରେ ବି ଥାନାକୁ ଦିଆଯାଉନି ଗାଡ଼ି

**ନୂଆଗାଁ,୫।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଗାଡି ଖରାପ ହେବାରୁ ମରାମତି ପାଇଁ ନୟାଗଡ଼ ପଠାଇ ଦିଆଯାଇଛି। କିନ୍ତୁ ଏକସପ୍ତାହ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଥାନାକୁ କୌଣସି ଗାଡି ଯୋଗାଇ ଦିଆଯାଇ ନାହିଁ। ଏଥିଯୋଗୁ ପୋଲିସ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଅପରାଧୀମାନେ ସହଜରେ କୌଣସି ଘଟଣା ଘଟାଇ ଖସିଯିବାରେ ସଫଳ ହେଉଛନ୍ତି। ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧମୂଳକ ଘଟଣା ବଢୁଥିବା ଦେଖିବାକୁ ମିଳୁଛି। କିଛିଦିନ ତଳେ ଗୁମୀ ପଞ୍ଚାୟତର କିଛି ଲୋକ ବାଟରେ ଯାଉଥିବା ବେଳେ ଲୁଟେରାମାନେ ବାଇକ୍ ଯୋଗେ ଆସି ସେମାନଙ୍କ ନିକଟରୁ ଟଙ୍କା, ମୋବାଇଲ ଲୁଟି ନେଇଥିଲେ। ସେହିପରି ବାହାଡାଝୋଲା ସିଙ୍ଗାରପଲ୍ଲୀ ଅଞ୍ଚଳରେ ଲୁଟେରାମାନେ ଜଣେ ଭିଏଲଡବ୍ଲ୍ୟୁଙ୍କୁ ଆକ୍ରମଣ କରି ଅପହରଣ କରି କରିନେଇଥିଲେ। ପରେ ସର୍ତ୍ତ ମୁତାବକ ୧୫ ହଜାର ଟଙ୍କା ନେଇ ଛାଡିଥିଲେ। ସେହିପରି ବେରୁହାଁବାରି ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ କରି ତାଙ୍କ ନିକଟରୁ ଟଙ୍କା ଓ ଦରକାରୀ କାଗଜପତ୍ର ଲୁଟି ନେଇଥିଲେ । ଏପରି ପରିସ୍ଥିତିରେ କଡା ପୋଲିସ ପାଟ୍ରୋଲିଂର ଆବଶ୍ୟକତା ଥିବାବେଳେ ଥାନାକୁ ଯୋଗାଇ ଦିଆଯାଇଥିବା ପୁରୁଣା ଜିପଟି କିଛିଦିନ ପୂର୍ବେ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ତାହାକୁ ସଜାଡିବା ପାଇଁ ନୟାଗଡ ମୁଖ୍ୟାଳୟକୁ ପଠାଯିବାର ଏକସପ୍ତାହ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଗାଡି ଯୋଗାଇ ଦିଆଯାଉନାହିଁ । ଫଳରେ ଅଭିଯୁକ୍ତଙ୍କୁ ଧରିବା କିମ୍ବା ପାଟ୍ରୋଲିଂ କରିବାରେ ବାଧା ସୃଷ୍ଟି ହେଉଛି। ଏ ନେଇ ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ର କହନ୍ତି, ଗାଡି ସମସ୍ୟା ନେଇ ଆମେ ଜିଲା ମୁଖ୍ୟାଳୟକୁ ଯୋଗାଯୋଗ କରିଥିଲୁ। ସେମାନେ ଦୁଇଦିନ ଭିତରେ ଗାଡି ଦିଆଯିବ ବୋଲି କହିଛନ୍ତି।

# ଆକ୍ରମଣକାରୀଙ୍କୁ ଗିରଫ କରୁନି ପୋଲିସ

**ନୂଆଗାଁ,୫।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଘଟିଥିବା ଏକ ଆକ୍ରମଣ ଘଟଣାର ୧୦ଦିନ ପରେ ବି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନି। ଅଭିଯୁକ୍ତମାନେ ଖୋଲାମେଲାରେ ବୁଲୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ ପାଉନି କହି ଭୁଆଁ ବୁଲାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ଥାନା ଘେରାଉ କରିବାକୁ ବାଧ୍ୟହେବେ ବୋଲି ସୂଚନା ଦେଇଛନ୍ତି।

ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ସତ୍ୟନାରାୟଣପୁର (ଭୂଇଁରଗଡି) ଗ୍ରାମର ଛବିମହାନ୍ତିଙ୍କ ଅଭିଯୋଗ ମୁତାବକ ଗତ ୨୫ ତାରିଖରେ ନିକଟସ୍ଥ କୋଷାକଟା ଗ୍ରାମର ପୁରିଆ ପ୍ରଧାନ କୌଣସି କାରଣରୁ ଛବିଙ୍କ ସ୍ତ୍ରୀ କମଳା ମହାନ୍ତିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଦାଣ୍ଡ ମଝିରେ ଅଶାଳୀନ ବ୍ୟବହାର କରିଥିଲେ। କମଳାଙ୍କ ପାଟିଶୁଣି ସ୍ୱାମୀ ଛବି ଉଦ୍ଧାର କରିବା ପାଇଁ ସେଠାରେ ପହଞ୍ଚିବାରୁ ପୁରିଆ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏପରି ସମୟରେ ଗ୍ରାମର ମନୋଜ ମହାନ୍ତି ଓ ନିଳେଇ ମହାନ୍ତି ପହଞ୍ଚି ପୁନର୍ବାର ଛବିଙ୍କୁ ଆକ୍ରମଣ କରିଥିଲେ। ଛବି ଚେତାଶୂନ୍ୟ ହୋଇପଡିବା ପରେ ଆକ୍ରମଣକାରୀ ସେଠାରୁ ଖସି ପଳାଇ ଯାଇଥିଲେ। ଗ୍ରାମ ସଭାପତି ଓ ସମ୍ପାଦକଙ୍କ ସହଯୋଗରେ



ଚିକିତ୍ସାଧୀନ ଅବସ୍ଥାରେ ଛବି ମହାନ୍ତି।

- ଅଭିଯୋଗର ୧୦ଦିନ ବିତିଲା
- ଥାନା ଘେରାଉ କରିବାକୁ ନିଷ୍ପତ୍ତି

ଗୁରୁତର ଆହତ ଛବିଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଏ ନେଇ ଛବି ମହାନ୍ତିଙ୍କ ସ୍ତ୍ରୀ କମଳା ମହାନ୍ତି ଉପରୋକ୍ତ ୩ଜଣଙ୍କ ନାମରେ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ ଆସାମୀମାନଙ୍କୁ ଗିରଫ କରାଯାଉ ନାହିଁ। ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରିବା ବଦଳରେ ସାହାଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନାକୁ ଜଣାଇଲେ ଆମ ପାଖରେ ଗାଡ଼ି ନାହିଁ, କେମିତି ଯିବୁ ବୋଲି ଉତ୍ତର ମିଳୁଥିବା କହିଛନ୍ତି ଛବି ଓ ଗ୍ରାମବାସୀ। ପରିବାର ପ୍ରତି ବିପଦ ଥିବାବେଳେ ପ୍ରଶାସନର ଉଦାସୀନତା ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ସତ୍ୟନାରାୟଣପୁର ଗ୍ରାମର ସମସ୍ତ ଗ୍ରାମବାସୀ ନୟାଗଡ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବା ସହ ନୂଆଗାଁ ଥାନା ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ନୂଆଗାଁ ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଲିଖିତ ଅଭିଯୋଗ ପାଇ ଆମେ ଥାନାରେ ଏକ ମାମଲା (ନଂ.୫୫/୧୮) ରୁଜୁ କରିଛୁ। ଏହାର ତଦନ୍ତ ଭାର ଏଏସ୍‌ଆଇ ଏନ. କେ. ପରିଡାଙ୍କୁ ଦିଆଯାଇଛି। ଆମେ ଆସାମୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ କରୁନାହୁଁ। ବର୍ତ୍ତମାନ ଆମ ପୋଲିସ ଗାଡିଟି ଖରାପ ହୋଇଯାଇଥିବାରୁ ଆମକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆସାମୀଙ୍କୁ ଧରିବା ପାଇଁ ଆମେ ଚେଷ୍ଟା ଚଳାଇଛୁ। କିନ୍ତୁ ସେମାନଙ୍କର କୌଣସି ସନ୍ଧାନ ପାଇନାହୁଁ।

## ସଂକ୍ଷେପରେ

### ୧୬ ଶିଶୁଙ୍କୁ ଉଦ୍ଧାର କଲା ପୋଲିସ

ପୁରୀ ଅଫିସ,୫।୯: ପୁରୀ ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ କାର୍ଯ୍ୟକ୍ରମରେ ୧୬ଜଣଙ୍କୁ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ୭ଜଣ ଶିଶୁ ଶ୍ରମିକଙ୍କୁ ପୁରୀ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ବୁଧବାର ପିପିଲି, ସତ୍ୟବାଦୀ, ଡେଲାଙ୍ଗ ଓ କଣାସ ଅଞ୍ଚଳରୁ ୯ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି। ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଉଦ୍ଧାର ଶିଶୁଙ୍କୁ ଜିଲାର ବିଭିନ୍ନ ଶିଶୁ ସୁରକ୍ଷା ୟୁନିଟ୍‌ରେ ରଖାଯାଇଛି। ଏ ସମ୍ପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି ବୋଲି ଡିସିପିଓ ତ୍ରିପାଠୀ କହିଛନ୍ତି। ଏହାର ସଫଳତା ନେଇ ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଜିଲା ପୋଲିସ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ଥାନାର ଅଧିକାରୀ, ପୋଲିସର ଏଚ୍‌ଆର୍‌ପିସି, ଚାଇଲ୍ଡ ଲାଇନ, ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପତିତପାବନ ବାନାରେ ବସିଲା ଚିଲ

ପୁରୀ ଅଫିସ, ୫।୯: ଶ୍ରୀମନ୍ଦିର ପତିତପାବନ ବାନା ଉପରେ ଚିଲ। ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଏକ ଚିଲ ପତିତପାବନ ବାନା ଉପରେ ବସିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଭକ୍ତଙ୍କ ମଧରେ ନାନା ଆଲୋଚନା ଆରମ୍ଭ ହୋଇଥିଲା। କେହି କେହି ଏହାକୁ ଅଶୁଭ ସଙ୍କେତ ବୋଲି କହୁଥିବାବେଳେ ଆଉ କେହି ଏହା ସାଧାରଣ ଘଟଣା ବୋଲି ମତ ରଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ନେଇ ସୁପ୍ରିମ୍‌କୋର୍ଟରେ ରୁଜୁ ହୋଇଥିବା ମାମଲା ସହିତ ମଧ କେହି କେହି ଏହାକୁ ଯୋଡିଥିଲେ। ପ୍ରାୟ ୧୦ ମିନିଟ୍ ପରେ ଚିଲଟି ଉଡିଯିବାରୁ ଭକ୍ତଙ୍କ ମଧରେ ଚାଲିଥିବା ନାନା ପ୍ରକାର ଆଲୋଚନା ବନ୍ଦ ହୋଇଥିଲା।

■ ସୁଜାତାନଗର ଜଳବନ୍ଦୀ ପ୍ରସଙ୍ଗ

# ଜଳ ନିଷ୍କାସନ ଲାଗି କଟା ହେବ ଜାତୀୟ ରାଜପଥ

■ ଅନୁଧ୍ୟାନ କଲେ ଜିଲାପାଳ, ଏନ୍‌ଏଚ୍‌ଏଆଇ ଅଧିକାରୀ

ପୁରୀ ଅଫିସ, ୫।୯



ଜଳବନ୍ଦୀ ସୁଜାତା ନଗରବାସୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ସୁଜାତା ନଗର ଏବଂ ମାଟିତୋଟା ପଞ୍ଚମ ଲେନ ଅଞ୍ଚଳରୁ ବନ୍ୟାଜଳ ନିଷ୍କାସନକୁ ପ୍ରାଥମିକତା ଦିଆଯିବ। ପ୍ରଥମେ ଜାତୀୟ ରାଜପଥରେ ଥିବା ଦୁଇଟି ଜଳ ନିଷ୍କାସନ ନଳା (ସାଇଫନ)କୁ ସଫା କରାଯିବ। ସେଥିରେ ଜଳ ନିଷ୍କାସନ ସ୍ଥିତି ଅନୁଧ୍ୟାନ କରାଯିବ। ଯଦି ବନ୍ୟାଜଳ ଠିକ୍ ଭାବେ ନିଷ୍କାସନ ନ ହୁଏ ତେବେ ଜାତୀୟ ରାଜପଥ (ପୁରୀ ବାଇପାସ)କୁ କଟାଯିବ। କିନ୍ତୁ ଲୋକମାନଙ୍କ ଚଳ ପ୍ରଚଳ ଲାଗି ବ୍ୟବସ୍ଥା କରାଯିବ। ଖରାଦିନରେ ତାହାର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯିବ। ୮ମିଟର ଲମ୍ବା ଏକ ନଳାପୋଲ (କଲଭର୍ଟ) ନିର୍ମାଣ କରାଯିବ ବୋଲି ସୁଜାତା ନଗର ଅନୁଧ୍ୟାନ କରି ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି। ଜୁଲାଇ ୨୧ ଏବଂ ଅଗଷ୍ଟ ୭ ତାରିଖ ଲଗାଣ ବର୍ଷା ପରଠାରୁ ପୁରୀ ପୌରାଞ୍ଚଳର ୱାର୍ଡ-୧ ଅନ୍ତର୍ଗତ ସୁଜାତାନଗର ଏବଂ ମାଟିତୋଟା ଅଞ୍ଚଳ ଜଳବନ୍ଦୀ ହୋଇ ରହିଥିଲା। ଉପରମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଗେଟ୍ ଖୋଲିବା ପରେ ମହାନଦୀ ସହ ସଂଲଗ୍ନ ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଥିଲା। ମଙ୍ଗଳାନଦୀ ଓ ମୂଷାନଈର ଜଳସ୍ତର ବୃଦ୍ଧି ପାଇ ଉକ୍ତ ଅଞ୍ଚଳରେ ପଶିବା ପରେ ସ୍ଥିତି ସଙ୍ଗିନ ହୋଇ ପଡିଥିଲା। ଦୀର୍ଘ ଦେଢମାସ ଧରି ଉକ୍ତ ଅଞ୍ଚଳର ୪ଶହ ପରିବାର ଏବଂ ୩ହଜାର ବାସିନ୍ଦା ଜଳବନ୍ଦୀ ହୋଇ କଲବଲ ହେଉଛନ୍ତି। ବର୍ତ୍ତମାନ ପୁରୀରେ ଲଗାଣ ବର୍ଷା ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢିଯାଇଛି। ପ୍ରାୟ ୨୦ଜଣଙ୍କ କଚ୍ଚା ଘର ଭାଙ୍ଗିଯାଇଛି। ଥଇଥାନ ଦାବିକରି ଉକ୍ତ ବାସିନ୍ଦାମାନେ ବୁଧବାର ଜାତୀୟ ରାଜପଥରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଏହି ସମସ୍ୟାର ସମାଧାନ ପାଇଁ ବୁଧବାର ଅପରାହ୍ନରେ ଜିଲାପାଳଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସ୍‌ପି ସାର୍ଥକ ଷଡଙ୍ଗୀ, ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁ ମୋହନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଏସ୍‌ପିଙ୍କ ବ୍ୟତୀତ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ସ୍ଥାନୀୟ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି ଯେ, ସୁଜାତାନଗର ଓ ମାଟିତୋଟା ଅଞ୍ଚଳ ଜାତୀୟ ରାଜପଥଠାରୁ ୭ ରୁ ୮ ଫୁଟ ତଳେ ରହିଛି। ଏହି ଅଞ୍ଚଳରେ ଯେତେ ଗୃହ ନିର୍ମାଣ ହେଲା ସେହି ସମୟରେ ସ୍ୱେରେଜ ଓ ଡ୍ରେନେଜ ପାଇଁ କୌଣସି ବ୍ୟବସ୍ଥା ନାହିଁ। ନୀଚା ଅଞ୍ଚଳ ହୋଇଥିବାରୁ ଜାତୀୟ ରାଜପଥ ନିର୍ମାଣ ପରେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି। ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଗଣମାଧ୍ୟମକୁ କହିଛନ୍ତି ଯେ, ପ୍ରଥମେ ସାଇଫନ୍ ସଫା କରାଯିବ। ଯଦି ଜଳ ନିଷ୍କାସନ ନ ହୁଏ ତେବେ ଏନ୍‌ଏଚ୍ କାଟିବା ଲାଗି ପଦକ୍ଷେପ ନିଆଯିବ।

# ୬୫ ଶିକ୍ଷକଙ୍କୁ 'ରାଷ୍ଟ୍ର ନିର୍ମାଣ ସମ୍ମାନ'

ପୁରୀ ଅଫିସ, ୫।୯

ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ, ଇନରହୁଇଲ୍ କ୍ଲବ୍ ଶ୍ରୀଜନ୍ନାଥ ଧାମ ଓ ରୋଟାରାକ୍ଟ କ୍ଲବ ଶ୍ରୀଜଗନ୍ନାଥ ଧାମର ମିଳିତ ଆନୁକୂଲ୍ୟରେ 'ରାଷ୍ଟ୍ର ନିର୍ମାଣ ସମ୍ମାନ' ପ୍ରଦାନ ସମାରୋହ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମର ସଭାପତି ସୁବାସ ଚନ୍ଦ୍ର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ 'ରାଷ୍ଟ୍ର ନିର୍ମାଣ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରୋଟାରିଆନ ଅଶ୍ୱିନୀ କର ଓ ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବର ପିଡିସ ଅନିତା ପତି, ଡିଷ୍ଟ୍ରିକ୍ଟ ଇଏସ୍‌ଓ ଇନା ପୁରୋହିତ, ଏଜି ରୋଟାରିଆନ୍ ନୀଳାଚଳ ପ୍ରଧାନ ଯୋଗଦେଇଥିଲେ। ଇନରହୁଲ କ୍ଲବ ସଭାପତି ମଧୁସ୍ମିତା ତ୍ରିପାଠୀ, ରୋଟାରାକ୍ଟ କ୍ଲବ ସଭାପତି କେ. ନନ୍ଦ କିଶୋର ମଞ୍ଚାସୀନ ଥିଲେ। ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମର ପୂର୍ବତନ ସଭାପତି ରୋଟାରିଆନ ପ୍ରଭୁଦତ୍ତ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା ଓ କ୍ଲବ ସମ୍ପାଦକ ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ପୁରୀ ରୋଟାରୀ କ୍ଲବ ଏବଂ ପୁରୀ ଇନରହୁଇଲ କ୍ଲବ ପକ୍ଷରୁ ସ୍ଥାନୀୟ ରମାବଲ୍ଲଭ ରୋଡସ୍ଥିତ ରୋଟାରୀ କମ୍ୟୁନିଟି ସେଣ୍ଟରରେ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୧୫ଜଣ ଶିକ୍ଷକଙ୍କୁ କ୍ଲବ ପକ୍ଷରୁ 'ରାଷ୍ଟ୍ର ନିର୍ମାଣ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ଅଜୟ କୁମାର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଟ୍ ସାଇନ୍ସ ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ରୋଟାରୀ କ୍ଲବର ସମ୍ପାଦକ କମଳେନ୍ଦୁ ଦାଶ ଓ ଇନରହୁଇଲ କ୍ଲବ ସମ୍ପାଦିକା ପୁନମ ପ୍ରିୟଦର୍ଶନୀ ପାଣି ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର ପୂର୍ବତନ ସଭାପତି ଜୟଦାସ ଗୁପ୍ତା ପରିଚାଳନା କରିଥିଲେ। ଇନରହୁଇଲ କ୍ଲବର ସଭାପତି ଆଶୁ ସାହା, ବିଭୁପ୍ରସାଦ ତ୍ରିପାଠୀ, ଅଳକାନନ୍ଦା ଦାଶ, ଅନୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ସୋରିଷର ଟାଙ୍କି**
**ଭଲା ଭାଇବୋହୂ ଆଣିଲି ଘରକୁ**
**ମଲି ମୁଁ କୁଣ୍ଡିଆ ରାମ୍ପି ।**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ। ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜବ ଧାନ**
**ଆଗ ଭାରିଯାକୁ ଛାଡ଼ପତର**
**ପଛ ଭାରିଯାକୁ ସାବଧାନ ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଗୁରୁଦିବସରେ ପ୍ଲାଷ୍ଟିକକୁ ନା କହିଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୫।୯



ପ୍ଲାଷ୍ଟିକ୍ ବର୍ଜନ ଅଭିଯାନରେ ସାମିଲ ଛାତ୍ରୀଛାତ୍ର।

ଗୁରୁ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର କୁନି କୁନି ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଗୁରୁ ବନ୍ଦନା କରିଥିଲେ। ପରେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଏହି ଅଭିନବ ପ୍ରୟାସରେ ସାମିଲ ହୋଇଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକ। ବିଦ୍ୟାଳୟ ଆଗରେ ପିଲାମାନେ 'ପଲିଥିନ ଓ ପ୍ଲାଷ୍ଟିକକୁ ନା' ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଜେନା କହିଲେ, ଆମ ବିଦ୍ୟାଳୟକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଘୋଷଣା କରାଯାଇଛି। ଏନେଇ ଅଭିଭାବକମାନଙ୍କୁ ମଧ ସଚେତନ କରାଯାଉଛି। ପିଲାମାନଙ୍କୁ ପ୍ଲାଷ୍ଟିକ ଓ ପଲିଥିନରେ ଖାଦ୍ୟ ପଦାର୍ଥ ନ ଦେବା ଲାଗି ଅନୁରୋଧ କରାଯାଉଛି। ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ହରେରାମକୃଷ୍ଣ ଜେନା କହିଲେ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଆରମ୍ଭ କରିଥିବା ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ବିଦ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ହୋଇଛି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed M.Ed, B.P.Ed Under Achrya Nagarjuna and Andhra Universities SUCCESS POINT 114/7, Naveen Niwas Square, Bhubaneswar BHUBANESWAR 7682826300 7682826301 BRAHAMPUR 7682826307 7377730723

ADMISSION OPEN 2018-20 B.Ed. Acharya Nagarjuna University Anuska B.Ed. Academy Odisha's No-1 B.Ed. Academy 97% 1ST DIVISION Rasulgarh, Bhubaneswar 8260277745/8260277746 Cuttack No-9937313739 Bhawanipatna: 7982328673 Jajpur/Kendrapara:9692222120 www.anuskagroup.com

SPOT ADMISSION B.Ed CT(D.EL.Ed) & M.Ed Admission Closing Soon Acharya Nagarjuna University UGC & NCTE Approved Equivalent to Utkal University Weekend Class & Study Material SINCE 2001 NIDT B.J.B. Nagar, Lewis Road, Bhubaneswar 9338229373, 9438286091 9776587145

Get Instant Cash Against Gold Gold Cash Sell Your Gold at 100% Market Value ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ। WWW.GOLDCASH.CO 9090902555, 9090903555 Toll Free- 1800-120-3430 Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD Sell your GOLD more than market value. ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ। ଯୋଗାଯୋଗ : Bhubaneswar - 7978065794 Dhenkanal - 8895446310 Angul - 9437901750

Odisha Finance ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି। Helpline Number: 7302107165 odishafinance55@gmail.com

FINANCE P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ। 7787922501 7787907927 pmjansamridhi@gmail.com

BUSINESS ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି। CONTACT 86979-80580 95578-79781

SMS JOB Send SMS, Earn MONEY ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। WORK From Home କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ 9667693638 9667693639

UNIVERSAL COMMUNICATION GROUP ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା ୪0,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ। CALL NOW: 08570958738 08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ। ADARSH FINANCE Ram Nagar, Narnel, Haryana 7310635473 7310568831

BARSHA FINANCE ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି। M: 8337960856, 8337960833

9911436726, 9540938429



କେମିତି ମଦ ଛାଡ଼ିବେ ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

!! ଋଣ ଋଣ ଋଣ !! ମହାରାଷ୍ଟ୍ର ଫାଇନାନ୍ସ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ୦% ସୁଧ ୪୫% ରିହାତି ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ Toll Free 18001214188 8556894339

SMS JOBS DHAMAKA (PART/FULL TIME) GOLD MEDALIST COMPANY ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ Ph- 7739216167 9973805993

BUSINESS OPPORTUNITY ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ। ଯୋଗାଯୋଗ 9874247647 Plot No: 86, Sarkar Street, Kolkata

Shree Ganesh Finance Ltd. ଋଣ ଧମାକା ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି। Durga Nagar, Ward 36, Ferozpur 09085463427

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ। ନୋ ଫାଇଲ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି AT:TARAN, PO:TAARAN, PUNJAB - 143401 Website: www.graminfinance.com Miss Call Alerts: 18001007280

(Registration Free) Bhartiya Telecom Group (Govt. Approved) ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ। ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ 7052176168 8808619133

ଏବିଏସ୍ ଫାଇନାନ୍ସ ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ। ଭୁବନେଶ୍ୱର: 7290027868 କଟକ: 7590022879 ପୁରୀ: 7290027864 ଅନୁଗୁଳ: 7290022884 ଯାଜପୁର: 9870548741 ବାଲେଶ୍ୱର: 9870548676 ଗଞ୍ଜାମ: 9870548744

MONEY WIZZ FINANCE ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ) 07991019691 07750048332 moneywizz27@gmail.com

LOAN ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି। 8658167603 7064382081

ଫାଇନାନ୍ସ ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ Dhanlaxmi Finance 9045324642 7417158225

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### 'ଆହାର'ରେ ଦୁର୍ଗନ୍ଧ ପରିବେଶ

**ବ୍ରହ୍ମପୁର ଅଫିସ୍,୫।୯:** ପୁରୁଣା ବସ୍‌ଷ୍ଟାଣ୍ଡ ଆହାର କେନ୍ଦ୍ରରେ ଦୁର୍ଗନ୍ଧ, ଅସ୍ୱାସ୍ଥ୍ୟକର ପରିବେଶ ନେଇ ଅସନ୍ତୋଷ ଦେଖାଦେଇଛି। ବୁଧବାର ସିପିଆଇ(ଏମ୍‌ଏଲ୍) ରେଡଷ୍ଟାର୍ ପକ୍ଷରୁ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥି ସହ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୁରୁଣା ବସ୍‌ଷ୍ଟାଣ୍ଡରୁ ସ୍ଲୋଗାନ୍ ଦେଇ ମହାନଗର ନିଗମ କାର୍ଯ୍ୟାଳୟ ଯାଏ କର୍ମୀମାନେ ଯାଇଥିଲେ। କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର୍ ସୌରୀନ୍ଦ୍ର କୁମାର ରାଉତରାୟଙ୍କୁ ସାକ୍ଷାତ କରିଥିଲେ। ଆହାର କେନ୍ଦ୍ର ସମ୍ପର୍କରେ ଅଭିଯୋଗ କରିଥିଲେ । ଏଥିରେ ସିପିଆଇ(ଏମ୍‌ଏଲ୍) ରେଡଷ୍ଟାର୍‌ର ରାମଚନ୍ଦ୍ର ବାଡ଼ତ୍ୟା, ରାଜନ ନାହକ, ରୋହିତ ନାହକ, ପି.ପାର୍ବତୀ ଏବଂ ଜିଲା ସମ୍ପାଦକ ଶଙ୍କର ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ । ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଡେପୁଟି କମିଶନର୍ ପ୍ରତିଶ୍ରୁତି ଦେଇଥିଲେ ।

### ପିସିସି ପ୍ରଭାରୀଙ୍କ ସହ ଆଲୋଚନା



**ବ୍ରହ୍ମପୁର ଅଫିସ୍,୫।୯:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ତଥା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂଙ୍କ ସହ ଗଞ୍ଜାମ ଜିଲାରେ କଂଗ୍ରେସର ସ୍ଥିତି ଏବଂ ଆଗାମୀ ଯୋଜନା ସମ୍ପର୍କରେ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର ଆଲୋଚନା କରିଛନ୍ତି। ବୁଧବାର ଏଆଇସିସି ନୂଆଦିଲ୍ଲୀ କାର୍ଯ୍ୟାଳୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କଂଗ୍ରେସକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦିନରେ କଂଗ୍ରେସ ସଂଗଠନରେ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସିଂ ପ୍ରତିଶ୍ରୁତି ଦେଇଥିଲେ।

### ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୫।୯:**ଆମ୍ବପୁଆସ୍ଥିତ ବ୍ରହ୍ମପୁର ସିଟି କଲେଜର ପ୍ରାଣୀବିଜ୍ଞାନ ବିଭାଗ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥି ସହ ଗୁରୁଦିବସ ମଧ୍ୟ ପାଳନ କରାଯାଇଥିଲା । ପୂର୍ବତନ ଅଧ୍ୟକ୍ଷ ଡ. କମ୍ବୁପାଣି ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ସାବତ ଯୋଗଦେଇ ଶୃଙ୍ଖଳା ରକ୍ଷା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ପ୍ରଣତି ଖାଡ଼ଙ୍ଗା, ମମତା ସାହୁ, ପି.ସୁନୀତାରାଣୀ ଏବଂ ପ୍ରଦୀପ୍ତ ରଞ୍ଜନ ପ୍ରହରାଜ ଯୋଗ ଦେଇଥିଲେ। ସୌମ୍ୟରଞ୍ଜନ ତ୍ରିପାଠୀ, ସୋମନାଥ ସାହୁ, ସିଦ୍ଧାନ୍ତ ପ୍ରଧାନ ଓ ସନ୍ତୋଷ ଆରୁଖ ସଭା ପରିଚାଳନା କରିଥିଲେ ।

■ ଗଞ୍ଜାମ ଜିଲା ଶିକ୍ଷା ବିଭାଗର ଅଭିନବ ଅଭିଯାନ

# ଆଉ ତଳେ ବସିବେନି ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ୍,୫।୯

ଏଣିକି ଆଉ ତଳେ ବସିବେନି ଗଞ୍ଜାମ ଜିଲାର ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର। ଜିଲା ଶିକ୍ଷା ବିଭାଗ ତରଫରୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନର ନାମ ଦିଆଯାଇଛି 'ତଳେ ବସିବାକୁ ନା' । ବୁଧବାର ଗୁରୁ ଦିବସ ଅବସରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। 'ମୋ ସ୍କୁଲ' ଆନୁକୂଲ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି । ଏନେଇ ବ୍ରହ୍ମପୁର ସହର ହିଲ୍‌ପାଟଣାସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଛାତ୍ରୀଛାତ୍ରଙ୍କ ବସିବା ପାଇଁ ସ୍ୱତନ୍ତ୍ର ଚୌକି ଟେବୁଲ୍ ପଡ଼ିଥିଲା । ଜିଲାପାଳ କୁଲାଙ୍ଗେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ମନ ଲଗାଇ ପାଠ ପଢ଼ । ଜଣେ ଜଣେ ଉତ୍ତମ ମଣିଷ ହୁଅ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

ଜିଲାପାଳ କୁଲାଙ୍ଗେ କହିଥିଲେ, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। 'ମୋ ସ୍କୁଲ' ଯୋଜନାରେ ଭିତ୍ତିଭୂମି ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ 'ତଳେ ବସିବାକୁ ନା' ଅଭିଯାନ ଆରମ୍ଭ ହୋଇଛି। ପୂର୍ବରୁ ଛାତ୍ରୀଛାତ୍ରମାନେ ଚଟାଣରେ ବସୁଥିଲେ । ବର୍ଷା ଦିନେ ସମସ୍ୟା ସୃଷ୍ଟି ହେଉଥିଲା, ଉଇ ଖାଇଯାଉଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଥିଲା । ଉପରୋକ୍ତ ସମସ୍ୟାଠାରୁ ଛାତ୍ରୀଛାତ୍ରଙ୍କୁ ଦୂରେଇ ରଖିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି । ପର୍ଯ୍ୟାୟକ୍ରମେ ସମସ୍ତ ସରକାରୀ ବିଦ୍ୟାଳୟକୁ ଚୌକି ଟେବୁଲ୍ ପ୍ରଦାନ କରାଯିବ। 'ମୋ ସ୍କୁଲ' ଅଭିଯାନରେ ଅଭିଭାବକ, ବିଭିନ୍ନ ସଙ୍ଗଠନ, ପୁରାତନ ଛାତ୍ରମାନେ ଯେତିକି ସହାୟତା ପ୍ରଦାନ କରିବେ, ସରକାର ତା'ର ଦୁଇଗୁଣା ଆର୍ଥିକ ସହାୟତା ଦେବେ। ଏଣୁ ସମସ୍ତ ଅଧିକାରୀ ଅଧିକ ସହାୟତା ପ୍ରଦାନ କରିବାକୁ ଜିଲାପାଳ କୁଲାଙ୍ଗେ ଆହ୍ୱାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା କହିଲେ, ପ୍ରଥମ ପର୍ଯ୍ୟାୟରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଚୌକି ଟେବୁଲ୍ ପ୍ରଦାନ କରାଯିବ । ସେଥିରେ ପୁଣି ପ୍ରଥମ ଶ୍ରେଣୀକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ପିଲାମାନେ ତଳେ ବସୁଥିଲେ, ଏଣିକି ଚୌକି ଟେବୁଲ୍‌ରେ ବସି ପାଠ ପଢ଼ିବେ । ଆଗାମୀ ଦିନରେ ପ୍ରାୟ ୬୦ଲକ୍ଷ ଟଙ୍କାର ଚୌକି ଟେବୁଲ୍ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। 'ମୋ ସ୍କୁଲ' ଅଭିଯାନରେ ଦାନ ପରିମାଣ ବଢ଼ୁଛି । ଦାନ ଅର୍ଥ ଏବଂ ସରକାରଙ୍କ ତରଫରୁ ମିଳିବାକୁ ଥିବା ଅନୁଦାନ ଅର୍ଥରେ ଚୌକି ଟେବୁଲ୍ କିଣାଯିବ ।

ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ପ୍ରଧାନ ଶିକ୍ଷକ ରାଧାବଲ୍ଲଭ ପଟ୍ଟନାୟକ, ସିଆର୍‌ସିସି କୀର୍ତ୍ତିଶ୍ରୀ ଦାସ,ପ୍ରସନ୍ନ ପ୍ରଧାନ, ପରିଚାଳନା କମିଟି ସଭାପତି ସରୋଜ କୁମାର ସାମନ୍ତରାୟ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟାନ୍ୟ ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପରିଚାଳନା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।



ଛାତ୍ରୀଛାତ୍ରଙ୍କ ଗହଣରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ।

# ଆସିକା ବନାଞ୍ଚଳ: ୪ ଦିନରେ ୬ କୃଷ୍ଣସାର ମୃତ

ଆସିକା,୫।୯ (ଡି.ଏନ୍.ଏ.)

ଆସିକା ବନାଞ୍ଚଳର ଭେଟନଈ ଅଞ୍ଚଳରେ ଗତ ୨ରୁ ୫ ତାରିଖ ମଧ୍ୟରେ ୬ କୃଷ୍ଣସାର ମୃଗଙ୍କ ମୃତ୍ୟୁ ଘଟିଲାଣି। ବୁଧବାର ଅପରାହ୍ନରେ ଭେଟନଈ ଭୂତବାଲି ନିକଟରେ ଏକ ମାଈ କୃଷ୍ଣସାରର ମୃତ୍ୟୁ ଘଟିଛି। ଶାବକ ଜନ୍ମ ଦେବା ବେଳେ ସମସ୍ୟା ହେବାରୁ ଛଟପଟ ହୋଇ ମରିଯାଇଛି । ମୃତ କୃଷ୍ଣସାରକୁ ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। କୃଷ୍ଣସାରଟିର ବୟସ ପ୍ରାୟ ୪ବର୍ଷ ହେବ ବୋଲି ପ୍ରାଣୀ ଚିକିତ୍ସକ ପ୍ରଭାତ କୁମାର ପରିଡା କହିଛନ୍ତି। ମଙ୍ଗଳବାର ଭେଟନଈ–ଚାରିମଇଲି ମଧ୍ୟରେ ଥିବା ଜଗତି ପଡିଆ ଅଞ୍ଚଳରୁ ୩ କୃଷ୍ଣସାରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେଥିରୁ ଗୋଟିଏ ମାଈ କୃଷ୍ଣସାରର କେବଳ ହାଡ଼ ପଡ଼ି ରହିଥିଲା। ଯାହାର ବୟସ ପ୍ରାୟ ୪/୫ ବର୍ଷ ହେବ ବୋଲି କୁହାଯାଉଛି। ସେହିପରି ଅନ୍ୟ ଦୁଇଟି ଅଣ୍ଡିରା କୃଷ୍ଣସାର ମୃତଦେହକୁ ବିଲୁଆ କୁକୁର ଖାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେଗୁଡିକର ବୟସ ୮ ବର୍ଷରୁ ୧୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି । ମୃତଦେହଗୁଡିକ ବ୍ୟବଚ୍ଛେଦ ପରେ ଚାରିମଇଲିସ୍ଥିତ କୃଷ୍ଣସାର ଶୁଶ୍ରୂଷା କେନ୍ଦ୍ରରେ ପୋତି ଦିଆଯାଇଛି। ତେବେ କେଉଁ ପରିସ୍ଥିତିରେ କୃଷ୍ଣସାର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ୩ ତାରିଖରେ ଜଗତି ପଡିଆରୁ ଉଦ୍ଧାର ହୋଇଥିବା ମୃତ ଅଣ୍ଡିରା କୃଷ୍ଣସାରର ବ୍ୟବଚ୍ଛେଦ ପରେ ଖାଦ୍ୟ ବିଷକ୍ରିୟାରୁ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ୨ ତାରିଖରେ ଆସିକା ବାଲିପଦର ମୁଖ୍ୟରାସ୍ତାର ଭେଟନଈ ଡାକ୍ତରଖାନା ନିକଟରେ ଅଜଣା ଗାଡିଧକ୍କାରେ ଏକ ଅଣ୍ଡିରା କୃଷ୍ଣସାରର ମୃତ୍ୟୁ ଘଟିଥିଲା । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ପ୍ରାୟ ୨୦ କୃଷ୍ଣସାର ମୃଗଙ୍କ ମୃତ୍ୟୁ ଘଟିଲାଣି।



ମୃତ କୃଷ୍ଣସାର ମୃଗ।

## ବୁଲେଟିନ୍ 'ପାରିଜାତ' ଉନ୍ମୋଚିତ

ବ୍ରହ୍ମପୁର ଅଫିସ୍,୫।୯

ମହାମାୟୀ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ବୁଲେଟିନ୍ 'ପାରିଜାତ' ବୁଧବାର ଉନ୍ମୋଚିତ ହୋଇଯାଇଛି । ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ଡ. ଅରୁଣା ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା ଡ. ଅମିତା କୁମାରୀ ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ ଏବଂ ପ୍ରିୟଦର୍ଶିନୀ ମେକାପ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ଅବସରରେ ଗୁରୁଦିବସ ପାଳନ କରାଯାଇଥିଲା ।

## ଉତ୍ତମ ଜ୍ଞାନ ପାଇଁ ଶୃଙ୍ଖଳା ରହିବା ଜରୁରୀ

**ସମ୍ରାଟ୍ କଲେଜର ଗୁରୁଦିବସ**

ବ୍ରହ୍ମପୁର ଅଫିସ,୫।୯

ଖୋଡାସିଙ୍ଗିସ୍ଥିତ ସମ୍ରାଟ୍ ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସମ୍ରାଟ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ । ଉତ୍ତମ ଜ୍ଞାନ ଆହରଣ ପାଇଁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଶୃଙ୍ଖଳା ରହିବା ଜରୁରୀ ବୋଲି ଅଧକ୍ଷ କହିଥିଲେ । ଜଣେ ସୁନାଗରିକ ଓ ଉତ୍ତମ ଛାତ୍ର ଭାବେ ନିଜକୁ ଗଢିତୋଳିବାକୁ ସେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ପୁଷ୍ପାଞ୍ଜଳି ଗୌଡ ଓ ଅଧ୍ୟାପକ ନୃସିଂହ ରାଉତ ଗୁରୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସମ୍ରାଟ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ, ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀଛାତ୍ରମାନେ ଜୀବନରେ ଗୁରୁଙ୍କ ଭୂମିକା ଉପରେ ବକ୍ତୃତା ପ୍ରଦାନ କରିବା ସହ ସଙ୍ଗୀତ ପରିବେଶଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା, ଏଥିରେ ମହାବିଦ୍ୟାଳୟ ଓ ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।



ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ବ୍ରହ୍ମପୁର ଅଫିସ୍,୫।୯

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ରୌପ୍ୟ ଜୟନ୍ତୀ ଏବଂ ଗୁରୁ ବନ୍ଦନା କାର୍ଯ୍ୟକ୍ରମ ଗଣେଷ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଉତ୍ତମା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ଏବଂ ସମ୍ମାନିତ ଅତିଥି ଗଣିତ ବିଭାଗର ମୁଖ୍ୟ ପି.ସି. ପ୍ରଧାନ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁ ବନ୍ଦନା କରିଥିଲେ। ଟିକା ଲଗାଇ ଆଳତି କରିବା ସହ ଉପଢ୍ୌକନ ପ୍ରଦାନ କରିଥିଲେ। ଏଥି ସହ ବିଭାଗର ମୁଖପତ୍ର 'ଶାଶ୍ୱତୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିଭଳି ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଗଞ୍ଜାମ ବକ୍ସିଂ କ୍ଲବ ପକ୍ଷରୁ ଗୁରୁଦିବସ ପାଳନ କରାଯାଇଛି। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ଉପସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ପୂର୍ବତନ ଆଇପିଇ ବୃନ୍ଦାବନ ବିଷୋୟୀ, ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକ, ପୂର୍ବତନ ଖେଳାଳି କେ.ଅରବିନ୍ଦ ରାଓ, ପିଇଟି ସଚ୍ଚିଦାନନ୍ଦ ଦାସ, ଜିଲା କ୍ରୀଡ଼ା ସଂସଦ ବାସ୍କେଟବଲ୍ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ପି.ଜଗନ୍ନାଥ ରାଓ, ଗଞ୍ଜାମ ବକ୍ସିଂ କ୍ଲବ ସଭାପତି କେ. ପ୍ରଭାକର ରାଓ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ପାଣିଗ୍ରାହୀ, ଉପସଭାପତି ଅରକ୍ଷିତ ପାଣିଗ୍ରାହୀ, ସମ୍ପାଦକ ଶିବରାମ ପାତ୍ର, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ଲଡୁକିଶୋର ସାହୁ, ବୁଲୁ ପାତ୍ର, ଲକ୍ଷ୍ମୀକାନ୍ତ ପାଢୀ ଏବଂ ଗିରିଧାରୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତଙ୍କୁ ଗୁରୁଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ୭ଜଣ ବକ୍ସରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ବକ୍ସର ମମତା ପଣ୍ଡା, ସୁନୀତା ସାହୁ, କେ.କରୁଣ୍ୟା, ଲିଟୁ ଦାସ, ଏସ୍. ମୁରଲୀ, ଶଭମ ଚନ୍ଦ୍ର ଚୌଧୁରୀ, କୃଷ୍ଣଚନ୍ଦ୍ର ମହାରଣା ଓ ପ୍ରଦୀପ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

ଯନ୍ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗୁରୁ ଦିବସ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ନବୀନ ସାହୁ, ବେଗୁନିଆପଡ଼ା ବିଇଓ ଭାଗୀରଥି ବେହେରା, ଏସ୍‌ଏମ୍‌ଆଇଟି ମୁଖ୍ୟ ଭଗବାନ ଗନ୍ତାୟତ, ଅମ୍ବିକା ପ୍ରସାଦ ଦାସ, ଲୋକ ସେବକ ମଣ୍ଡଳ ଆଜୀବନ କର୍ମୀ ରାଜେନ୍ଦ୍ର ପ୍ରସାଦ ଜେନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜୟନ୍ତ କୁମାର ମହାପାତ୍ର, ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଦୀପ୍ ଗମ୍ଭୀର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ତ୍ରିନାଥ ମହାରଣା, ସୀତାକାନ୍ତ ମହାପାତ୍ର, ବସନ୍ତ କୁମାର ସାହୁ, କେ. କୃଷ୍ଣ ମୂର୍ତ୍ତି, ସତ୍ୟନାରାୟଣ ମହାରଣା, ବାଉରୀବନ୍ଧୁ ପଣ୍ଡା, ଶ୍ରୀକାନ୍ତ ଆଚାର୍ଯ୍ୟ ଏବଂ ମିହିର ରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘମିତ୍ରା ଦଳେଇ, ପି. ଆଶା ରାଣୀ, ମମତା ବିଷୋୟୀ, ରଶ୍ମିତା ପାତ୍ର, ରାଜେଶ୍ୱରୀ ଦୋରା, ମୁକୁନ୍ଦ ଗୌଡ଼, ଟି. ପ୍ରେମାଞ୍ଜଳି, ମଞ୍ଜୁଳା ଦେବୀ, ଲକ୍ଷ୍ମୀପ୍ରିୟା ପାଢୀ, ବୀରେନ ପଟ୍ଟନାୟକ, ବିକାଶ କିଶୋର ଦାସ, ପ୍ରମୋଦ ମହାରଣା, ବିଜୟ ସାମଲ, ତ୍ରିପତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ ଲକ୍ଷ୍ମଣ ନାୟକ ପୌର ସରକାରୀ କୋର୍ଟପେଟା ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଲ୍ଲିକାର୍ଜୁନ ବେବର୍ତ୍ତା ଅଧକ୍ଷତା କରିଥିବା ବେଳେ ଏସ୍‌ଏମ୍‌ସି ସଭାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସିଆରସିସି ତାରା ପ୍ରସାଦ ମିଶ୍ର ମୋ ସ୍କୁଲ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କେଦାରନାଥ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମାଳବିକା ପାଢୀ, ଅନିତା ପ୍ରଧାନ, ରାଧାନାଥ ପାଢୀ, ସବିତା ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ । ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ସେହିପରି କମାପଲ୍ଲୀ ଭିଆଇପି କଲୋନୀ ସୌଭାଟୀ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ପକ୍ଷରୁ ଅନୁଷ୍ଠିତ ସମାରୋହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଯୋଗଦେଇଥିଲେ। ସୁଷମା ଷଡ଼ଙ୍ଗୀ, ଗୁପ୍ତେଶ୍ୱର ଷଡ଼ଙ୍ଗୀ, ସୌରଭ ଷଡ଼ଙ୍ଗୀ, ସମାଜିକକର୍ମୀ ବାସୁଦେବ ସାହୁକାର, ଡ. ସତ୍ୟବାନ ବିଶ୍ୱରତ୍ନ ମଞ୍ଚାସୀନ ଥିଲେ ।



ଗଞ୍ଜାମ ବକ୍ସିଂ କ୍ଲବ ପକ୍ଷରୁ ଆୟୋଜିତ ଗୁରୁଦିବସ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ ।

## ଏଲିମେଣ୍ଟାରି ଶିକ୍ଷକ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର ଅଫିସ୍,୫।୯

ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଏଲିମେଣ୍ଟାରି ଶିକ୍ଷକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଏବଂ ଗୁରୁ ଦିବସ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରାଜେଶ କୁମାର ତାରିଣୀ ଏଥିରେ ଅଧକ୍ଷତା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ, ଶୈକ୍ଷିକ ସଂଯୋଜକ ସନ୍ତୋଷ କୁମାର ପଣ୍ଡା ଏବଂ ବରିଷ୍ଠ ଉପଦେଷ୍ଟା ହାଡ଼ିବନ୍ଧୁ ମାଳି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବନା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ଦିବଂଗତ ଶିକ୍ଷକ ପ୍ରଶାନ୍ତ ବେହେରାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ସୀମାଞ୍ଚଳ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଗତ ୫ ବର୍ଷ ଭିତରେ ସଂଘ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ଦାବି, ସମସ୍ୟା ଏବଂ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ତରବରିଆ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରାଯାଇଥିଲା। ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ସନ୍ଧ୍ୟାରାଣୀ ତ୍ରିପାଠୀ, ଭୁବନ ମୋହିନୀ ଦେଇ, ମଞ୍ଜୁଳା ପାଢୀ, ସାବିତ୍ରୀ ଦାସ, ସୁଜାତା ପଟ୍ଟନାୟକ, କେଦାରନାଥ ପଣ୍ଡା, ସଂଯୁକ୍ତା ମହାପାତ୍ର, ଗୀତାରାଣୀ ପଟ୍ଟନାୟକ ଓ ଅମନ ଶବରଙ୍କ ସମେତ ସମାଜସେବୀ ଶକ୍ତିଧର ରାଜଗୁରୁ ଏବଂ ଛାତିରୋଗ ବିଶେଷଜ୍ଞ ଡା. ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ମୁଖପତ୍ର 'ଶିକ୍ଷାଲୋକ'ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଧା ବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର କୋଠିଆ, ନରସିଂହ ପାଢୀ, ବିଭୂତି ଭୂଷଣ ପଣ୍ଡା, ତାରା ପ୍ରସାଦ ମିଶ୍ର, ଜୟସେନ ପ୍ରଧାନ, ମମତା ପାଣିଗ୍ରାହୀ, ସୁଧାଂଶୁବାଳା ପଟ୍ଟନାୟକ, ବସନ୍ତ ସାହୁ, ପଞ୍ଚାନନ ଘଡ଼େଇ, ଈଶ୍ୱର ବେହେରା, ଦେବେନ୍ଦ୍ର ବେହେରା, ବିନତୀ ବେହେରା ଓ ଆନନ୍ଦ ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆଧୁନିକ ହେବ ବଡ଼ବଜାର ଥାନା

ସମୀରକାନ୍ତ ତ୍ରିପାଠୀ
ବ୍ରହ୍ମପୁର ଅଫିସ, ୫।୯

ଜଣେ ଥାନାକୁ ଗଲେ ପୋଲିସ ଅଧିକାରୀ ତଥା କର୍ମଚାରୀଙ୍କଠାରୁ ବେଳେ ବେଳେ ରୁକ୍ଷ ବ୍ୟବହାର ଶୁଣିବାକୁ ହୋଇଥାଏ । ତେବେ ଏହି ଆଚାର, ବ୍ୟବହାରରେ ପରିବର୍ତ୍ତନ ଅଣାଯିବାକୁ ଏବେ ମୁଖ୍ୟ ଆଭିମୁଖ୍ୟ ରଖାଯାଇଛି । ସେହିପରି ଏତଲା ଦାଏର କରିବାକୁ ଘଣ୍ଟା ଘଣ୍ଟା ଧରି ଥାନାରେ ରହିବା କିମ୍ବା ଆଉ ହଇରାଣର ଶିକାର ହେବେନି ଲୋକେ। ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ ହେବ ସମସ୍ତ ଅଭିଯୋଗ । ବିଶେଷ କରି ବରିଷ୍ଠ ନାଗରିକମାନଙ୍କୁ ଯୋଗାଇ ଦିଆଯିବ ଉତ୍ତମ ସେବା। ସେହିପରି ଆମ ପୋଲିସ ସମିତି ଜରିଆରେ ପୋଲିସ କର୍ମଚାରୀଙ୍କଠାରୁ ଅଧିକାରୀମାନଙ୍କ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କୁ ବନ୍ଧୁତ୍ୱ ବ୍ୟବହାର (ଫ୍ରେଣ୍ଡଲି ବିହେବିଅର୍) ପ୍ରଦର୍ଶନ କରାଯିବ । ଏଭଳି ଅନେକ ସେବା ଓ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆଧୁନିକ ଥାନା ଯୋଜନା ଆରମ୍ଭ କରିଛନ୍ତି । ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏ ଥାନାକୁ ଆଧୁନିକ ଥାନାରେ ପରିବର୍ତ୍ତନ କରାଯିବ । ଗଞ୍ଜାମ ଜିଲା ବ୍ରହ୍ମପୁରରେ ବଡବଜାର ଥାନାକୁ ଆଧୁନିକ ଥାନା ଭାବେ ପରିବର୍ତ୍ତନ କରିବା ପାଇଁ ଚିଠି ହୋଇଥିବା ଜଣାପଡିଛି । ଜୁନ୍ ୫ରେ ପୋଲିସ ମୁଖ୍ୟାଳୟ କଟକରୁ ଚିଠି ସଂଖ୍ୟା ୩୩୫୩ ଦ୍ୱାରା ଏହା ଜଣାଯାଇଛି। ବ୍ରହ୍ମପୁର ବଡବଜାର ଆଧୁନିକ ଥାନାରେ ଲୋକଙ୍କୁ ମିଳିବ ଏବେ ଅନେକ ସେବା ଓ ସୁବିଧା । ମହିଳା ଓ ଶିଶୁ ସ୍ୱତନ୍ତ୍ର ଡେସ୍କ, ସୌନ୍ଦର୍ଯ୍ୟ କରଣ ରଙ୍ଗ ବେରଙ୍ଗ ପାଚେରି, କଂକ୍ରିଟ୍ ରାସ୍ତା, ଭିନ୍ନକ୍ଷମ ମାନଙ୍କ ପାଇଁ ର‌୍ୟାମ୍ପ୍, ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ପାଇଁ ଜେନେରେଟର, ଜଳ ଯୋଗାଣ ବ୍ୟବସ୍ଥା, ଓଡିଆ ଏବଂ ଇଂଲିଶ ଉଭୟ ଭାଷାରେ ଆଧୁନିକ ନାମ ଫଳକ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଆଦି ରହିବ । ସେହିପରି ଉତ୍ତମ ଟେଲିଫୋନ, ଇଣ୍ଟରନେଟ୍ ବ୍ୟବସ୍ଥା ରହିବା ସହିତ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ପୃଥକ ହାଜତ ଏବଂ ଶୌଚାଳୟ ରହିବ । ଆକ୍ୱାଗାର୍ଡ ମେଶିନ୍ ଯୋଗାଏ ବିଶୁଦ୍ଧ ପାଣି ଯୋଗେ ଦିଆଯିବା ସହିତ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଓ ଏୟାର୍ କୁଲର୍ ଥାନା ଭିତରେ ଲାଗିବ । ସୌନ୍ଦର୍ଯ୍ୟପୂର୍ଣ୍ଣ ଆଧୁନିକ ଆଲମିରା, ଟେବୁଲ୍ ଓ ଚେୟାର୍ ରଖାଯିବ । ସିସିଟିଏନଏସ୍(କ୍ରାଇମ୍ କ୍ରିମିନାଲ୍ ଟ୍ରାକିମ ନେଟୱର୍କିଂ ସିଷ୍ଟମ୍) ଅନଲାଇନ ବନ୍ଦୋବସ୍ତ କରାଯିବା ସହିତ, କନ୍‌ଫରେନ୍ସ ହଲ୍ ରହିବ। ସେହିପରି ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାଣ୍ଟ୍ରିକାର୍ ରହିବ ଯେଉଁଠି ମାଇକ୍ରୋ ଓଭନ, ଇଣ୍ଡକ୍ସନ ଚୁଲା, ଥଣ୍ଡା ପାନୀୟ ପାଇଁ ୱାଟର୍ କୁଲର୍, ରେଫ୍ରିଜେଟର୍ ରହିବା ସହ ବ୍ୟାୟମ କେନ୍ଦ୍ର ଗୋଟିଏ ସ୍ଥାପିତ ହେବ । ଖେଳ ଉପକରଣ ରହିବା ସାଙ୍ଗେ ସାଙ୍ଗେ ସୂଚନା ଓ ମନୋରଞ୍ଜନ ମନୋରଞ୍ଜନ ପାଇଁ ଟିଭି, ଖବରକାଗଜ, ପତ୍ରିକା ଓ ମାଗାଜିନ୍ ଆଦି ଯୋଗାଣ ହେବ । ସୁରକ୍ଷା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର, ସିସି ଟିଭି ଖଞ୍ଜାଯିବ । ଆଧୁନିକ ତଦନ୍ତକାରୀ ଉପକରଣ ଯନ୍ତ୍ର ଯୋଗାଣ ହେବ, ଯଦ୍ୱାରା ଅନଲାଇନ ମାଧ୍ୟମରେ ସମସ୍ତ ଅଭିଯୋଗ ଗ୍ରହଣ କରାଯାଇ ପଞ୍ଜୀକରଣ କରାଯିବ। ସମସ୍ତ ଅଧିକାରୀଙ୍କ ପାଇଁ ବାସଗୃହ ଓ ବ୍ୟାରାକ୍‌ର ବ୍ୟବସ୍ଥା କରାଯିବ । ଥାନାକୁ ଆସିବ ୬ଗୋଟି ମୋଟରସାଇକଲ ଏବଂ ଦୁଇଟି ଜିପ୍ ଆସିବ ଯେଉଁଥିରେ ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରିବେ । ବର୍ତ୍ତମାନ ବଡବଜାର ଥାନାକୁ ଆଧୁନିକ ଥାନାରେ ପରିଣତ କରିବା ପାଇଁ ସମସ୍ତ କାର୍ଯ୍ୟକ୍ରମ ଜୋରସୋରରେ ଲାଗିଥିବା ବେଳେ ପ୍ରାୟ ୮୦ ପ୍ରତିଶତ ଉନ୍ନୟନ କାର୍ଯ୍ୟ ଶେଷ ହୋଇଯାଇଥିବା ଜଣାପଡିଛି। ଓଡିଶା ପୋଲିସ ହେଡ୍ କ୍ୱାର୍ଟର, ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠାବାଡି) ଏବଂ ବିଏମସି ଦ୍ୱାରା ଉନ୍ନୟନ କାର୍ଯ୍ୟ ସବୁ ଚାଲିଥିବା ବେଳେ ଖୁବ୍ ଶୀଘ୍ର ଶେଷ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯିବ ବୋଲି ସୂଚନା ମିଳିଛି। ବଡବଜାର ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ବଡବଜାର ଥାନା, ଆଧୁନିକ ଥାନାରେ ପରିଣତ ହେଲେ, ବ୍ରହ୍ମପୁରକୁ ଅପରାଧ ଓ ଅପରାଧୀ ମୁକ୍ତ ସହରରେ ପରିଣତ କରାଯିବା ସହିତ ସମସ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଇ ବରିଷ୍ଠ ନାଗରିକଙ୍କୁ ଉତ୍ତମ ସେବା ଯୋଗାଇଦିଆଯିବ ବୋଲି ସେ କହିଛନ୍ତି । ଅଜିତ୍ କୁମାର ପଟ୍ଟନାୟକ, ପବ୍ଲିକ୍ ପ୍ରୋସିକ୍ୟୁଟର୍, ଜିଲା ଦୌରା ଜଜ୍ କୋର୍ଟ–ଆଧୁନିକ ଜ୍ଞାନ କୌଶଳ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପୋଲିସ ଲୋକଙ୍କ ଆହୁରି ନିକଟତର ହୋଇପାରିବ । ସେହିପରି ଥାନାକୁ ଯାଇ କେହି ଆଉ ନିରାଶ ହୋଇ ଫେରିବେ ନାହିଁ । ଫଳରେ ପୋଲିସ ଓ ଲୋକଙ୍କ ମଧ୍ୟରେ ଏକ ଉତ୍ତମ ସମ୍ପର୍କ ରହିବା ନିହାତି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଯାହାକି ବ୍ରହ୍ମପୁର ସହରକୁ ଅପରାଧ ଦମନ କରିବାରେ ସହାୟକ ହେବ ।





ବଡବଜାର ଥାନା ।

■ପୋଲିସ, ଜନତାଙ୍କ ମଧ୍ୟରେ ବାନ୍ଧିବ ସମ୍ପର୍କର ସେତୁ

■ଅପରାଧ ମୁକ୍ତ ସହ ବନ୍ଧୁତ୍ୱ ବ୍ୟବହାର ପ୍ରଦର୍ଶନ

■ବରିଷ୍ଠ ନାଗରିକଙ୍କୁ ଉତ୍ତମ ସେବା



ମହତ୍ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।

-ରବର୍ଟ ମଦରୱେଲ୍



## ସଂକ୍ଷେପରେ

### ୭ଦଫା ଦାବିରେ ସିପିଆଇ ପକ୍ଷରୁ ବ୍ଲକ ଘେରାଉ



**ବୋଲଗଡ,୫ା୯(ଡି.ଏନ.ଏ.):** ୭ଦଫା ନେଇ ବୁଧବାର ସିପିଆଇର ବୋଲଗଡ଼ ଓ ବେଗୁନିଆ ଜୋନ କମିଟି ପକ୍ଷରୁ ବୋଲଗଡ଼ ବ୍ଲକ ଘେରାଉ କରାଯାଇଛି । ସିପିଆଇ ନେତା ଆଇନଜୀବୀ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ପରିଷଦ ସଭ୍ୟ ରାମକୃଷ୍ଣ ପଣ୍ଡା, ସ୍ୱାତୀ ମିଶ୍ର, ଖୋର୍ଦ୍ଧା ଜିଲା ସମ୍ପାଦକ ନୃସିଂହ ବେହେରା, ସିପିଆଇ ନେତା ସୁମନ୍ତ ଛୋଟରାୟ, ଦିବାକର ପରମଗୁରୁ, ଲକ୍ଷ୍ମଣ ସେଠୀ, ଅଜୟ ମଙ୍ଗରାଜ ଓ ବିନୋଦ ବରାଡ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଘେରାଉରେ ସାମିଲ ହୋଇଥିଲେ । ଗୋପବନ୍ଧୁ ଛକରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା । ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଓ ଜନବିରୋଧୀ ଆଭିମୁଖ୍ୟର ସମାଲୋଚନା କରାଯାଇଥିଲା। ପରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଏବିଡିଓ ରତିକାନ୍ତ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା।

### ପରମାନନ୍ଦ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ବୋଲଗଡ,୫ା୯(ଡି.ଏନ.ଏ.):** ଗୁରୁଦିବସ ନିମନ୍ତେ ବୁଧବାର ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧକ୍ଷ ଅନିରୁଦ୍ଧ ପଣ୍ଡାଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି , ପରିବେଶବିତ୍ ପ୍ରଫେସର ରାଧାମୋହନ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋପାଳ ବେହେରା, ଉପାଧକ୍ଷା ପ୍ରତିମା ସାହୁ ଓ ବିଡିଓ ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ବନଜ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ବେଳେ ପ୍ରଫେସର ସୁନୀଲ ରଥ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଗାୟତ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସୁବାସ ଚନ୍ଦ୍ର ସ୍ମାରକୀ ସମ୍ମାନ କବିତା ଜେନା ଓ ଲଡୁକେଶ୍ୱର ବେହେରାଙ୍କୁ ଦିଆଯାଇଥିଲା । ପ୍ରଣତି ନାୟକ ସ୍ମାରକୀ ସମ୍ମାନ ବିଭୁପ୍ରସାଦ ତ୍ରିପାଠୀ ଓ ରାକେଶ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ସେହିପରି ବାସନ୍ତି ସାହୁ ସ୍ମାରକୀ ସୁନୀଲ କୁମାର ସାହୁ ଏବଂ ନିତ୍ୟାନନ୍ଦ ସୁବୁଦ୍ଧି ସ୍ମାରକୀ ସମ୍ମାନ କାଳୀ ପ୍ରସାଦ ନାୟକଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି । ଅଧ୍ୟାପକ ହେମନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ପ୍ଲାଷ୍ଟିକ୍ ଓ ପଲିଥିନମୁକ୍ତ ହେବ ଓଡ଼ଗାଁ

**ଓଡ଼ଗାଁ,୫ା୯(ସ୍ୱ.ପ୍ର.)**

## ଇ-ଲର୍ଣ୍ଣି କମ୍ପ୍ୟୁଟର ଏଜୁକେଶନ ଛାତ୍ରୀଛାତ୍ରଙ୍କ ସମେତ ବହୁ ଲୋକ ସାମିଲ



ପଲିଥିନମୁକ୍ତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ, ପୂଜକ ପରିଷଦର ସଦସ୍ୟ ଓ ବୁଦ୍ଧିଜୀବୀମାନେ।

ଗୁରୁଦିବସ ଅବସରରେ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବାକୁ ସ୍ଥାନୀୟ ଇ-ଲର୍ଣ୍ଣି କମ୍ପ୍ୟୁଟର ଏଜୁକେଶନର ଶତାଧିକ ଛାତ୍ରୀଛାତ୍ରଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଶପଥ ନେଇଥିଲେ । ରାଜ୍ୟ ସରକାରଙ୍କ ସହିତ ଧରିତ୍ରୀ ଓ ଓଡିଶା ପୋଷ୍ଟ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ ଫ୍ରି କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ସଂପୃକ୍ତ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଓଡ଼ଗାଁକୁ ପଲିଥିନ ମୁକ୍ତ କରିବାକୁ ସ୍ୱତଃ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସାମିଲ କରିବାରେ ସକ୍ଷମ ହୋଇଥିଲେ। ତଦନୁସାରେ ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ସର୍ବେଶ୍ୱର ସ୍ୱାଇଁ ଓ ସହକାରୀ ପ୍ରଶିକ୍ଷକ ସୁଶାନ୍ତ କୁମାର ବାରିକଙ୍କ ସଂଯୋଜନାରେ ସମସ୍ତ ଛାତ୍ରୀଛାତ୍ର ସ୍ଥାନୀୟ ଶ୍ରୀରଘୁନାଥ ଜୀଉ ମନ୍ଦିରରୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ଅଭିଯାନ ଆରମ୍ଭ କରିଥିଲେ । ସ୍ଥାନୀୟ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପରିସରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ଥାନା ଅଧିକାରୀ ବଂଶୀଧର ବିଶ୍ୱାଳଙ୍କ ସମେତ ସ୍ଥାନୀୟ ଖବରଦାତା ଓ ପୂଜକ ପରିଷଦର କର୍ମକର୍ତ୍ତା ଏବଂ ସଦସ୍ୟମାନେ ସାମିଲ ହୋଇଥିଲେ। ମୁଖ୍ୟତଃ ନାଳ ନର୍ଦ୍ଦମାରୁ ବାହାରୁଥିବା ପରିତ୍ୟକ୍ତ ପଲିଥିନକୁ ପୁନଃ ପ୍ରକ୍ରିୟାକରଣ କରାଯାଉଥିବା ବେଳେ ଲୋକମାନେ ଏହାକୁ ବିନାଦ୍ୱିଧାରେ ବ୍ୟବହାର କରୁଛନ୍ତି। ଏପରି କି ପଲିଥିନ ଭିତରେ ଫୁଲ ଫଳ ତୁଳସୀ ଆଦି ପୂଜା ସାମଗ୍ରୀ ରଖି ଶ୍ରୀଜୀଉଙ୍କ ରତ୍ନ ସିଂହାସନ ପର୍ଯ୍ୟନ୍ତ ପହଞ୍ଚାଇବାରେ ହେଳା କରୁନାହାନ୍ତି । ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା । ସମ୍ପୂର୍ଣ୍ଣ ଭାବେ ମନ୍ଦିର ଭିତରକୁ ପଲିଥିନ ନ ନେବାକୁ ମନ୍ଦିର ସୁପରଭାଇଜର ଆବଶ୍ୟକ ଉଦ୍ୟମ କରିବେ ବୋଲି କହିଥିଲେ । ମନ୍ଦିର ପରିସରରେ ସଚେତନତା ସଭାପରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ସହିତ ବ୍ଲକ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ଲାଷ୍ଟିକ ବର୍ଜନ କରିବାକୁ ସ୍ଲୋଗାନ ଦେବା ସହିତ ଶପଥ ନେଇଥିଲେ। ପ୍ରାକ୍ତନ ସରପଞ୍ଚ ଦିବାକର ନାୟକ, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ବିମଳେନ୍ଦୁ ନନ୍ଦଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ପୂଜକ ପରିଷଦ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ମୌଳିକ ସମସ୍ୟା ସମାଧାନ ଦାବି

**ଦଶପଲ୍ଲା,୫ା୯(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନଛିପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗମ୍ଭାରୀଖୋଲ ଗ୍ରାମବାସୀଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଛି । ଗାଁକୁ ଯାତାୟତ ପାଇଁ ନିତିଦିନିଆ ରାସ୍ତା ନଥିବା ବେଳେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବିଭିନ୍ନ ମୌଳିକ ମସସ୍ୟା ସମାଧାନ ଦାବିରେ ବୁଧବାର ଗ୍ରାମବାସୀ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗମ୍ଭାରୀଖୋଲ ଗ୍ରାମରେ ୪୮ ପରିବାରର ୩ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସରକାର ଗାଁ କୁ ଗାଁ ରାସ୍ତା ସଂଯୋଗ ଠାରୁ ଆରମ୍ଭ କରି ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଗମ୍ଭାରୀଖୋଲ ଗ୍ରାମବାସୀଙ୍କ ପାଇଁ ସତେ ଯେପରି ଏହା ଅପହଁଚ ହୋଇ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଗାଁକୁ ନିତିଦିନିଆ ରାସ୍ତା ନଥିବା ବେଳେ ଗ୍ରାମବାସୀଙ୍କ ଯାତାୟତରେ ବଡ ସମସ୍ୟା ସୃଷ୍ଟି ହେଉଛି। ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ହେଲେ ଗାଁକୁ ୧୦୮ ଆମ୍ବୁଲାନ୍ସ ପହଁଚି ପାରୁନି। ଛାତ୍ରୀଛାତ୍ର ମାନେ ହାଇସ୍କୁଲରେ ପଢିବାକୁ ହେଲେ ଗାଁ ଠାରୁ ୩ କିମି ଦୂର ଯିବାକୁ ପଡୁଛି। ଉକ୍ତ ଗାଁ ଏକ ଉଚ୍ଚ ସ୍ଥାନରେ ଥିବା ବେଳେ ଗାଁରେ ଥିବା ଗୋଟିଏ ନଳକୂପ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗ୍ରୀଷ୍ମ ଦିନେ ପାଣି ଶୁଖି ଯାଉଥିବା ବେଳେ ଗ୍ରାମବାସୀଙ୍କୁ ନାଳପାଣି ବ୍ୟବହାର କରିବାକୁ ପଡିଥାଏ। ଏଥିସହିତ ଗାଁରେ ଯଦି ନିଆଁ ଲାଗେ ଦମକଳ ଟିଏ ପହଞ୍ଚି ପାରୁନି। ମାତ୍ର ଏବେ ବର୍ଷା ସଙ୍କଟକୁ ନେଇ ଏକର ଏକର ଚାଷଜମି ପଡିଆ ପଡିଥିବା ବେଳେ ପାଣି ଅଭାବରୁ ଯାହାବି ଫସଲ ହୋଇଛି ତାହା ମରୁଡି ହେବାକୁ ଯାଉଛି। ଏଭଳି ସମସ୍ୟା ପ୍ରତି ଗ୍ରାମବାସୀ ପୂର୍ବରୁ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ହେଉନଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଦାବି ପତ୍ର ପ୍ରଦାନ କରି ଫେରୁଛନ୍ତି ଗ୍ରାମବାସୀ।

■ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

# ନୟାଗଡ଼ରେ ହେମେନ୍ଦ୍ରଙ୍କ ନେତୃତ୍ୱର ଅଭାବ ରହିଛି

**ନୟାଗଡ଼ ଅଫିସ,୫ା୯**





ସ୍ମୃତି ସଭାରେ ଯୋଗଦେଇଥିବା ବ୍ୟକ୍ତିମାନେ ।

ପୂର୍ବତନ କନ୍ଧମାଳ ଏମ୍‌ପି ଦିବଂଗତ ରାଜା ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ନୟାଗଡ଼ ପୁରୁଣା ରାଜବାଟୀଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରାଦ୍ଧବାର୍ଷିକୀ କମିଟିର ସଭାପତି ସୂର୍ଯ୍ୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ରାଜା ହେମେନ୍ଦ୍ରଙ୍କ ପତ୍ନୀ ତଥା କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ଉପାଧକ୍ଷ ଅଖିଳ କୁମାର ଜାନୀ, ନୂଆଗାଁ ବ୍ଲକ ଚେୟାରମ୍ୟାନ୍ ଅନ୍ତର୍ଯାମୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ହେମେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଗୁଣାବଳୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନୟାଗଡ଼ ବ୍ଲକ ଅଧକ୍ଷ ପ୍ରହ୍ଲାଦ ବରାଡ଼ ଯୋଗ ଦେଇ ରାଜା ହେମେନ୍ଦ୍ରଙ୍କ ପରଲୋକ ପରେ ନୟାଗଡ଼ରେ ଏକ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି କହିଥିଲେ। ବର୍ତ୍ତମାନ ନୟାଗଡ଼ରେ ଗୋଡ଼ଟଣା ନୀତି ଚାଲୁଥିବା ବେଳେ କିପରି ଏହାକୁ ରୋକାଯାଇପାରିବ ଓ ନୟାଗଡ଼ର କିପରି ଉନ୍ନତି କରାଯିବ ସେ ଦିଗରେ ଜନସାଧାରଣ ଆଗେଇ ଆସିବାକୁ କହିଥିଲେ। ସେହିଭଳି ଉମା ଚରଣ ଦିଗାଲ, ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ଲକ୍ଷ୍ମୀ ପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ, ଇଟାମାଟିର ପୂର୍ବତନ ସରପଞ୍ଚ ଶ୍ରବଣ କୁମାର ରାମ ପ୍ରମୁଖ ଯୋଗଦେଇ ନୟାଗଡ଼କୁ ରାଣୀମା ସିଂଙ୍କ ନେତୃତ୍ୱ ଦରକାର ବୋଲି କହିଥିଲେ। ଏଥିପାଇଁ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା। ପୂର୍ବରୁ ଯେଉଁଭଳି ଭାବେ ରାଜାଙ୍କୁ ଭଲ ପାଇବା ଦେଇଥିଲେ ସେହିଭଳି ଭଲପାଇବା ରାଣୀମାଙ୍କୁ ଦେବା ପାଇଁ କେତେକ ବକ୍ତା କହିଥିଲେ। ଏଥିରେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ। ପ୍ରକାଶ ଯେ, ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସକାଳେ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେହିଭଳି ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

### ସୁନାମି ପ୍ରବଣ ଚିହ୍ନଟ ଗ୍ରାମରେ ମକ୍‌ଡ୍ରିଲ୍

**କୃଷ୍ଣପ୍ରସାଦ,୫ା୯(ଡି.ଏନ.ଏ.)**

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ସୁନାମି ପ୍ରବଣ ଚିହ୍ନଟ ଗ୍ରାମଗୁଡ଼ିକରେ ବୁଧବାର ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚାୟତସ୍ଥ ଫତେପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସରପଞ୍ଚ ରବୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ, ଓସ୍‌ଡମାର କମ୍ୟୁନିଟ୍ ମୋବଲାଇଜର ସୁରେନ୍ଦ୍ର କୁମାର ପଲେଇ, ନାଏବ ସରପଞ୍ଚ ମଧୁସ୍ମିତା ପଲେଇ, ଅଗ୍ନିଶମ ଅଧିକାରୀ ତାରାକାନ୍ତ ମହାପାତ୍ର, ମାଲୁଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ରଥ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ମୃତ୍ୟୁଞ୍ଜୟ ପରିଡା, ଫତେପୁର ଓ ଅଦଲାବାଦ ସଭାପତି ହରିହର ପଲେଇଙ୍କ ସମେତ ୨ ଗ୍ରାମର ଶତାଧିକ ପୁରୁଷ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦାଶରଥି ପଢିହାରୀ, ଦୁର୍ଗା ପ୍ରସାଦ ଦାଶଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ସୁନାମି ଆସିବାର ଲକ୍ଷଣ, ସୂଚନା ଓ ଏଥିରୁ ସୁରକ୍ଷା ନିମନ୍ତେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ଥାନରେ ଆୟୋଜିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମକୁ ବ୍ଲକ ପ୍ରଗତି ସହାୟକ ଏବଂ ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକ ପରିଦର୍ଶନ କରିଥିଲେ ।

### ୨୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଓଡ଼ଗାଁ, ୫ା୯(ସ୍ୱ.ପ୍ର.)**

ଗୁରୁ ଦିବସ ଅବସରରେ ବୁଧବାର ଓଡଗାଁ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସମସ୍ତ ଶିକ୍ଷକଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମମତା ବେହେରା, ଉପାଧକ୍ଷା ବିରଜାଲକ୍ଷ୍ମୀ ସାହୁ, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ଓ ବିଭୁପ୍ରସାଦ ସାହୁ ଉପସ୍ଥିତ ଥିଲେ। ଗୁରୁ ପୂଜନ ପରମ୍ପରାକୁ ଉଜ୍ଜୀବିତ କରିବା ତଥା ଅବସରପ୍ରାପ୍ତ ଶିକ୍ଷକଙ୍କ ମଧ୍ୟରେ ଏକ ପୁନଃ ମିଳନର ଆୟୋଜନ କରାଯାଇଥିବା ବିଧାୟକ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ । ତେବେ ଆଗାମୀ ଦିନରେ ନିର୍ବାଚନ ପରିପ୍ରେକ୍ଷୀରେ ଏସବୁର ଆୟୋଜନ ହେଉଛି ବୋଲି ଉପସ୍ଥିତ କେତେକ ଶିକ୍ଷକଙ୍କ ମଧ୍ୟରେ ମୃଦୁ ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା । ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ ଓ କୁରାଳଠାରେ ପଞ୍ଚାୟତସ୍ତରୀୟ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ।

# ବହୁମୁଖୀ ଆଶ୍ରୟସ୍ଥଳରେ ବନ୍ୟା, ବାତ୍ୟା ମୁକାବିଲା ପ୍ରଶିକ୍ଷଣ

**ଖଣ୍ଡପଡା,୫ା୯(ସ୍ୱ.ପ୍ର.)**

ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ଅନ୍ତର୍ଗତ ମାଧପୁର ବହୁମୁଖୀ ଆଶ୍ରୟସ୍ଥଳୀଠାରେ ବୁଧବାର ଜିଲା ପ୍ରଶମନ ବିଭାଗ ନୟାଗଡ ଆନୁକୂଲ୍ୟରେ ବନ୍ୟା ବାତ୍ୟା ମୁକାବିଲା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଇନ୍ସପେକ୍ଟର ଅରୁଣ ନାଥ ସିଂହ, ସବ୍‌ଇନ୍ସପେକ୍ଟର ବଳରାମ ମୀନା ଓ ତାଙ୍କ ଦଳର ଜ୍ଞାନ ରଞ୍ଜନ ମହାନ୍ତି, ଯୋଗେଶ ଯାଦବ, ଅମିତ କୁମାର, ମନିଷ କୁମାର ଯୋଗଦେଇ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ କିପରି ପ୍ରସ୍ତୁତ କରିବାକୁ ପଡିବ ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲ ଓ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଥାକ୍ରମେ ଭରତ ପ୍ରଧାନ ଓ ବସନ୍ତ କୁମାର ପଣ୍ଡାଙ୍କ ସମେତ ଜିଲା ଏମରଜେନ୍ସି ଅଧିକାରୀ ଧୋବା ନାୟକ, ଡ଼ିପିଓ ସବୁଜିମା ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ଅବିନାଶ ପତି ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମଚାରୀ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେଇଥିଲେ। ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ସମ୍ପାଦକ ତ୍ରିନାଥ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରି ଏଠାରେ ବିଦ୍ୟୁତ୍‌ସଂଯୋଗ, ଜଳଯୋଗାଣ ଓ ଜେନେରେଟର ଆଦି ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। ଏହି ଅଭାବ ଅସୁବିଧା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇ ଏକମାସ ମଧ୍ୟରେ ସମାଧାନ କରାଯିବ ବୋଲି ଜିଲା ଏମରଜେନ୍ସି ଅଫିସର ନାୟକ ଓ ଡିପିଓ ସବୁଜିମା ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଓ ଅତିଥିମାନେ।

# ଅତୁଟ ରହିଛି ଗୁରୁଶିଷ୍ୟ ପରମ୍ପରା

**ଗଣିଆ,୫ା୯(ଡି.ଏନ୍.ଏ.)**

ଗଣିଆ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ସକାଳୁ ଶିକ୍ଷାନଷ୍ଠାନରେ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ଧୂପଦୀପ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଫୁଲ ଚନ୍ଦନ ଦେଇ ଗୁରୁବନ୍ଦନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ଉଚ୍ଚବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରାଚୀନ କାଳରେ ଏକଲବ୍ୟ ଓ ଅରୁଣିମାଙ୍କ ଗୁରୁଭକ୍ତି ସମ୍ପର୍କରେ କହିବା ସହିତ ଗୁରୁଶିଷ୍ୟ ମଧ୍ୟରେ ପରମ୍ପରା ଅତୁଟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ର ଉତ୍ତରଦାୟୀ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ସ୍ୱଚ୍ଛତା ପକ୍ଷ ପାଳନର ୫ମ ଦିବସରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

**ରଣପୁର,(ସ୍ୱ.ପ୍ର.):** ବୁଧବାର ରଣପୁର ଏନଏସି ତଥା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ହାଟସାହିଠାରେ ଥିବା ଚାରିଅଟ ପବ୍ଲିକ୍ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ଅରୁଣ କୁମାର ସାମନ୍ତରା ମୁଖ୍ୟଅତିଥି ଓ ବିଦ୍ୟାଳୟ ଅଧକ୍ଷ ପ୍ରଭାତ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ଛାୟାକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଛାତ୍ରୀଛାତ୍ରମାନେ ଫୁଲ, ଚନ୍ଦନ ଦେଇ ପୂଜା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରାମ୍ପରାକୁ ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନା କଲେ ଗୁରୁମାନେ ଉତ୍ତମ ଶିଷ୍ୟ ସୃଷ୍ଟି କରିପାରିବେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଗଣିଆଠାରେ ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରୁଛନ୍ତି।



ଖଣ୍ଡପଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଗୁରୁଦିବସ ଉପଲକ୍ଷେ ଗୁରୁମାଗୁରୁଜୀ ଓ ଛାତ୍ରୀଛାତ୍ରମାନେ।

**ଖଣ୍ଡପଡା,(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି । ନୀଳମାଧବ ମହାବିଦ୍ୟାଳୟରେ ଅଧ୍ୟାପକ ବଳରାମ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ସୁକାନ୍ତ କୁମାର ନାୟକ, ଅଧ୍ୟାପକ ବଳରାମ ଲେଙ୍କା, ପ୍ରଭାତ କୁମାର ବେହେରା ଯୋଗଦେଇ ଅତୀତ ଓ ବର୍ତ୍ତମାନର ଗୁରୁ- ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି, ପରମ୍ପରାକୁ ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନ କଲେ ଗୁରୁମାନେ ଉତ୍ତମ ଶିଷ୍ୟ ସୃଷ୍ଟି କରିପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ । ସେହିପରି ପ୍ରତ୍ୟେକ ନାଗରିକ ସଚେତନ ହେଲେ ଦେଶ ତଥା ଜାତିର ଉନ୍ନତି ହେବ ଓ ଗୁରୁ ଦିବସ ପାଳନର ଲକ୍ଷ୍ୟ ପୂରଣ ହେବ ବୋଲି ଛାତ୍ରୀଛାତ୍ର ମତପୋଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇଥିଲେ। କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାମାନେ ଗୁରୁମା, ଗୁରୁଜୀଙ୍କ ଆଶୀର୍ବାଦ ଭିକ୍ଷା କରିଥିବା ବେଳେ ଗୁରୁଜୀ ଗୁରୁମା ପିଲାମାନଙ୍କ ଦ୍ୱାରା କେକ୍ କାଟି ପରସ୍ପରକୁ ଖୁଆଇଥିଲେ। ସଭାପତି ପ୍ରଦୀପ କୁମାର କରଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା, ଗୁରୁମା ପୂଜାରାଣୀ ମହାପାତ୍ର, ସବିତା ମହାରଣା ଉପସ୍ଥିତ ଥିଲେ ।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍‌ରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲମାନଙ୍କରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜାର୍ଚ୍ଚନା କରିଥିଲେ । ଭାରତରେ ଗୁରୁ ଶିଷ୍ୟ ପରମ୍ପରା ମହାନ୍ । ସମାଜରେ ଗୁରୁଙ୍କ ସ୍ଥାନ ସ୍ୱତନ୍ତ୍ର । ବୈଦିକ ଯୁଗରୁ ଗୁରୁ ପୂଜା ପରମ୍ପରା ଭାରତୀୟ ସଂସ୍କୃତି ସହିତ ଜଡ଼ିତ । ପୂଣ୍ୟଭୂମି ଭାରତରେ ଜନ୍ମଗ୍ରହଣ କରିଥିବା ଗୁରୁମାନେ ସମାଜରେ ମହନୀୟ ଆସନ ଗ୍ରହଣ କରିଛନ୍ତି। ଗୁରୁ ହିଁ ଶିଷ୍ୟର ମୂଳଦୁଆ ସ୍ଥାପନର ଭିତ୍ତିଭୂମି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ସେହିପରି ଚରିତ୍ରବାନ ,ଆଦର୍ଶ ପରାୟଣ, କର୍ତ୍ତବ୍ୟନିଷ୍ଠ ଓ ଦେଶ ପ୍ରେମୀ ଛାତ୍ର ସମାଜ ଗଠନରେ ଗୁରୁଙ୍କ ଭୂମିକା ମହାନ୍। ଭାରତର ମହାନ୍ ଗୁରୁ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କର ଜନ୍ମ ତିଥିକୁ ଗୁରୁଦିବସ ଭାବେ ପାଳନ କରୁଛୁ । ତାଙ୍କର ମହନୀୟ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଗୁରୁମାନେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ।